ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ମାର୍ଚ୍ଚ ୧୩/୨୦୨୩ (୧୪ ପୃଷ୍ଠା) | Bhubaneswar, Monday, March 13/2023 | Page 14 | ₹ 7.00 | SAMBALPUR

୪୯ଶ ଭାଗ ୧୦୭ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 107 ମୂଲ୍ୟ ₹୭/-


# ସମଲିଙ୍ଗୀ ବିବାହକୁ କେନ୍ଦ୍ରର ବିରୋଧ

## ଆଜି ସୁପ୍ରିମକୋର୍ଟରେ ଶୁଣାଣି

**ନୂଆଦିଲ୍ଲୀ, ୧୨।୩(ପି.ଟି.)**

ସମଲିଙ୍ଗୀ ବିବାହର ଆଇନଗତ ବୈଧତା ଦାବି ନେଇ ହୋଇଥିବା ଆବେଦନକୁ କେନ୍ଦ୍ର ସରକାର ସୁପ୍ରିମକୋର୍ଟରେ ବିରୋଧ କରିଛନ୍ତି। ସମଲିଙ୍ଗୀ ବିବାହ ଭାରତୀୟ ପରିବାର ଧାରଣା ମୁତାବକ ନୁହେଁ। ସ୍ୱାମୀ, ସ୍ତ୍ରୀ ଓ ପିଲାଙ୍କୁ ନେଇ ଭାରତୀୟ ପରିବାର ଗଠିତ, ଯେଉଁଠି ସ୍ୱାମୀ ଜଣେ ଜୈବିକ ପୁରୁଷ ଓ ସ୍ତ୍ରୀ ଜୈବିକ ମହିଳା ହେବା ଜରୁରୀ। ଭାରତୀୟ ଦଣ୍ଡ ସଂହିତା(ଆଇପିସି)ର ଦଫା ୩୭୭କୁ ଅପରାଧମୁକ୍ତ କରାଯିବା ଅର୍ଥ ନୁହେଁ ଯେ, ଦେଶର ଆଇନ ଅନୁଯାୟୀ ସମଲିଙ୍ଗୀ ବିବାହକୁ ସ୍ୱୀକୃତି ଦେବା ପାଇଁ ଆବେଦନକାରୀ ମୌଳିକ ଅଧିକାର ଭାବେ ଦାବି କରିପାରିବେ ନାହିଁ ବୋଲି କନ୍ଦ୍ର ସରକାର ରବିବାର ସୁପ୍ରିମକୋର୍ଟଙ୍କୁ ସତ୍ୟପାଠ ଜରିଆରେ ଜଣାଇଛନ୍ତି। ସମଲିଙ୍ଗୀ ବିବାହ ବୈଧୀକରଣ ଆବେଦନଗୁଡ଼ିକର ଶୁଣାଣି ସୋମବାର ହେବାକୁ ଥିବାବେଳେ କେନ୍ଦ୍ର ସରକାର ସତ୍ୟପାଠ ଦାଖଲ କରି କହିଛନ୍ତି, ପାର୍ଟନର ଭାବେ ଏକାଠି ରହିବା ଏବଂ ସମଲିଙ୍ଗୀ ବ୍ୟକ୍ତି ଯୌନ ସମ୍ପର୍କ ସ୍ଥାପନ କରିବା ଭାରତୀୟ ପରିବାର ଧାରଣା ସହ



ତୁଳନୀୟ ନୁହେଁ। ଏଲ୍‌ଜିବିଟିକ୍ୟୁ ପ୍ଲସ୍ ଗୋଷ୍ଠୀର ଆବେଦନକୁ ବର୍ତ୍ତମାନର ଆଇନଗତ ବ୍ୟବସ୍ଥା ଅନୁଯାୟୀ ଖାରଜ କରିଦେବାକୁ କେନ୍ଦ୍ର ସରକାର ସର୍ବୋଚ୍ଚ ଅଦାଲତଙ୍କୁ ନିବେଦନ କରିଛନ୍ତି।

ସରକାର ଆହୁରି କହିଛନ୍ତି, ସମଲିଙ୍ଗୀ ବିବାହର ପଞ୍ଜୀକରଣ ବର୍ତ୍ତମାନର ପର୍ସୋନାଲ ଆଇନ ଏବଂ ସଂହିତାବଦ୍ଧ ଆଇନ ବ୍ୟବସ୍ଥାର ଉଲ୍ଲଂଘନ ହେବ। ବିବାହ ଅର୍ଥ ଦୁଇ ବିପରୀତଲିଙ୍ଗୀ ବ୍ୟକ୍ତିଙ୍କ ମଧ୍ୟରେ ମିଳନ ଏବଂ ଏହି ସଂଜ୍ଞା ସାମାଜିକ, ସାଂସ୍କୃତିକ ତଥା ଆଇନଗତ ଭାବେ ଦୀର୍ଘବର୍ଷ ଧରି ସ୍ୱୀକୃତି ପାଇଆସିଛି। ନ୍ୟାୟିକ ହସ୍ତକ୍ଷେପ ଦ୍ୱାରା ଏହାକୁ ପ୍ରଭାବିତ କରାଯିବା ଉଚିତ ନୁହେଁ ବୋଲି କେନ୍ଦ୍ର ପକ୍ଷରୁ ସତ୍ୟପାଠରେ କୁହାଯାଇଛି। ସମଲିଙ୍ଗୀ ବିବାହର ଆଇନଗତ ବୈଧତାକୁ କେନ୍ଦ୍ର ସରକାର ବିରୋଧ କରିଥିବାରୁ ଏଲ୍‌ଜିବିଟିକ୍ୟୁ (ମହିଳା ସମଲିଙ୍ଗୀ, ପୁରୁଷ ସମଲିଙ୍ଗୀ, ଉଭୟଲିଙ୍ଗୀ, ତୃତୀୟ ଲିଙ୍ଗୀ ଏବଂ ଅପ୍ରାକୃତିକ ଯୌନସମ୍ପର୍କ ରକ୍ଷାକାରୀ) ପ୍ଲସ୍ ଗୋଷ୍ଠୀର ସଦସ୍ୟ ଓ କେତେଜଣ ସାମାଜିକ କର୍ମୀ ଏହାକୁ ସମାଲୋଚନା କରିଛନ୍ତି। ଭାରତ ଏକ ବହୁଳବାଦ ଓ ବିବିଧତାପୂର୍ଣ୍ଣ ଦେଶ ହୋଇଥିବାବେଳେ ସରକାର ଏବେ ବି କେବଳ ☞ପୃଷ୍ଠା–୪

# ଦୋଳବିମାନ ଉପରକୁ ମାଡ଼ିଗଲା ଗାଡ଼ି

## ୨ ମୃତ, ୬ ଆହତ

**କେନ୍ଦ୍ରାପଡ଼ା ଅଫିସ, ୧୨।୩**

ଦୋଳବିମାନ କାନ୍ଧେଇ ଯାଉଥିବା ଲୋକଙ୍କ ଉପରକୁ ଏକ ପିକ୍‌ଅପ୍ ଭ୍ୟାନ୍ ମାଡ଼ିଯିବା ଯୋଗୁ ୨ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୬ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ୩ଜଣଙ୍କ ଅବସ୍ଥା ଗୁରୁତର ରହିଛି। ସେମାନଙ୍କୁ କଟକ ବଡ଼ମେଡିକାଲରେ ଚିକିତ୍ସା କରାଯାଉଛି। କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଯମଧର ଓମଫେଡ୍ ଛକରେ ଶନିବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଛି। କେନ୍ଦ୍ରାପଡ଼ାଠାରୁ ପ୍ରାୟ ୧୦ କିଲୋମିଟର ଦୂର ବାଲିଆ ବଜାରର ଦୋଳ ମେଳଣ ଉତ୍ସବରେ ଏହି ବିମାନଟି ସାମିଲ ହୋଇଥିଲା। ଦୁର୍ଘଟଣା ପରେ ବାଲିଆ ବଜାର ପୁଣି ଥରେ ଚର୍ଚ୍ଚାକୁ ଆସିଛି। ଗତ ନଭେମ୍ବରରେ ବାଲିଆ ବଜାରର କାର୍ତ୍ତିକେଶ୍ୱର ମେଳଣ ଉତ୍ସବରେ ବାଣ ଦୁର୍ଘଟଣାରେ ☞ପୃଷ୍ଠା–୪



ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ଭାଙ୍ଗି ଯାଇଥିବା ଦୋଳବିମାନ।

## ପିକ୍‌ଅପ୍ ଧକ୍କାରେ ୩ ମୃତ

**ଛେଣ୍ଡିପଦା, ୧୨।୩(ସ୍ୱ.ପ୍ର.)**

କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥର ଅନୁଗୋଳ ଜିଲ୍ଲା ଜରପଡା ଥାନା ସାନ୍ତରାପୁର ଛକ ନିକଟରେ ରବିବାର ଏକ ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ବାଇକ୍‌ରେ ଯାଉଥିବା ୩ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଛେଣ୍ଡିପଦା ବ୍ଲକ ଦୁବେ ପଞ୍ଚାୟତ କୁଲେଇ ଗ୍ରାମର ସୁନୀଲ ସାହୁ, ସିପୁ ପ୍ରଧାନ ଓ ମାନସ ବେହେରା। ଦୁର୍ଘଟଣା ପରେ ଘଟଣାସ୍ଥଳରେ ତୀବ୍ର ଉତ୍ତେଜନା ଦେଖାଦେଇଥିଲା। ଉତ୍ୟକ୍ତ ଲୋକେ ରାଜପଥ ଅବରୋଧ କରିବା ସହ ପୋଲିସକୁ ଠେଲାପେଲା କରିଥିଲେ।

ସୂଚନା ଅନୁଯାୟୀ, ଅପରାହ୍ଣରେ କୁଲେଇ ଗ୍ରାମର ସୁନୀଲ, ସିପୁ ଓ ମାନସ କୌଣସି କାମରେ ଏକ ମୋଟରସାଇକେଲ (ନଂ. ଓଡି୧୯ କ୍ୟୁ- ୫୦୨୯)ରେ ୫୫ନଂ. ଜାତୀୟ ରାଜପଥରେ ଜରପଡା ଆଡକୁ ଯାଉଥିଲେ। ଏହି ସମୟରେ ବିପରୀତ ଦିଗରୁ ଦ୍ରୁତଗତିରେ ଆସୁଥିବା ପିକ୍‌ଅପ୍ ଭ୍ୟାନ୍ (ନଂ. ଓଡି୧୯କ୍ୟୁ- ୫୦୫୨) ସାନ୍ତରାପୁର ଛକ ନିକଟରେ ମୋଟରସାଇକେଲକୁ ଧକ୍କା ଦେଇଥିଲା। ଫଳରେ ମୋଟରସାଇକେଲରେ ଥିବା ୩ ଯୁବକଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଯାଇଥିଲା। ଦୁର୍ଘଟଣା ପରେ ଗାଡ଼ି ଛାଡ଼ି ପିକ୍‌ଅପ୍ ଭ୍ୟାନ୍ ଚାଳକ ଫେରାର ☞ପୃଷ୍ଠା–୪


**ଆଜିର ସମ୍ପାଦକୀୟ**

ନିର୍ବାଚନ ପାଇଁ ଚଢ଼ାଉ


# ବ୍ରିଟେନ୍‌ରେ ବଢୁଛି ଭାରତୀୟଙ୍କ ଅନୁପ୍ରବେଶ

## ଗତବର୍ଷ ଭାରତରୁ ସର୍ବାଧିକ ୬୮୩ ବେଆଇନ ପ୍ରବାସୀ ବୋଟ୍‌ରେ ଯାଇଛନ୍ତି

**ଲଣ୍ଡନ, ୧୨।୩**

ବ୍ରିଟେନ୍‌ରେ ବେଆଇନ ଭାରତୀୟ ପ୍ରବାସୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଥିବା ସେଠାକାର ସରକାର ଦାବି କରିଛନ୍ତି। ଫ୍ରାନ୍ସ ଚ୍ୟାନେଲ ଦେଇ ଛୋଟ ବୋଟ୍ ଜରିଆରେ ବହୁ ସଂଖ୍ୟକ ଭାରତୀୟ ବେଆଇନ ଭାବେ ବ୍ରିଟେନ୍‌ରେ ପ୍ରବେଶ କରୁଥିବା କୁହାଯାଉଛି। ଗତବର୍ଷ ଏହି ଚ୍ୟାନେଲ ଜରିଆରେ ମୋଟ ୬୮୩ ଭାରତୀୟ ବ୍ରିଟେନ୍ ଯାଇଥିଲେ, ଯାହାଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ଯୁବକ। ଦେଶରୁ ବେଆଇନ ପ୍ରବାସୀଙ୍କୁ ବିତାଡିତ କରିବା ଲାଗି ଗତ ସପ୍ତାହରେ ବ୍ରିଟେନ୍ ପ୍ରଧାନମନ୍ତ୍ରୀ ଋଷି ସୁନକ ଏବଂ ସ୍ୱରାଷ୍ଟ୍ର ସଚିବ ସୁଏଲା ବ୍ରାଭରମାନ୍ ହାଉସ୍ ଅଫ୍ କମନ୍ସରେ ବେଆଇନ ପ୍ରବାସୀ ବିଲ୍ ଉପସ୍ଥାପନ କରିଥିଲେ। ଛୋଟ ବୋଟ୍



ଜରିଆରେ ଦେଶରେ ବେଆଇନ ଢଙ୍ଗରେ ପ୍ରବେଶ କରୁଥିବା ପ୍ରବାସୀଙ୍କୁ ରୋକିବା ସହ ଏ ନେଇ ସେମାନଙ୍କୁ ସାହାଯ୍ୟ କରୁଥିବା ଚାଲାଣକାରୀ ଗୋଷ୍ଠୀକୁ ଧରିବା ମୁଖ୍ୟ ଉଦ୍ଦେଶ୍ୟ ବୋଲି କୁହାଯାଇଛି।

ବେଆଇନ ପ୍ରବାସୀଙ୍କୁ ବ୍ରିଟେନ୍‌ରେ ପ୍ରବେଶ କରାଇବା ଲାଗି ଏକ ଗ୍ୟାଙ୍ଗ୍ କାର୍ଯ୍ୟ କରୁଛି, ଯାହା ଜଣପିଛା ୩,୦୦୦ ପାଉଣ୍ଡ (ପାଖାପାଖି ୨,୯୫,୯୧୧ ଟଙ୍କା) ନେଇଥାଏ। ଏହି ଗ୍ୟାଙ୍ଗ୍ ଡଙ୍ଗା ସାହାଯ୍ୟରେ ପ୍ରବାସୀମାନଙ୍କୁ ଫ୍ରାନ୍ସରୁ ଇଂଲଣ୍ଡରେ ପହଞ୍ଚାଇଥାଏ। ଏହି ଛୋଟ ଡଙ୍ଗାରେ ଏକକାଳୀନ ୪୦ରୁ ୫୦ ଜଣଙ୍କୁ ନିଆଯାଏ। ଉକ୍ତ ଡଙ୍ଗାଗୁଡ଼ିକୁ ତୁର୍କୀରୁ କିଣାଯାଇଥାଏ। ତେବେ ଏହି ଛୋଟ ବୋଟ୍‌ରେ ଯାତ୍ରା ସମୟରେ ଅନେକ ପ୍ରବସୀ ଭାସିଯିବାର ଖବର ମଧ୍ୟ ପ୍ରକାଶ ପାଇଛି। ୨୦୧୮ ପର୍ଯ୍ୟନ୍ତ କୌଣସି ଭାରତୀୟ ଛୋଟ ଡଙ୍ଗା ଜରିଆରେ ବ୍ରିଟେନ୍‌ରେ ପ୍ରବେଶ କରି ନ ଥିଲେ। କିନ୍ତୁ ୨୦୨୦ରେ ପ୍ରଥମ ଥର ୬୪ ଜଣ ଭାରତୀୟ ଛୋଟ ବୋଟ୍‌ରେ ଆସି ବ୍ରିଟେନ୍‌ରେ ପହଞ୍ଚିଥିଲେ। ସେହିପରି ୨୦୨୧ରେ ୬୭ ଜଣ ଏବଂ ୨୦୨୨ରେ ସର୍ବାଧିକ ୬୮୩ ଜଣ ବେଆଇନ ଉପାୟ ଅବଲମ୍ବନ ☞ପୃଷ୍ଠା–୪




## ସଂକ୍ଷେପରେ

### ସ୍କୁଲଛାତ୍ରୀଙ୍କୁ ବିଷ ଦେବା ଘଟଣା: ୧୦୦ ଗିରଫ

**ତେହରାନ୍, ୧୨।୩:** ଇରାନ୍‌ରେ ସ୍କୁଲ ଛାତ୍ରୀଙ୍କୁ ବିଷାକ୍ତ ପଦାର୍ଥ ଦିଆଯିବା ଘଟଣାରେ ଦେଶର ବିଭିନ୍ନ ସହରରୁ ୧୦୦ ଜଣଙ୍କୁ ଗିରଫ କରାଯାଇଛି। ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରି ସ୍କୁଲ ବନ୍ଦ କରିବା ଏବଂ ସରକାରଙ୍କୁ ନେଇ ନୈରାଶ୍ୟବାଦ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏପରି କରାଯାଇଥିବା ଇରାନ୍ ଗୃହ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଗତବର୍ଷ ନଭେମ୍ବରରେ ହାଇସ୍କୁଲ ଛାତ୍ରୀ ବିଷାକ୍ତ ପଦାର୍ଥ ଖାଇବା ଦ୍ୱାରା ହସ୍ପିଟାଲରେ ଆଡ୍‌ମିଟ୍ ହୋଇଥିଲେ। ଗତ ଫେବୃୟାରୀରେ ଶତାଧିକ ଛାତ୍ରୀଙ୍କ ଦେହରେ ବିଷକ୍ରିୟା ପାଇଁ ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି ହେବାକୁ ପଡ଼ିଥିବାବେଳେ ପୋଲିସ ପକ୍ଷରୁ ଘଟଣାର ତଦନ୍ତ ଜାରି ରହିଛି।

### ରାସ୍ତାରେ ଉଲଗ୍ନ ବିଚରଣ କରି ଗିରଫ

#### ଅନ୍ୟ ଦୁନିଆରୁ ଆସିଥିବା କହିଲେ

**ୱାଶିଂଟନ, ୧୨।୩:** ଆମେରିକାର ଫ୍ଲୋରିଡା ରାସ୍ତାରେ ଉଲଗ୍ନ ହୋଇ ବିଚରଣ କରୁଥିବା ଜଣେ ୪୪ ବର୍ଷୀୟ ବ୍ୟକ୍ତିଙ୍କୁ ପୋଲିସ ଗିରଫ କରିଛି। ସେ ଅନ୍ୟ ଦୁନିଆରୁ ଆସିଥିବା ପୋଲିସକୁ କହିଛନ୍ତି। ଗତ ୮ ତାରିଖରେ ଅଭିଯୁକ୍ତ ଜଣକ ଫ୍ଲୋରିଡାର ପାଲ୍ମ ବିଚ୍‌ର ରାସ୍ତାରେ ଉଲଗ୍ନ ଅବସ୍ଥାରେ ଚଲାବୁଲା କରୁଥିବାବେଳେ ଟାବୁ କମ୍ପାନୀର ଜଣେ କର୍ମଚାରୀ ପୋଲିସକୁ ଫୋନ୍ କରି ଜଣାଇଥିଲେ। ପୋଲିସ ତାଙ୍କୁ ପ୍ରଶ୍ନ କରିବାରୁ ସେ କେଉଁଠି ପୋଷାକ ରଖିଛନ୍ତି ଜାଣି ନ ଥିବା କହିଥିଲେ। ତାଙ୍କ ନାମ ଓ ଜନ୍ମ ତାରିଖ ମଧ୍ୟ ସେ ପୋଲିସକୁ ଜଣାଇ ନ ଥିଲେ। ଅଭିଯୁକ୍ତଙ୍କ ନାମ ଜାସନ ସ୍ମିଥ୍ ବୋଲି ପୋଲିସ ପରେ ଜାଣିବାକୁ ପାଇଛି।

### ହସ୍ପିଟାଲରେ କେସିଆର୍

**ହାଇଦ୍ରାବାଦ, ୧୨।୩ :** ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ (କେସିଆର୍)ଙ୍କ ପେଟରେ ଯନ୍ତ୍ରଣା ହେବାରୁ ରବିବାର ସକାଳେ ତାଙ୍କୁ ଏଆଇଜି ସୁପରସ୍ପେଶିଆଲିଟି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସିଟି ସ୍କାନ୍ ଓ ଏଣ୍ଡୋସ୍କୋପି ପରୀକ୍ଷା ପରେ ତାଙ୍କ ପାକସ୍ଥଳୀରେ ସାମାନ୍ୟ ଅଲ୍‌ସର ହୋଇଥିବା ଜଣାପଡ଼ିଛି। ଏହାର ଚିକିତ୍ସା କରାଯାଉଥିବା ହସ୍ପିଟାଲ ପକ୍ଷରୁ କୁହାଯାଇଛି।



### ବେଙ୍ଗାଲୁରୁ-ମହୀଶୂର ଏକ୍ସପ୍ରେସ୍‌ୱେ ଉଦ୍‌ଘାଟିତ

**ବେଙ୍ଗାଲୁରୁ, ୧୨।୩:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ୧୧୮ କିଲୋମିଟର ଦୀର୍ଘ ବେଙ୍ଗାଲୁରୁ-ମହୀଶୂର ଏକ୍ସପ୍ରେସ୍‌ୱେ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ଏହି ଏକ୍ସପ୍ରେସ୍‌ୱେ ଦୁଇ ସହର ମଧ୍ୟରେ ଯାତ୍ରା ସମୟକୁ ୩ ଘଣ୍ଟାରୁ ୭୫ ମିନିଟକୁ ହ୍ରାସ କରିବ। ୨୭୫ ନମ୍ବର ଜାତୀୟ ରାଜପଥର ବେଙ୍ଗାଲୁରୁ-ନିଦାଘାଟ୍ଟା-ମହୀଶୂର ସେକ୍ସନକୁ ୬ ଲେନ୍ ବିଶିଷ୍ଟ କରାଯାଇଛି। ଏହି ପ୍ରକଳ୍ପ ପାଇଁ ୮,୪୮୦ କୋଟି ଟଙ୍କା ବିନିଯୋଗ ହୋଇଛି। ଉକ୍ତ ଅଞ୍ଚଳର ସାମାଜିକ-ଅର୍ଥନୈତିକ ବିକାଶରେ ଏହି ଏକ୍ସପ୍ରେସ୍ ୱେ ସହାୟକ ହେବ ବୋଲି କୁହାଯାଉଛି। ଏହା ବ୍ୟତୀତ ପ୍ରଧାନମନ୍ତ୍ରୀ ମହୀଶୂର-କୁଶଲନଗର ୪ ଲେନ୍ ରାଜପଥର ଶିଳାନ୍ୟାସ କରିଥିଲେ।



୫୪ତମ ସିଆଇଏସ୍‌ଏଫ୍ ରେଜିଂ ଡେ’ ପରେଡ୍-୨୦୨୩ ଅବସରରେ ରବିବାର ତେଲଙ୍ଗାନାର ହାକିମପେଟ୍‌ସ୍ଥିତ ଜାତୀୟ ଶିଳ୍ପାଞ୍ଚଳ ସୁରକ୍ଷା ଏକାଡେମୀଠାରେ ମହିଳା କମାଣ୍ଡୋମାନେ ମାର୍ଶାଲ ଆର୍ଟସ ପ୍ରଦର୍ଶନ କରୁଛନ୍ତି।

## ମହିଳାଙ୍କୁ ଖଣ୍ଡ ଖଣ୍ଡ କଲେ କାଠମିସ୍ତ୍ରି

ଶ୍ରୀନଗର, ୧୨।୩(ପି.ଟି.)

ଜମ୍ମୁ-କଶ୍ମୀରର ବଡଗାମ୍ ଜିଲାରେ ଜଣେ ୩୦ ବର୍ଷୀୟା ମହିଳାଙ୍କୁ ଅପହରଣ କରି ହତ୍ୟା କରାଯିବା ପରେ ମୃତଦେହକୁ ଖଣ୍ଡଖଣ୍ଡ କରିଦିଆଯାଇଛି। ସପ୍ତାହେ ପୂର୍ବରୁ ନିଖୋଜ ଥିବା ଉକ୍ତ ମହିଳାଙ୍କ ଶରୀରର ଖଣ୍ଡିତ ଅଂଶକୁ ପୋଲିସ ବିଭିନ୍ନ ସ୍ଥାନରୁ ପାଇବା ପରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଛି। ଉକ୍ତ ମାମଲାରେ ଶବୀର ଅହମଦ(୪୫) ନାମକ ଜଣେ କାଠମିସ୍ତ୍ରିଙ୍କୁ ପୋଲିସ ଗିରଫ କରିଛି। ଶତାଧିକ ଉତ୍ତ୍ୟକ୍ତ ଲୋକେ ଅହମଦଙ୍କ ଘର ଆଗରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ତାଙ୍କୁ ଫାଶୀ ଦେବା ପାଇଁ ଦାବି କରିଛନ୍ତି। ଅଭିଯୁକ୍ତଙ୍କୁ ସେମାନଙ୍କୁ ହସ୍ତାନ୍ତର କରିବା ଲାଗି ବିକ୍ଷୋଭରେ ସାମିଲ ହୋଇଥିବା ମହିଳାମାନେ ଦାବି କରିଛନ୍ତି। ସେ ଯେପରି ମହିଳାଙ୍କୁ ହତ୍ୟା କରି ଖଣ୍ଡ ଖଣ୍ଡ କରିଛି, ତାକୁ ସେହିଭଳି ଶାସ୍ତି ମିଳିବା ଆବଶ୍ୟକ ବୋଲି ମହିଳାମାନେ କହିଛନ୍ତି। ମୃତା ମହିଳା ଜଣକ ଗତ ୭ ତାରିଖରୁ ନିଖୋଜ ଥିଲେ। ପରିବାର ପକ୍ଷରୁ ଥାନାରେ ନିଖୋଜ ମାମଲା ଦାଏର ହୋଇଥିଲା। ପୋଲିସ କାଠମିସ୍ତ୍ରିଙ୍କୁ ଅଟକ ରଖି ପଚରାଉଚରା କରିବା ପରେ ମୃତଦେହର ସନ୍ଧାନ ପାଇଥିଲା।

## ନିଜ ବୃକ୍କ, ଯକୃତ ବିକିବା ଲାଗି ବିଜ୍ଞାପନ

ଥିରୁଭାନନ୍ତପୁରମ, ୧୨।୩

କେରଳ ରାଜଧାନୀ ଥିରୁଭାନନ୍ତପୁରମ୍‌ରେ ଏକ ବିଜ୍ଞାପନ ପୋଷ୍ଟରକୁ ନେଇ ଜୋର ଚର୍ଚ୍ଚା ଆରମ୍ଭ ହୋଇଛି। ତେବେ ଲୋକଙ୍କ ଦୃଷ୍ଟିଆକର୍ଷଣ କରିଥିବା ଏହି ବିଜ୍ଞାପନ ପୋଷ୍ଟର ରାଜନୈତିକ ଦଳ କିମ୍ବା କୌଣସି ସାମଗ୍ରୀର ବ୍ରାଣ୍ଡ ପ୍ରଚାର ପାଇଁ ଲଗାଯାଇ ନାହିଁ, ବରଂ ଜଣେ ବ୍ୟକ୍ତି ଚିକିତ୍ସା ପାଇଁ ନିଜ ଶରୀରର ବୃକକ୍, ଯକୃତ ବିକ୍ରି କରିବା ପାଇଁ ଏହି ବିଜ୍ଞାପନ ପୋଷ୍ଟର ଲଗାଇଛନ୍ତି। ମାନକୁଦ ପୁଥେର ରୋଡ୍‌ରେ ରହୁଥିବା ୫୦ ବର୍ଷୀୟ ସନ୍ତୋଷ କୁମାର ଏହି ବିଜ୍ଞାପନ ପୋଷ୍ଟର ଲଗାଇଛନ୍ତି। କିଛିଦିନ ପୂର୍ବେ ଏକ ଦୁର୍ଘଟଣାରେ ସନ୍ତୋଷ ସମ୍ପୂର୍ଣ୍ଣ ଅସୁସ୍ଥ ହୋଇ ପଡ଼ିଥିବାବେଳେ ତାଙ୍କ ସମସ୍ତ ସଞ୍ଚିତଅର୍ଥ ସେ ଚିକିତ୍ସାରେ ଲଗାଇଦେଇଛନ୍ତି। ସୁସ୍ଥ ହେବା ପାଇଁ ତାଙ୍କୁ ଅଧିକ ଚିକିତ୍ସାର ଆବଶ୍ୟକଥିବାବେଳେ ଏ ନେଇ ମୋଟା ଅଙ୍କର ଅର୍ଥ ଲାଗିବ। ତେବେ ଟଙ୍କା ଯୋଗାଡ଼ କରିବାର କୌଣସି ପନ୍ଥା ତାଙ୍କ ନିକଟରେ ନ ଥିବାରୁ ବର୍ତ୍ତମାନ ସେ ନିଜ ଯକୃତ ଏବଂ ବୃକ୍କ ବିକ୍ରି କରିବାର ନିଷ୍ପତ୍ତି ନେଇଥିବା କହିଛନ୍ତି। ଏ ନେଇ ସେ ରାସ୍ତା କଡ଼ରେ ଏକ ବଡ଼ ବିଜ୍ଞାପନ ପୋଷ୍ଟର ଲଗାଇଥିବା କହିଛନ୍ତି।

# ବାଖମୁଟ୍‌ରେ ଜୋରଦାର ଲଢ଼େଇ

## ୨୪ ଘଣ୍ଟାରେ ୫୦୦ ରୁଷୀୟ ସୈନ୍ୟ ମୃତାହତ

କିଭ୍/ମସ୍କୋ, ୧୨।୩

ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣକୁ ଗୋଟିଏ ବର୍ଷ ବିତିଯାଇଛି। ଦୁଇ ଦେଶ ମଧ୍ୟରେ ଘମାଘୋଟ୍ ଲଢ଼େଇ ଅଦ୍ୟାବଧି ଜାରି ରହିଛି। ୟୁକ୍ରେନ୍‌ର ପୂର୍ବାଞ୍ଚଳରେ ଅବସ୍ଥିତ ବାଖମୁଟ୍ ସହରକୁ ନେଇ ରୁଷିଆ ଏବଂ ୟୁକ୍ରେନ୍ ସୈନ୍ୟଙ୍କ ମଧ୍ୟରେ ଗତ କିଛିମାସ ଧରି ଜୋର୍‌ଦାର୍ ସଂଘର୍ଷ ଲାଗିରହିଛି। ଦୁଇ ଦେଶର ସେନା ମୁହାଁମୁହିଁ ସ୍ଥିତିରେ ଥିବାବେଳେ ଗତ ୨୪ ଘଣ୍ଟା ମଧ୍ୟରେ ୟୁକ୍ରେନୀୟ ସୈନ୍ୟ ୫୦୦ରୁ ଊର୍ଦ୍ଧ୍ୱ ରୁଷୀୟ ସୈନ୍ୟଙ୍କୁ ମୃତାହତ କରିଥିବା ଶନିବାର ଦାବି କରିଛି। ରୁଷିଆର ମୋଟ ୨୨୧ ସୈନ୍ୟ ପ୍ରାଣ ହରାଇଥିବାବେଳେ ୩୦୦ ଆହତ ହୋଇଛନ୍ତି। ସେହିପରି ୟୁକ୍ରେନ୍‌ର ୨୧୦ ସୈନ୍ୟ ନିହତ ହୋଇଥିବା ରୁଷିଆ କହିଛି।

ଇଷ୍ଟର୍ନ ଡୋବାସ ରିଜିଅନ୍‌ରେ ଥିବା ବାଖମୁଟ୍‌କୁ ଦଖଲ ଉଦ୍ଦେଶ୍ୟରେ କିଛିମାସ ଧରି ରୁଷିଆ ସେନା ପକ୍ଷରୁ ଲଗାତର ଆକ୍ରମଣ ଜାରି ଥିବା ୟୁକ୍ରେନ୍ ମିଲିଟାରି ମୁଖପାତ୍ର ସେର୍‌ହି ଚେରେଭାଟି କହିଛନ୍ତି। ୨୪ ଘଣ୍ଟା ମଧ୍ୟରେ ରୁଷିଆ ପକ୍ଷରୁ ମୋଟ ୧୬ଟି ଆଟାକ୍ କରାଯାଇଥିବାବେଳେ ବାଖମୁତକୁ ନେଇ ମୋଟ ୨୩ ଥର ସଂଘର୍ଷ ହୋଇଛି। ରୁଷିଆକୁ ବାଖମୁଟ୍ ଦଖଲ କରିବାକୁ ଦିଆଯିବ ନାହିଁ। ଏ ନେଇ କିଭ୍ ପକ୍ଷରୁ ସଂଗ୍ରାମ ଜାରି ରହିବାକୁ ଥିବାବେଳେ ରୁଷିଆର ସବୁଠାରୁ ଦକ୍ଷ ସେନା ୟୁନିଟ୍‌କୁ ୟୁକ୍ରେନ୍ ସୈନ୍ୟ ନୟାନ୍ତ କରିଦେଇଥିବା ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ପକ୍ଷରୁ କୁହାଯାଇଛି।

ବ୍ରିଟିଶ୍ ମିଲିଟାରି ଗୋଇନ୍ଦା ସୂଚନା ଅନୁସାରେ ରୁଷିଆର ୱାଗନର ମର୍ସନାରି ଗ୍ରୁପ୍ ବାଖମୁତର ପୂର୍ବାଞ୍ଚଳରେ ଥିବା ସ୍ଥାନଗୁଡ଼ିକୁ ଦଖଲ କରିଛି। ତେବେ ବାଖମୁଟ୍ ଦଖଲ ଦ୍ୱାରା ସମ୍ପୂର୍ଣ୍ଣ ଡୋନ୍‌ବାସକୁ ନିୟନ୍ତ୍ରଣକୁ ଅଣାଯାଇ ପାରିବ ବୋଲି ମସ୍କୋ କହିଛି। ବାଖମୁଟ୍‌କା ନଦୀର ପଶ୍ଚିମ ପାର୍ଶ୍ୱରେ ସହରର କେନ୍ଦ୍ରସ୍ଥଳ ଅବସ୍ଥିତ ହୋଇଥିବାବେଳେ ଏହାଠାରୁ ମାତ୍ର ୧.୨ କି.ମି. ଦୂରରେ ରୁଷୀୟ ସେନା ଥିବା ୱାଗନର ମର୍ସନାରି ଗ୍ରୁପ୍‌ର ପ୍ରତିଷ୍ଠାତା ୟେଭଗେନି ପ୍ରିଗୋଝିନ ଦାବି କରିଛନ୍ତି। ନଦୀର ଜଳ ଖୋଲା ସ୍ଥାନରେ ପ୍ରବାହିତ ହେଉଥିବା କାରଣରୁ ଏହା ରୁଷୀୟ ସୈନ୍ୟଙ୍କ ପାଇଁ ମରଣଜନ୍ତା ପାଲଟିପାରେ।



ବାଖମୁଟ୍ ନିକଟବର୍ତ୍ତୀ ଚସିଭ ୟାର ସହରର ଏକ ଗାଁରେ ସେଲ୍ ମାଡ଼ରେ ନଷ୍ଟ ହୋଇଯାଇଥିବା କାର୍‌କୁ ୟୁକ୍ରେନୀୟ ସର୍ଭିସ୍‌ମ୍ୟାନ୍ ଦେଖୁଛନ୍ତି।

## ୨୪ ଘଣ୍ଟାରେ ୫୨୪ କୋଭିଡ୍ ପଜିଟିଭ୍

### ୧୧୩ ଦିନରେ ସର୍ବାଧିକ ଦୈନିକ ସଂକ୍ରମଣ

ନୂଆଦିଲ୍ଲୀ, ୧୨।୩(ପି.ଟି.)



ଭାରତରେ ରବିବାର ୫୨୪ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଗତ ୧୧୩ ଦିନ ମଧ୍ୟରେ ଏହା ସର୍ବାଧିକ ଦୈନିକ ସଂକ୍ରମଣ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି। ନୂଆ ସଂକ୍ରମଣ ସହ ସକ୍ରିୟ ମାମଲା ସଂଖ୍ୟା ୩,୬୧୮ରେ ପହଞ୍ଚିଛି। ଶନିବାର ସକାଳ ସୁଦ୍ଧା ସକ୍ରିୟ ମାମଲା ସଂଖ୍ୟା ୩,୪୦୬ ଥିଲା। କେରଳରେ କୋଭିଡ୍‌ରେ ଜଣକର ମୃତ୍ୟୁ ହେବା ସହ କୋଭିଡ୍‌ଜନିତ ମୋଟ ମୃତ୍ୟୁସଂଖ୍ୟା ୫,୩୦,୭୮୧କୁ ବୃଦ୍ଧି ପାଇଛି। କୋଭିଡ୍-୧୯ ଆରମ୍ଭ ହେବା ଦିନରୁ ବର୍ତ୍ତମାନ ପର୍ଯ୍ୟନ୍ତ ମୋଟ ସଂକ୍ରମିତଙ୍କ ସଂଖ୍ୟା ୪,୪୬,୯୦,୪୯୨ରେ ପହଞ୍ଚିଛି। ମନ୍ତ୍ରଣାଳୟ ତଥ୍ୟ ଅନୁଯାୟୀ ୯୮.୮୦ ପ୍ରତିଶତ କୋଭିଡ୍ ସଂକ୍ରମିତ ସୁସ୍ଥ ହୋଇଥିବାବେଳେ ମୃତ୍ୟୁହାର ୧.୧୯ ପ୍ରତିଶତ ରହିଛି। ବର୍ତ୍ତମାନ ସୁଦ୍ଧା ୨୨୦.୬୪ କୋଟି ଡୋଜ୍ କୋଭିଡ୍ ଟିକା ଦିଆଗଲାଣି।

## ସଂକ୍ରମଣ ବଢ଼ିବା ପଛରେ ୫ ଭୂତାଣୁ

**ହାଇଦ୍ରାବାଦ, ୧୨।୩:** ଗତ ୫ ମାସ ହେଲା ଥଣ୍ଡା, ଜ୍ୱର, କାଶ ରୋଗ ବଢ଼ିବାରେ ଲାଗିଛି। ଅନ୍ୟୂନ ୫ ଭୂତାଣୁ ଏହି ସଂକ୍ରମଣର କାରଣ ବୋଲି କୁହାଯାଉଛି। ଗତ ସେପ୍ଟେମ୍ବରରେ ଏଭଳି ରୋଗ ବ୍ୟାପୁଥିବାବେଳେ ଅଧିକାଂଶ ଏହାର ପରୀକ୍ଷା କରାଇ ନ ଥିଲେ। ଏହିସବୁ ସଂକ୍ରମଣ ପଛରେ ସ୍ୱାଇନ୍ ଫ୍ଲୁ (ଏଚ୍୧ଏନ୍୧), ଇନ୍‌ଫ୍ଲୁଏଞ୍ଜା (ଏଚ୍୩ଏନ୍୨) ସମେତ ୫ ରେସ୍ପିରେଟୋରି ଭାଇରସ୍ ରହିଥିବା ଜଣାପଡ଼ିଛି। ଗତ ଜାନୁୟାରୀରୁ ଏଚ୍୩ଏନ୍୨ ସଂକ୍ରମଣ ଅଧିକ ବଢ଼ିଛି।

## ଏନ୍‌ଆର୍‌ଆଇ ଯାତ୍ରୀଙ୍କ ନାଁରେ ମାମଲା

### ବିମାନରେ ଧୂମପାନ

ମୁମ୍ବାଇ, ୧୨।୩




ଲଣ୍ଡନରୁ ମୁମ୍ବାଇ ଆସୁଥିବା ଏୟାର ଇଣ୍ଡିଆ ବିମାନରେ ଧୂମପାନ କରିବା ସହ ଅନ୍ୟ ଯାତ୍ରୀଙ୍କୁ ଖରାପ ବ୍ୟବହାର ଦେଖାଇବା ଅଭିଯୋଗରେ ମୁମ୍ବାଇ ପୋଲିସ ଜଣେ ପ୍ରବାସୀ ଭାରତୀୟ (ଏନ୍‌ଆର୍‌ଆଇ) ଯାତ୍ରୀଙ୍କ ବିରୋଧରେ ମାମଲା ରୁଜୁ କରିଛି। ଶନିବାର ଉଡ଼ନ୍ତା ବିମାନରେ ଅସୁବିଧା ସୃଷ୍ଟି କରିବା ଅଭିଯୋଗରେ ମୁମ୍ବାଇ ସଦର ଥାନାରେ ୩୭ ବର୍ଷୀୟ ରମାକାନ୍ତଙ୍କ ବିରୋଧରେ ଆଇପିସିର ଧାରା ୩୩୬ ସମେତ ବିମାନ ଆଇନର ବିଭିନ୍ନ ଧାରାରେ ମାମଲା ରୁଜୁ ହୋଇଛି। ବିମାନରେ ଧୂମପାନ କରିବା ଲାଗି ଅନୁମତି ନାହିଁ। ଅଭିଯୁକ୍ତ ଯାତ୍ରୀ ବିମାନ ବାଥ୍‌ରୁମ୍‌ରେ ସିଗାରେଟ ଲଗାଇବାରୁ ଆଲାର୍ମ ବାଜିଥିଲା। କ୍ରିଉ ସଦସ୍ୟ ତାଙ୍କ ପାଖକୁ ଯିବାରୁ ସେ ସେମାନଙ୍କୁ ଖରାପ ବ୍ୟବହାର ଦେଖାଇଥିଲେ। ଏଥିସହିତ ଯାତ୍ରୀ ଜଣକ ବିମାନ ଡୋର ଖୋଲିବାକୁ ଉଦ୍ୟମ କରିଥିଲେ ବୋଲି କ୍ରିଉ ସଦସ୍ୟ କହିଛନ୍ତି। ତାଙ୍କର ଏଭଳି କାର୍ଯ୍ୟରେ ବିମାନ ଯାତ୍ରୀମାନେ ଭୟଭୀତ ହୋଇଯାଇଥିଲେ। କର୍ମଚାରୀମାନେ ତାଙ୍କୁ ସିଟ୍‌ରେ ବାନ୍ଧିଦେବା ପରେ ମଧ୍ୟ ସେ ମୁଣ୍ଡ ପିଟିବା ସହ ଚିତ୍କାର କରିଥିଲେ ବୋଲି ଅଭିଯୋଗ ହୋଇଛି।

## ନିର୍ବାଚନ ଫଳାଫଳରେ ଲୋକଙ୍କ ଆସ୍ଥା ରହିଛି

### ତଥାପି ପ୍ରତି ନିର୍ବାଚନରେ ଅଗ୍ନିପରୀକ୍ଷା ଦେବାକୁ ପଡୁଛି: ସିଇସି

ବେଙ୍ଗାଲୁରୁ, ୧୨।୩(ପି.ଟି.)

ପ୍ରତିଷ୍ଠିତ ଗଣତନ୍ତ୍ର ପାଇଁ ଗତ ୭୦ ବର୍ଷ ମଧ୍ୟରେ ଭାରତ ଏହାର ସାମାଜିକ, ରାଜନୈତିକ ଏବଂ ଭାଷାଗତ ପ୍ରସଙ୍ଗକୁ ଆଲୋଚନା ମାଧ୍ୟମରେ ଶାନ୍ତିପୂର୍ଣ୍ଣ ସମାଧାନ କରିପାରିଛି। ନିର୍ବାଚନ ଫଳାଫଳ ଉପରେ ଲୋକଙ୍କ ଆସ୍ଥା ରହିଥିବାରୁ ଏହା ସମ୍ଭବ ହୋଇପାରିଛି। ଏହା ସତ୍ତ୍ୱେ ଏବେ ବି ନିର୍ବାଚନ କମିଶନଙ୍କୁ ପ୍ରତି ନିର୍ବାଚନ ପରେ ଅଗ୍ନିପରୀକ୍ଷା ଦେବାକୁ ପଡୁଥିବା ମୁଖ୍ୟ ନିର୍ବାଚନ କମିଶନର (ସିଇସି) ରାଜୀବ କୁମାର କହିଛନ୍ତି। ରାଜ୍ୟରେ ମୁକ୍ତ ଓ ଅବାଧ ନିର୍ବାଚନ ପାଇଁ ନିର୍ବାଚନ କମିଶନଙ୍କୁ କର୍ଣ୍ଣାଟକବାସୀ ବିଶ୍ୱାସକୁ ନେବେ କି ବୋଲି ପ୍ରଶ୍ନ ହେବାରୁ ସିଇସି ଉପରୋକ୍ତ ମତ ରଖିଛନ୍ତି। ତ୍ରିପୁରା, ନାଗାଲାଣ୍ଡ ଓ ମେଘାଳୟ ନିର୍ବାଚନ ଶେଷ ହେବା ସହ ଇଲେକ୍ସନ କମିଶନ ୪୦୦ତମ ବିଧାନସଭା ନିର୍ବାଚନ ସମ୍ପୂର୍ଣ୍ଣ କରିଛନ୍ତି।



ରାଜୀବ କୁମାର

ଏଥିସହିତ ୧୭ ଥର ଲୋକ ସଭା ଏବଂ ୧୬ ଥର ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ନିର୍ବାଚନ ହୋଇଛି। ପ୍ରତି ନିର୍ବାଚନ ପରେ ଫଳାଫଳକୁ ଦେଶବାସୀ ଗ୍ରହଣ କରିଛନ୍ତି ଓ ସୁରୁଖୁରୁରେ କ୍ଷମତା ହସ୍ତାନ୍ତର ହୋଇଛି। ନିର୍ବାଚନ ପରେ ମଧ୍ୟ କେତେକ ବିକଶିତ ରାଷ୍ଟ୍ରରେ କ୍ଷମତା ହସ୍ତାନ୍ତରକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିବାବେଳେ ଭାରତରେ ସେଭଳି ଅବସ୍ଥା କେବେ ଦେଖାଦେଇ ନାହିଁ। ତେବେ ମିଥ୍ୟା ଅଭିଯୋଗ ଓ ଦୋଷାରୋପ ଏକ ବଡ଼ ଚ୍ୟାଲେଞ୍ଜ ଭାବେ ଦେଖାଦେଇଛି। କର୍ଣ୍ଣାଟକରେ ନିର୍ବାଚନ ପ୍ରସ୍ତୁତି ସମୀକ୍ଷା କରିବା ପାଇଁ ନିର୍ବାଚନ କମିଶନ ସେଠାକୁ ଯାଇଥିବାବେଳେ ଶନିବାର ଖବରଦାତା ସମ୍ମିଳନୀରେ ସିଇସି ଉପରୋକ୍ତ ମତ ରଖିଥିଲେ। ମେ’ ୨୪ରେ କର୍ଣ୍ଣାଟକ ବିଧାନସଭା କାର୍ଯ୍ୟକାଳ ପୂରଣ ହେଉଥିବାରୁ ଏହା ପୂର୍ବରୁ ନିର୍ବାଚନ ଶେଷ କରାଇବାକୁ ପ୍ରସ୍ତୁତି ଚାଲିଛି।

## ଇଡି-ସିବିଆଇ କାର୍ଯ୍ୟାନୁଷ୍ଠାନକୁ ନେଇ ଗୃହ କମ୍ପିବ

### ଆଜିଠୁ ଦ୍ୱିତୀୟ ପର୍ଯ୍ୟାୟ ବଜେଟ ଅଧିବେଶନ

ନୂଆଦିଲ୍ଲୀ, ୧୨।୩



ପାର୍ଲାମେଣ୍ଟ ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ସୋମବାର ଆରମ୍ଭ ହେବାକୁ ଯାଉଛି। ଏହି ପର୍ଯ୍ୟାୟରେ ଆର୍ଥିକ ବିଧେୟକଗୁଡ଼ିକୁ ଗୃହୀତ କରାଇବା ଉପରେ ସରକାର ପ୍ରାଥମିକତା ଦେବେ। ଅନ୍ୟପକ୍ଷରେ ଆଦାନି ଗ୍ରୁପ୍ ବିରୋଧରେ ଅଭିଯୋଗ, ବିରୋଧୀ ନେତାଙ୍କ ବିରୋଧରେ ଭାଜପା କେନ୍ଦ୍ରୀୟ ସଂସ୍ଥାର ଦୁରୁପଯୋଗ କରୁଥିବା ପ୍ରସଙ୍ଗକୁ ନେଇ ବିରୋଧୀ ଦଳଗୁଡ଼ିକ ସରକାରଙ୍କୁ ଘେରିବେ ବୋଲି କୁହାଯାଉଛି। ଆଦାନି-ହିଣ୍ଡେନବର୍ଗ ପ୍ରସଙ୍ଗକୁ ନେଇ ବଜେଟ ଅଧିବେଶନର ପ୍ରଥମ ପର୍ଯ୍ୟାୟ ହଙ୍ଗାମାରେ ଶେଷ ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ପାର୍ଲାମେଣ୍ଟର ଉଭୟ ଗୃହ ପାଇଁ ରଣନୀତି ପ୍ରସ୍ତୁତି ଲାଗି ସୋମବାର ସକାଳେ ବିରୋଧୀ ଦଳଗୁଡ଼ିକ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ଅଫିସରେ ବୈଠକରେ ବସିବେ। ଆଦାନି-ହିଣ୍ଡେନ୍‌ବର୍ଗ ପ୍ରସଙ୍ଗରେ କଂଗ୍ରେସ ସରକାରଙ୍କଠାରୁ ଜବାବ ଦାବିରେ ହଙ୍ଗାମା ଜାରି ରଖିବ ବୋଲି ଏହାର ନେତା କେ. ସୁରେଶ କହିଛନ୍ତି। ଏହି ମାମଲାର ତଦନ୍ତ ଯୁଗ୍ମ ସଂସଦୀୟ କମିଟି (ଜେପିସି) ଦ୍ୱାରା କରାଯାଉ ବୋଲି ମୁଖ୍ୟ ବିରୋଧୀ ଦଳ ଦାବି କରିଆସୁଛି।

କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ସିବିଆଇ ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ନିକଟରେ ଅନେକ ବିରୋଧୀ ନେତାଙ୍କ ଘର ଉପରେ ଚଢ଼ାଉ କରିବା ସହ କେତେଜଣଙ୍କୁ ଜେରା କରିଛି। ବିଭିନ୍ନ ମାମଲାରେ କେତେଜଣ ନେତା ଗିରଫ ହୋଇଛନ୍ତି। ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ବିରୋଧୀ ନେତାମାନଙ୍କୁ ଟାର୍ଗେଟ କରିବା ପାଇଁ କେନ୍ଦ୍ରୀୟ ସଂସ୍ଥାର ଦୁରୁପଯୋଗ କରୁଥିବା ନେଇ ଉଭୟ ଗୃହରେ ଜୋର୍‌ଦାର ସ୍ୱର ଉତ୍ତୋଳନ କରାଯିବ ବୋଲି ବିଭିନ୍ନ ଦଳ ପକ୍ଷରୁ କୁହାଯାଇଛି। ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଅର୍ଜୁନରାମ ମେଘୱାଲଙ୍କ ସୂଚନା ଅନୁଯାୟୀ ସରକାର ଆର୍ଥିକ ବିଲ୍ ଗୃହୀତ କରାଇବା ଉପରେ ସର୍ବାଧିକ ପ୍ରାଥମିକତା ଦେବେ। ଏହା ବ୍ୟତୀତ ରେଳୱେ, ପଞ୍ଚାୟତିରାଜ, ପର୍ଯ୍ୟଟକ, ସଂସ୍କୃତି ଓ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟଗୁଡ଼ିକର ଅନୁଦାନ ଦାବି ଉପରେ ଆଲୋଚନା ହେବ। ପରେ ବିରୋଧୀମାନଙ୍କ ଦାବିକୁ ବିଚାରକୁ ନିଆଯିବ ବୋଲି ମେଘୱାଲ କହିଛନ୍ତି। ସୋମବାର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଅତିରିକ୍ତ ଅନୁଦାନ ଦାବି ଉପସ୍ଥାପନ କରିବା ସହ ଜମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳ ଲାଗି ବଜେଟ ଉପସ୍ଥାପନ କରିବେ।

# ବିଦ୍ୟୁତ୍ ଆଘାତରେ ଦନ୍ତା ମୃତ

## ଭାଗଚାଷୀ ଗିରଫ

**ଢେଙ୍କାନାଳ ଅଫିସ, ୧୨।୩**


ମୃତ ଦନ୍ତାହାତୀ

କିଛିଦିନର ବ୍ୟବଧାନ ପରେ ଢେଙ୍କାନାଳକୁ ଫେରିଛି ହାତୀମୃତ୍ୟୁ। ସଦର ରେଞ୍ଜ୍ ଘଟିପିରି ସେକ୍ସନ ଅଧୀନ ଓସ୍ତପାଳ ଗ୍ରାମ ନିକଟ ଏକ ଜମିରୁ ରବିବାର ସକାଳେ ଏକ ଦନ୍ତାହାତୀର ମୃତଦେହ ଠାବ କରାଯାଇଛି। ଜମିକୁ ଟଣାଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ହାତୀଟିର ଜୀବନ ଯାଇଥିବା ବନ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଏହି ଘଟଣାରେ ଭାଗଚାଷୀ ବିପିନ ସାହୁଙ୍କୁ ଗିରଫ କରାଯାଇଛି।

ଆନୁମାନିକ ୨୦ ବର୍ଷର ଉକ୍ତ ଦନ୍ତାହାତୀ ଗୋଠ ଛଡ଼ା ହୋଇ ଦୀର୍ଘଦିନ ହେଲା ଏକାକୀ ବିଚରଣ କରୁଥିଲା। ସକାଳେ ଓସ୍ତପାଳ ନିକଟ ରାସ୍ତାପାର୍ଶ୍ୱରେ ପରିବା ଚାଷ କରାଯାଇଥିବା ଏକ ଜମିରେ ହାତୀଟି ମରି ପଡ଼ିଥିବା ସ୍ଥାନୀୟ ବାସିନ୍ଦା ଦେଖିବାକୁ ପାଇଥିଲେ। ସୂଚନା ପାଇ ଅନୁଗୋଳସ୍ଥିତ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ (ଆର୍‌ସିସିଏଫ୍) ଏମ୍. ଯୋଗୟାନନ୍ଦ, ଜିଲା ବନଖଣ୍ଡ ଅଧିକାରୀ ସୁମିତ କର, ସଦର ରେଞ୍ଜର ବିଭୁଦାନନ୍ଦ ମିଶ୍ର, ଭୁବନେଶ୍ୱରରୁ ରାଜ୍ୟ ବନ ବିଭାଗର ଯୁଗ୍ମ ଟାସ୍କଫୋର୍ସ ଅଧିକାରୀ, ସାତକୋଶିଆ, କପିଳାସ ପ୍ରାଣୀ ଉଦ୍ୟାନରେ ବନ୍ୟପ୍ରାଣୀ ବିଶେଷଜ୍ଞ, ସ୍ଥାନୀୟ ପ୍ରାଣୀଧନ ଚିକିତ୍ସକ, ବିଦ୍ୟୁତ୍ ବିଭାଗର ପଦସ୍ଥ ଅଧିକାରୀ ପହଞ୍ଚି ତଦନ୍ତ କରିଥିଲେ। ବ୍ୟବଚ୍ଛେଦ ବେଳେ ହାତୀ ଶୁଣ୍ଢରେ ବିଦ୍ୟୁତ୍ ଆଘାତ ଚିହ୍ନ ଥିବା ସ୍ପଷ୍ଟ ଜଣାପଡ଼ିଥିଲା। ତଦନ୍ତ ବେଳେ ଭାଗଚାଷୀ ବିପିନ ସନ୍ଦେହ ଘେରକୁ ଆସିଥିଲେ। ବିପିନ ବିଲରେ କଖାରୁ ଏବଂ ଭେଣ୍ଡି ଚାଷ କରିଥିଲେ। ଫସଲ ତଦାରଖ କରିବାକୁ ଘରୁ ଜମିକୁ ଅସୁରକ୍ଷିତ ଭାବେ ବିଦ୍ୟୁତ୍ ସଂଯୋଗ ନେଇଥିଲେ। ଏହାର ସଂସ୍ପର୍ଶରେ ଆସି ହାତୀଟିର ମୃତ୍ୟୁ ଘଟିଥିବା ରେଞ୍ଜର ସୂଚନା ଦେଇଛନ୍ତି। ମୃତଦେହ ବ୍ୟବଚ୍ଛେଦ ପରେ ୨ଟି ଦାନ୍ତଙ୍କୁ ଉଦ୍ଧାର କରାଯାଇଛି। ନମୁନା ସଂଗ୍ରହ କରି ଓୟୁଏଟିକୁ ପଠାଯାଇଥିବା ଜିଲା ବନଖଣ୍ଡ ଅଧିକାରୀ ସୂଚନା ଦେଇଛନ୍ତି।

### ନେଇଥିଲା ୮ ଜୀବନ

ସଦର ରେଞ୍ଜ୍‌ରେ ଆତଙ୍କ ସୃଷ୍ଟି କରିଥିଲା ଉକ୍ତ ଗୋଠଛଡ଼ା ଦନ୍ତା। ହାତୀଟି ବ୍ୟାପକ ଫସଲ ନଷ୍ଟ କରିବା ସହ ଘରଦ୍ୱାରା ଭାଙ୍ଗି ପକାଉଥିଲା। ଦଳରୁ ଅଲଗା ହେବା ପରେ ଅତ୍ୟଧିକ ହଂସ୍ର ହୋଇ ଉଠିଥିଲା। ବିଭିନ୍ନ ସମୟରେ ଉକ୍ତ ହାତୀ ଆକ୍ରମଣରେ ୮ ଜଣଙ୍କ ଜୀବନ ଯାଇଥିବା ଓସ୍ତପାଳ ଗ୍ରାମବାସୀ କହିଛନ୍ତି।

# ହାତୀ ଭୟ: ଖାଲି ହେଉଛି ଗାଁ


ହାତୀ ଭୟରେ ଏକ ପରିବାର ଗାଁ ଛାଡ଼ିବା ପରେ ଘର ଖାଲି ପଡ଼ିଛି।

**ଢେଙ୍କାନାଳ ଅଫିସ, ୧୨।୩**

କି ଦିନ କି ରାତି, ଗାଁ ରାସ୍ତାରେ ପଲପଲ ହୋଇ ବୁଲୁଛନ୍ତି ହାତୀ। କେତେବେଳେ ଘର ଭାଙ୍ଗୁଛନ୍ତି ତ ଆଉ କେବେ ଶୁଣ୍ଢରେ ଟେକି ନେଉଛନ୍ତି ଘରେ ସାଇତି ରଖାଯାଇଥିବା ଧାନ, ଚାଉଳ ବସ୍ତା। ରୋଷେଇ ଘରେ ହାଣ୍ଡିରେ ଥିବା ପଖାଳ ମଧ୍ୟ ସେମାନଙ୍କ ମୁହଁରେ ବାଦ୍ ପଡୁନାହିଁ। ବନ ବିଭାଗ ହାତୀ ଘଉଡ଼ାଇବାରେ ବିଫଳ ହୋଇଥିବାବେଳେ ଜୀବନ ବଞ୍ଚାଇବାକୁ ଛାତ ଉପରେ ଦିନ କାଟୁଛନ୍ତି ଢେଙ୍କାନାଳ ସଦର ରେଞ୍ଜ୍ ଅଧୀନ ବଲାଙ୍ଗିପାଟଣା ଜୁଆଙ୍ଗ ସାହିବାସୀ। କେବଳ ଏତିକି ନୁହେଁ, ଚାଳଘରେ ରହୁଥିବା ବହୁ ପରିବାର ନିକଟରେ ବିକଳ୍ପ ନ ଥିବାରୁ ସେମାନେ ଭିଟାମାଟି ଛାଡ଼ି ନିଜ ସମ୍ପର୍କୀୟଙ୍କ ଘରେ ମୁଣ୍ଡ ଗୁଞ୍ଜିଛନ୍ତି। ଅଞ୍ଚଳବାସୀଙ୍କ କହିବା କଥା, ପ୍ରାୟ ମାସେ ହେଲା ଏକ ପଲରେ ୩୦ ହାତୀ ଜନବସତିରେ ଉପଦ୍ରବ ସୃଷ୍ଟି କରିଚାଲିଛନ୍ତି। ବାଡ଼ିବଗିଚାରେ ପଶି ଫସଲ ଉଜାଡ଼ି ଦେଉଛନ୍ତି। ଭୋର୍ ସମୟ ଏବଂ ସନ୍ଧ୍ୟାରେ ପ୍ରମୁଖ ରାସ୍ତାରେ ଡେରା ପକାଇ ରହୁଥିବାରୁ ଜରୁରୀ କାମରେ ଲୋକେ ବାହାରକୁ ଯାଇପାରୁନାହାନ୍ତି। ଏକପ୍ରକାର ଗୃହବନ୍ଦୀ ଅବସ୍ଥାରେ ଦିନ କାଟିବାକୁ ବାଧ୍ୟ ହେଉଛନ୍ତି। ସେମାନଙ୍କୁ ଘଉଡ଼ାଇବା ଲାଗି ସମସ୍ତ ଉଦ୍ୟମ ଫେଲ୍ ମାରିଲାଣି। ସମ୍ଭାବ୍ୟ ହାତୀମୃତ୍ୟୁ ଆଶଙ୍କା ଏଡ଼ାଇବାକୁ ବିଦ୍ୟୁତ୍ ବିଭାଗ ରାତିରେ ବିଦ୍ୟୁତ୍ ବିଚ୍ଛିନ୍ନ କରିଦେଉଛି। ଅନ୍ଧାରରେ ହାତୀଙ୍କ ଉପରେ ନଜର ରଖିବା ସମ୍ଭବପର ହେଉନାହିଁ। ଗତ ୧୦ ଦିନ ହେଲା ଉକ୍ତ ପଲରେ ଥିବା ହାତୀ ଅଧିକ ହିଂସ୍ର ଆଚରଣ ପ୍ରଦର୍ଶନ କରୁଛନ୍ତି। ତେଣୁ ଘରୁ ଗୋଡ଼କାଢ଼ିଲେ ଜୀବନ ପ୍ରତି ବିପଦ ଆଶଙ୍କା ଦେଖାଦେଇଛି। ଏ ସଂକ୍ରାନ୍ତରେ ବନ ବିଭାଗ ବିଦ୍ୟୁତ୍ ବିଭାଗକୁ ଅବଗତ କରାଇବା ସତ୍ତ୍ୱେ କୌଣସି ସୁଫଳ ମିଳୁନାହିଁ। ତେଣୁ ଉପଦ୍ରୁତ ଅଞ୍ଚଳବାସୀ ଜିଲାପାଳଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ଫେରାଦ ହୋଇଛନ୍ତି। ହାତୀ ଉପଦ୍ରବ ରୋକିବା ଲାଗି ବନ ବିଭାଗ ପଦକ୍ଷେପ ନ ହେଲେ ସେମାନେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ଟ୍ରାପ୍ କ୍ୟାମେରା ଲେନ୍ସରେ ବିଲୁପ୍ତ ବନ୍ୟପ୍ରାଣୀ


କ୍ୟାମେରାରେ କଏଦ ହୋଇଥିବା ବନ୍ୟପ୍ରାଣୀ।

**କେନ୍ଦୁଝର, ୧୨।୩ (ସ୍ୱ.ପ୍ର)**

କେନ୍ଦୁଝର ବନଖଣ୍ଡ ଅଧୀନ ପାଟଣା ଓ ଘଟଗାଁ ରେଞ୍ଜରେ ଥିବା ଅଟେଇ ଜଙ୍ଗଲ ଏବେ ମଧ୍ୟ ବନ୍ୟପ୍ରାଣୀଙ୍କ ପାଇଁ ସୁରକ୍ଷାସ୍ଥଳୀ ପାଲଟିଛି। ଅଟେଇ ଜଙ୍ଗଲରେ ବାଘ ସହିତ ବିଭିନ୍ନ ବନ୍ୟପ୍ରାଣୀ ଥିବା ବନବିଭାଗ ଟ୍ରାପ୍ କ୍ୟାମେରାରେ ରେକର୍ଡ କରିଛି। ଗଧିଆ, ଗୟଳ ଭଳି ଲୋପ ପାଇ ଯାଉଥିବା ୭ ବନ୍ୟପ୍ରାଣୀ ଜଙ୍ଗଲରେ ଥିବା ଜଣାପଡ଼ିଛି। ସେହିପରି ଭାଲୁ, ବାର୍‌ହା, ହରିଣ, କୁଟୁରା, ଶିଆଳ, ବଜ୍ରକାପ୍ତା ଆଦି ୨୧ ପ୍ରଜାତିର ବନ୍ୟପ୍ରାଣୀ ଚିହ୍ନଟ ହୋଇଥିବା ଡିଏଫଓ ଧନ୍‌ରାଜ ଏର୍‌ଡ଼ି ସୂଚନା ଦେଇଛନ୍ତି।

### ଅଟେଇ ସଂରକ୍ଷିତ ଜଙ୍ଗଲ

ସୂଚନା ମୁତାବକ, ପ୍ରାୟ ୧୬ ଶହ ବର୍ଗ କିଲୋମିଟର ପରିବ୍ୟାପ୍ତ ଅଟେଇ ସଂରକ୍ଷିତ ଜଙ୍ଗଲ ଶିମିଳିପାଳ, ହଦଗଡ଼, ସାତକୋଶିଆ, ରେବଣା ଆଦି ଅଭୟାରଣ୍ୟ ଓ ସଂରକ୍ଷିତ ଜଙ୍ଗଲ ପରିବେଷ୍ଟିତ ହୋଇ ରହିଥିବାରୁ ବନ୍ୟପ୍ରାଣୀମାନେ ଅବାଧରେ ଯାତାୟାତ କରିଥାନ୍ତି। ତେବେ ଅନେକ ସମୟରେ ଏହି ଜଙ୍ଗଲ ମଧ୍ୟରେ ଯାଇଥିବା ବ୍ୟସ୍ତବହୁଳ ଜାତୀୟ ରାଜପଥ ୨୦ ଓ ଅନ୍ୟାନ୍ୟ ରାଜପଥ ସେମାନଙ୍କ ଅବାଧ ବିଚରଣରେ ବାଧା ସୃଷ୍ଟି କରିଥାଏ। ପ୍ରଶସ୍ତ ରାସ୍ତା ଓ ଏଥିରେ ଦିନରାତି ଚଳପ୍ରଚଳ କରୁଥିବା ଲୁହାପଥର ବୋଝେଇ ଟ୍ରକ, ବସ୍ ଆଦି ସେମାନଙ୍କ ପାଇଁ ଅନେକ ସମୟରେ ସମସ୍ୟା ସୃଷ୍ଟି କରିଥାଏ। ଅନେକ ସମୟରେ ବନ୍ୟପ୍ରାଣୀ ଦୁର୍ଘଟଣାରେ ମୃତାହତ ହେଉଥିବା ନଜିର ରହିଛି। ଏତେ ବଡ଼ ଅଞ୍ଚଳରେ ନିରୀକ୍ଷଣ କରିବା ସୁବିଧାଜନକ ନୁହେଁ। ଏଣୁ ସଚେତନତା ସୃଷ୍ଟି କରିବା ସହ ଶିକାରୀମାନଙ୍କୁ ଧରିବା ପାଇଁ ଜଙ୍ଗଲ ଆଖପାଖ ଅଞ୍ଚଳରେ ଥିବା ଗ୍ରାମର ଲୋକଙ୍କ ସହାୟତାରେ ଧରପଗଡ କରାଗଲେ ସେମାନଙ୍କୁ ସୁରକ୍ଷା ଯୋଗାଇ ଦିଆଯାଇପାରିବ ବୋଲି ପରିବେଶବିତ୍ ହରେକୃଷ୍ଣ ମହାନ୍ତ ମତ ପ୍ରକାଶ କରିଛନ୍ତି। ସେହିପରି ଖରା ଦିନରେ ଜଙ୍ଗଲରେ ନିଆଁ ଏହି ପଶୁମାନଙ୍କ ପାଇଁ ବିପଦ ସୃଷ୍ଟି କରିଥାଏ। ଜଙ୍ଗଲରେ ଖାଦ୍ୟାଭାବ, ଜଳସମସ୍ୟା ଯୋଗୁ ଅନେକ ସମୟରେ ବନ୍ୟପ୍ରାଣୀ ଗାଁମୁହାଁ ହୋଇ ବିପଦରେ ପଡ଼ନ୍ତି। ଏବେ ବାଘ ସୁରକ୍ଷା ପାଇଁ ଲାଗିଥିବା ଟ୍ରାପ୍ କ୍ୟାମେରାରେ ଇଣ୍ଡିଆନ ସିଭେଟ, କମନ ପାଲମ ସିଭେଟ, ରୁଡ଼ି ମଙ୍ଗୁଜ, ଗ୍ରେ ମଙ୍ଗୁଜ, କୋକିଶିଆଳି, ବିଲୁଆ, ଚିତଲ, ବାର୍କିଂ ଡିଅର, ପର୍କୁପାଇନ, ଠେକୁଆ, ବାର୍‌ହା, ରିଶସ ମକକ୍ୱିଇ ଇଣ୍ଡିଆନ ଗୌର, ଇଣ୍ଡିଆନ ଗ୍ରେ ଉଲଫ, ଚଉଶିଙ୍ଗା ସମେତ ବହୁ ବନ୍ୟପ୍ରାଣୀ କ୍ୟାମେରାରେ କଏଦ ହୋଇଥିବା ବନ ବିଭାଗ ସୂଚନା ଦେଇଛି।

### ବିପଦ ସୃଷ୍ଟି କରିବ ଫଟୋ

ଅଟେଇ ସଂରକ୍ଷିତ ଜଙ୍ଗଲରେ ୭ଟି ବିଲୁପ୍ତ ପ୍ରାଣୀଙ୍କୁ ମିଶାଇ ୨୧ ପ୍ରକାରର ପ୍ରାଣୀଙ୍କ ଉପସ୍ଥିତିକୁ ନେଇ ବନ ବିଭାଗ ପକ୍ଷରୁ ଟ୍ରାପ କ୍ୟାମେରାରେ ରେକର୍ଡ କରାଯାଇଛି। ଉକ୍ତ ଫଟୋ ପ୍ରସାରିତ କରିବା ପରେ ସେମାନଙ୍କ ସୁରକ୍ଷାକୁ ନେଇ ଚିନ୍ତା ବଢ଼ିଛି। ଏହା ଦ୍ୱାରା ଶିକାରୀମାନେ ସଜାଗ ହୋଇ ଉଠିବେ। ଏଣୁ ସେମାନଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦେବା ଜରୁରୀ ହୋଇପଡ଼ିଛି ବୋଲି ପରିବେଶବିତ ଡ. ବିଦ୍ୟାଧର ବେହେରା କହିଛନ୍ତି। ଏଥିସହ ପଣା ସଂକ୍ରାନ୍ତି ଅବସରରେ କେନ୍ଦୁଝର ସମେତ ଅନ୍ୟାନ୍ୟ ଜିଲାରେ ବନବାସୀଙ୍କ ଅଖାଣୀ ପର୍ବ ପାଳନ ହୋଇଥାଏ। ଏହି ସମୟରେ ଦଳ ଦଳ ହୋଇ ପାରମ୍ପରିକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇ ଗ୍ରାମବାସୀ ଶିକାର ବା ପାରିଧିରେ ପାହାଡ଼ ଓ ଜଙ୍ଗଲକୁ ଯାଇଥାନ୍ତି। ଯାହା ଶିକାର କରି ଆଣନ୍ତି, ସେସବୁ ଗ୍ରାମରେ ଭୋଜିଭାତ କରି ଖାଇଥାନ୍ତି। ଏଣୁ ଆଗକୁ ଅଖାଣୀ ଆସୁଥିବାରୁ ସେମାନଙ୍କ ପାଇଁ ବିପଦ ସୃଷ୍ଟି କରିପାରେ। ଏହି ବହୁ ପୁରାତନ ପରମ୍ପରାକୁ ରୋକିବା ପାଇଁ ସଚେତନତା ଜରୁରୀ ବୋଲି ପରିବେଶବିତ୍ ହରେକୃଷ୍ଣ ମହାନ୍ତ କହିଛନ୍ତି।




Regd. Office: Hero MotoCorp Ltd., The Grand Plaza, Plot No.2, Nelson Mandela Road, Vasant Kunj - Phase -II, New Delhi - 110070, India. CIN: L35911DL1984PLC017354. It is our endeavour to improve our product. This could lead to changes in product specifications without notice. Accessories and features shown may not be a part of the standard fitment. Always wear a helmet while riding a two-wheeler. **As per the cumulative global production volume till 21st January 2021. ***Highest sales for any 2 Wheeler Corporate Entity in the world for Calendar Year 2022 - Data source: DNA Consult & Advisory's report Assessment of Global Two Wheelers Market (CY22). #Price is subject to change without any prior notice. *The offer is valid on select scooter models in select cities only, till stocks last, and is subject to change without any prior notice. T&C apply. For further information, contact nearest Hero MotoCorp authorised outlet (s) or call Toll Free No. 1800-266-0018 or visit website www.heromotocorp.com

Authorised Dealers: Bhubaneswar: Rohan Hero, Ph: 9289922474, Bharat Hero, Ph: 7799766378, DD Hero, Ph: 0674-2747448, Arundhati Hero, Ph: 9289923183, Cuttack: JMG Hero, Ph: 9289922178, Sunny Hero, Ph: 9289922697, Essen Hero, Ph: 9289923078, Angul: Parbati Hero, Ph: 9289922902, Balasore: Neelam Hero, Ph: 9289922519, Baripada: Aditya Hero, Ph: 7799766370, Bhadrak: Sanjib Hero, Ph: 9289922608, Chandikhol: S. K. Hero, Ph: 9289922900, Jagatsinghpur: Trishul Hero, Ph: 9289922675, Jajpur Road: Soumik Hero, Ph: 9289922611, Jaleswar: Sai Hero, Ph: 9289922844, Jatni: Vishal Hero, Ph: 9289922984, Keonjhar: Supreme Hero, Ph: 9289922182, Nayagarh: Bhagabati Hero, Ph: 9289922687, Puri: Sanjib Hero, Ph: 9289923107, Behrampur: Lakshmi Motors, Dharma Nagar, Ph: 9289923187, Lakshmi Automotives, Gajapati Nagar, Ph: 9289922184, Jeypore: Supreme Hero, Ph: 9289922183, Phulbani: Narayani Hero, Ph: 9289922991, Raygada: Ajit Hero, Ph: 9289922819, Bargarh: Aakash Hero, Ph: 9289922181, Bhawanipatna: Arundhati Hero, Ph: 9289922837, Bolangir: Arundhati Hero, Ph: 9289923033, Jharsuguda: Vijaylaxmi Hero, Ph: 9289922595, Rourkela: Dua Hero, Ph: 9289922179, Sambalpur: Sri Shyam Hero, Ph: 9289922484, Sonepur: Jai Jawan Hero, Ph: 9289922800, Sundergarh: Robotech Hero, Ph: 9289923063, Dhenkanal: Som Hero, Ph: 9289922614, Talcher: Tarini Hero, Ph: 9289922736.

**ଆଜିର ମନ୍ତବ୍ୟ**

ମୁଁ ଦେଶର ବିକାଶ ଓ ଗରିବଙ୍କ ମଙ୍ଗଳ ପାଇଁ ଉଦ୍ୟମ କରୁଥିବାବେଳେ କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ମୋ କବର ଖୋଳିବାରେ ବ୍ୟସ୍ତ। ଲୋକଙ୍କ ଆଶୀର୍ବାଦ ମୋ ପାଇଁ ସବୁଠୁ ବଡ଼ ସୁରକ୍ଷା କବଚ। **-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଠଖଣ୍ଡି କାଠିକି ଷୋଳଖଣ୍ଡି ଯନ୍ତ୍ରୀ**
**ବୁଝାମଣା ରଜାକୁ ପାଳଚୁଣ୍ଟା ମନ୍ତ୍ରୀ**
**ପାଳଚୁଣ୍ଟା ମନ୍ତ୍ରୀର ବାଆଁ ଆଖି କଣା**
**ଛାଡ଼ି ପଳା ଏ ରାଇଜ, କୋଦିଣ୍ଡା ବୁଝାମଣା।**

ରାଜା ଯେପରି ବିଚାରଶୂନ୍ୟ, ନୀତିନିୟମ ଶୂନ୍ୟ, କିଛି ନ ବୁଝି ମନଇଚ୍ଛା ବିଚାର କରି ନିଷ୍ପତ୍ତି ନିଅନ୍ତି, ତାଙ୍କ ମନ୍ତ୍ରୀ ମଧ୍ୟ ତଦ୍ରୂପ। ସେ ରାଜାଙ୍କୁ ମଧ୍ୟ ଠିକ୍ ବାଟ ବତେଇବାକୁ ଅକ୍ଷମ। ପାଟିରୁ କାଳେ ଭୁଲ୍ କଥା ବାହାରିଯିବ, ରାଜା ଅସୁବିଧାରେ ପଡିଯିବେ, ସେଥିପାଇଁ ମନ୍ତ୍ରୀ ପାଟିରେ ଗୋଟିଏ ପାଳଚୁଣ୍ଟା ମାରିଥା'ନ୍ତି। ଯେଉଁ ଦେଶରେ ନୀତିନିୟମ ନ ଥାଏ ସେ ଦେଶରେ ସୁବିଚାର ମିଳିପାରି ନ ଥାଏ। ଏପରିସ୍ଥଳେ ସେ ଦେଶ ଛାଡ଼ି ଚାଲିଯିବା ଶୁଭଙ୍କର ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଆସିଲି ଏକା ଯିବି ଏକା**
**ସାଙ୍ଗରେ ନ ଯିବେ ପିଲା ପିଚିକା।**

ମଣିଷ ଆସିଥାଏ ଏକା, ଯାଇଥାଏ ଏକା। ସଂସାରରୁ ମରି ହଜି ଗଲେ ସାଙ୍ଗରେ କିଛି ଧନ ସମ୍ପତ୍ତି କି ସାଙ୍ଗସାଥୀ ନେଇ ଯାଇ ପାରି ନ ଥାଏ। କେବଳ ନିଜେ ଅର୍ଜିଥିବା ପୁଣ୍ୟ ଓ ଧର୍ମକୁ ଛାଡ଼ିଦେଲେ ତାଙ୍କୁ ରିକ୍ତ ବା ଶୂନ୍ୟ ହସ୍ତରେ ଯିବାକୁ ପଡ଼ିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଗରିବଙ୍କୁ ମାଗଣାରେ କୋବି ବାଣ୍ଟିଲେ ଚାଷୀ

**କୁତ୍ରା, ୧୨।୩ (ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ବିରିଙ୍ଗାଟୋଲି ଗ୍ରାମପଞ୍ଚାୟତ ନକଟି ଗ୍ରାମର ଚାଷୀ ପଣ୍ଡିତ ଟପ୍ପୋ ଗରିବ ଲୋକଙ୍କୁ କୋବି ବାଣ୍ଟିଛନ୍ତି। ରବିବାର କୁତ୍ରାରେ ହାଟପାଳି ଥିବାବେଳେ ସେ ସକାଳୁ ଏକ ଅଟୋରେ ବନ୍ଧାକୋବି ଆଣିଥିଲେ। କୁତ୍ରା ଦେଇ ଯାଇଥିବା ବିଜୁ ଏକ୍ସପ୍ରେସ୍ ୱେ ପାର୍ଶ୍ୱରେ କୋବି ଜମାକରି ରଖିଥିଲେ। ଯେଉଁ ଗରିବ ଲୋକ ଯାଉଥିଲେ ସମସ୍ତଙ୍କୁ ଡାକି କୋବି ବାଣ୍ଟୁଥିଲେ। ଜଣେ ଲୋକଙ୍କୁ ୨ଟି ଲେଖାଏ କରି ଦେଇଥିଲେ। ଯେତିକି କୋବି ବଜାରକୁ ଆଣିଥିଲେ ସବୁ ବାଣ୍ଟି ଦେଇଥିଲେ। ଏହି ଘଟଣା କୁତ୍ରା ଅଞ୍ଚଳରେ ବେଶ୍ ଚର୍ଚ୍ଚାର ବିଷୟ ହୋଇଛି।

ଘଟଣାରୁ ଜଣାପଡ଼ିଛି ଯେ, ପଣ୍ଡିତ ଓ ତାଙ୍କ ସ୍ତ୍ରୀ ସୁଚିତା ଗୋଟିଏ ଏକର ପରିମିତ ଜମିରେ ବନ୍ଧାକୋବି ଚାଷ କରିଥିଲେ। କୋବି ଅମଳ ହେବା ପରେ ଦୁଇ ଥର ବଜାରକୁ ଆଣି ବିକ୍ରିକରି କିଛି ଟଙ୍କା ପାଇଥିଲେ। ତେବେ କୋବି ବଜାର ଦର କମ୍ ରହୁଥିବାରୁ ବିକ୍ରି କଲେ ବିଶେଷ ଅର୍ଥ ମିଳିବ ନାହିଁ। ଦୂରଦୂରାନ୍ତକୁ ନେଇ ବିକ୍ରି କରିବା ତାଙ୍କ ପାଇଁ ଅସମ୍ଭବ ହେଉଛି। ଘରେ ସେ ଦୁଇଜଣଙ୍କ ବ୍ୟତୀତ ଆଉ କେହି ନାହାନ୍ତି। ବ୍ୟବସାୟୀଙ୍କୁ ଦେଲେ ସେମାନେ ଅତି କମ ଦାମ୍ କହୁଛନ୍ତି। ନିଜେ ବିକ୍ରି କଲେ ମଧ୍ୟ ଚାଷରେ ଖର୍ଚ୍ଚ ହୋଇଥିବା ଟଙ୍କା ବାହାରୁନାହିଁ। ତେଣୁ ଉଭୟ ସ୍ୱାମୀସ୍ତ୍ରୀ ବିଚାର କଲେ କମ୍ ଦାମ୍‌ରେ ଦେବା ଅପେକ୍ଷା ସମସ୍ତ କୋବିକୁ ଗରିବ ଲୋକଙ୍କୁ ବାଣ୍ଟି ଦେବେ। ତେଣୁ ସକାଳେ କୋବିକୁ ତୋଳି ଅଟୋରେ ଆଣି କୁତ୍ରା ଅଞ୍ଚଳର ଗରିବ ଲୋକଙ୍କୁ ଅତି ଆନନ୍ଦର ସହକାରେ ବାଣ୍ଟି ଥିଲେ। ଏଥିରେ ସେ ବହୁତ ଖୁସି ଅନୁଭବ କରିଥିବା କହିଥିଲେ। ଜମିରେ କୋବି ଶେଷ ହେବା ପର୍ଯ୍ୟନ୍ତ ସେ ହାଟପାଳିରେ ଆଣି ଗରିବ ଲୋକଙ୍କୁ ବାଣ୍ଟିବେ ବୋଲି କହିଛନ୍ତି।


ଚାଷୀ ପଣ୍ଡିତ ଟପ୍ପୋ ଗରିବ ଲୋକଙ୍କୁ କୋବି ବାଣ୍ଟୁଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଦୋଳବିମାନ ଉପରକୁ ...

୨ ଜଣଙ୍କ ମୃତ୍ୟୁ ସହ ଶତାଧିକ ଆହତ ହୋଇଥିଲେ। ଏବେ ପୁଣି ଦୋଳ ମେଳଣ ଉତ୍ସବ ଚାଲିଥିବାବେଳେ ଅଘଟଣ ଘଟିଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ବାଲିଆ ବଣହରା ଗ୍ରାମର ଜୟନ୍ତ କୁମାର ଅଧିକାରୀଙ୍କ ଏହି ବିମାନ ରାତି ପ୍ରାୟ ଗୋଟାଏରେ ଉତ୍ସବ ସରିବା ପରେ ଦୋଳମେଳଣ ସ୍ଥାନରୁ ଫେରୁଥିଲା। ଏହି ସମୟରେ ଏକ ମାଛ ବୋଝେଇ ପିକଅପ୍ ଭ୍ୟାନ୍ (ଓଡି ୦୫ ଏଆର୍ ୯୩୦୯) ପଛପଟୁ ଆସି ଧକ୍କା ଦେଇଥିଲା। ଫଳରେ ଦୋଳବିମାନ ଭାଙ୍ଗିଯିବା ସହ ତାହାକୁ କାନ୍ଧେଇଥିବା ନିକଟସ୍ଥ ବଡ଼ଗାଁର ସୋମନାଥ ସାହୁଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଏଥିସହ ଅଧିକାରୀସାହି ମଠମୁଖ୍ୟଙ୍କ ପୁଅ ଅଧିକାରୀ ଦିବ୍ୟଜ୍ୟୋତି ଦାସଙ୍କର କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତ୍ୟୁ ହୋଇଛି। ଦିବ୍ୟଜ୍ୟୋତି ମଧ୍ୟ ବିମାନ କାନ୍ଧେଇଥିଲେ। ଗୁରୁତର ୬ ଜଣଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୩ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟପକ୍ଷରେ ଦୁର୍ଘଟଣା ଘଟାଇଥିବା ପିକ୍‌ଅପ୍ ଭ୍ୟାନ୍‌କୁ ଛାଡ଼ି ଚାଳକ ଫେରାର ହୋଇଯାଇଛନ୍ତି। ଏ ସମ୍ପର୍କରେ ସଦର ଥାନାଧିକାରୀ ସରୋଜ କୁମାର ସାହୁ କହିଛନ୍ତି, ପିକ୍‌ଅପ୍ ଭ୍ୟାନକୁ ଜବତ କରାଯାଇଛି। ୨ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏଥିସହ ଏକ ଅପମୃତ୍ୟୁ ମାମଲା(ନଂ.୨୩୦/୨୩) ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନାଧିକାରୀ କହିଛନ୍ତି।

### ପିକ୍‌ଅପ୍ ଧକ୍କାରେ ...

ହୋଇଯାଇଥିବା ବେଳେ ସ୍ଥାନୀୟ ଅଞ୍ଚଳବାସୀ ଓ ମୃତକଙ୍କ ପରିବାର ଲୋକେ କ୍ଷତିପୂରଣ ଦାବିରେ ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଗାଡ଼ି ଅଟକି ରହିଥିଲା। ଖବରପାଇ ଜରପଡା ପୋଲିସ ପହଞ୍ଚି ବୁଝାଶୁଝା ପାଇଁ ଉଦ୍ୟମ କରିଥିଲେ ହେଁ ଉତ୍ତ୍ୟକ୍ତ ଲୋକେ ପୋଲିସକୁ ଠେଲାପେଲା କରିଥିଲେ। ତେବେ ଉତ୍ତେଜନା ପ୍ରଶମିତ ହେବା ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେବା ସହ ଦୁର୍ଘଟଣାଗ୍ରସ୍ତ ଗାଡ଼ି ୨ଟିକୁ ଜବତ କରି ତଦନ୍ତ ଚଳାଇଛି। ଏ ସଂକ୍ରାନ୍ତରେ ଆଇଆଇସି ସରୋଜ ସାମଲ କହିଛନ୍ତି, ଉତ୍ତେଜନାକୁ ଦୃଷ୍ଟିରେ ରଖି ଅନୁଗୋଳ ଏସ୍‌ଡିପିଓ ଫୋର୍ସ ସହ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏହାପରେ ସ୍ଥିତି ନିୟନ୍ତ୍ରଣକୁ ଆସିଥିଲା।

### ବ୍ରିଟେନ୍‌ରେ ବଢୁଛି ...

କରି ବ୍ରିଟେନ୍ ଆସିଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି। ନିକଟରେ ଏକ ଜିବି ନ୍ୟୁଜ୍ ନାମକ ଟିଭି ଚାନେଲ୍ ପକ୍ଷରୁ ଏକ ଟିକ୍‌ଟକ୍ ଭିଡିଓ ଜାରି କରାଯାଇଥିଲା, ଯେଉଁଥିରେ କେତେଜଣ ଶିଖ୍ ସମ୍ପ୍ରଦାୟର ଲୋକ ପ୍ରବାସୀଙ୍କୁ ବୋଟ୍‌ରେ ବସାଇ ନେଉଥିବା ଦେଖିବାକୁ ମିଳିଥିଲା। ଉକ୍ତ ଭିଡିଓକୁ ପରବର୍ତ୍ତୀ ସମୟରେ ଶିଖ୍ ପ୍ରେସ୍ ଆସୋସିଏଶନ୍ ପକ୍ଷରୁ ନିନ୍ଦା କରାଯାଇଥିଲା। ଗତବର୍ଷ ମୋଟ ୪୫,୭୫୫ ଅନୁପ୍ରବେଶକାରୀ ବ୍ରିଟେନ୍ ଆସିଥିଲେ। ବିଶେଷ କରି ଆଲବାନିଆ, ଆଫଗାନିସ୍ତାନ, ଇରାନ୍, ଇରାକ୍ ଏବଂ ସିରିଆର ଅଧିକାଂଶ ନାଗରିକ ବେଆଇନ ଭାବେ ବ୍ରିଟେନ୍‌ରେ ପ୍ରବେଶ କରୁଥିବାବେଳେ ଭାରତ ଏହି ସୂଚୀରେ ୧୦ମ ସ୍ଥାନରେ ରହିଛି। ଏ ସଂକ୍ରାନ୍ତରେ ଗତ ଶୁକ୍ରବାର ପ୍ରଧାନମନ୍ତ୍ରୀ ସୁନକ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକରଁଙ୍କ ସହ ଆଲୋଚନା କରିଛନ୍ତି। ୨୦୨୨ରେ ମୋଟ ୩,୨୪୮ ଜଣ ଭାରତୀୟଙ୍କୁ ବ୍ରିଟେନ୍ ସରକାରଙ୍କ ପକ୍ଷରୁ ଆଶ୍ରୟ ଦିଆଯାଇଛି।

### ସମଲିଙ୍ଗୀ ବିବାହକୁ ...

ବିପରୀତଲିଙ୍ଗୀ ବ୍ୟକ୍ତିଙ୍କୁ ବିବାହ ଅଧିକାର ମିଳିବା ଉପରେ ବିଶ୍ୱାସ କରୁଥିବା ସେମାନେ କହିଛନ୍ତି। କେନ୍ଦ୍ରର ସତ୍ୟପାଠ ଉପରେ ପ୍ରତିକ୍ରିୟା ପ୍ରକାଶ କରି ସମାନ ଅଧିକାର କର୍ମୀ ହରିଶ ଆୟାର କହିଛନ୍ତି, ଭାରତ ସମରୂପତାର ନୁହେଁ ବହୁଳବାଦର ଦେଶ। ବିବିଧତା ମଧ୍ୟରେ ଏକତା ଆମେ ପିଲାଦିନୁ ପଢ଼ିଆସିଛୁ। ଆଇନ ଆଖିରେ ସମସ୍ତେ ସମାନ। ତେବେ କେବଳ ବହୁସଂଖ୍ୟକଙ୍କୁ ବିବାହ ଅଧିକାର ଦିଆଯିବାବେଳେ ସଂଖ୍ୟାଲଘୁ ସମଲିଙ୍ଗୀଙ୍କୁ କାହିଁକି ଦିଆଯିବ ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। ସତ୍ୟପାଠରେ ବ୍ୟବହୃତ ଭାଷାକୁ ମଧ୍ୟ ଆୟାର ବିରୋଧ କରିଛନ୍ତି। ସେହିପରି କ୍ୟୁ ନାମରେ ପରିଚିତ ସ୍କଟଲ୍ୟାଣ୍ଡର ସେଣ୍ଟ ଆଣ୍ଡ୍ରୁସ୍ ୟୁନିଭର୍ସିଟିର ପିଏଚ୍‌ଡି ଛାତ୍ର କହିଛନ୍ତି, ବହୁ ଶତାବ୍ଦୀ ହେଲା ଭାରତରେ ଅପ୍ରାକୃତିକ ସମ୍ପର୍କ ଚାଲିଆସିଛି। ପାରମ୍ପରିକ ଭାବେ ବିପରୀତଲିଙ୍ଗୀ ପରିବାର ହେଉଛି ରାଷ୍ଟ୍ରର ଅସ୍ତିତ୍ୱର ମୂଳଦୁଆ। ଏହା ଆଂଶିକ ଭାବେ ସତ୍ୟ ବୋଲି କ୍ୟୁ କହିଛନ୍ତି। ଭାରତରେ ଏଲ୍‌ଜିବିଟି ପ୍ଲସ୍‌ଙ୍କ ସଂଖ୍ୟା ଅନ୍ୟୂନ ୫ କୋଟି, ଯାହା ଦେଶର ଜନସଂଖ୍ୟାର ୫ ପ୍ରତିଶତରୁ କମ୍। ସେମାନଙ୍କ ମଧ୍ୟରୁ ସମଲିଙ୍ଗୀ ଯୋଡ଼ିଙ୍କ ସଂଖ୍ୟା ଅଳ୍ପ କେତେ ହଜାର ହେବେ। ସେମାନେ ବିବାହ ଅଧିକାର ପାଇଁ ଆଇନଗତ ସଂଘର୍ଷ ଚଳାଇଆସୁଛନ୍ତି। ଏଥିପାଇଁ ସରକାରଙ୍କ ଉପରେ ଚାପ ପକାଇବା ନିମନ୍ତେ ସେମାନଙ୍କ ପାଖରେ ଆବଶ୍ୟକ ସଂଖ୍ୟା ନାହିଁ। ବହୁସଂଖ୍ୟାରେ କର୍ମୀ ଏହା ଉପରେ ସଚେତନତା ଅଭିଯାନରେ ସାମିଲ ହେଲେ ଦଫା ୩୭୭ରେ ସଂଶୋଧନ ଭଳି ଏହା ଏକ ଆନ୍ଦୋଳନରେ ପରିଣତ ହୋଇପାରିବ ବୋଲି ପଶ୍ଚିମବଙ୍ଗର କନ୍‌ସଲ୍ଟାଣ୍ଟ ଶୁଭଙ୍କର ଚକ୍ରବର୍ତ୍ତୀ ମତ ଦେଇଛନ୍ତି।

# ସରପଞ୍ଚଙ୍କ ନେତୃତ୍ୱରେ ହେଉଛି ଜଙ୍ଗଲ ସୁରକ୍ଷା


ଜଙ୍ଗଲ ସୁରକ୍ଷା ନେଇ ପହରା ଦେଉଥିବା ଗ୍ରାମବାସୀ।

**ମାଥିଲି, ୧୨।୩ (ଡି.ଏନ.ଏ.)**

ଜଙ୍ଗଲ ସୁରକ୍ଷା ଓ ଜଳବାୟୁ ପରିବର୍ତ୍ତନ ନେଇ ଏବେ ସମଗ୍ର ବିଶ୍ୱ ଚିନ୍ତିତ। ସୁସ୍ଥ ସମାଜ ଲାଗି ଏ କ୍ଷେତ୍ରରେ ସମସ୍ତଙ୍କ ଦାୟିତ୍ୱ ରହିଛି। କେନ୍ଦ୍ର ଓ ରାଜ୍ୟ ସରକାର ମିଳିତ ଭାବେ ବୃକ୍ଷରୋପଣ ଉପରେ ଗୁରୁତ୍ୱ ଦେଉଛନ୍ତି। ତେବେ ମାଲକାନଗିରି ଜିଲା ମାଥିଲି ବ୍ଲକର ଏପରି ଗ୍ରାମ ରହିଛି ଯେଉଁଠି ପରିବେଶ ସୁରକ୍ଷା ଓ ଜଙ୍ଗଲ ରକ୍ଷା ଦିଗରେ ଲୋକମାନେ ଦିନ ରାତି ୨୪ ଘଣ୍ଟା ଜଙ୍ଗଲରେ ପହରା ଦେଉଛନ୍ତି। ଏ ଦିଗରେ ସରପଞ୍ଚ ଗ୍ରାମବାସୀଙ୍କ ନେତୃତ୍ୱ ନେଇଛନ୍ତି। ମାଥିଲି ବ୍ଲକ ଧୁଙ୍ଗିଆପୁଟ ପଞ୍ଚାୟତ ଅନ୍ତର୍ଗତ ବିମନପାଲି ଗ୍ରାମର ଲୋକମାନେ ଏପରି ମହତ କାର୍ଯ୍ୟରେ ସାମିଲ ହୋଇଛନ୍ତି। ବିମନପାଲି ଗ୍ରାମର ମୁଖିଆମାନେ ଜଳବାୟୁ ସନ୍ତୁଳନ ରକ୍ଷା ଉପରେ ଗୁରୁତ୍ୱ ଦେଇ ସମସ୍ତେ ଏକାଠି ହୋଇ ଏକ କମିଟି ଗଠନ କରିଛନ୍ତି। ଦୀର୍ଘ ପାଞ୍ଚ ବର୍ଷ ହେବ ସରପଞ୍ଚ ମଧୁସୂଦନ ନାୟକ ଗ୍ରାମ ଲୋକଙ୍କୁ ନେଇ ଜଙ୍ଗଲ ସୁରକ୍ଷା କରିଆସୁଛନ୍ତି। ଗ୍ରାମର ମା' ମାଉଳି ଜଙ୍ଗଲ ସୁରକ୍ଷା କମିଟିର ବରିଷ୍ଠ ସଦସ୍ୟ ତଥା ଗ୍ରାମର ନାୟକ ଗୋପୀନାଥ ପୂଜାରୀ, ସରପଞ୍ଚ

ମଧୁସୂଦନ ନାୟକ, ଭଗତ କାତି, ଧାଙ୍ଗଡା ନାୟକ, ସମାରୁ ଫଟକା, ଭଗବାନ ଦଳପତି, ନୀଳକଣ୍ଠ ପୂଜାରୀ, ନରସିଂହ ପେଦା, ଜିନୁ କାତି, ଜଗନ୍ନାଥ କୋପେଙ୍କ ସହ ଗ୍ରାମବାସୀ ଏଥିରେ ସାମିଲ ହୋଇଛନ୍ତି। ଏବେ ମଧ୍ୟ ଗ୍ରାମବାସୀ ପାଳି କରି ଦିନ ରାତି ଗ୍ରାମ ନିକଟରେ ଥିବା ମା' ମାଉଳି ଜଙ୍ଗଲକୁ ସୁରକ୍ଷା ଦେଇ ଆସିଛନ୍ତି। ଆଗାମୀ ଦିନରେ ମଧ୍ୟ ଜଙ୍ଗଲ ସୁରକ୍ଷା କରିବେ ବୋଲି ସେମାନେ ପ୍ରକାଶ କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
କର୍ମକ୍ଷେତ୍ରରେ କୌଣସି ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡ଼ିପାରେ। ନିକଟ ସମ୍ପର୍କୀୟମାନେ ପଛରେ ବିଭିନ୍ନ ପ୍ରକାର କଥା କହୁଥିବାର ଶୁଣିବାକୁ ପାଇବେ। ସାମାନ୍ୟ ଚେଷ୍ଟା ଦ୍ୱାରା ଯେଉଁଥିପାଇଁ ଚିନ୍ତିତ ରହିଥିଲେ ଆଜି ତାହା ପାଇବେ। ଫେରନ୍ତା ରାସ୍ତାରେ ମିତ୍ରତା ସ୍ଥାପନ କରିବାର ସୁଯୋଗ ପାଇବେ।

**ବୃଷ**
ପରୋକ୍ଷ ଶତ୍ରୁତା କାରଣରୁ କର୍ମକ୍ଷେତ୍ରରେ ପ୍ରତିକୂଳ ବାତାବରଣ ସୃଷ୍ଟି ହେବ। ଆଲୋଚନା କ୍ଷେତ୍ରରେ ମନ ଅସ୍ଥିର ରହିବା କାରଣରୁ କେତେକ କାମ ଠିକ୍ ସମୟରେ କରିପାରିବେ ନାହିଁ। ଅନୁଷ୍ଠାନିକ କାମରେ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ ଲାଭ କରିପାରନ୍ତି। ମାତ୍ର ଘରୋଇ କ୍ଷେତ୍ରରେ ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ।

**ମିଥୁନ**
କୌଣସି ବ୍ୟକ୍ତିଙ୍କୁ ଅପ୍ରିୟ କଟୁସତ୍ୟ କହି ସେମାନଙ୍କ ସହ ତିକ୍ତତା ସୃଷ୍ଟି ହୋଇପାରେ। ଅବଶ୍ୟ ନୂତନ କର୍ମାରମ୍ଭ ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ସଂଗଠନ, ସଭାସମିତି ଓ ଆନୁଷ୍ଠାନିକ କ୍ଷେତ୍ରରେ ନୂତନ କାମ ଆରମ୍ଭ କରି ପ୍ରଶଂସିତ ହେବେ। ସାମୟିକ ଦୁଶ୍ଚିନ୍ତା କାରଣରୁ ରକ୍ତଚାପ ମଧ୍ୟ ବଢ଼ିପାରେ।

**କର୍କଟ**
ଜଣେ ପ୍ରତିଷ୍ଠାବାନ୍ ବ୍ୟକ୍ତିଙ୍କ ସାନ୍ନିଧ ଲାଭ କରି ଆତ୍ମବିଭୋର ହୋଇପାରନ୍ତି। ମାଲିମକଦ୍ଦମାରେ ଜୟଲାଭ କରିବାର ଆଶା କ୍ରମଶଃ ବୃଦ୍ଧି ପାଇପାରେ। ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ବିଦ୍ରୋହ ଓ ଅଶାନ୍ତି ବଢ଼ିବ। କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ପ୍ରତିଯୋଗିତାରେ ସଫଳତା ଅର୍ଜନ କରିବେ।

**ସିଂହ**
ଋଣ ପରିଶୋଧ କରିବାର ରାସ୍ତା ଖୋଜି ନ ପାଇବାରୁ ଅସ୍ଥିରତା ବୃଦ୍ଧିପାଇବ। କ୍ରୀଡ଼ା, କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବେ। କର୍ମକ୍ଷେତ୍ରରେ ପରିବାରବର୍ଗଙ୍କ ସହାୟତା ପାଇବେ ଓ ଆନନ୍ଦ ମନରେ କାମ କରିବେ। ଶତ୍ରୁତା କରୁଥିବା ବ୍ୟକ୍ତିମାନଙ୍କ ପ୍ରତି ଦୂରତ୍ୱ ବଜାୟ ରଖି ଚଳିବା ଭଲ ହେବ।

**କନ୍ୟା**
ଶତ୍ରୁତା କରୁଥିବା ଲୋକଟି ମନକୁ ବାଧିଲା ଭଳି କଥା କହିପାରେ। ସାମାଜିକ ସ୍ତରରେ ଆଳସ୍ୟ ଯୋଗୁ ବନ୍ଧୁମହଲରେ ଅପମାନିତ ହୋଇପାରନ୍ତି। କୌଣସି ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଭୁଲ୍ ମାର୍ଗରେ ଅନୁଧାବନ କରିବେ। ସ୍ଥଗିତ ରହିଯାଇଥିବା କାମ ସକାଶେ ଅନ୍ୟମାନଙ୍କର ସାହାଯ୍ୟ ନେବାପାଇଁ ବାଧ ହେବେ।

**ତୁଳା**
ଫେରି ଯାଉଥିବା ବନ୍ଧୁଟି ବାଟରୁ ଲେଉଟି ଆସିବ, ଫଳରେ ନିଜର କାମ ସମ୍ପନ୍ନ କରିବାରେ ବ୍ୟସ୍ତତା ବଢିଯାଇପାରେ। ସହକର୍ମୀଙ୍କ ସହ ବିବାଦ ବୃଦ୍ଧି ହେବ ମାତ୍ର ଆପଣଙ୍କୁ ଅନ୍ୟମାନେ ସାହାଯ୍ୟ କରିବେ। ପରିବାରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିଯିବ। ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା କିମ୍ବା ଆନୁଷ୍ଠାନିକ ଦିଗକୁ ମନ ବଳାଇପାରନ୍ତି।

**ବିଛା**
ଅର୍ଥ ସମ୍ପର୍କରେ ଯେତେ ପାଇଲେ ମଧ୍ୟ ଆହୁରି ଅଧିକ ସକାଶେ ବ୍ୟାକୁଳତା ପ୍ରକାଶ କରିବେ। ପରିବହନ, ଶିଳ୍ପ ଓ ବାଣିଜ୍ୟରେ ପ୍ରତିବନ୍ଧକ ଦୂରେଇବା ପାଇଁ ପ୍ରଯତ୍ନ କରି ସଫଳ ହେବେ। ଘରୋଇ ବ୍ୟାପାରରେ ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେବ। ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରି ସମସ୍ୟାକୁ ଡାକି ଆଣିପାରନ୍ତି।

**ଧନୁ**
କୌଣସି ପରିଚିତ ବ୍ୟକ୍ତିଙ୍କ କାର୍ଯ୍ୟକଳାପ କର୍ମ କ୍ଷେତ୍ରକୁ ବିଶୃଙ୍ଖଳିତ କରିପାରେ। ପିଲାମାନଙ୍କ ସଫଳତାରେ ଆନନ୍ଦ ଅନୁଭବ କରିବେ। ବାଟରେ ଯିବା ସମୟରେ ଯାନ୍ତ୍ରିକ ତ୍ରୁଟି ଅସୁବିଧାରେ ପକାଇପାରେ। ଏଣୁ ଗାଡିକୁ ପରଖି ନେବା ଭଲ ହେବ। ଚେଷ୍ଟା କରୁଥିବା କାମରେ ପରିବାରରୁ ପୂର୍ଣ୍ଣ ସହଯୋଗ ଲାଭକରି କାର୍ଯ୍ୟ ସାଧନ କରିବେ।

**ମକର**
ଶାରୀରିକ ଅସୁସ୍ଥତା ଦୂରେଇବା ହେତୁ ଆଶ୍ୱସ୍ତି ଲାଭ କରିବେ। ଉପରିସ୍ଥ ଅଧିକାରୀ କାମ ହାସଲ ସକାଶେ ଆପଣଙ୍କ ସହଯୋଗ ଲୋଡ଼ିପାରନ୍ତି। ଶତ୍ରୁମାନେ ବିଭିନ୍ନ ଝମେଲା ସୃଷ୍ଟି କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ନିର୍ମାଣ, ସଭାସମିତି, ଲେଖାପଢ଼ା ପ୍ରଭୃତିରୁ ସୁଫଳ ପାଇବେ।

**କୁମ୍ଭ**
ଆଜି ବନ୍ଧୁରେ କଳହ, ଧନହାନି, ପରିବହନରେ ତର୍କ ବିତର୍କର ସମ୍ମୁଖୀନ ହୋଇପାରନ୍ତି। ପାରିବାରିକ ସମସ୍ୟାର ସମାଧାନ ସକାଶେ ନିଜର ବନ୍ଧୁମାନଙ୍କ ସାହାଯ୍ୟ ଭିକ୍ଷା କରିବାକୁ ପଡ଼ିପାରେ। କଳା, କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ରାଜନୀତି ଓ ସାହିତ୍ୟ କ୍ଷେତ୍ରରେ ସମସ୍ୟା ସମାଧାନ ହେବ। ପୁରାତନ ରୋଗରେ କଷ୍ଟ ପାଇବେ।

**ମୀନ**
କର୍ମ କ୍ଷେତ୍ରରେ ଅନ୍ୟ ଦ୍ୱାରା ପ୍ରଭାବିତ ହେବା ଦ୍ୱାରା ସମ୍ପର୍କ ହାନି ଦୁଶ୍ଚିନ୍ତାର କାରଣ ହେବ। ପରିବାର କ୍ଷେତ୍ରରେ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ସାମାଜିକ ସ୍ତରରେ ଅଯଥା ବ୍ୟସ୍ତତା ପ୍ରକାଶ କରି ସମାଲୋଚିତ ହେବେ। ଯାତ୍ରା ସମୟରେ ଅପରିଚିତ ବ୍ୟକ୍ତିଙ୍କୁ ବିଶ୍ୱାସ କରି ଖାଲରେ ପଡ଼ିପାରନ୍ତି।

ଆଜି ଚୈତ୍ର କୃଷ୍ଣ ଷଷ୍ଠୀ ସୋମବାର, ମାର୍ଚ୍ଚ ୧୩ ତାରିଖ, ରାଜ୍ୟଗୋଷ୍ଠୀ ଦିବସ, ରାଶି ନକ୍ଷତ୍ର ଦିବା ଘ.୦୮/୨୦ ଗତେ, ଅନୁରାଧା/ବିଛା, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବ୍ରତୋପନୟନ, ବିବାହ ପାଣିଗ୍ରହଣ, ଗୃହାରମ୍ଭ ଓ ଗୃହପ୍ରବେଶ ପାଇଁ ଶୁଭଦିନ, ସକାଳ ଘ.୦୬/୦୦ ଗତେ, ଘ.୦୭/୨୯ ମଧ୍ୟେ, ଘ.୧୦/୪୫ ଗତେ, ଘ ୦୧/୦୭ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୭/୨୯ ଗତେ, ଘ.୦୮/୫୮ ମଧ୍ୟେ ରାହୁ କାଳ।।

# ମନ୍ଦିର ନିର୍ମାଣ ପାଇଁ ଗଜପତିଙ୍କୁ ମହାପ୍ରଭୁଙ୍କ ଆଶୀର୍ବାଦ ମିଳିଥିଲା

## ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣରେ ଶ୍ରୀମନ୍ଦିରର ଅବଦାନ

**ଡ. ସୁରେନ୍ଦ୍ର କୁମାର ମିଶ୍ର**

ଐତିହ୍ୟର ଓଡ଼ିଶା

ଗଜପତି କାମର ଅଗ୍ରଗତି ଦେଖିବା ପାଇଁ ଆସିବା ପୂର୍ବରୁ ଗୋଲରାଗଡ଼ର ୧୨୬୦ ଜଣ ପାଇକ ସେଠାକୁ ଯାଇ ପଥୁରିଆଙ୍କ ପାଇଁ ଅସ୍ଥାୟୀ ଶିବିର ତିଆରି କରିସାରିଥିଲେ। ରାଜକୋଷରୁ କୌଣସି ପାରିଶ୍ରମିକ ନ ନେଇ ଓଲଟି ପ୍ରଥମେ ୩୮ ଭରଣ ଧାନ ଯୋଗାଇ ଦେଇଥିଲେ। ପ୍ରତିବର୍ଷ ଦୋଳପୂର୍ଣ୍ଣିମା ଜନ୍ତାଳରେ ୨୦ରୁ ୨୫ ଭାର ପରିବା ଗଡ଼ ସାନ୍ତ ଯୋଗାଇ ଦେଉଥିଲେ।

ଆମେ ଗୋଟିଏ ପ୍ରାଚୀନ ଗଡ଼ର ଅବଦାନ ଓ ସହଯୋଗ ବିଷୟରେ ଉଲ୍ଲେଖ କରିବାର ଉଦ୍ଦେଶ୍ୟ ପାଉଣା ନ ନେଇ ମନ୍ଦିର ନିର୍ମାଣରେ କିପରି ସାହାଯ୍ୟ କରୁଥିଲେ ଗଡ଼ୁଆ ପାଇକ ତଥା ତାଙ୍କ ମୁରବି। ଆମେ କୋଣାର୍କ ଅଞ୍ଚଳର ଗାଁକୁ ଗାଁ ଅନୁସନ୍ଧାନ କରିବା ପରେ ୨୧ଟି ଗାଁ ଓ ଗଡ଼ର ସିଧାସଳଖ ସହଯୋଗ ରହିଥିଲା ମନ୍ଦିର ନିର୍ମାଣ ଦିଗରେ ବୋଲି ତାଲିକା କରିଛୁ। ଏହା ବଢ଼ିପାରେ। ଏମାନେ ପାଉଣା ନେଇନାହାନ୍ତି, ସବୁପ୍ରକାର ସହଯୋଗ କରିଛନ୍ତି। ଓଡ଼ିଶାର ଅନ୍ୟାନ୍ୟ ଅଞ୍ଚଳର ରାଜା, ମହାରାଜା, ଦଳବେହେରା, ଗଡ଼ନାୟକ ଓ ସାଧାରଣ ଜନତାଙ୍କର ଅବଦାନ ସ୍ମରଣ କରିବା କଥା। ଆମେ ପୂର୍ବରୁ ସ୍ମରଣ କରି ପ୍ରସଙ୍ଗ ଅନୁଯାୟୀ ଉପସ୍ଥାପନ କରିଅଛୁ। ଆହୁରି ଅନେକ ବାକି ଅଛି।

ପୂର୍ବରୁ ସୂଚନା ଦେଇଥିଲୁ କୋଣାର୍କରେ ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣ ସମୟରେ ଶ୍ରୀମନ୍ଦିରର ମଧ୍ୟ ଅବଦାନ ଥିଲା। ଅଖଣ୍ଡ ଓଡ଼ିଶା ଗାଁ ଗହଳିଠାରୁ ଗଡ଼ ପର୍ଯ୍ୟନ୍ତ ସଭିଏଁ ଯେପରି ସହଯୋଗର ହାତ ବଢ଼ାଇଥିଲେ, ଶ୍ରୀମନ୍ଦିର ପରିଚାଳନା କର୍ତ୍ତୃପକ୍ଷ ମଧ୍ୟ ସେହିପରି ବିଭିନ୍ନ ଦିଗରୁ ସହଯୋଗ ଦେଇଥିଲେ।

ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣ ଆରମ୍ଭ ବେଳେ ଗଜପତି ଲାଙ୍ଗୁଳା ନରସିଂହ ଦେବ ଲଙ୍କାପଡ଼ା ଶିବିରରେ ପହଞ୍ଚିଥିଲେ। ଉପସ୍ଥିତ ଥିଲେ ସାତଶହ ଶିଳ୍ପୀ ଓ ସାତଜଣ ଓଝା (କମାର)। ସେଠାରେ ପହଞ୍ଚିଥିଲେ ଭୁବନମୋହନ ପୁରୋହିତ ଏବଂ ଭୁବନେଶ୍ୱର ରାଜଗୁରୁ। ଗଜପତିଙ୍କ ରାଜଗୁରୁ ଏବଂ ପୁରୋହିତ ମଙ୍ଗଳାର୍ପଣ ବିଧି ଶେଷ କରିବା ପରେ ମହାପ୍ରଭୁଙ୍କ 'ଶ୍ରୀକାପଡ଼ା' ଗଜପତିଙ୍କୁ ପ୍ରସାଦ ରୂପେ ଅର୍ପଣ କରିଥିଲେ। ଶ୍ରୀକାପଡ଼ା ପ୍ରଦାନ ପରମ୍ପରା ସେତେବେଳେ ଥିଲା ଏବଂ ଏହା ମହାପ୍ରଭୁଙ୍କ ଆଜ୍ଞା ବା ଆଦେଶ ରୂପେ ଗ୍ରହଣ କରାଯାଉଥିଲା। ଏଥିରୁ ସ୍ପଷ୍ଟ ହୁଏ କୋଣାଦିତ୍ୟରେ ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣ ପାଇଁ ମହାପ୍ରଭୁଙ୍କ ଆଶୀର୍ବାଦ ସ୍ୱରୂପ ଗଜପତିଙ୍କୁ ଅନୁମତି ମିଳିଥିଲା, ଯାହା ଶ୍ରୀକାପଡ଼ା ପ୍ରଦାନରୁ ସ୍ପଷ୍ଟ ହୁଏ।


ତତ୍କାଳୀନ ଶ୍ରୀଶଙ୍କରାନନ୍ଦ ମଠର ବର୍ତ୍ତମାନ ଦୃଶ୍ୟ। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

ଅନୁସନ୍ଧାନରୁ ଜଣାଯାଏ ଶ୍ରୀପୁରୁଷୋତ୍ତମ କ୍ଷେତ୍ର, ଶ୍ରୀପୁରୁଷୋତ୍ତମ ମନ୍ଦିର ଓ ମନ୍ଦିରର ସେବକ କୋଣାଦିତ୍ୟରେ ମନ୍ଦିର ନିର୍ମାଣ ଆରମ୍ଭରୁ ଅନେକ ଦିଗରୁ ଜଡ଼ିତ ରହିଥିଲେ। ଫଳରେ ଉଭୟ କ୍ଷେତ୍ର ମଧ୍ୟରେ ଶଗଡ଼ରେ ହେଉ କି ହାତୀ, ଘୋଡ଼ାରେ ହେଉ କି ପାଲିଙ୍କିରେ କିମ୍ବା ପାଦରେ ଚାଲି ଚାଲି ଯିବା-ଆସିବା କରିବାକୁ ପଡ଼ିଥିଲା। ସେତେବେଳେ ଆଜି ଭଳି ରାସ୍ତାର ସୁବିଧା ନ ଥିଲା, ନଈନାଳ ଦେଇ ଯିବାକୁ ହେଉଥିଲା। ସବୁଠାରୁ ଅଧିକ ସମସ୍ୟା ଥିଲା ବ୍ୟବହାର ପାଇଁ ଜଙ୍ଗଲ ଓ ବାଲୁକାମୟ ରାସ୍ତାରେ ଜଳର ଆବଶ୍ୟକତା।

ସେଥିପାଇଁ ପୁରୀ-କୋଣାର୍କ ରାସ୍ତାରେ ୮୨ ମାଢ଼ ସୁନା ବ୍ୟୟ କରାଯାଇ ଦୁଇଟି ପୋଖରୀ ଖୋଳାଯାଇଥିଲା। ମନ୍ଦିର ନିର୍ମାଣର ଆବଶ୍ୟକ ଅନୁଯାୟୀ କେତେକ ଦ୍ରବ୍ୟ ପୁରୀକୁ ଆସି ପହଞ୍ଚିଲେ ତାହାକୁ ଶଗଡ଼ ଗାଡ଼ିରେ କୋଣାର୍କକୁ ପଠାଯାଉଥିଲା। ଉଦାହରଣ ସ୍ୱରୂପ ଦକ୍ଷିଣରୁ ଝୁଣା ପହଞ୍ଚିବା ପରେ ୩ଟି ଶଗଡ଼ରେ କୋଣାର୍କକୁ ପଠାଯାଇଥିଲା। ରାସ୍ତାରେ ବଳଦ/ମଇଁଷି ଏବଂ ଶଗଡ଼ିଆଙ୍କ ବ୍ୟବହାର ପାଇଁ ମଧୁର ଜଳର ବ୍ୟବସ୍ଥା କରାଯାଇଥିଲା।

**ମହାପୁରୁଙ୍କ ଆଜ୍ଞାମାଳ:**

ଶ୍ରୀମହାଭାସ୍କର ବିଗ୍ରହଙ୍କ ନିର୍ମାଣ ଆରମ୍ଭ ହୋଇଥିଲା ପବିତ୍ର ଅକ୍ଷୟ ତୃତୀୟା ଦିନ। ବିରାଟ ପଥର ଉପରେ ସୂତାରେ ମାପ ଦେଲେ ଶିବେଇ ସାମନ୍ତରା। ମାପ ଅନୁଯାୟୀ ଠିକ୍ ମସ୍ତକ ଉପରେ ଚିହ୍ନ ଦେଲେ ମାନଗୋବିନ୍ଦ ରାଜଗୁରୁ। ଶ୍ରୀମହାଭାସ୍କରଙ୍କ ଧ୍ୟାନମନ୍ତ୍ର ଅନୁଯାୟୀ ଏହି ଚିହ୍ନ ଦିଆଯାଇଥିଲା। ଏ ସମସ୍ତ କାମ ଆରମ୍ଭ ପାଇଁ ମହାପ୍ରଭୁଙ୍କ ଆଜ୍ଞାମାଳ ପୁରୀରୁ ଯାଇ ପ୍ରଦାନ କରାଯାଇଥିଲା। ପ୍ରଦାନ କରିଥିଲେ ମାନଗୋବିନ୍ଦ ରାଜଗୁରୁ। ଆଜ୍ଞାମାଳର ରହସ୍ୟ ହେଉଛି ଶ୍ରୀଜଗତର ନାଥଙ୍କ ସ୍ୱୀକୃତି।

**କୋଣାର୍କରେ ଶ୍ରୀଶଙ୍କରାନନ୍ଦ ମଠ ସ୍ୱାମୀ:**

ଶ୍ରୀମହାଭାସ୍କରଙ୍କ ବିଗ୍ରହ ଆରମ୍ଭ ହେବା ପରେ ପରେ ବୃଷ ସଂକ୍ରାନ୍ତି ଯିବା ଦୁଇ ଦିନରେ ପୁରୀରୁ କୋଣାଦିତ୍ୟ ଯାଇଥିଲେ ଶ୍ରୀଶଙ୍କରାନନ୍ଦ ମଠର ସ୍ୱାମୀ। ମଠର ସ୍ୱାମୀ ସେତେବେଳେ ଥିଲେ ଶ୍ରୀପୁରୁଷୋତ୍ତମ ଦେଉଳର ପରିଚ୍ଛା ଦାୟିତ୍ୱରେ। ଗଜପତିଙ୍କ ଆମନ୍ତ୍ରଣ କ୍ରମେ ମଠାଧୀଶ ଶ୍ରୀନରସିଂହ ସରସ୍ୱତୀ କୋଣାର୍କରେ ପହଞ୍ଚିବା ପରେ ରହଣି ବ୍ୟବସ୍ଥା କରାଯାଇଥିଲା। ସାତଜଣ ଶ୍ରୋତ୍ରୀୟ ବ୍ରାହ୍ମଣଙ୍କୁ ଆଠଦିନ ପାଇଁ ନିଯୁକ୍ତି କରାଯାଇଥିଲା ସ୍ୱାମୀଙ୍କୁ ସହଯୋଗ କରିବା ଲାଗି। ପ୍ରଥମେ ତାଙ୍କର ପାଦପୂଜା କାର୍ଯ୍ୟ ସମାପନ ପରେ ଶିବେଇ ସାମନ୍ତରା ଗୋଟିଏ ଗଙ୍ଗ ମାଢ଼ ସୁନା ମୋହର ସ୍ୱାମୀଙ୍କୁ ଭେଟିଦେଇଥିଲେ। ଶ୍ରୀନରସିଂହ ସରସ୍ୱତୀ ତାହା ଫେରାଇ ଦେଇଥିଲେ ଶିବେଇ ସାମନ୍ତରାଙ୍କୁ ଉପହାର ସ୍ୱରୂପ। ଶିବେଇ ସାମନ୍ତରାଙ୍କୁ ଉପହାର ଦେବାର ଉଦ୍ଦେଶ୍ୟ ମଧ୍ୟ ଆମକୁ ମିଳେ। ଉଦ୍ଦେଶ୍ୟ ଥିଲା ଶ୍ରୀମଦ୍ ଜଗଦ୍‌ଗୁରୁ ଆଦି ଶଙ୍କରାଚାର୍ଯ୍ୟଙ୍କର ସିଦ୍ଧଯୋଗ ମୁଦ୍ରାର ଗୋଟିଏ ପ୍ରତିମୂର୍ତ୍ତି ନିର୍ମାଣ ହେବ। ଆଦି ଶଙ୍କରଙ୍କର ଉକ୍ତ ବିଗ୍ରହ ଶ୍ରୀପଦ୍ମକେଶର ମନ୍ଦିର ପରିସରରେ ସ୍ଥାପନ ହେଉ ବୋଲି ତାଙ୍କର ଉଦ୍ଦେଶ୍ୟ ଥିଲା।

ଶିବେଇ ସାମନ୍ତରା ମନ୍ଦିର ନିର୍ମାଣ କାର୍ଯ୍ୟ ତାଙ୍କୁ ଟିକିନିଖି ଦେଖାଇଥିଲେ। ସ୍ୱାମୀଙ୍କ ଉପସ୍ଥିତି କାଳରେ ଶ୍ରୀଶଙ୍କରଙ୍କ ବିଗ୍ରହ ନିର୍ମାଣ ପାଇଁ ପଥର ବଛାଯାଇ ଶିଳ୍ପୀଙ୍କୁ ହସ୍ତାନ୍ତର ହୋଇଥିଲା। ପରବର୍ତ୍ତୀ ସମୟରେ ଗୋପୀନାଥ ବଡ଼ଜେନା ନିଜେ ୩୦ ମାଢ଼ ସୁନା ପ୍ରଦାନ କରିଥିଲେ ଆଦି ଶଙ୍କରଙ୍କ ବିଗ୍ରହ ଗଢ଼ିବା ପାଇଁ। ଗୋପୀନାଥ ଥିଲେ ଶ୍ରୀଗୋବର୍ଦ୍ଧନ ମଠର ଶିଷ୍ୟ। ଏଥିପାଇଁ 'ପିଠାଖିଆ' ଅର୍ଥାତ୍ ସ୍ୱତନ୍ତ୍ର ପୁରସ୍କାର ଦିଆଯାଇଥିଲା। ଶ୍ରୀଶଙ୍କରାନନ୍ଦ ମଠର ପୂର୍ବତନ ସ୍ୱାମୀ ମହାରାଜଙ୍କ ନିକଟରୁ ଉଦ୍ଧାର କରାଯାଇଥିବା କାଗଜାତରେ ମଠାଧୀଶ ତାଲିକାରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଓ ପଦ୍ମପାଦାଚାର୍ଯ୍ୟ ପ୍ରଥମେ ରହିଥିବାବେଳେ ଯାହାଙ୍କ ନାମରେ ମଠ ପ୍ରସିଦ୍ଧ ଶ୍ରୀଶଙ୍କରାନନ୍ଦ, ସେ ଚତୁର୍ଥରେ ଅଛନ୍ତି। ଏହା ଠିକ୍ ଲାଗୁନାହିଁ। ଦଶନାମୀ ସମ୍ପ୍ରଦାୟର ଅନ୍ୟତମ ପୀଠ ହେଉଛି ଶ୍ରୀଶଙ୍କରାନନ୍ଦ ମଠ। ଆଦିଶଙ୍କରଙ୍କ ପରେ ଚତୁର୍ଥରେ ଶଙ୍କରାନନ୍ଦଙ୍କ ନାମ ଥିବାରୁ ଏବଂ ଶ୍ରୀପଦ୍ମପାଦାଚାର୍ଯ୍ୟ ତାଙ୍କରି ସମୟରେ ପୁରୀ ଆସିଥିବାରୁ ୩ଶହ ବର୍ଷରୁ ଅଧିକ ବର୍ଷ ମଧ୍ୟରେ ବାଳବ୍ରହ୍ମାନନ୍ଦସ୍ୱାମୀଙ୍କ ପରେ ଶ୍ରୀଶଙ୍କରାନନ୍ଦ ଉକ୍ତ ମଠର ସ୍ୱାମୀ ହୋଇଥିଲେ, ମାତ୍ର ଦୁଇଜଣ? ଆମେ ୩୦୦ ବର୍ଷରୁ ଅଧିକ ବର୍ଷ କହିବାର କାରଣ ଶ୍ରୀଶଙ୍କରାନନ୍ଦ ୧୨୦୦ ମସିହାର ପ୍ରଥମ କିମ୍ବା ଦ୍ୱିତୀୟ ଶତକରେ ସ୍ୱାମୀ ଥିଲେ ବୋଲି ସମ୍ଭାବନା କରାଯାଉଛି। ଏହା ଅସଙ୍ଗତ ଲାଗୁଛି।

# ପ୍ରଚେଷ୍ଟାରୁ ପ୍ରତିଷ୍ଠିତ ବ୍ୟବସାୟୀ

**ମେଧାବୀ ଛାତ୍ର ଜଣକ ମନରେ ଅନେକ ଆଶା ବାନ୍ଧି କେନ୍ଦୁଝରରୁ ଭୁବନେଶ୍ୱର ଉଚ୍ଚଶିକ୍ଷା ପାଇଁ ଆସି ସଫଳତାର ସହ ଶିକ୍ଷା ଶେଷକରି ନିଯୁକ୍ତି ପାଇଁ ପ୍ରସ୍ତୁତି କରୁଥାନ୍ତି। ହେଲେ ସମୟକ୍ରମେ ପାରିବାରିକ ଘଟଣା ପାଇଁ ସେ ଭୁବନେଶ୍ୱରରୁ କେନ୍ଦୁଝରକୁ ଫେରିଆସନ୍ତି। ଏପରିକି ପାରିବାରିକ ବ୍ୟବସାୟ ସହିତ ବାପାଙ୍କ ସହ ସହଯୋଗୀ ହେବାକୁ ପଡ଼ିଥିଲା। କଠିନ ପରିଶ୍ରମ ଓ ଦୃଢ଼ ଇଚ୍ଛାଶକ୍ତି ବଳରେ ସେ ଅଳ୍ପ ଦିନରେ ଅନେକ କିଛି ସଫଳତା ହାସଲ କରିଛନ୍ତି। ପରବର୍ତ୍ତୀ ସମୟରେ ସେ ଖଣି ବ୍ୟବସାୟରେ ପ୍ରବେଶକରି ଆଶାନୁରୂପ ସଫଳତା ମଧ୍ୟ ପାଇଛନ୍ତି। ସେହି ସଫଳ ଖଣି ବ୍ୟବସାୟୀ ତଥା ମେସର୍ସ ଟି.ପି. ମହାନ୍ତି ପ୍ରା.ଲି.ର ପରିଚାଳନା ନିର୍ଦ୍ଦେଶକ ତାରିଣୀ ପ୍ରସାଦ ମହାନ୍ତିଙ୍କ ସହ ଧରିତ୍ରୀର ସ୍ୱତନ୍ତ୍ର ଆଳାପ....**


ତାରିଣୀ ପ୍ରସାଦ ମହାନ୍ତି

**ପ୍ର-୧: ଖଣି ବ୍ୟବସାୟର ଯାତ୍ରା କିଭଳି ରହିଛି?**
ଉ- ୮୦ଦଶକରେ ପରିସ୍ଥିତିରେ ପଡ଼ି ମୋତେ ଭୁବନେଶ୍ୱରରୁ କେନ୍ଦୁଝର ଫେରିବାକୁ ପଡ଼ିଥିଲା। ଏପରିକି ବହୁ ଘାତ ପ୍ରତିଘାତ ମଧ୍ୟରେ ପରିବାର ଓ ପାରିବାରିକ ବ୍ୟବସାୟରେ ଜଡ଼ିତ ହେବା ସାଙ୍ଗକୁ ଅନ୍ୟ ବ୍ୟବସାୟରେ ମଧ୍ୟ ଜଡ଼ିତ ହୋଇ ରହିଲି। ବିଶେଷକରି କେନ୍ଦୁଝର ଏକ ଖଣିଭିତ୍ତିକ ଜିଲା ହୋଇଥିବାରୁ ୯୦ ଦଶକରେ ମୁଁ ଖଣି ବ୍ୟବସାୟରେ ପ୍ରବେଶ କରିବାକୁ ଆବଶ୍ୟକ ପ୍ରୟାସ ଓ ପ୍ରଚେଷ୍ଟା ଆରମ୍ଭ କରିଥିଲି। ଦୀର୍ଘ ୧୮ ବର୍ଷର କସରତ ଓ ନୀତିନିୟମ ଏବଂ ପ୍ରଣାଳୀ ମଧ୍ୟରେ ଅହରହ ଚେଷ୍ଟା ପରେ ୨୦୦୯ରେ ଆନୁଷ୍ଠାନିକ ଭାବେ ଖଣି ବ୍ୟବସାୟରେ ପ୍ରବେଶ କରିଥିଲି। ପରବର୍ତ୍ତୀ ସମୟରେ ଆବଶ୍ୟକ ସରକାରୀ କାଗଜପତ୍ର ଓ ପ୍ରତିକୂଳ ପରିସ୍ଥିତିରେ ବ୍ୟବସାୟ ଜାରି ରହିଛି। ବହୁ ଘାତ ପ୍ରତିଘାତ ଓ ଆଇନକାନୁନ ସହ ବୃହତ୍ ଖଣି କମ୍ପାନୀ ତଥା ଲିଜ୍‌ଧାରୀଙ୍କ ମଧ୍ୟରେ ବ୍ୟବସାୟ ଅଗ୍ରସର ହୋଇଚାଲିଛି।

**ପ୍ର-୨: ୨୦୦୦ମସିହା ପୂର୍ବ ଏବଂ ପରବର୍ତ୍ତୀ ଖଣି ଆବଣ୍ଟନକୁ କିଭଳି ଦେଖୁଛନ୍ତି?**
ଉ- ୨୦୦୦ ମସିହାର ପୂର୍ବ ୨୦ବର୍ଷ (୧୯୮୦) ଏବଂ ପରବର୍ତ୍ତୀ ୨୦ବର୍ଷ (୨୦୨୦) ମଧ୍ୟରେ ଅନେକ ଫରକ ଏବଂ ପରିବର୍ତ୍ତନ ଆସିଛି। ବିଶେଷକରି ବର୍ତ୍ତମାନ ସମୟରେ ଖଣି ଲିଜ୍‌ଧାରୀମାନେ ବୃହତ୍ ବିଡର ହୋଇଥିବା ବେଳେ ସ୍ଥାନୀୟ ଏବଂ ମଧ୍ୟମ ବର୍ଗର ବିଡରମାନେ ଅନେକାଂଶରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏପରିକି ୮୦ ଓ ୯୦ଦଶକରେ ସରକାର ସ୍ଥାନୀୟ ଖବରକାଗଜ ମାଧ୍ୟମରେ ସମ୍ପୃକ୍ତ ଖଣିର ବିବରଣୀ ସହ ନିଲାମୀ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରୁଥିବା ବେଳେ ବର୍ତ୍ତମାନ ଅନେକ ସରକାରୀ ନୀତିନିୟମ ଏବଂ ଅନ୍‌ଲାଇନ ଜରିଆରେ ଖଣି ନିଲାମ କରାଯାଉଛି। ସେହିଭଳି ସେ ସମୟରେ ବିଡରମାନେ ଆଶାପୋଷଣ କରୁଥିବା ବେଳେ ବର୍ତ୍ତମାନ ଭାଗ୍ୟରେ ଥିଲେ ମିଳିବ ବୋଲି ଆକଳନ କରାଯାଉଛି।

**ପ୍ର-୩: ଡିଏମ୍‌ଏଫ୍ ବିଷୟରେ କ'ଣ କହିବେ?**
ଉ- ଜିଲା ଖଣିଜ ପାଣ୍ଠି (ଡିଏମ୍‌ଏଫ୍) ସମ୍ପୃକ୍ତ ଜିଲାର ଅତ୍ୟାବଶ୍ୟକ ବିକାଶ କାର୍ଯ୍ୟରେ ବିନିଯୋଗ ପାଇଁ ଉଭୟ ସରକାର ଓ ଜିଲା ପ୍ରଶାସନ ଜରିଆରେ କାର୍ଯ୍ୟକାରୀ କରାଯାଇଥାଏ। ହେଲେ ବର୍ତ୍ତମାନ ସମୟରେ ଉକ୍ତ ପାଣ୍ଠି ଅବାଟରେ ବିନିଯୋଗ ହେଉଛି। ସରକାର ଉକ୍ତ ପାଣ୍ଠିକୁ ସମ୍ପୃକ୍ତ ଜିଲାର ବିକାଶ ସହ ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ ଓ ଗମନାଗମନ (ରାସ୍ତା) ଦିଗରେ ଠିକ୍ ଭାବେ ବିନିଯୋଗ କରିପାରିଲେ ସବୁ ବର୍ଗଙ୍କର ବିକାଶ ଓ ଉନ୍ନତି ହୋଇପାରିବ। ସରକାର ଉକ୍ତ ପାଣ୍ଠି ସୁବିନିଯୋଗ କଲେ ଉଭୟ ଖଣି ଅଞ୍ଚଳର ଅଧିବାସୀ ଓ ଜିଲାର ବିକାଶ ଏବଂ ଅଭିବୃଦ୍ଧି ଘଟିପାରିବ ବୋଲି ଆଶା କରାଯାଉଛି।

**ପ୍ର-୪: ଖଣି ବ୍ୟବସାୟରେ ସ୍ୱଚ୍ଛତା କିଭଳି ଆସିପାରିବ ?**
ଉ- ପ୍ରତି ବ୍ୟବସାୟରେ ବ୍ୟବସାୟୀଙ୍କ ଆଭିମୁଖ୍ୟ ଓ ସଚ୍ଚୋଟତା ଉପରେ ଉକ୍ତ ବ୍ୟବସାୟର କାର୍ଯ୍ୟଧାରା ଓ ଶୈଳୀ ନିର୍ଭର କରିଥାଏ। ପୂର୍ବର ଖଣି ବ୍ୟବସାୟ ସମ୍ପର୍କରେ ବିଶେଷ ଅବଗତ ନୁହେଁ। କିନ୍ତୁ ୨୦୦୦ ପରଠାରୁ ଖଣି ବ୍ୟବସାୟରେ ଅନେକ ପରିବର୍ତ୍ତନ ସହ ସ୍ୱଚ୍ଛତା ରହିଛି। ଏପରିକି ଧୀରେ ଧୀରେ ଅତ୍ୟାଧୁନିକ ଜ୍ଞାନକୌଶଳର ପ୍ରୟୋଗ ସାଙ୍ଗକୁ ନିୟମ ମଧ୍ୟ କଡ଼ାକଡ଼ି ହୋଇଯାଇଛି। ବର୍ତ୍ତମାନ ଖଣି ବ୍ୟବସାୟରେ ବ୍ୟାପକ ସ୍ୱଚ୍ଛତା ଆସିଛି। ଆଗକୁ ମଧ୍ୟ ଆହୁରି ସ୍ୱଚ୍ଛତା ରହିବ ବୋଲି ଆଶା କରାଯାଉଛି।

**ପ୍ର-୫: ନୂତନ ଖଣି ବ୍ୟବସାୟୀ ବା ଯୁବ ଉଦ୍ୟୋଗୀଙ୍କୁ କ'ଣ କହିବେ?**
ଉ- ବ୍ୟବସାୟ ପ୍ରତି ଯୁବବର୍ଗ ଆଗ୍ରହ ଦେଖାଇବା ଭଲ କଥା, ହେଲେ ଆଗ୍ରହକୁ ଉଚିତ ମାର୍ଗରେ ଆଗେଇନେଇ ସେହି ଅନୁଯାୟୀ କାର୍ଯ୍ୟ କରିବାକୁ ହେବ। ବିଶେଷକରି ଖଣି ବ୍ୟବସାୟରେ ପରିବେଶ ଓ ପରିସ୍ଥିତିକୁ ଆଖି ଆଗରେ ରଖି ବ୍ୟବସାୟ କରିବାକୁ ହେବ।

**ପ୍ର- ୬: ଅବସର ସମୟରେ କ'ଣ କରିବାକୁ ଭଲ ପାଆନ୍ତି ?**
ଉ- ଅବସର ସମୟରେ ପରିବାର ଓ ପରିଜନଙ୍କ ସହିତ ସମୟ ବିତାଇବା ସହ ବିଦେଶ ଭ୍ରମଣ ଓ ସ୍ୱଦେଶୀ ପର୍ଯ୍ୟଟନସ୍ଥଳ ବୁଲିବାକୁ ଭଲଲାଗେ। ଏପରିକି ବ୍ୟବସାୟରେ ଜଡ଼ିତ ଥିବାରୁ ବିଭିନ୍ନ ଦିଗ ଓ ସରକାରୀ ନୀତିନିୟମ ସମ୍ପର୍କରେ ଅବଗତ ହେବା ସହ ବ୍ୟବସାୟିକ କାର୍ଯ୍ୟକଳାପ ଉପରେ ଚର୍ଚ୍ଚା, ଆଲୋଚନା କରିବାକୁ ଭଲଲାଗେ।


ନିଆଁ ଲାଗି ପୋଡ଼ିଯାଇଥିବା ଘର

# ୨୮ ବଖରା ଜଳିଗଲା

**ସୋରଡା, ୧୨।୩ (ଡି.ଏନ୍.ଏ.)**

ଗଞ୍ଜାମ ଜିଲା ସୋରଡ଼ା ବ୍ଲକ ନୂଆଗଡ଼ ପଞ୍ଚାୟତ ବ୍ରାହ୍ମଣଦେଇ ଗ୍ରାମରେ ରବିବାର ମଧ୍ୟାହ୍ନରେ ଭୟାବହ ଅଗ୍ନିକାଣ୍ଡ ଘଟି ୧୪ ପରିବାରର ୨୮ ବଖରା ପୋଡି ପାଉଁଶ ହୋଇଯାଇଛି। କ୍ଷତିଗ୍ରସ୍ତ ପରିବାର ହେଲେ ଅପୂର୍ବ ସେଠୀ, କାଶୀନାଥ ସେଠୀ, ଜୟସେନ ଜେନା, ମିଟୁ ବିଶୋୟୀ, ଘନଶ୍ୟାମ ବିଶୋୟୀ, ରଞ୍ଜିତା ସ୍ୱାଇଁ, କାଳୁଚରଣ ସ୍ୱାଇଁ, ଅପୂର୍ବ ସ୍ୱାଇଁ, ସୁଶୀଳା ସେଠୀ, ରାଜା ବିଶୋଇ, ଶ୍ରୀନିବାସ ବିଶୋୟୀ, ବାଇଝଳି ବିଶୋୟୀ, ସାହେବ ଜେନା, ଚନ୍ଦ୍ରମା ସ୍ୱାଇଁ ପ୍ରମୁଖ। ପ୍ରତ୍ୟେକ ପରିବାରର ସମସ୍ତ ଆସବାବପତ୍ର ସହ ବିଭିନ୍ନ ସାମଗ୍ରୀ ଜଳି ପୋଡ଼ି ଧ୍ୱଂସ ହୋଇଯାଇଛି। ଖବର ପାଇ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ରାଜସ୍ୱ ବିଭାଗ ତରଫରୁ କ୍ଷୟକ୍ଷତି ଆକଳନ କରାଯାଇଥିବା ଜଣାପଡିଛି। ତେବେ ନିଆଁ କିପରି ଲାଗିଲା ସ୍ପଷ୍ଟ ହୋଇନାହିଁ।

# କାର୍‌ରେ ବ୍ରାଉନ୍‌ସୁଗାର ସେବନ ଚର୍ଚ୍ଚା

## ନିଶା ଖାଇ ଦୁର୍ଘଟଣା

**ଭୁବନେଶ୍ୱର, ୧୨।୩(ବ୍ୟୁରୋ)**

କ୍ୟାପିଟାଲ ଥାନା ଅନ୍ତର୍ଗତ ସୂର୍ଯ୍ୟନଗର ଅଞ୍ଚଳରେ ରବିବାର ଅପରାହ୍ନରେ ଏକ ଦୁର୍ଘଟଣା ଘଟିଛି। ଗୋପବନ୍ଧୁ ଛକ ଆଡୁ ରାଜଭବନ ଅଭିମୁଖେ ଆସୁଥିବା ଏକ କାର୍ (ଓଡି୩୩ଟି୮୯୮) ରାସ୍ତାରେ ରହିଥିବା ଅନ୍ୟଏକ କାର୍‌କୁ ଅନ୍ୟ ଧକ୍କା ଦେଇଛି। ଏଥିରେ ଦୁର୍ଘଟଣା ଘଟାଇଥିବା କାର୍‌ର ଆଗପଟ ସାମାନ୍ୟ ଭାଙ୍ଗିଯାଇଥିବାବେଳେ ଅନ୍ୟ କାରଟିର ପଛପାର୍ଶ୍ୱ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ତେବେ ଦୁର୍ଘଟଣା ପରେ କାର୍‌ଟି ପଳାଉଥିବେଳେ ସ୍ଥାନୀୟ ଲୋକେ ଅଟକାଇବା ସହ ସେଥିରେ ଥିବା ୩ଜଣ ଯୁବକଙ୍କୁ କାବୁ କରିଥିଲେ। ଜଣେ କାର ଚଳାଉଥିବାବେଳେ ଅନ୍ୟ ଦୁଇଜଣ ସିଟ୍‌ରେ ଅର୍ଦ୍ଧ ଚେତନ ଅବସ୍ଥାରେ ଥିଲେ। ସେମାନେ ନିଶା ସେବନ କରିଥିବାବେଳେ କାର୍ ସିଟ୍ ଓ ପାଦ ରଖିବା ସ୍ଥାନରେ ବ୍ରାଉନସୁଗାର ସେବନରେ ବ୍ୟବହୃତ ସାମଗ୍ରୀ ସହ ବିଡି ଓ ଦିଆସିଲ ରହିଥିବା ଦେଖି ଲୋକେ ଉତ୍ତେଜିତ ହୋଇପଡିଥିଲେ। ନିଶା ଖାଇ କାର୍ ଚାଳନା ଯୋଗୁ ଦୁର୍ଘଟଣା ଘଟିଥିବା ନେଇ ସେମାନେ କହିଛନ୍ତି। ହେଲେ ଥାନାଧିକାରୀ ପଦ୍ମନାଭ ପ୍ରଧାନ କହିଛନ୍ତି, ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। କୌଣସି କାର୍‌ରୁ କିଛି ନିଶା ସାମଗ୍ରୀ ମିଳି ନ ଥିବାବେଳେ କାହାକୁ ଅଟକ ରଖାଯାଇ ନାହିଁ ବୋଲି ସେ କହିଛନ୍ତି।

**ଅଧିକୃତ ଗୋଷ୍ଠୀ ଅଞ୍ଚଳର କାରିଗରମାନଙ୍କ ପାଇଁ ଅଞ୍ଚଳସ୍ତରୀୟ ପ୍ରଦର୍ଶନୀ ଓ ବିକ୍ରି ଅଭିଯାନ**
(ଟେରାକୋଟା ଓ ପଟ୍ଟଚିତ୍ର ହସ୍ତଶିଳ୍ପ କାରିଗରମାନଙ୍କ ପାଇଁ)
**ଆମ୍ବେଦକର ହସ୍ତଶିଳ୍ପ ବିକାଶ ଅଭିଯାନ**
ସ୍ଥାନ: ପିଏଚ୍‌ଡି ପଡିଆ, ସମ୍ବଲପୁର
ତା ୦୫.୦୩.୨୦୨୩ ରିଖ ଠାରୁ
ତା ୧୪.୦୩.୨୦୨୩ ରିଖ ପର୍ଯ୍ୟନ୍ତ ୧୦ ଦିନ ପାଇଁ
ଆୟୋଜକ : ସ୍ୱପ୍ନା, ସମ୍ବଲପୁର
ପ୍ରାୟୋଜକ : ବିକାଶ ଆୟୁକ୍ତ, ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ବୟନଶିଳ୍ପ ମନ୍ତ୍ରଣାଳୟ, ଭାରତ ସରକାର, ନୂଆଦିଲ୍ଲୀ
ମାଟିରେ ହାତତିଆରି ବିଭିନ୍ନ ସାମଗ୍ରୀ ଓ ମହିଳା ଗୋଷ୍ଠୀମାନଙ୍କ ଦ୍ୱାରା ହାତତିଆରି ପଟ୍ଟଚିତ୍ରର ଅପୂର୍ବ ସମାହାର

# ଓଡ଼ିଆ ବୈଜ୍ଞାନିକ ଜ୍ୟୋତିର୍ମୟୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା


ଜ୍ୟୋତିର୍ମୟୀ ମହାନ୍ତି

**ଭୁବନେଶ୍ୱର, ୧୨।୩(ବ୍ୟୁରୋ)**

ରସାୟନ ବିଜ୍ଞାନ ବା କେମିକାଲ ଇଞ୍ଜିନିୟରିଂ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଓଡ଼ିଆ ବୈଜ୍ଞାନିକ ଜ୍ୟୋତିର୍ମୟୀ ମହାନ୍ତି ଇଣ୍ଟରନ୍ୟାଶନାଲ ୟୁନିୟନ ଅଫ୍ ପିୟୋର ଆଣ୍ଡ୍ ଆପ୍ଲାଏଡ୍ କେମିଷ୍ଟ୍ରି (ଆଇୟୁପିଏସି) ପୁରସ୍କାର ପାଇବା ପାଇଁ ମନୋନୀତ ହୋଇଛନ୍ତି। ମୁମ୍ବାଇ ଭାବା ଅଟୋମିକ୍ ରିସର୍ଚ୍ଚ ସେଣ୍ଟରରେ ବର୍ତ୍ତମାନ ବୈଜ୍ଞାନିକ ଥିବା ଜ୍ୟୋତିର୍ମୟୀ ଭାରତର ପ୍ରଥମ ମହିଳା ଭାବେ ଏହି ପୁରସ୍କାର ପାଇବେ। ଏହି ଖବର ପାଇବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ଜ୍ୟୋତିର୍ମୟୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ଟୁଇଟ୍ କରି କହିଛନ୍ତି, ଦେଶର ପ୍ରଥମ ମହିଳା ଭାବେ ସମ୍ମାନଜନକ ଆଇୟୁପିଏସି ୨୦୨୩ ପୁରସ୍କାର ପାଇବାକୁ ମନୋନୀତ ହୋଇଥିବା ଓଡ଼ିଆ ବୈଜ୍ଞାନିକ ଜ୍ୟୋତିର୍ମୟୀ ମହାନ୍ତିଙ୍କୁ ଶୁଭେଚ୍ଛା ଜଣାଉଛି। ରସାୟନ ବିଜ୍ଞାନ କ୍ଷେତ୍ରରେ ସେ ଅର୍ଜନ କରିଥିବା କୃତିତ୍ୱ ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ। ଆଗାମୀ ଦିନରେ ତାଙ୍କର ଆହୁରି ସଫଳତା କାମନା କରୁଛି ବୋଲି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି।

# ୧୫ରୁ କାଳବୈଶାଖୀ ବର୍ଷା ସମ୍ଭାବନା

**ଭୁବନେଶ୍ୱର, ୧୨।୩(ବ୍ୟୁରୋ)**

ରାଜ୍ୟରେ ପଶ୍ଚିମା ଝଡ଼ ପ୍ରଭାବରେ ଗତ କିଛିଦିନ ହେବ ତାପମାତ୍ରା ହ୍ରାସ ପାଇଥିଲା। ହେଲେ ରବିବାରଠାରୁ ପୁଣି ତାପମାତ୍ରା ବଢ଼ିଛି। ବୌଦ୍ଧ ଓ ମାଲକାନଗିରିରେ ସର୍ବାଧିକ ୩୮ ଡିଗ୍ରୀ ତାପମାତ୍ରା ରହିଥିଲା। ସେହିପରି ସୋନପୁରରେ ୩୭.୯ ଡିଗ୍ରୀ ଛୁଇଁଥିବାବେଳେ ଅନୁଗୋଳ ୩୭.୭, ଭୁବନେଶ୍ୱର ୩୭.୬, ଝାରସୁଗୁଡ଼ା ୩୭.୪, ସମ୍ବଲପୁର ୩୭.୫, କଟକ, ବଲାଙ୍ଗୀର, ଟିଟିଲାଗଡ଼ ଓ ନୟାଗଡ଼ରେ ୩୭ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ଆସନ୍ତା ଦୁଇଦିନ ପର୍ଯ୍ୟନ୍ତ ଦିନ ତାପମାତ୍ରା ଏହିଭଳି ରହିବ। କିନ୍ତୁ ଆଉଏକ ପଶ୍ଚିମା ଝଡ଼ ଆସୁଥିବାରୁ ଏହା ପ୍ରଭାବରେ ଆସନ୍ତା ୧୫ ତାରିଖରୁ ପୁଣି ବର୍ଷା ହେବାର ଆଶଙ୍କା ରହିଛି। ୧୫ ଓ ୧୬ ତାରିଖରେ ରାଜ୍ୟର କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବ। ଏପରିକି କିଛି ସ୍ଥାନରେ କାଳବୈଶାଖୀ ହେବାର ମଧ୍ୟ ସମ୍ଭାବନା ରହିଛି। ୧୬ ତାରିଖରେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଖୋର୍ଦ୍ଧା, କଟକ, ଯାଜପୁର ଓ ଢେଙ୍କାନାଳ ଆଦି ୧୦ଟି ଜିଲାରେ ଝଡ଼ତୋଫାନ, ଘଡ଼ଘଡ଼ି ସହ ବର୍ଷା ହେବ। ସେଥିପାଇଁ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏହା ଛଡ଼ା ପୁରୀ, ନୟାଗଡ଼, ଗଞ୍ଜାମ, ଗଜପତି, ଅନୁଗୋଳ, ବୌଦ୍ଧ, କନ୍ଧମାଳ, ରାୟଗଡ଼ା, କୋରାପୁଟ ଓ ମାଲକାନଗିରିର କିଛି ସ୍ଥାନରେ ସ୍ୱଳ୍ପ ଧରଣର ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

# ପାରାସେଲିଂ କରି ପ୍ରେରଣା ସାଜିଲେ ଦୃଷ୍ଟିବାଧିତ ବାପିନା



## ୩୩୦ ଫୁଟ ଉଚ୍ଚରେ ଉଡ଼ିଲେ

**କୋଣାର୍କ,୧୨।୩ (ଡି.ଏନ୍.ଏ.):** ଦୃଷ୍ଟିବାଧିତ ବ୍ୟକ୍ତି ଦୁନିଆର ଆଲୋକ ଦେଖିପାରେ ନାହିଁ ସତ, କିନ୍ତୁ ସେ ସାରା ଦୁନିଆକୁ ଆଲୋକ ଦେଖାଇପାରିଥାଏ। ସେମାନଙ୍କ ପାଖରେ ଥିବା ସୁପରପାୱାରକୁ ନେଇ ସେମାନେ ଅସମ୍ଭବକୁ ସମ୍ଭବରେ ପରିଣତ କରିପାରନ୍ତି। ସେମାନଙ୍କ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ଦକ୍ଷତା ବି ରହିଛି, ଯାହାକୁ ପ୍ରମାଣ କରି ଦେଖାଇଛନ୍ତି ନୟାଗଡ଼ ଜିଲା ଶରଣକୁଳ ଭିକାରିପଡ଼ା ଗ୍ରାମର ଦୃଷ୍ଟିବାଧିତ ବାପିନା ନାୟକ। ସମୁଦ୍ର ପତନଠାରୁ ୩୩୦ ଫୁଟ ଉଚ୍ଚରେ ଏକାକୀ ଆକାଶରେ ଉଡ଼ି ସେ ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛନ୍ତି। ଶତପ୍ରତିଶତ ଦୃଷ୍ଟିବାଧିତ ବାପିନା ଅନେକ ଦିନରୁ ଆକାଶରେ ଉଡ଼ିବା ପାଇଁ ସ୍ୱପ୍ନ ଦେଖିଥିଲେ। ରବିବାର କୋଚ୍ ତ୍ରିଲୋଚନ ବେଉରା ଏବଂ ଶୁଭେଚ୍ଛୁଙ୍କ ଉପସ୍ଥିତିରେ କୋଣାର୍କସ୍ଥିତ ଇକୋ ରିଟ୍ରିଟ୍‌ର ବେଳାଭୂମିରେ ପାରାସେଲିଂ ଦ୍ୱାରା ବାପିନା ଆକାଶକୁ ଲଙ୍ଘିପାରିଥିଲେ। ଏଭଳି ଦୁଃସାହସିକ କ୍ରୀଡ଼ା ପ୍ରଦର୍ଶନ କରିବାରେ ସେ ହେଉଛନ୍ତି ରାଜ୍ୟର ପ୍ରଥମ ଦୃଷ୍ଟିବାଧିତ। କିଛିମାସ ପୂର୍ବେ ସେ ଚନ୍ଦକା-ଡମପଡ଼ା ହସ୍ତୀ ଅଭୟାରଣ୍ୟ ନିକଟରେ ଥିବା ୧୧୦୦ ଫୁଟ ଉଚ୍ଚତା ବିଶିଷ୍ଟ ପାହାଡ଼କୁ ସଫଳତାର ସହ ଚଢ଼ି ଜାତୀୟ ପତାକା ଉଡ଼ାଇବା ପାଇଁ ସକ୍ଷମ ହୋଇଥିଲେ। ଏବେ ପାରାସେଲିଂ କରି ଦିବ୍ୟାଙ୍ଗମାନଙ୍କ ପାଇଁ ସେ ପ୍ରେରଣା ପାଲଟିଛନ୍ତି। ଏନେଇ ବାପିନା କହିଛନ୍ତି, ଜୀବନରେ କେବେ ବି ଆଶା ଛାଡ଼ିବା କଥା ନୁହେଁ। ଯେଉଁ କାମ କରୁଛନ୍ତି ସେଥିପାଇଁ ଧୈର୍ଯ୍ୟ ଓ ସାହସ ଦରକାର। ଦିବ୍ୟାଙ୍ଗ ହେଲେ ବି ଆମେ କୌଣସି ଗୁଣରେ କମ୍ ନୋହୁଁ। କେବଳ ସହଯୋଗ ମିଳିବା ଆବଶ୍ୟକ। ବାପିନାଙ୍କୁ ଏ କ୍ଷେତ୍ରରେ ତାଙ୍କର କୋଚ୍, ସାମାଜିକ କର୍ମୀ ସୁଶାନ୍ତ ସାହୁ, ଚନ୍ଦ୍ରଶେଖର ପାଲ୍, ପ୍ରିୟବ୍ରତ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।



**ଅନ୍‌ଲାଇନ୍ ପଞ୍ଜୀକରଣ ଏବେ ୨୦ ମାର୍ଚ୍ଚ ୨୦୨୩ ପର୍ଯ୍ୟନ୍ତ ଖୋଲା**
ପଞ୍ଜୀକରଣ ଏବଂ ପରୀକ୍ଷା ପ୍ରକ୍ରିୟା ଉପରେ ଭିଡିଓ ଏବଂ ଅଭ୍ୟାସ ପାଇଁ ମକ୍ ଟେଷ୍ଟ www.joinindianarmy.nic.in ୱେବ୍‌ସାଇଟ୍‌ରେ ଉପଲବ୍ଧ ।
ଅସାଧାରଣ କ୍ରୀଡ଼ାବିତ୍, ଆଇଟିଆଇ, ଏନ୍‌ସିସି ଏବଂ ଡିପ୍ଲୋମାଧାରୀଙ୍କ ପାଇଁ ବୋନସ୍ ମାର୍କ
Scan QR Code
ଅଧିକ ବିବରଣୀ ପାଇଁ www.joinindianarmy.nic.in ପରିଦର୍ଶନ କରନ୍ତୁ
CBC 10601/13/0053/2223

# ନିର୍ବାଚନ ପାଇଁ ଚଢ଼ାଉ

ନୂଆ ଯୁଗ ବାସ୍ତବରେ ଆରମ୍ଭ ହୋଇଛି। ଭାରତୀୟ ଜନତା ପାର୍ଟି (ଭାଜପା) ସାଂସଦ ସଞ୍ଜୟ କାକାପାଟିଲ୍ କହିଥିଲେ, 'ଯେହେତୁ ମୁଁ ଭାଜପାର ଏମ୍‌ପି, ସେଥିପାଇଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମୋ ପଛରେ ଧାଇଁବ ନାହିଁ'। ସେହିଭଳି ଭାବରେ କଂଗ୍ରେସ ଛାଡ଼ି ଭାଜପାରେ ଯୋଗଦେଇଥିବା ମହାରାଷ୍ଟ୍ରର ଅନ୍ୟଜଣେ ନେତା ହର୍ଷବର୍ଦ୍ଧନ ପାଟିଲ୍ କହିଥିଲେ ଯେ, 'ମୁଁ ଏବେ ଶାନ୍ତିରେ ଶୋଇପାରୁଛି, କାରଣ ଭାଜପାରେ ମିଶିବା ପରେ ମୋ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ'। ଭାରତର ଏବେକାର ପରିସ୍ଥିତି ଦେଖିଲେ ଏହି ଧାରଣା ଦୃଢ଼ୀଭୂତ ହେବାରେ ଲାଗିଛି, ସତେଯେମିତି ବିରୋଧୀଙ୍କ ବ୍ୟତୀତ ଅନ୍ୟ କେହି ଦୁର୍ନୀତିଗ୍ରସ୍ତ ନୁହନ୍ତି।

ବିରୋଧୀଙ୍କ ଉପରେ ବିଭିନ୍ନ କେନ୍ଦ୍ରୀୟ ସଂସ୍ଥାକୁ ଚଢ଼ାଉ କାର୍ଯ୍ୟରେ ନିୟୋଜିତ କରି ବର୍ତ୍ତମାନର ଶାସକ ଦଳ ରାଜନୈତିକ ଫାଇଦା ନେବାକୁ ଚେଷ୍ଟା କରୁଛି। ଏହାଦ୍ୱାରା ଶାସକ ବର୍ଗ ଦୁଇଟି ଲକ୍ଷ୍ୟ ପୂରଣ କରିବାକୁ ପ୍ରୟାସ କରୁଛି। ପ୍ରଥମରେ ବିରୋଧୀଙ୍କ ମୁହଁ ଚୁପ୍ କରିବା। ଦ୍ୱିତୀୟରେ ବିରୋଧୀଙ୍କଠାରୁ ଅଧିକ ସଚ୍ଚୋଟ ବୋଲି ଦେଖେଇହେବା। ଚଢ଼ାଉ ତରିକାରେ ଆଉ ଯେଉଁ ପରିବର୍ତ୍ତନ ଲକ୍ଷ୍ୟ କରାଯାଉଛି ସେଥିରେ ଶାସକ ବର୍ଗ ସାମ୍ପ୍ରତିକ ପରିସ୍ଥିତିରେ ବିରୋଧୀଙ୍କ କାର୍ଯ୍ୟକଳାପରେ ଅତ୍ୟଧିକ ଭୟଭୀତ ହୋଇଯାଇଥିବା ଭଳି ମନେହେଉଛି। ୨୦୨୪ ସାଧାରଣ ନିର୍ବାଚନ ପାଖେଇ ଆସୁଥିବାରୁ କେନ୍ଦ୍ରରେ ଶାସନ କରୁଥିବା ଭାଜପା ଆଗକୁ ନିର୍ବାଚନ ଜିତିବା ଲାଗି ସବୁ ଫନ୍ଦିଫିକର କରୁଛି। ଅଣ-ଭାଜପା ଶାସିତ କେତେକ ରାଜ୍ୟର ଶାସକଙ୍କ ସହ ସଲାସୁତରା କରାଯାଉଥିବା ବେଳେ ଆଉ କିଛି ରାଜ୍ୟ ସରକାର କଥା ନ ମାନିଲେ ସେମାନଙ୍କୁ ବଶୀଭୂତ କରିବା ଲାଗି କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଓ ଇଡିକୁ ସେମାନଙ୍କ ପଛରେ ଲଗାଇ ଦିଆଯାଉଛି। ଆମ୍ ଆଦ୍‌ମୀ ପାର୍ଟି(ଏଏପି)ର ରାଜନୈତିକ ଗତିରୋଧ କରିବା ଲାଗି ଦିଲ୍ଲୀ ଅବକାରୀ ନୀତି ଅନିୟମିତତା ଅଭିଯୋଗ ଅଣାଯାଇ ପ୍ରଥମେ ସିବିଆଇ ଓ ପରେ ଇଡି ଦ୍ୱାରା ଦିଲ୍ଲୀର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆଙ୍କୁ ଜେରା କରାଯାଇ ଗିରଫ କରାଯାଇଛି। ସେହି ସମାନ ଘଟଣା ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ(କେସିଆର୍)ଙ୍କ କନ୍ୟା ତଥା ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ନେତ୍ରୀ କେ. କବିତାଙ୍କୁ ଇଡି ପ୍ରାରମ୍ଭିକ ଅବସ୍ଥାରେ ୧୧ ମାର୍ଚ୍ଚରେ ୮ ଘଣ୍ଟା ଜେରା କରିସାରିଛି। ଆସନ୍ତା ୧୬ ତାରିଖରେ ପୁଣି ଜେରା କରାଯିବ ବୋଲି ଇଡି ସମନ ମଧ୍ୟ ଜାରି କରିଛି। ଏହା ଜଣାଶୁଣା ଯେ ଦୁଇ ତିନି ଥର ଜେରା ପରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରିଦିଆଯାଉଛି। ତେବେ କବିତାଙ୍କୁ ଇଡି ଜେରା କରିଥିବାରୁ ସେ ପ୍ରତିକ୍ରିୟାରେ କହିଛନ୍ତି– 'ବାସ୍ତବରେ ସେ ଟାର୍ଗେଟ ନୁହନ୍ତି, ବରଂ ତାଙ୍କ ପିତା କେସିଆର୍‌ଙ୍କୁ ଭାଜପା କେନ୍ଦ୍ରୀୟ ନେତୃତ୍ୱ ଟାର୍ଗେଟ କରିଛି'। ସେପଟେ ରେଲୱେରେ ନିଯୁକ୍ତି ପାଇଁ ଜମି ମାମଲାରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଲାଲୁ ପ୍ରସାଦ ଯାଦବଙ୍କ ପରିବାର ଉପରେ ଚଢ଼ାଉ ହୋଇଛି। ବିହାର ଉପମୁଖ୍ୟମନ୍ତ୍ରୀ ଥିବା ଲାଲୁଙ୍କ ପୁଅ ତେଜସ୍ୱୀ ଯାଦବଙ୍କ ଘରୁ ଅନେକ କୋଟି ଟଙ୍କା, ସୁନା ଅଳଙ୍କାର ଓ ବେଆଇନ ଦସ୍ତାବିଜ ଜବତ କରାଯାଇଥିବା ଇଡିର ଅଧିକାରୀମାନେ କହିଛନ୍ତି। କିନ୍ତୁ ଏଭଳି ଦାବି କରିବାକୁ ଆଖିବନ୍ଦ କରି ବିଶ୍ୱାସ କରିହେବ ନାହିଁ। ତେବେ ଆଗକୁ ଅନ୍ୟ କେଉଁ ରାଜନେତା କେନ୍ଦ୍ରୀୟ ଯାଞ୍ଚ ସଂସ୍ଥା ଦ୍ୱାରା ଜେରାର ସମ୍ମୁଖୀନ ହେବେ ତାହାର ତାଲିକା ସମ୍ଭବତଃ ଭାଜପା ଦ୍ୱାରା ପ୍ରସ୍ତୁତ ହୋଇସାରିବଣି। ଏଭଳି ସ୍ଥିତିକୁ ଦେଖି ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଦେଇଥିବା ମନ୍ତବ୍ୟ ଏଠାରେ ପ୍ରଣିଧାନଯୋଗ୍ୟ। ସେ କହିଛନ୍ତି, ୨୦୧୭ରେ ସମାନ ଧରଣର କାର୍ଯ୍ୟାନୁଷ୍ଠାନ ତାଙ୍କ ଉପରେ ନିଆଯାଇଥିଲା ଯେତେବେଳେ ସେ ଅଣ-ଭାଜପା ଶିବିରରେ ଥିଲେ।

> ଇତିହାସ ପ୍ରମାଣ ଦେଇଛି, କେହି କେବେ ସବୁ ଦିନ ପାଇଁ ସମ୍ରାଟ ହୋଇ ରହିନାହାନ୍ତି। ସମୟ ବଦଳିଲେ ଶାସନରେ ପରିବର୍ତ୍ତନ ଘଟିଥାଏ। ଆସନ୍ତା ଦିନରେ ଆଜିର ଶାସକ ଯେତେବେଳେ ଗାଦିଚ୍ୟୁତ ହେବେ ସେତେବେଳେ ଘୋର ତାଡ଼ନା ସହିଥିବା ଏବର ବିରୋଧୀ ନେତାମାନେ ସେହି ବ୍ୟବସ୍ଥାର ଦୁରୁପଯୋଗ କରି ପ୍ରତିଶୋଧ ନେବାକୁ ପଛାଇ ନ ପାରନ୍ତି।

ଉପରଲିଖିତ ଘଟଣାକ୍ରମକୁ ଦେଖିଲେ ଭାଜପାର ସବୁଦିନ ଶାସକ ଆସନରେ ବସିବାର ଚିନ୍ତା ରହୁଛି। କିନ୍ତୁ ସେହି ଲକ୍ଷ୍ୟ ପୂରଣ କରିବାକୁ ଯାଇ ଯେଉଁସବୁ ଅସ୍ୱାଭାବିକ ପଦକ୍ଷେପ ନିଆଯାଉଛି, ସେଥିପାଇଁ ଗଣତନ୍ତ୍ର ସମେତ ସରକାରୀ ବ୍ୟବସ୍ଥା କ୍ଷତିଗ୍ରସ୍ତ ହେଉଛି। ଏଠି କୁହାଯାଇପାରେ ଯେ, ଗଣତନ୍ତ୍ର ଶବ୍ଦକୁ ହେୟଜ୍ଞାନ କରିଦିଆଯାଇପାରେ। ମାତ୍ର କେନ୍ଦ୍ରୀୟ ସଂସ୍ଥା ବା ସରକାରୀ ବ୍ୟବସ୍ଥାକୁ ଯେଉଁ ପ୍ରବଳ କ୍ଷତି ଘଟୁଛି, ତାହାକୁ ଏଡ଼ାଇ ହେବନାହିଁ। ଉଦାହରଣ ସ୍ୱରୂପ ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ମନ୍ତବ୍ୟକୁ ନିଆଯାଇପାରେ। ଠାକ୍‌ରେ କହିଥିଲେ ଯେ, କେନ୍ଦ୍ରୀୟ ଯାଞ୍ଚ ସଂସ୍ଥାଗୁଡ଼ିକ ଭାଜପାର ଘରୋଇ କୁକୁର ଭାବେ କାର୍ଯ୍ୟ କରୁଛନ୍ତି।

ଇତିହାସ ପ୍ରମାଣ ଦେଇଛି, କେହି କେବେ ସବୁ ଦିନ ପାଇଁ ସମ୍ରାଟ ହୋଇ ରହିନାହାନ୍ତି। ସମୟ ବଦଳିଲେ ଶାସନରେ ପରିବର୍ତ୍ତନ ଘଟିଥାଏ। ଆସନ୍ତା ଦିନରେ ଆଜିର ଶାସକ ଯେତେବେଳେ ଗାଦିଚ୍ୟୁତ ହେବେ ସେତେବେଳେ ଘୋର ତାଡ଼ନା ସହିଥିବା ଏବର ବିରୋଧୀ ନେତାମାନେ ସେହି ବ୍ୟବସ୍ଥାର ଦୁରୁପଯୋଗ କରି ପ୍ରତିଶୋଧ ନେବାକୁ ପଛାଇ ନ ପାରନ୍ତି। ଏଥିସହିତ ଆଜିର ଭାଜପା କର୍ମୀ ଯେଉଁମାନେ ସମସ୍ତଙ୍କୁ ଧର୍ମ, ଦେଶପ୍ରେମ ସହିତ ଗୋମୂତ୍ର ବିଷୟରେ ଶୁଣାଉଛନ୍ତି, ସେମାନେ ଯେ ଇଡି କିମ୍ବା ପୋଲିସ ଚାପରେ ଗେରୁଆ ରଙ୍ଗ ବଦଳାଇବେ ନାହିଁ ଏବେ କହିବା କଷ୍ଟକର।

# ପଢ଼ିବା ମଣିଷତ୍ୱ ଆଣେ



ସହଦେବ ସାହୁ

ଆମେ ସମସ୍ତେ ଜାଣିଛୁ, ଯୁକ୍ତରାଷ୍ଟ୍ର ଆମେରିକାର ୧୬ଶ ରାଷ୍ଟ୍ରପତି ଆବ୍ରାହମ୍ ଲିଙ୍କନ୍ (ଜନ୍ମ ୧୨.୦୨.୧୮୦୯–ନିହତ ୧୫.୦୪.୧୮୬୫) ତାଙ୍କ ଦେଶରେ ପ୍ରଚଳିତ କ୍ରୀତଦାସ ପ୍ରଥାର ଅନ୍ତ କରିଥିଲେ। କାରଣ ଆମେରିକାନ୍‌ମାନଙ୍କ କିଣା ଚାକର ଭାବେ ଆଫ୍ରିକୀୟ କୃଷ୍ଣକାୟମାନେ କିପରି ନିର୍ଯାତିତ ହେଉଛନ୍ତି ତାହା ସେ 'ହାରିଅଟ୍ ବିଚର୍ ଷ୍ଟୋୱେ'ଙ୍କ ଲିଖିତ 'ଅଙ୍କଲ ଟମ୍‌ସ କାବିନ୍' ବହି ପଢ଼ି ଅନୁଭବ କରିଥିଲେ। ପଢ଼ିବା କିପରି ମଣିଷତ୍ୱ ଉଦ୍ରେକ କରେ ଏ ତା'ର ଏକ ମସ୍ତବଡ଼ ଉଦାହରଣ। ଯଦି ଆମ ଦେଶର କ୍ଷମତା-ଜାହିର କରୁଥିବା ନେତାମାନେ ବହିପତ୍ର ଓ ଖବରବାହିକାଗୁଡ଼ିକୁ ପଢୁଥାନ୍ତେ ଆମେ ବହୁତ ସଂସ୍କାର ଦେଖନ୍ତୁଣି! ପଢ଼ିବା ମାନେ ଆଖି ବୁଲେଇ ଆଣିବା ନୁହେଁ। ଫ୍ରାନ୍ସିସ୍ ବେକନ୍ କହିଛନ୍ତି 'ରିଡିଙ୍ଗ ମେକ୍‌ଥ ଏ ଫୁଲ୍ ମ୍ୟାନ୍, କନ୍‌ଫରେନ୍ସ ଏ ରେଡି ମ୍ୟାନ୍ ଆଣ୍ଡ ରାଇଟିଂ ଆନ୍ ଏଗ୍‌ଜାକ୍ଟ ମ୍ୟାନ୍': ପଢ଼ାପଢ଼ି କରୁଥିବା ଲୋକ ସମ୍ପୂର୍ଣ୍ଣ ମଣିଷ ହୋଇଥାଏ ; ଆଳାପ, ଭାଷଣ ଆଦି ମଣିଷକୁ ପରିସ୍ଥିତିର ସାମ୍ନା କରିବା ଲାଗି ପ୍ରସ୍ତୁତ କରେ ଏବଂ ଲେଖାଲେଖି କରୁଥିବା ଲୋକ ଠିକ୍ ନିଷ୍ପତ୍ତି ନେଇଥାଏ! ଆଜିକାଲି ପଢ଼ିବା କେବଳ ଦୃଶ୍ୟ ନୁହେଁ ତା' ଶ୍ରୁତ ମଧ୍ୟ, ଆଗକାଳରେ ବେଦ ଉପନିଷଦ ଆଦି ଶୁଣି ଶୁଣି ବୁଝି ହେଉଥିଲା, ଏବେ 'କିଣ୍ଡଲ' ବ୍ରାଣ୍ଡ ନାଁରେ କହୁଥିବା ଲେଖା (ବହି, ପତ୍ରିକା, ପଡ୍‌କାଷ୍ଟ) ମିଳୁଛି, ତେଣୁ ଗାଡି ବା ଟ୍ରେନ୍‌ରେ ବସିଥିଲା ବେଳେ ବା ବିମାନଯାତ୍ରାପୂର୍ବ ଅପେକ୍ଷା ସ୍ଥାନରେ ଶ୍ରୁତ-ପଠନ କରିହେବ। କିନ୍ତୁ ଦୃଶ୍ୟ-ପଠନ ସବୁଠାରୁ ଭଲ, କାରଣ ପଢ଼ିସାରିଥିବା ଲେଖାକୁ ବି ଦେଖିହୁଏ ଓ ତୁଳନା କରିହୁଏ। ବିଜ୍ଞାନ କହେ, ପାଠକର ସମୟର ୧୦୦% ପାଠ ବୁଝିବାରେ ଲାଗିଯାଏ, ମାତ୍ର ଆଖି ଘୂରିବା ସମୟ ୧୦ ଭାଗରୁ ଭାଗେ। ପାଠଟିକୁ ଦେଖୁଥିବ ଓ କମ୍ପ୍ୟୁଟର ବା ସ୍ମାର୍ଟଫୋନ୍ ତାକୁ ପଢୁଥିବ ତେବେ ଯାଇ ପଠନ-କ୍ରିୟା ସମ୍ପୂର୍ଣ୍ଣ ହେବ। ଦୃଶ୍ୟ-ପଠନରେ ଗୋଟିଏ ପୂରା ପୃଷ୍ଠାକୁ ଏକାଥରକେ ପଢ଼ିହେବ ନାହିଁ। ବାଁ ଡାହାଣ, ଉପର ତଳ, ଏପରି ଦେଖିବା କାମ ଆମ ଆଖି ଏକା ଥରକେ କରିପାରେ ନାହିଁ। ମସ୍ତିଷ୍କ ଯେତେ ବୁଝିବାକୁ ଚାହେଁ ସେତେ ବେଶି ଧ୍ୟାନ ଓ ସମୟ ପଢ଼ିବାରେ ଦେଇଥାଏ। ସିଦ୍ଧାନ୍ତ, ଟିକିନିଖି ବିଶ୍ଳେଷଣ ଓ ସହାନୁଭୂତି ଭଳି ପ୍ରକ୍ରିୟା ବହୁତ ସମୟ ନେଉଥିବାରୁ ପଢ଼ିବାର ବେଗ ଧୀର ହୋଇଯାଏ। ଯଦି ପଢ଼ିବାର ବେଗ ବଢ଼ାଇବା ତେବେ ଏ ତିନୋଟି କାମ ଧୀର ହୋଇଯିବ, ତେଣୁ ଆମେ ପଠନରୁ ଜ୍ଞାନ ଆହରଣ କରିବା ଓ ନିଜର ମତାମତ ତିଆରି କରିବା ପାଇଁ ଯଥେଷ୍ଟ ସମୟ ଦେଇପାରିବା ନାହିଁ। ପଠନ ବେଗ ଯେତେ ବଢ଼େ ଆମର ବୁଝିବା ଶକ୍ତି ସେତେ କମିଯାଏ। ତେଣୁ ଆମେ ଫେରିଆସୁ ଆଉଥରେ ପଢ଼ିବା ପାଇଁ। ଯଦି ଆମର ଲକ୍ଷ୍ୟ ହେଲା ଲେଖାଟାକୁ ଦେଖିବା, ଯଥା ସଉଦା ତାଲିକା ବା ଥିଏଟର୍‌ରେ ବସିବା ବ୍ୟବସ୍ଥାର ଚିତ୍ର, ସେଠି ସ୍ପିଡ୍ ରିଡିଂ ଠିକ୍, କାରଣ ସେଠି ପୂରା ସୂଚନା ବା ଜ୍ଞାନ ଦରକାର ପଡେ ନାହିଁ, ପଢ଼ିବା ପରମୁହୂର୍ତ୍ତରେ (ବଜାରରେ କିଣି ସାରିଲା ପରେ ବା ଥିଏଟରରେ ବସିଗଲା ପରେ) ନଷ୍ଟ ହୋଇଯାଏ।



କନ୍‌ଫରେନ୍ସ ମାନେ ଆଳାପ ଆଲୋଚନା। ଆଳାପ ଆଲୋଚନା କରୁଥିବା ଲୋକ ସବୁବେଳେ ପ୍ରସ୍ତୁତ (ରେଡି) ଥାଏ, ଯେ କୌଣସି ବିଷୟରେ ଆଲୋଚନା କରିବାକୁ। ସେ ସବୁବେଳେ ପ୍ରସ୍ତୁତ ; କେବେ ଅପ୍ରସ୍ତୁତ ଜଣାପଡେ ନାହିଁ ବୋଲି ବେକନ୍ ଲେଖିଛନ୍ତି। ତା' ପରେ କହିଛନ୍ତି, ରାଇଟିଂ ମଣିଷକୁ ଏଗ୍‌ଜାକ୍ଟ କରେ, ରଚନା ବା ଲେଖାଲେଖି କରୁଥିଲେ ଲୋକ ନ୍ୟାୟପୂର୍ଣ୍ଣ ହୁଏ, ଠିକ୍ ଠିକ୍ ବିଚାର କରେ। ଆଉ ଜଣେ ଲେଖି ଦେବ ଓ ତୁମେ ତାକୁ ପଢ଼ିବ – ଏପରି ପଠନ ମନଭିତରେ ସ୍ଥାୟୀ ହୋଇ ରହେ ନାହିଁ: ପଦାଧିକାରୀ ନେତାମାନଙ୍କ ଭିତରୁ ଅଧିକାଂଶ ଏହି ଧରଣର ପଠନ କରନ୍ତି। ଯେଉଁ ୟୁରୋପୀୟମାନେ ଆଫ୍ରିକୀୟ ନିଗ୍ରୋମାନଙ୍କୁ ମଣିଷ ଭଳି ବଞ୍ଚିବାର ଅଧିକାର ନାହିଁ ବୋଲି କହୁଥିଲେ ସେମାନେ ବେଶି ପଢ଼ାପଢ଼ି କରି ନ ଥିଲେ। ଯେଉଁ ମାର୍କିନ୍ ମାଲିକମାନେ କହୁଥିଲେ, ପାଠପଢ଼ିବା ସବୁଠାରୁ ଭଲ ନିଗ୍ରୋକୁ ବି ଖରାପ କରିଦେବ, ପଢ଼ିବା ତାକୁ ଦାସ ହେବାକୁ ବି ଅଯୋଗ୍ୟ କରିଦେବ, ସେମାନଙ୍କ ପଢ଼ା ବଡ ସଂକୀର୍ଣ୍ଣ ଥିଲା! ଭାରତକୁ ଉପନିବେଶ କରିଥିବା ଯେଉଁ ୟୁରୋପୀୟମାନେ କହୁଥିଲେ ଯେ ଅଣଖ୍ରୀଷ୍ଟିଆନମାନଙ୍କୁ ସଭ୍ୟ କରିବା ଗୋରାମାନଙ୍କ ବୋଝ (ହ୍ୱାଇଟ୍‌ମ୍ୟାନ୍‌ସ ବର୍ଡନ୍), ସେମାନେ ବେଶି ପଢ଼ାପଢ଼ି କରି ନ ଥିଲେ, ଅଳ୍ପ ବିଦ୍ୟା ଭୟଙ୍କରୀ।

ପଠନ ଚରିତ୍ର ଓ ବ୍ୟକ୍ତିତ୍ୱକୁ ଉନ୍ନତ କରି ମଣିଷକୁ ପରିପକ୍ୱ କରେ। ଲିଖିତ ଚରିତ୍ରମାନଙ୍କ ସମ୍ପର୍କରେ ଆସି ପାଠକର ମାନସିକ ଦିଗ୍‌ବଳୟ ପ୍ରଶସ୍ତ ହୁଏ ଓ ସେ ସାମ୍ନାରେ ପଡୁଥିବା ପ୍ରତିକୂଳ ପରିସ୍ଥିତିର ମୁକାବିଲା କରିବାରେ ସମର୍ଥ ହୁଏ, ଅର୍ଥାତ୍ ସେ ବେଶି ବେଶି ସାମାଜିକ ହୁଏ। କିନ୍ତୁ ରଚନା ବା ଲେଖାଲେଖି ପ୍ରକ୍ରିୟାରେ ମଣିଷ କେତେଗୁଡ଼ିଏ ନିୟମ ମାନିବାକୁ ବାଧ୍ୟ ହୁଏ, ଯଥା ବ୍ୟାକରଣର ନିୟମ, ଶବ୍ଦ-ସଂଯୋଗ ଶବ୍ଦ-ବିନ୍ୟାସ ଓ ଯତି-ଚିହ୍ନ ଆଦି ସହ ଶବ୍ଦଭଣ୍ଡାରର ବ୍ୟବହାର କରେ, ନିୟମିତ ରଚନା କରୁଥିବା ଲୋକ ତା' ମାନସିକ ଦୃଷ୍ଟିକୋଣରେ ସଠିକତା ହାସଲ କରେ ସିନା, ପଢ଼ିବା ମଣିଷକୁ ସମ୍ପୂର୍ଣ୍ଣ କରେ, ପଠନରତ ଲୋକ ଜୀବନ ବିଷୟରେ ବହୁତ କଥା ଜାଣେ, ସେ ବେଶି ଚାଲାକ ହୋଇଯାଏ, ପରିସ୍ଥିତିକୁ ଅନୁଧ୍ୟାନ କରିପାରେ, ନୂଆ ନୂଆ ପରିସ୍ଥିତିର ସାମ୍ନା କରିପାରେ।

ଲିଙ୍କନ୍ ବହିପତ୍ର ପଢ଼ାପଢ଼ି କରୁଥିଲେ, ଯଦି ଆମ ମନ୍ତ୍ରୀମାନେ ବିଭିନ୍ନ ବହି ଓ ଖବରକାଗଜ ପଢୁଥାନ୍ତେ କି ବିଭିନ୍ନ ଟିଭି ଚାନେଲ୍‌ରେ ସରକାରୀ କାର୍ଯ୍ୟାବଳୀର ବିଶ୍ଳେଷଣ ଦେଖୁଥାନ୍ତେ ଓ କାନ ଡେରୁଥାନ୍ତେ ସେମାନେ ଜାଣନ୍ତେ ରାଜ୍ୟସାରା କିପରି ପରସେଣ୍ଟେଜ୍ କାରବାର ଚାଲିଛି, ବିଶୃଙ୍ଖଳା ଓ ହିଂସାକାଣ୍ଡ ବଢୁଛି, ଦଳର ଲୋକେ କିପରି ଆଇନକୁ ହାତକୁ ନେଉଛନ୍ତି, ସାଧାରଣ ଲୋକେ ଗୋଟିଏ ପେନସନ ପାଉଥିବାର ଆଇନ ସେମାନେ ତିଆରି କରିଥିବା ବେଳେ ସାଂସଦ/ବିଧାୟକ ହୋଇ ସେମାନେ କିପରି ଯେତେ ଥର ବିଧାୟକ ହେବେ ସେତେଥରର ପେନ୍‌ସନ ମିଶାଇ ପେନ୍‌ସନ ପାଇବେ? ସେମାନେ ପଢ଼ନ୍ତେ ଓ ଦେଖନ୍ତେ – କେବଳ କୋଠାବାଡ଼ି କରିଦେଲେ ଲୋକଙ୍କୁ ସେବା ମିଳେ ନାହିଁ, ଶିକ୍ଷକ, ଡାକ୍ତର, ନର୍ସ ଆଦି ଭଳି ସେବାଧିକାରୀ/ରିଣୀ ଦରକାର ; ତା ନ ହେଲେ ସବୁ ସରକାରୀ କୋଠା/ଘର ଭୂତକୋଠି ହୋଇଯିବ। ଶ୍ରୀମନ୍ଦିରର ପୂଜକମାନେ ଯଦି ବାହାରର ବହିପତ୍ର ପଢୁଥାନ୍ତେ ସେମାନେ ଶ୍ରୀଜଗନ୍ନାଥଙ୍କୁ କଣ୍ଢେଇ ଭଳି ନଚାଉ ନଥାନ୍ତେ, ଭୋଗ ନ ଦେଲେ ଭଗବାନ ମଣିଷ ହାତରୁ ନ ଖାଇଲେ ଭୋକରେ ରହନ୍ତି କହନ୍ତେ ନାହିଁ; ଶାଳଗ୍ରାମ କିପରି ଏକ ଭୌତିକ ପ୍ରକ୍ରିୟା ସେମାନେ ବି ଜାଣନ୍ତେ ; ଠାକୁର-ପୂଜା କରିଦେଲେ ସ୍ୱାସ୍ଥ୍ୟ ସୁଖ ଓ ଶାନ୍ତି ଆସେ ନାହିଁ, ମନରୁ ଆବିଳତା ଗଲେ ହିଁ ଆସେ। ନେତାମାନେ ପଢ଼ାପଢ଼ି କଲେ ନିଜର ମାନବିକତାର ବିକାଶ କରିପାରନ୍ତେ, ଧନଲୋଭରେ ମାନବିକତା ହରାନ୍ତେ ନାହିଁ। ପୂର୍ବକାଳରେ ରାଜାମାନେ ପ୍ରଜାଙ୍କ ଭଲମନ୍ଦ ଜାଣିବା ପାଇଁ ପରିସ୍ଥିତିକୁ ପଢ଼ିବା (ଜାଣିବା) ପାଇଁ ଗୋପନରେ ରାଜ୍ୟ ବୁଲୁଥିଲେ, ଏବେ ଗୋପନରେ ବୁଲିବା ଦରକାର ନାହିଁ ; ଆସନ ନ ଛାଡି ଦୃଶ୍ୟ-ଶ୍ରାବ୍ୟ ମାଧ୍ୟମମାନଙ୍କରୁ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀ ବଡ଼ ବଡ଼ ତ୍ରୁଟି ଜାଣିପାରନ୍ତେ ଓ ସମାଜକୁ ଉନ୍ନତ କରିପାରନ୍ତେ, ଅଘଟଣକୁ ରୋକନ୍ତେ ; ଅପରାଧ ଓ ଭ୍ରଷ୍ଟାଚାରକୁ କିପରି ପଦାଧିକାରୀମାନେ ଓ କୁଜିନେତାମାନେ ଘଣ୍ଟ ଘୋଡ଼ାଇ ଦେଉଛନ୍ତି ଜାଣିପାରନ୍ତେ। ନିଜର ବିକାଶ ପାଇଁ ଛାତ୍ର ପଢ଼େ, ଦେଶର ବିକାଶ ପାଇଁ ନେତାମାନେ ପଠନରତ ହେବା ଉଚିତ। ଘଟଣାବଳୀ ପଢ଼ିଲା (ଦେଖି, ଶୁଣି ଓ ପଢ଼ି) ପରେ କନ୍‌ଫରେନ୍ସ ଓ ପ୍ରେସ୍‌ନୋଟ୍ ନେତାକୁ ସମ୍ପୂର୍ଣ୍ଣ ମଣିଷ କରିପାରେ – ଆବ୍ରାହମ୍ ଲିଙ୍କନ୍‌ଙ୍କ ଏକ ସଂସ୍କରଣ ପରି।

sahadevas@yahoo.com

# ଗଣତନ୍ତ୍ରରେ କିଏ ମାଲିକ, କିଏ ସେବକ



ଇପ୍ସିତା ମହାନ୍ତି

ଉଇନ୍‌ଷ୍ଟନ ଚର୍ଚ୍ଚିଲଙ୍କ ଏକ ପ୍ରସିଦ୍ଧ ବାଣୀ ଥିଲା– "ଗଣତନ୍ତ୍ର ହେଉଛି ସବୁଠାରୁ ନିକୃଷ୍ଟ ଶାସନ ପଦ୍ଧତି, ଯାହା ପୂର୍ବରୁ ଅନେକ ଥର ପରୀକ୍ଷିତ ହୋଇସାରିଛି।" ଚର୍ଚ୍ଚିଲ ଏହା ମଧ୍ୟ କହିଥିଲେ ଯେ, ଅତି ସାଧାରଣ ମଣିଷଟିଏ ଭୋଟଦାନ କକ୍ଷରେ ପ୍ରବେଶ କରି ଏକ ଛୋଟିଆ ପେନ୍‌ସିଲ ସାହାଯ୍ୟରେ ଖଣ୍ଡେ କାଗଜ ଟୁକୁଡ଼ା ଉପରେ ଛୋଟିଆ ଦାଗଟିଏ ଅଙ୍କନ କରି ବିରାଟ ବଡ଼ ପରିବର୍ତ୍ତନ ଆଣିଥାଏ। ବାସ୍ତବରେ ଏହାହିଁ ହେଉଛି ଗଣତନ୍ତ୍ରର ବୈଚିତ୍ର୍ୟ ତଥା ମହାନତା। ସାଧାରଣ ଜନତାଙ୍କ ପ୍ରତ୍ୟକ୍ଷ ଏବଂ ବୃହତ୍ ଅଂଶ ଗ୍ରହଣ। କିନ୍ତୁ ଦୁର୍ଭାଗ୍ୟର କଥା, ସାଧାରଣ ଜନତାଙ୍କ ଏହି ଗୁରୁତ୍ୱପୂର୍ଣ୍ଣ ଭୂମିକା ଆଜି କେବଳ ମତଦାନ ପର୍ଯ୍ୟନ୍ତ ସୀମିତ। ରାଜନୀତିର ପରିଧି ମଧ୍ୟରେ ସୀମାବଦ୍ଧ ଦେଶ ଓ ସମାଜର ସ୍ଥିତି ଆଜି କେବଳ ଏଭଳି ଅନୁସନ୍ଧାନକୁ ଜନ୍ମ ଦେଇନାହିଁ ବରଂ ପୂର୍ବ ଅନୁସନ୍ଧାନ ଉପରେ ଏହା ତୀକ୍ଷ୍ଣ ଦୃଷ୍ଟି ରଖିଛି। ଏଭଳି ସ୍ଥିତିରେ ପ୍ରଶ୍ନ ଉଠେ ବାସ୍ତବିକ ଗଣତନ୍ତ୍ରରେ ମାଲିକ କିଏ ଏବଂ ସେବକ କିଏ?

ଜନସାଧାରଣଙ୍କ ସ୍ୱାର୍ଥରେ ନିଆଯାଉଥିବା ନିଷ୍ପତ୍ତିରେ ସେମାନଙ୍କର ନିଜସ୍ୱ ସହଭାଗିତା କେତେ? ଏଥିରେ ଜନତାଙ୍କ ମତାମତ ପ୍ରତ୍ୟକ୍ଷ ରୂପେ ଜଡ଼ିତ ନ ହେଲେ ସେମାନଙ୍କ ଉପରେ ଲଦି ଦିଆଯାଉଥିବା ଅବା ସେମାନଙ୍କ ପାଇଁ ଲାଗୁ ହେଉଥିବା ନିଷ୍ପତ୍ତିଗୁଡ଼ିକ କେବଳ ତୋଗଲକୀ ନିୟମ ଭଳି ପ୍ରତୀୟମାନ ହେବ। ଯୁକ୍ତରାଷ୍ଟ୍ରର ତତ୍କାଳୀନ ରାଷ୍ଟ୍ରପତି ଆବ୍ରାହମ୍ ଲିଙ୍କନ୍‌ଙ୍କ ମତରେ– "ଗଣତନ୍ତ୍ର ହେଉଛି ଲୋକଙ୍କର, ଲୋକମାନଙ୍କ ପାଇଁ, ଲୋକମାନଙ୍କ ଦ୍ୱାରା।" ଏହାକୁ ସର୍ବମାନ୍ୟ ଉକ୍ତି ଭାବେ ଗ୍ରହଣ କରାଯାଇଛି। ଗଣତନ୍ତ୍ରରେ ଜନତାଙ୍କୁ କ୍ଷମତାର ସର୍ବେସର୍ବା ଭାବେ ବିବେଚନା କରାଯାଇଥାଏ। କିନ୍ତୁ ଏହା ଆଧୁନିକ ନୁହେଁ, ଅତ୍ୟାଧୁନିକ ଗଣତନ୍ତ୍ର; ଯେଉଁଥିରେ ଜନତାଙ୍କ ସାର୍ବଭୌମତ୍ୱ ବିଷୟରେ କହିବା ଓ ଶୁଣିବାକୁ ଭଲ ଲାଗେ! କୌଣସି ଆଲେଖ୍ୟ ପାଇଁ ଏହା ଏକ ଭଲ ନିବନ୍ଧ ମଧ୍ୟ ହୋଇପାରିବ, କିନ୍ତୁ ପ୍ରକୃତରେ ଗଣତନ୍ତ୍ର ଆଜି ବିବାଦ ଘେରରେ।

ଜନ ଆନ୍ଦୋଳନରୁ ଜନ୍ମିତ କୃଷକ ଆନ୍ଦୋଳନ ଏଭଳି ପର୍ଯ୍ୟାୟ ଦେଇ ଗତି କରିଥିଲା। ପ୍ରତ୍ୟକ୍ଷ ଗଣତନ୍ତ୍ରରେ ବ୍ୟବସ୍ଥା ସମ୍ପାଦନରେ ଜନସାଧାରଣଙ୍କୁ କେତେ ମାତ୍ରାରେ ଅନ୍ତର୍ଭୁକ୍ତ କରାଯାଉଛି; କୃଷକ ଆନ୍ଦୋଳନକୁ ଏହାର ଏକ ପ୍ରତିଫଳନ ବୋଲି କହିପାରିବା। ନିକଟରେ ଖବରକାଗଜରେ ଏହି ବିଷୟରେ ଏକ ଆଲେଖ୍ୟ ପଢ଼ିଥିଲି, ଯେଉଁଥିରେ କୃଷି ଆଇନ ପରିପ୍ରେକ୍ଷୀରେ ସରକାରଙ୍କ ଉଦ୍ଦେଶ୍ୟ ଉତ୍ତମ ଥିବା ଦର୍ଶାଯାଇଥିଲା। ତେବେ ଏହାର ଏକମାତ୍ର ସମସ୍ୟା ହେଉଛି ଏପର୍ଯ୍ୟନ୍ତ ଚାଷୀଙ୍କୁ ଏହି ବିଷୟରେ ସଠିକ୍ ରୂପେ ବୁଝାଯାଇ ପାରିନାହିଁ। ସେହିଭଳି ଦେଶର ବିଭିନ୍ନ ରାଜ୍ୟରେ ନିୟମିତ ଅନ୍ତରାଳରେ ଚାଲୁଥିବା ଶିକ୍ଷକ, ଶ୍ରମିକ, ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀଙ୍କ ବାରମ୍ବାର ଆନ୍ଦୋଳନ ଗଣତାନ୍ତ୍ରିକ ସରକାରର କାର୍ଯ୍ୟକ୍ରମ ଓ ଯୋଜନା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ସରକାରଙ୍କ କଥା ଓ କାର୍ଯ୍ୟରେ ତାଳମେଳ ରହୁନଥିବାରୁ ଏଭଳି ସ୍ଥିତି ଉପୁଜୁଥିବା ପ୍ରତୀୟମାନ ହେଉଛି। ଏସବୁ ତଥ୍ୟ ଗଣତନ୍ତ୍ରର ବିଭିନ୍ନ ଦିଗ ଉପରେ ଆଲୋଚନା ପାଇଁ ଦ୍ୱାର ଖୋଲିଦେଇଛି।

ପାରଦର୍ଶିତା ହେଉଛି ଗଣତନ୍ତ୍ରର ଏକ ମୌଳିକ ଉପାଦାନ। ଗଣତନ୍ତ୍ର ଶାସନରେ ଶାସକରୂପୀ



ମାନସିକତାରୁ ବାହାରି ଆସିବା ନିହାତି ଜରୁରୀ। ଯୋଜନା ପ୍ରଣୟନ ସଂପୂର୍ଣ୍ଣ ରୂପେ ଗଣତାନ୍ତ୍ରିକ ପଦ୍ଧତିରେ ହେବା ପ୍ରତ୍ୟକ୍ଷ ଗଣତନ୍ତ୍ରର ମୂଳ ଲକ୍ଷ୍ୟ। କୌଣସି ଯୋଜନା, ନିୟମ ଅବା ଆଇନକୁ ଜନତା କେଉଁ ଦୃଷ୍ଟିରେ ଦେଖନ୍ତି, ନିଷ୍ପତ୍ତି ନେବା ପୂର୍ବରୁ ଏହାର ଅଧ୍ୟୟନ ଜରୁରୀ। ବିଭିନ୍ନ ଯୋଜନାରେ ଖର୍ଚ୍ଚ ହେଉଥିବା ଅର୍ଥ ଅବା ଜନତାଙ୍କ ହିତକୁ ଦୃଷ୍ଟିରେ ରଖି ପ୍ରସ୍ତୁତ ହେଉଥିବା ନୀତିନିୟମ ସମ୍ବନ୍ଧରେ ଜନସାଧାରଣଙ୍କୁ ଅବଗତ କରାଗଲେ ଗଣତନ୍ତ୍ରର ବିଶ୍ୱସନୀୟତା ବଢ଼ିବ। ସମ୍ପ୍ରତି ଏହାର ଘୋର ଅଭାବ ରହିଛି। ପ୍ରକୃତରେ ଆଇନ ଏବଂ ନ୍ୟାୟର ସମ୍ବନ୍ଧ ସାଧାରଣ ଜନତାଙ୍କ ସହ ଜଡ଼ିତ। ଗଣତନ୍ତ୍ର ଶାସନରେ ଆଇନ ପ୍ରଣୟନରେ ସାଧାରଣ ଜନତାଙ୍କ ସହଭାଗିତା ଜରୁରୀ। ସ୍ୱିଜରଲାଣ୍ଡରେ ପ୍ରାରମ୍ଭିକ ପ୍ରୟାସ, ଜନମତ ସଂଗ୍ରହ ଏବଂ ପ୍ରତିନିଧି ପ୍ରତ୍ୟାବର୍ତ୍ତନ (ପ୍ରତ୍ୟାହାର)ର ବ୍ୟବସ୍ଥା ରହିଛି। ଆମ ଦେଶରେ ଏପରି କୌଣସି ବ୍ୟବସ୍ଥା ନାହିଁ। ଗଣତନ୍ତ୍ରରେ ଗଣ ଅର୍ଥାତ୍ 'ଜନତା'ର ଅଧିକାର କ'ଣ? ସେହି ଅଧିକାରଗୁଡ଼ିକ ପ୍ରୟୋଗରେ ଏଠି ଅସଂଖ୍ୟ ପ୍ରତିବନ୍ଧକ ରହିଛି।

ଜନସାଧାରଣଙ୍କ ସ୍ୱାର୍ଥ ଏବଂ ଅଧିକାରର ସୁରକ୍ଷା ଦୃଷ୍ଟିରୁ ଏଠାରେ ବ୍ୟବସ୍ଥାପିକା, କାର୍ଯ୍ୟପାଳିକା ଏବଂ ନ୍ୟାୟପାଳିକା ରହିଛି। କିନ୍ତୁ ବହୁ ସମୟରେ ନିଷ୍ପତ୍ତିରେ ଅସହମତ ଓ ମତଭେଦ ଯୋଗୁ ବିରୋଧ, ବିଦ୍ରୋହ ଏବଂ ଆନ୍ଦୋଳନ ମୁଣ୍ଡ ଟେକୁଛି। ବେଳେବେଳେ ଏହା ଉଗ୍ର ରୂପ ଧାରଣ କରୁଛି। ଗଣତନ୍ତ୍ରରେ ଜନତା ହିଁ ଶାସକ ଓ ସେବକ! ଯେତେବେଳେ ଜନତାଙ୍କ ଭୂମିକା ବ୍ୟବସ୍ଥାପକଠାରୁ ଆରମ୍ଭ କରି ବ୍ୟବସ୍ଥାପନ ପର୍ଯ୍ୟନ୍ତ ପରିବ୍ୟାପ୍ତ ସେତେବେଳେ ନିଷ୍ପତ୍ତିଗୁଡିକ ସର୍ବସମ୍ମତ ହୋଇପାରୁନାହିଁ କାହିଁକି? ଏକଥା ସତ୍ୟ ଯେ, ବ୍ୟବସ୍ଥା ବିରୋଧୀ ଯାଚିକାଗୁଡ଼ିକ ଉପରେ ପ୍ରାୟତଃ ଶୁଣାଣି ହୁଏନାହିଁ। ଏଭଳି ସ୍ଥିତିରେ ସାଧାରଣ ନାଗରିକଟିଏ ନ୍ୟାୟ ପାଇବ କିପରି? ଯେକୌଣସି ବିରୋଧକୁ ଅସହମତି ପର୍ଯ୍ୟାୟରେ ସମାଧାନ କରାଯାଉ ନ ଥିବାରୁ ଶେଷରେ ଏକ ବିଦ୍ରୋହୀ ସ୍ୱର ବିସ୍ଫୋରିତ ହେଉଛି, ଯାହା ଆମେ ଗଣତାନ୍ତ୍ରିକ ହେବା ଉପରେ ସନ୍ଦେହ ସୃଷ୍ଟି କରେ।

ଆଜିର ଯୁଗରେ ଗଣତାନ୍ତ୍ରିକ ବୋଲି ଦାବି କରିବା ଫ୍ୟାଶନ ହୋଇଗଲାଣି। ନିର୍ବାଚନ ସମୟରେ ଚାରିଆଡ଼େ ଅଜବ ଧରଣର ଭାବପ୍ରବଣତା ଖେଳିଯାଉଛି। ଭାରତୀୟ ନିର୍ବାଚନ ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିଥାଏ। ଏହି ସମୟରେ ନେତାଙ୍କ ଦ୍ୱାରା ଆୟୋଜିତ ଜଳପାନ ଓ ଭୋଜିଭାତରେ ଜନତାଙ୍କ ଅଂଶଗ୍ରହଣ ଉତ୍ସବୀୟ ପରିବେଶର ଭ୍ରମ ସୃଷ୍ଟି କରୁଛି। ବଢୁଥିବା ରାଜନୈତିକ ପରିସର ଏବଂ ବିଶ୍ୱ ଅର୍ଥନୀତିର ଏକୀକରଣକୁ ଦୃଷ୍ଟିରେ ରଖି ଗଣତନ୍ତ୍ରର 'ଗଣ' ଅର୍ଥାତ୍ ଜନତା କେବଳ ଭୋଟଦାନ ମଧ୍ୟରେ ସୀମିତ ରହିବା ଅନୁଚିତ। ଦି ଇକୋନୋମିଷ୍ଟ ଇଣ୍ଟେଲିଜେନ୍ସ ୟୁନିଟର ତଥ୍ୟ ଅନୁଯାୟୀ ସାରା ଦୁନିଆର କେବଳ ୧୫% ଦେଶ ସମ୍ପୂର୍ଣ୍ଣ ଗଣତାନ୍ତ୍ରିକ ରାଷ୍ଟ୍ର। ଆଜି ଦୁନିଆର ପ୍ରାୟ ଏକ ତୃତୀୟାଂଶ ଦେଶ ଏକଚ୍ଛତ୍ରବାଦ ଶାସକଙ୍କ ଦ୍ୱାରା ପରିଚାଳିତ। ଏଭଳି ପୃଷ୍ଠଭୂମିରେ ନିଜ ଶାସକଙ୍କ ଚୟନ ପାଇଁ ମତଦାନ କରୁଥିବା ଲକ୍ଷ ଲକ୍ଷ ଭାରତୀୟ କେବଳ ଆଦର୍ଶ ମତଦାତା ବୋଲାଇବା ଉଚିତ ହେବନାହିଁ। ଶାସକ କିଏ, ସେବକ କିଏ? ଏହା ମଧ୍ୟରେ ଥିବା ଭିନ୍ନତାକୁ ଚିହ୍ନିବା ଭାରତୀୟ ମତଦାତାଙ୍କ ପାଇଁ ବଡ଼ ଆହ୍ୱାନ। ଏହା ଯଦିଚ କଷ୍ଟସାଧ, କିନ୍ତୁ ଏ ବିଷୟରେ ତର୍କସିଦ୍ଧ ଆଲୋଚନା ଗଣତନ୍ତ୍ରକୁ ପରିପୁଷ୍ଟ କରାଇବ।

ବୈପାରୀଗୁଡ଼ା, କୋରାପୁଟ,
ମୋ: ୬୩୭୦୬୭୯୪୦୫

## ଏଇ ଭାରତରେ

ଡାକ୍ତର ହେବ ତ ଏମିତି, ଯାହା କରୁଛନ୍ତି ଆନ୍ଧ୍ର ପ୍ରଦେଶର ବିନ୍ଦୁ ମେନନ। ଗୋଟିଏ ପଟେ ଚାକିରି ଓ ଅନ୍ୟ ପକ୍ଷରେ ମାଗଣା ରୋଗୀସେବା କରୁଛନ୍ତି ଡା.ବିନ୍ଦୁ। ସେ ନେଲୋରର ନାରାୟଣ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ନ୍ୟୁରୋଲୋଜି ବିଭାଗରେ କାର୍ଯ୍ୟରତ। ନିଜର ଦାୟିତ୍ୱ ପରେ ସେ ଭ୍ରାମ୍ୟମାଣ ଚିକିତ୍ସା ସେବା ଯୋଗାଉଛନ୍ତି। ସେ ନେଲୋର ଜିଲାର ଦୁର୍ଗମ ଗାଁଗୁଡ଼ିକୁ ଯାଇ ଅପସ୍ମାର, ଷ୍ଟ୍ରୋକ୍ ଓ ନ୍ୟୁରୋଲୋଜି ସମସ୍ୟାର ଚିକିତ୍ସା କରୁଛନ୍ତି। ଗାଡ଼ିରେ ସବୁପ୍ରକାର ଚିକିତ୍ସା ବ୍ୟବସ୍ଥା କରାଯାଇଛି। ୨୦୧୫ରୁ ସେ 'ନ୍ୟୁରୋ ଅନ୍ ହ୍ୱିଲ୍ସ' ନାମରେ ଏହି ଅଭିଯାନ ଚଳାଇଛନ୍ତି। ଏବେ ସୁଦ୍ଧା ସେ ୪୪ଟି ଗାଁରେ ୨୦୦ଟି ମେଡିକାଲ କ୍ୟାମ୍ପ କରି ମାଗଣା ଚିକିତ୍ସା ଯୋଗାଇ ଦେଇସାରିଲେଣି। ସେ ପ୍ରାୟ ୧୨,୦୦୦ ଲୋକଙ୍କୁ ନ୍ୟୁରୋ ସମସ୍ୟା, ଷ୍ଟ୍ରୋକ୍, ଅପସ୍ମାର ଏବଂ ଡାଇବେଟିସ ସମ୍ପର୍କରେ ସଚେତନ ମଧ୍ୟ କରିଛନ୍ତି। ଡା.ବିନ୍ଦୁ ପ୍ରତି ୩ ମାସରେ ଗାଁକୁ ଯାଉଛନ୍ତି ଓ ତାଙ୍କ ଚିକିତ୍ସା କାର୍ଯ୍ୟକ୍ରମ ଚଳାଉଛନ୍ତି। ଦୁର୍ଗମ ଅଞ୍ଚଳରେ ରୋଗୀମାନେ ଅଧିକ ଚିକିତ୍ସା ଚାହୁଁଥିଲେ ସେମାନଙ୍କୁ ବିନା ଖର୍ଚ୍ଚରେ ସହରର ହସ୍ପିଟାଲକୁ ଆଣୁଛନ୍ତି। ଏହାବ୍ୟତୀତ ଗାଁ ନିକଟସ୍ଥ ପିଏଚ୍‌ସିଗୁଡ଼ିକରେ ଥିବା ଡାକ୍ତରମାନଙ୍କୁ ଚିକିତ୍ସା ସମ୍ପର୍କରେ ଅବଗତ କରିବା ସହ ରୋଗୀମାନଙ୍କ ପାଇଁ ସେଠାରେ ଚିକିତ୍ସାର ବ୍ୟବସ୍ଥା କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୩ ମାର୍ଚ୍ଚ ୧୯୯୮

- ଶ୍ରୀଲଙ୍କାର ଉତ୍ତର ମାନ୍‌କୁଲାମ ନିକଟରେ ତାମିଲ ଗେରିଲାମାନେ ସେନା ବାହିନୀର ଏକ ଟ୍ରାକ୍ଟର ସଂଲଗ୍ନ ଟ୍ରଲି ଉପରକୁ ମୋର୍ଟାର ନିକ୍ଷେପ କରିବା ଫଳରେ ସେନାବାହିନୀର ଦୁଇ ଜଣ ଅଫିସରଙ୍କ ସମେତ ୧୪ ନିହତ।
- ବିଧାନସଭାରେ ଆସ୍ଥା ଭୋଟର ସମ୍ମୁଖୀନ ହେବା ପୂର୍ବରୁ ହିମାଚଳ ପ୍ରଦେଶର ମୁଖ୍ୟମନ୍ତ୍ରୀ ବୀରଭଦ୍ର ସିଂଙ୍କ ଇସ୍ତଫା ପ୍ରଦାନ।
- ଫେରା ଉଲ୍ଲଂଘନ ମାମଲାରେ କଂଗ୍ରେସ ସଭାପତି ସୀତାରାମ କେସରୀଙ୍କ ବିରୁଦ୍ଧରେ ଦିଲ୍ଲୀ ହାଇକୋର୍ଟ ଏକ ନୋଟିସ ଜାରି କରିଛନ୍ତି।

## su | do | ku
Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | 3 | 1 | | | | | | |
| 2 | | 6 | 3 | | | 7 | | 5 |
| | | 8 | | 9 | | | | |
| | 8 | | | 4 | | | 2 | |
| | | 5 | | | | 3 | 8 | |
| | 7 | | | | | | | 9 |
| | 1 | 7 | | | | | | 4 |
| | | | | | 6 | | 5 | 1 |
| | 2 | | 5 | 1 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 6 | 9 | 2 | 4 | 7 | 3 | 1 | 8 |
| 2 | 4 | 8 | 1 | 6 | 3 | 7 | 9 | 5 |
| 7 | 1 | 3 | 8 | 9 | 5 | 6 | 4 | 2 |
| 9 | 8 | 4 | 7 | 2 | 1 | 5 | 6 | 3 |
| 1 | 5 | 2 | 9 | 3 | 6 | 4 | 8 | 7 |
| 3 | 7 | 6 | 5 | 8 | 4 | 9 | 2 | 1 |
| 8 | 2 | 7 | 4 | 5 | 9 | 1 | 3 | 6 |
| 6 | 9 | 1 | 3 | 7 | 8 | 2 | 5 | 4 |
| 4 | 3 | 5 | 6 | 1 | 2 | 8 | 7 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପିଲାଙ୍କୁ ଗଢ଼ିବା ଦାୟିତ୍ୱ କାହାର

ମହାଶୟ,

ପିଲାମାନେ ହିଁ ଦେଶର ଭବିଷ୍ୟତ। କୌଣସି ପରିସ୍ଥିତିରେ ସେମାନଙ୍କୁ ଅବହେଳା ଓ ହତୋତ୍ସାହିତ କରିବା ଉଚିତ ନୁହେଁ। ସେମାନଙ୍କୁ ଦିଗ୍‌ଦର୍ଶନ ଦେଇ ସୁପଥଗାମୀ କରାଇବା ମାତାପିତା, ଅଭିଭାବକ ଓ ଶିକ୍ଷକମାନଙ୍କର କର୍ତ୍ତବ୍ୟ। ଜୀବନ କାଳ ମଧ୍ୟରେ ପିଲାମାନେ ଅଧିକ ସମୟ ସେମାନଙ୍କ ମାତାପିତା ଓ ଅଭିଭାବକଙ୍କ ସହ ବିତାଇଥାନ୍ତି। କେବଳ ନିର୍ଦ୍ଦିଷ୍ଟ କେତେ ସମୟ ସେମାନେ ଶିକ୍ଷକମାନଙ୍କ ଦାୟିତ୍ୱରେ ରହିଥାନ୍ତି। ଏହି ଅବସରରେ ମାତାପିତା ଓ ଅଭିଭାବକମାନଙ୍କର ଭୂମିକା ଅଧିକ ଗୁରୁତ୍ୱପୂର୍ଣ୍ଣ। ତେଣୁ ସେମାନେ ପିଲାମାନଙ୍କୁ ଅଧିକ ସ୍ନେହରେ ନ ବାନ୍ଧି ମଝିରେ ମଝିରେ ତାଗିଦା କରିବା ଆବଶ୍ୟକ। ଯେହେତୁ ବିଦ୍ୟାଳୟ ଏବେ ଦଣ୍ଡମୁକ୍ତ ଅଞ୍ଚଳ ଘୋଷଣା ହୋଇଛି, ସେ ଦୃଷ୍ଟିରୁ ଶିକ୍ଷକମାନଙ୍କ ହାତ ବାନ୍ଧି ହୋଇଯାଇଛି। କଥାରେ ଅଛି– ଉଞ୍ଚାଉ ଥିବୁ ବାଡ଼େଇବୁ ନାହିଁ, ଗୋଡ଼ାଉଥିବୁ ଧରିବୁ ନାହିଁ। ଅର୍ଥାତ୍ ହୃଦୟ ମଧ୍ୟରେ ସ୍ନେହ ସାଇତି ରଖି ବାହ୍ୟମତେ ଭୟ ପ୍ରଦର୍ଶନ କରିବା ଉଚିତ। ଫଳରେ ପିଲାମାନେ ଶୃଙ୍ଖଳିତ ହୋଇ ସୁନାଗରିକ ହେଇପାରିବେ।

– ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ସକଳ ଗ୍ଳାନି ସକଳ ତାପ
ପୁଞ୍ଜୀଭୂତ ଜୀବନେ ପାପ
ଉଭେଇ ଗଲା ମାନବ ପରୁଁ
ସକଳ ଅବିଶ୍ୱାସ
ବିଶ୍ୱ ହେଲା ନିକଟତମ ଅତି ହିଁ ପ୍ରିୟ, ପ୍ରାସ।
–(କୁହୁ ପ୍ରାସ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ଦୁର୍ଘଟଣାରେ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ମୃତ୍ୟୁ

**ସଇଁତଳା,୧୨।୩(ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ଟିକ୍ରାପଡା ପଞ୍ଚାୟତର ନିର୍ବାହୀ ଅଧିକାରୀ ଜନାର୍ଦ୍ଦନ ଯୋଶୀଙ୍କ ରବିବାର ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଯୋଶୀ କରମତଳା ପଞ୍ଚାୟତର ଡୁଷ୍ଟାପାଲରୁ ଏକ ବାହାଘର କାର୍ଯ୍ୟକ୍ରମରେ ଯୋଗଦେଇ ବାଇକ ଯୋଗେ ନିଜ ଗ୍ରାମ କେନକେବାକୁ ଫେରୁଥିବା ବେଳେ ଧୂମାଭଟା ଗ୍ରାମ ନିକଟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ତୁରନ୍ତ ପାଟଣାଗଡ ଡାକ୍ତରଖାନାକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।



### କଫ ସିରପ ଚଢ଼ାଉ, ୩୨ ଅଟକ

**ବଲାଙ୍ଗୀର ଅଫିସ, ୧୨।୩:** ବଲାଙ୍ଗୀର ସହରରେ ସ୍ଥାନୀୟ ପୋଲିସ ଏକ ବଡଧରଣର କଫ୍ ସିରପ୍ ଚଢ଼ାଉ ଅଭିଯାନ ଆରମ୍ଭ କରିଛି। ରବିବାର ରାତିତମାମ ଏହି ଅଭିଯାନ ଚାଲିଛି। ଏଥିରେ ୩୨ରୁ ଉର୍ଦ୍ଧ୍ୱ ଲୋକଙ୍କୁ ଅଟକ ରଖାଯାଇ ସେମାନଙ୍କଠାରୁ ବ୍ୟାପକ ପରିମାଣର ବେଆଇନ୍ କଫ୍ ସିରଫ ଜବତ କରାଯାଇଛି। ଏନେଇ ପୋଲିସ ପକ୍ଷରୁ ସବିଶେଷ ସୂଚନା ଦିଆଯାଇନାହିଁ। କଫ୍ ସିରଫ ମାଫିଆଙ୍କୁ ପାନେ ଦେବାକୁ ଯାଇ ଏସପି ନୀତିନ କୁଶଲକରଙ୍କ ନିର୍ଦ୍ଦେଶରେ ଏହି ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି। ଏନେଇ ସୋମବାର ଖବରଦାତା ସମ୍ମିଳନୀ କରାଯାଇ ସୂଚନା ଦିଆଯିବ ବୋଲି ପୋଲିସ ସୂତ୍ରରୁ ଜଣାପଡିଛି।

### ଜିଲାସ୍ତରୀୟ ଲୋକ ଅଦାଲତ

**ନୂଆପଡ଼ା ଅଫିସ,୧୨।୩:** ସ୍ଥାନୀୟ କୋର୍ଟ ପରିସରରେ ଜିଲା ଦେୱାନୀ ଓ ଦୌରାଜଜ୍ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି ଅଦାଲତରେ ସମସ୍ତ ଅଦାଲତ ଓ ତହସିଲ କାର୍ଯ୍ୟାଳୟ ଅଂଶ ଗ୍ରହଣ କରିଥିଲେ। ଏଠାରେ ଦୁଇଟି ଏନ୍ଏସିଟି ମାମଲାର ବିଚାର କରି ୧୨ ଲକ୍ଷ ୮୫ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଗୋଟିଏ ପାରିବାରିକ ମାମଲା ଓ ଦୁଇଟି ଜମି ଅଧିଗ୍ରହଣ ମାମଲାର ସମାଧାନ ହୋଇଛି। ଅଦାଲତରେ ୨୦୫ଟି ରାଜସ୍ୱ ମାମଲାର ସମାଧାନ ହୋଇଥିଲା। ଏଠାରେ ଅତିରିକ୍ତ ଜଜ୍ ମୀନାକ୍ଷୀ ଦାସ, ମହିଳା କୋର୍ଟ ଜଜ୍ ପୁନମ ଜେନା, ବରିଷ୍ଠ ଦେୱାନୀ ଜଜ୍ ସୁକୁମାର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ସିଭିଲ କୋର୍ଟ ରେଜିଷ୍ଟ୍ରାର ସନ୍ତୋଷ ପାଣିଗ୍ରାହୀ ଓ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ଲୋପାମୁଦ୍ରା ମଲ୍ଲ ଆୟୋଜନ କରିଥିଲେ।

# ହୋଟେଲ, ବାର୍ ଭାଙ୍ଗିଲା ପୋଲିସ

■ଦ୍ୱିତୀୟ ଦିନରେ ଉଚ୍ଛେଦ କାର୍ଯ୍ୟ ଜାରି

■କୋଟିଏ ଟଙ୍କାର ସମ୍ପତ୍ତି ଧୂଳିସାତ୍

**ବଲାଙ୍ଗୀର ଅଫିସ, ୧୨।୩**

ବହୁ ଅପରାଧର ଅଭିଯୁକ୍ତ, ଜମି ମାଫିଆ, ଟେଣ୍ଡର ଫିକ୍ସର ଟିମନ୍ ଓରଫ ଶ୍ରୀକାନ୍ତ କୁମ୍ଭାରଙ୍କ କୋଟି ଟଙ୍କାର ବେଆଇନ ଘର ଏବଂ ଅଫିସ ଭଙ୍ଗା ଅଭିଯାନ ରବିବାର ଦ୍ୱିତୀୟ ଦିନରେ ଜାରି ରହିଥିଲା। ବଲାଙ୍ଗୀର ଜିଲା ପ୍ରଶାସନ ଏବଂ ପୋଲିସ ଶନିବାରଠାରୁ ଆରମ୍ଭ ହୋଇଥିବା ଏହି ସ୍ୱତନ୍ତ୍ର ଅଭିଯାନ ରବିବାର ମଧ୍ୟ ଜାରି ରହିଥିଲା। ପୂର୍ବାହ୍ନରୁ ଲର୍କିପାଲିଠାରେ ଶନିବାରର ଅଧାଭଙ୍ଗା ଅଟ୍ଟାଳିକା, ସଂଲଗ୍ନ ତିନୋଟି ଘର ଏବଂ ପଥରଚେପାଠାରେ ଥିବା ହୋଟେଲ ବା ରେଷ୍ଟୁରାଣ୍ଟ ପ୍ରିୟାକୁ ଭାଙ୍ଗିବା ଆରମ୍ଭ କରାଯାଇଥିଲା। ଲର୍କିପାଲି ଅଟ୍ଟାଳିକା ପାଖରେ ଥିବା ତିନୋଟି ଘର ଅଭିଯୁକ୍ତ ଟିମନଙ୍କର ବୋଲି ଜଣାପଡିବା ପରେ ଏହାକୁ ମଧ୍ୟ ଧୂଳିସାତ୍ କରିଦିଆଯାଇଥିଲା।ଏଠାରେ ଟିମନ୍ ଏକ ସ୍ୱତନ୍ତ୍ର ବାର୍ (ମଦକୋଠି) ଖୋଲି ଥିବା ଜାଣିବା ପରେ ପୋଲିସ ଟିମ୍ ଏହାକୁ ଭାଙ୍ଗି ଦେଇଛି। ଏହା ସହିତ ପଥରଚେପାଠାରେ ବଲାଙ୍ଗୀର-ପାଟଣାଗଡ ରାସ୍ତାକଡରେ ବେଆଇନ ଅଫିସ ସଂଲଗ୍ନ ହୋଟେଲ ପ୍ରିୟାକୁ ମଧ୍ୟ ଭାଙ୍ଗି ଦିଆଯାଇଛି।




ବଲାଙ୍ଗୀର-ପାଟଣାଗଡ ରାସ୍ତାର ପଥରଚେପାଠାରେ ଥିବା ବେଆଇନ ଅଫିସ ସଂଲଗ୍ନ ହୋଟେଲ ପ୍ରିୟାକୁ ଭାଙ୍ଗି ଦିଆଯାଇଛି।

ଏଠାରେ ଟିମନ୍ ସରକାରୀ ଜମି କବ୍ଜା କରି ଏକ ଅଫିସ ସହ ଏକ ହୋଟେଲ ବା ରେଷ୍ଟୁରାଣ୍ଟ ଖୋଲିଥିଲେ। ଏହି ସରକାରୀ ଜମିରେ ଅଫିସ, ଘର, ବାର୍ ଏବଂ ହୋଟେଲ ଖୋଲି ଟିମନ୍ ଏଠାରୁ ତାଙ୍କର ଆପରାଧିକ ସାମ୍ରାଜ୍ୟ ଚଳାଇଥିବା ପୋଲିସ ପକ୍ଷରୁ କୁହାଯାଇଛି।

ରବିବାର ପୋଲିସ ଟିମ୍ ଟିମନ୍ଙ୍କ ସହର ଭିତରେ ଥିବା ସରକାରୀ ଆଡ୍ଡା, ଘର ଖୋଜି ଖୋଜି ଭାଙ୍ଗିବା ଆରମ୍ଭ କରିଛି। ଶନିବାରଠାରୁ ପୋଲିସ ପ୍ରଶାସନ ବୁଲଡୋଜର ଚଳାଇବା ପରଠାରୁ ଟିମନ୍ କୁଆଡେ ଫେରାର ମାରିଛନ୍ତି। ତାଙ୍କ ଧରିବାକୁ ଉଦ୍ୟମ ଆରମ୍ଭ କରାଯାଇଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଉପଜିଲାପାଳ କୁମାର ନାଗଭୂଷଣ କହିଛନ୍ତି ଯେ, ସରକାରୀ ଜମି ଉପରେ ଟିମନ୍ କୁମ୍ଭାରଙ୍କ ବେଆଇନ ଜବରଦଖଲ ଏବଂ ଏଠାରୁ ଆପରାଧିକ କାର୍ଯ୍ୟ ପରିଚଳାନା ନେଇ ପୋଲିସ ପକ୍ଷରୁ ସୂଚନା ଦିଆଯିବା ପରେ ଜିରୋ ଟଲରେନ୍ସ ନୀତି ଅବଲମ୍ବନ କରାଯାଇ ସ୍ୱତନ୍ତ୍ର ଦମନମୂଳକ ଅଭିଯାନ ଆରମ୍ଭ କରାଯାଇଛି। ସହରର ବହୁ ସ୍ଥାନରେ ବେଆଇନ ଭାବେ ସରକାରୀ ଜମି ଜବରଦଖଲ କରି ସେଠାରୁ ଆପରାଧିକ କାର୍ଯ୍ୟ କରୁଥିବା ଅଭିଯୁକ୍ତଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଛି। ଏହି କ୍ରମରେ ଟିମନ୍ଙ୍କ ବେଆଇନ ନିର୍ମାଣ ଭଙ୍ଗା ଯାଉଛି ବୋଲି କହିଛନ୍ତି। ଏସ୍‌ଡିପିଓ ତୋଫାନ ବାଗ ଦ୍ୱିତୀୟ ଦିନରେ ଟିମନଙ୍କ ବେଆଇନ କୋଠା ଭଙ୍ଗାଯିବା ସହ ବାକି ରହିଥିବା ଅନ୍ୟକୋଠା ସୋମବାର ମଧ୍ୟ ଭଙ୍ଗାଯିବ ବୋଲି କହିଛନ୍ତି। ରବିବାର ୨ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

# ଗ୍ରାହକ ପଞ୍ଚାୟତ ପ୍ରାନ୍ତୀୟ କାର୍ଯ୍ୟକର୍ତ୍ତା ପ୍ରଶିକ୍ଷଣ ଶିବିର




ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ଓଡିଶା ପଶ୍ଚିମ ପ୍ରାନ୍ତ କାର୍ଯ୍ୟକର୍ତ୍ତା ପ୍ରଶିକ୍ଷଣ ଶିବିରରେ ମଞ୍ଚାସୀନ କର୍ମକର୍ତ୍ତା।

**ବଲାଙ୍ଗୀର ଅଫିସ, ୧୨।୩**

ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ଓଡିଶା ପଶ୍ଚିମ ପ୍ରାନ୍ତ କାର୍ଯ୍ୟକର୍ତ୍ତା ପ୍ରଶିକ୍ଷଣ ଶିବିର ପ୍ରାନ୍ତୀୟ ସଭାପତି ଶଶିଭୂଷଣ ପୁରୋହିତଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ କଦମପଡା ସରସ୍ୱତୀ ଶିଶୁ ମନ୍ଦିରରେ ଅନୁଷ୍ଠିତ ହୋଇଛି। ଦୁଇଦିନ ଧରି ଅନୁଷ୍ଠିତ ହୋଇଥିବା ଏହି ଶିବିରରେ କେନ୍ଦ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରାନ୍ତ ଦାୟିତ୍ୱରେ ଥିବା ରବିକାନ୍ତ ଜୟସ୍ୱାଲ ଯୋଗଦେଇଥିଲେ। ଆଗାମୀ ବର୍ଷ ସଙ୍ଗଠନର ସୁବର୍ଣ୍ଣ ଜୟନ୍ତୀ ବର୍ଷ ହୋଇଥିବାରୁ ଏହାର ପାଳନ ନିମନ୍ତେ ସବିଶେଷ ଆଲୋଚନା କରାଯାଇଥିଲା। ସମାଜରେ ଗ୍ରାହକ ଜାଗରଣ ସକାଶେ ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ କାର୍ଯ୍ୟକର୍ତ୍ତାଙ୍କ ଭୂମିକା ଓ ସାଙ୍ଗଠନିକ କାର୍ଯ୍ୟପଦ୍ଧତି ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ। ସଙ୍ଗଠନ ସଭାପତି ପୁରୋହିତ ଗ୍ରାହକ ସୁରକ୍ଷା ଆଇନର ନୂତନ ସଂଶୋଧନ ଓ କାର୍ଯ୍ୟକାରିତା ଉପରେ ଆଲୋଚନା କରି ଗ୍ରାହକ ପାଉଥିବା ସୁବିଧା ସୁଯୋଗର ଆଲୋଚନା କରିଥିଲେ। ଅନ୍ୟତମ ପ୍ରଶିକ୍ଷକ ପ୍ରାନ୍ତ ପୂର୍ବ ସଭାପତି କେନ୍ଦ୍ରୀୟ କାର୍ଯ୍ୟକାରିଣୀ ନିମନ୍ତ୍ରିତ ସଦସ୍ୟ ରାଧାମାଧବ ବହିଦାର ଦେଶର ଅର୍ଥନୀତିରେ ପରିବାର ଓ ସମାଜର ଆର୍ଥିକ ସୁପରିଚାଳନା ଉପରେ ଗୁରୁତ୍ୱ ଦେଇଥିଲେ। ଆର୍ଥିକ ଦିଗ ପ୍ରତି ବିଶେଷ ଧ୍ୟାନ ଦେବା ସହ ମହିଳା ଓ ଯୁବବର୍ଗଙ୍କୁ ସକ୍ରିୟ ଦାୟିତ୍ୱ ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। ସଙ୍ଗଠନ ସମ୍ପାଦକ ସତ୍ୟନାରାୟଣ ପଟେଲ କାର୍ଯ୍ୟକ୍ରମକୁ ସଂଯୋଜନା କରିବା ସହ ବିଭିନ୍ନ ଜିଲା ପଞ୍ଚାୟତ ଗୁଡିକର ସମୀକ୍ଷା କରିଥିଲେ। ସୁନ୍ଦରଗଡ ଜିଲା ସଭାପତି ଚିନ୍ମୟ ପାଣିଗ୍ରାହୀ, ବଲାଙ୍ଗୀର ଜିଲା ସଭାପତି ଗୋପବନ୍ଧୁ ଶତପଥୀ, ରାୟଗଡା ଜିଲା ସଭାପତି କିଶୋର ସାହୁ ବିବରଣୀ ପ୍ରଦାନ କରିଥିଲେ।ବଲାଙ୍ଗୀର ଜିଲା ସଭାପତି ଗୋପବନ୍ଧୁ ଶତପଥି ସ୍ୱାଗତ ବକ୍ତବ୍ୟ ଦେଇଥିଲେ। ଏହି ବୈଠକରେ ରାଜ୍ୟ ମହିଳା ପ୍ରମୁଖ ସଞ୍ଜୁକ୍ତା ମିଶ୍ର, ସଚିବ ମାଣିକ ବର୍ମା, କୋଷାଧ୍ୟକ୍ଷ ନଳିନୀକାନ୍ତ ମହାନ୍ତି, ରାଷ୍ଟ୍ରୀୟ କାର୍ଯ୍ୟକର୍ତ୍ତା ମୀନାକ୍ଷୀ ନାୟକ, ବଲାଙ୍ଗୀର ମହିଳା ପ୍ରମୁଖ ନିହାରିକା ମିଶ୍ର ଉପସ୍ଥିତ ଥିଲେ। ଆଇନଜୀବୀ ଅଶୋକ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ତରଭା ସହରର ବିଭିନ୍ନ ଛକରେ ମହିଳାଙ୍କ ପାଇଁ ନାହିଁ ଶୌଚାଳୟ

**ତରଭା,୧୨।୩(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ତରଭା ସହରର ବିଭିନ୍ନ ଛକରେ ମହିଳାଙ୍କ ସୁବିଧା ପାଇଁ ଶୌଚାଳୟ ନାହିଁ। ଫଳରେ ପ୍ରତ୍ୟେକ ଦିନ ସହରକୁ ବିଭିନ୍ନ ପ୍ରକାର ସରକାରୀ ତଥା ବେସରକାରୀ କାର୍ଯ୍ୟରେ ଆସୁଥିବା ମହିଳାମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ଅତ୍ୟାବଶ୍ୟକ ସାମଗ୍ରୀ କିଣାବିକା ଲାଗି ବଜାର, ହାଟ ଆସୁଥିବା ମହିଳାଙ୍କ ଦୁର୍ଦ୍ଦଶା ଆଖିରେ ନ ଦେଖିଲେ ସହଜରେ ବିଶ୍ୱାସ କରି ହେବନାହିଁ। ଏନେଇ ସଚେତନ ନାଗରିକ ମହଲରେ ଅସନ୍ତୋଷ ଦେଖାଦେଇଛି।। ସୂଚନାଯୋଗ୍ୟ, ସାପ୍ତାହିକ ହାଟ ତଥା ଆହାର କେନ୍ଦ୍ର ନିକଟରେ ସର୍ବସାଧାରଣଙ୍କ ପାଇଁ ଉର୍ଦ୍ଦିଷ୍ଟ ଶୌଚାଳୟ ରହିଛି। ହେଲେ ଏହା ଉଦ୍‌ଘାଟନ ହେବା ଦିନଠାରୁ ସେଠାରେ ତାଲା ଝୁଲୁଛି। ସହରର ବିଭିନ୍ନ ସ୍ଥାନରେ ଶୌଚାଳୟ ତିଆରି ହୋଇଥିଲେ ହେଁ ପାଣି ବ୍ୟବସ୍ଥା ନ ଥିବାରୁ ବ୍ୟବହାରଯୋଗ୍ୟ ହୋଇ ନ ପାରି ପରିତ୍ୟକ୍ତ ଅବସ୍ଥାରେ ପଡିରହିଛି। ବର୍ତ୍ତମାନ କେବଳ ଥାନା ସମ୍ମୁଖରେ ଥିବା ଶୌଚାଳୟ କାର୍ଯ୍ୟକ୍ଷମ ରହିଛି। ପ୍ରଶାସନ ପକ୍ଷରୁ ଯଥାଶୀଘ୍ର ମହିଳାଙ୍କ ସମ୍ମାନ ଲାଗି ସ୍ୱତନ୍ତ୍ର ଦୃଷ୍ଟି ଦେବା ସହ ପ୍ରମୁଖ ଛକରେ ଶୌଚାଳୟ ନିର୍ମାଣ ଦିଗରେ ବିହିତ ପଦକ୍ଷେପ ନେବାକୁ ଦାବି ହେଉଛି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

smbselfie@gmail.com



@ ବିକାଶ



@ ଧ୍ରୁବେନ



@ ମନୋଜ



@ ସୁବ୍ରତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୬ ଅଭିଯୁକ୍ତଙ୍କୁ ଗିରଫ କଲା ପୋଲିସ

**ବରଗଡ଼ ଗୁଳିକାଣ୍ଡ ଘଟଣା**

■ଗିରଫ ସଂଖ୍ୟା ୮ରେ ପହଞ୍ଚିଲା

■ଏବେ ବି ଧରାପଡ଼ି ନାହାନ୍ତି ମୁଖ୍ୟ ଅଭିଯୁକ୍ତ

**ବରଗଡ଼ ଅଫିସ୍୧୨ ।୩**

ବରଗଡ଼ସହରର ସରକାରୀ ବସ୍‌ଷ୍ଟାଣ୍ଡ ନିକଟରେ ଗତ ୯ତାରିଖ ରାତି ପ୍ରାୟ ୯ଟାରେ ସଂଘଟିତ ଗୁଳିକାଣ୍ଡ, ଭୁଜାଲି ମାଡ଼ ଘଟଣାରେ ସମ୍ପୃକ୍ତ ୬ଜଣଙ୍କୁ ସ୍ଥାନୀୟ ଟାଉନ ଥାନା ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବରଗଡ଼ ରେଳ ଷ୍ଟେଶନ ପଡ଼ାର ସୁଜିତ ସ୍ୱାଇଁ(୨୬), ଦୁଷ୍ମନ୍ତ ମହାନ୍ତି(୨୮), ସରୋଜ ମଲ୍ଲିକ(୨୮), ଦିବ୍ୟରଞ୍ଜନ ଦାଶ(୨୭), ଅମିତ କୁମାର ନାୟକ(୨୪) ଏବଂ ଇନ୍ଦ୍ରଜିତ ସ୍ୱାଇଁ(୨୭)। ଏଥିପୂର୍ବରୁ ଗତ ୧୦ତାରିଖ ପୋଲିସ୍ ବରଗଡ଼ ରେଳ ଷ୍ଟେଶନ ପଡ଼ାର ବିଷ୍ଣୁ ରଞ୍ଜନ ମହାପାତ୍ରଏବଂ ବରଗଡ଼ ୱାର୍ଡ଼ ନଂ-୩ ମନାବନ୍ଧ ପଡ଼ାର ପ୍ରମୋଦ ମଲ୍ଲିକଙ୍କୁ ଗିରଫ କରିଥିଲା। ଏହି ଘଟଣାରେ ଗିରଫଦାରୀ ସଂଖ୍ୟା ୮ରେ ପହଞ୍ଚିଛି। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ଆହୁରି ଅନେକ ଫେରାର୍ ଅଛନ୍ତି। ଫେରାର୍ ଅଭିଯୁକ୍ତଙ୍କୁ ଧରିବା ପାଇଁ ସ୍ୱତନ୍ତ୍ର ପୋଲିସ ଟିମ୍ ଗଠନ କରାଯାଇଛି ଏବଂ ଖୁବ୍‌ଶୀଘ୍ର ଗିରଫ ହେବେ ବୋଲି ଏସପି ପି.ଏସ୍ ମିନା କହିଛନ୍ତି। ପ୍ରକାଶଥାଉକି, ଗତ ୯ତାରିଖ ରାତି ପ୍ରାୟ ୮ଟା ୪୫ରେ ବରଗଡ଼ ହାଟପଦାର ଜଗନ୍ନାଥ କର୍ଣ୍ଣ ତାଙ୍କ ବନ୍ଧୁ ଲକ୍ଷ୍ମଣ ସାହୁ, ଶିବ କୁମ୍ଭାର ଏବଂ ଜ୍ୟୋତିରାଜ ମହାନନ୍ଦଙ୍କ ସହିତ ବରଗଡ଼ ସରକାରୀ ବସଷ୍ଟାଣ୍ଡ ପାଖରେ ରହିଥିବା ଏକ କୁକୁଡ଼ା ଦୋକାନ ପାଖରେ ବସିଥିଲେ। ଏହି ସମୟରେ ଅଭିଯୁକ୍ତମାନେ ବନ୍ଧୁକ, ଭୁଜାଲି ଆଦି ମାରଣାସ୍ତ୍ର ଧରି ବାଇକ୍ ଏବଂ କାର୍ ଯୋଗେ ସେଠାକୁ ପହଞ୍ଚି ଅତର୍କିତ ଆକ୍ରମଣ କରିଥିଲେ। ଏଥିରେ ଜଗନ୍ନାଥ ଗୁରୁତର ଆହତ ହୋଇଥିବାବେଳେ ଅନ୍ୟମାନେ ସାମାନ୍ୟ ଆହତ ହୋଇଥିଲେ। ଏହି ଘଟଣାରେ ବରଗଡ଼ ଟାଉନ ଥାନା ପୋଲିସ ଏକ ମାମଲା(୧୬୬/୨୩) ରୁଜୁ କରି ଅଧିକ ତଦନ୍ତ ଚଳାଇଛି।



ଗିରଫ ହୋଇଥିବା ୬ଅଭିଯୁକ୍ତ।

# କଳାହାଣ୍ଡି ପାଇଁ ଗୌରବ ଆଣିଲେ ଶୁଭଲକ୍ଷ୍ମୀ



ଭବାନୀପାଟଣାରେ ପହଞ୍ଚିବା ପରେ ଶୁଭଲକ୍ଷ୍ମୀଙ୍କୁ ଶୁଭେଚ୍ଛା ଜଣାଯାଉଛି।

**ନେପାଳରେ ଏନ୍‌ସିସି ପକ୍ଷରୁ ଭାରତରୁ କଲେ ପ୍ରତିନିଧିତ୍ୱ**

**ଭବାନୀପାଟଣା,୧୨।୩(ସ୍ୱ.ପ୍ର.)**

ନେପାଳରେ ଏନ୍‌ସିସି ପକ୍ଷରୁ ଚଳିତ ମାସରେ ଆୟୋଜିତ ୟୁଥ୍ ଏକ୍ସଚେଞ୍ଜ କାର୍ଯ୍ୟକ୍ରମରେ ଭାରତରୁ ପ୍ରତିନିଧିତ୍ୱ କରି ଓଡିଶାରୁ ଜଣେ ମାତ୍ର ଛାତ୍ରୀ ଭାବେ କଳାହାଣ୍ଡି ଜିଲା ପାଇଁ ଗୌରବ ଆଣିଛନ୍ତି ଭବାନୀପାଟଣା ସହରର ଶୁଭଲକ୍ଷ୍ମୀ ଦାସ। ସେ ବର୍ତ୍ତମାନ କଳାହାଣ୍ଡି ବିଶ୍ୱବିଦ୍ୟାଳୟରେ ଇଂଲିଶର ପିଜିରେ ଅଧ୍ୟୟନରତ ଅଛନ୍ତି। ମିନିଷ୍ଟ୍ରି ଅଫ୍ ଏକ୍ସଟର୍ନାଲ ଆଫାୟାରାର୍ସ ପକ୍ଷରୁ ସମଗ୍ର ଭାରତରୁ ୧୬ଜଣ କେଟେଡ ଯାଇଥିବାବେଳେ ଶୁଭଲକ୍ଷ୍ମୀ ଓଡିଶାରୁ ଜଣେ ମାତ୍ର ଛାତ୍ରୀ ଭାବେ ଭାରତରୁ ପ୍ରତିନିଧିତ୍ୱ କରିଥିଲେ। ସେଠାରେ ସେ ନେପାଳ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଚିଫ୍ ଆର୍ମି ଅଧିକାରୀ ଡିଜି ଏନସିସି ସମେତ ବହୁ ମାନଗଣ୍ୟ ବ୍ୟକ୍ତିଙ୍କ ସାଙ୍ଗରେ ବିଭିନ୍ନ ପ୍ରସଙ୍ଗରେ ତାଙ୍କର ମତ ରଖିଥିଲେ। ସେହିପରି ସେଠାରେ ସେ ସାର୍କ ସେକ୍ରେଟେରିଆଟ ପରିସରରେ ତିନୋଟି ଦେଶ ଯଥା ଭାରତ, ପାକିସ୍ତାନ ଓ ମାଳଦୀପ ଦେଶ ପକ୍ଷରୁ ତିନି ଦେଶର ପ୍ରତିନିଧି ଭାବେ ସେଠାରେ ଧନ୍ୟବାଦ ଅର୍ପଣ ପାଇଁ ମଧ୍ୟ ସୁଯୋଗ ପାଇଥିଲେ। ଶୁଭଲକ୍ଷ୍ମୀ ପିଲାଟି ଦିନରୁ ଏନସିସିର ଏକ କେଡେଟ ଭାବେ ପରିଚିତ ଥିବାବେଳେ ୨୦୧୬ରେ ସୁରଭି କାର୍ଯ୍ୟକ୍ରମରେ ରାଜ୍ୟପାଳଙ୍କଠାରୁ ସମ୍ମାନିତ ହୋଇଥିଲେ। ଏହାସହ ୨୦୧୭ରେ ରାଜ୍ୟପାଳ ପୁରସ୍କାର, ୨୦୨୨ରେ ଦିଲ୍ଲୀ ସାଧାରଣତନ୍ତ୍ର ଦିବସରେ ଓଡିଶାରୁ ପ୍ରତିନିଧିତ୍ୱ କରି ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ଚଳିତବର୍ଷ ୨୦୨୩ ପାଇଁ ମଧ୍ୟ ସେ ଶ୍ରେଷ୍ଠ ନାଭାଲ ଏନସିସି କ୍ୟାଡେଟ ଭାବେ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ହୋଇଛନ୍ତି। ବର୍ତ୍ତମାନ ସେ ଭାରତୀୟ ପ୍ରଶାସନିକ ପରୀକ୍ଷା ପାଇଁ ପ୍ରସ୍ତୁତି କରୁଥିବାବେଳେ ଭବିଷ୍ୟତରେ ଜଣେ ଆଇଏଏସ୍ ଅଧିକାରୀ ହୋଇ ଦେଶ ସେବାରେ ନିଜକୁ ନିୟୋଜିତ କରିବା ପାଇଁ ଲକ୍ଷ ରଖିଛନ୍ତି। ଏହି ସଫଳତା ପରେ ଶୁଭଲକ୍ଷ୍ମୀଙ୍କୁ ଜିଲାର ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

# ବୌଦ୍ଧର ପ୍ରଫୁଲ୍ଲ ଦୀପଙ୍କୁ ପରିବେଶ ରତ୍ନ ସମ୍ମାନ

**ବୌଦ୍ଧ,୧୨।୩(ସ୍ୱ.ପ୍ର.)**

ଭୁବନେଶ୍ୱର ଜୟଦେବ ଭବନଠାରେ ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେଶନ ପକ୍ଷରୁ ପରିବେଶ, ଜଳବାୟୁ ପରିବର୍ତ୍ତନ ଓ ବନ୍ୟଜନ୍ତୁ ସୁରକ୍ଷାକୁ ନେଇ ଏକ ଜାତୀୟ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ପୂର୍ବତନ ଏମ୍‌ପି ଡ. ପ୍ରସନ୍ନ ପାଟଶାଣୀ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପରିବେଶ ଓ ଜଙ୍ଗଲ ସୁରକ୍ଷା କ୍ଷେତ୍ରରେ କାମ କରିଥିବା ବୌଦ୍ଧ ଜିଲାର ସଂଗଠନ ପଲ୍ଲୀ ବିକାଶ ପରିଷଦର ପ୍ରତିଷ୍ଠାତା ପ୍ରଫୁଲ୍ଲ ଦୀପଙ୍କୁ ଚଳିତବର୍ଷର ପରିବେଶ ରତ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା। ବିରୋଧୀ ଦଳର ମୁଖ୍ୟ ସଚେତକ ମୋହନ ଚରଣ ମାଝୀ, ଓଡିଶା ପରିବେଶ ସମିତିର ସଂପାଦକ ଜୟକୃଷ୍ଣ ପାଣିଗ୍ରାହୀ, ଭାରତୀୟ ଜଳ ପ୍ରତିଷ୍ଠାନର ବୈଜ୍ଞାନିକ ପ୍ରମୋଦ ପଣ୍ଡା, ପୂର୍ବତନ ବନ ସଂରକ୍ଷକ ବିଜୟ କେତନ ପଟ୍ଟନାୟକ, ଅରୁନ୍ଧତୀ ଦେବୀ, ବିପିନ ବିହାରୀ ନାୟକ, ଅକ୍ଷୟ ପାଣିଗ୍ରାହୀ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

भारतीय विमानपत्तन प्राधिकरण
AIRPORTS AUTHORITY OF INDIA
BIJU PATNAIK INTERNATIONAL AIRPORT, BHUBANESWAR

ସାଧାରଣ ବିଜ୍ଞପ୍ତି

ଏତଦ୍ୱାରା ସର୍ବସାଧାରଣ ଓ ସଂପୃକ୍ତ ବ୍ୟକ୍ତିଙ୍କୁ ସୂଚୀତ କରାଯାଉଛି ଯେ ପୂର୍ବରୁ ରେଜିଷ୍ଟ୍ରେସନ ନଂ ଭିଟି-ଆରଇକ୍ୟୁ (ବିଚ ୧୯୦୦ଡି ଏମଏସଏନ ୟୁଇ ୪୦୭) ପୂର୍ବରୁ ମେସର୍ସ ଏୟାର ଓଡ଼ିଶା ଆଭିଏଶନ ପ୍ରାଇଭେଟ ଲିମିଟେଡ ଦ୍ୱାରା ପରିଚାଳିତ ଭୁବନେଶ୍ୱର ବିମାନ ବନ୍ଦରରେ ପରିତ୍ୟକ୍ତ ହୋଇ ପଡ଼ିଛି। ଏହା କାର୍ଯ୍ୟକ୍ଷମ ନିରାପତ୍ତାକୁ ବିପଦରେ ପକାଇ ସ୍ପେଶ ପ୍ରତିବନ୍ଧକ ସୃଷ୍ଟି କରୁଛି ଏବଂ ପାର୍କିଂ ଓ ଅନ୍ୟାନ୍ୟ ଆନୁସଙ୍ଗିକ ସେବା ପାଇଁ ଭାରତୀୟ ବିମାନ ବନ୍ଦର କର୍ତ୍ତୃପକ୍ଷଙ୍କ ଦେୟ ବହନ କରୁଛି। ଏହି ସଂମ୍ପର୍କରେ ବିମାନ ବନ୍ଦର ପ୍ରାଧିକାରୀ, ବିପିଆଇ ବିମାନ ବନ୍ଦର, ଭୁବନେଶ୍ୱର, ଏୟାରପୋର୍ଟ ଅଥୋରିଟି ଅଫ ଇଣ୍ଡିଆ ଅଧିନିୟମ ୧୯୯୪ ଓ ୧୩.୧୦.୨୦୨୦ ବ୍ୟବସ୍ଥା ଅଧିନରେ ଏକ ଅନ୍ତିମ ଆଦେଶ ପାସ କରିବା ପୂର୍ବରୁ ଏଭିଏସନ ଓ ପୁନରୁଦ୍ଧାର ପ୍ରକ୍ରିୟା ଆରମ୍ଭ କରିଥିଲେ। ଅନ୍ୟପକ୍ଷରେ ଜଜମେଂଟ ଡେବଟର ମେସର୍ସ ଏୟାର ଓଡ଼ିଶା ଆଭିଏଶନ ପ୍ରାଇଭେଟ ଲିମିଟେଡ ଏ ପର୍ଯ୍ୟନ୍ତ ଏହି ନିର୍ଦ୍ଦେଶକୁ ପାଳନ କରି ନାହାନ୍ତି। ଏଥିପାଇଁ ମେସର୍ସ ଏୟାର ଓଡ଼ିଶା ଆଭିଏଶନ ପ୍ରାଇଭେଟ ଲିମିଟେଡକୁ ପାର୍କ ହୋଇଥିବା ଉକ୍ତ ଏୟାରକ୍ରାଫ୍ଟକୁ ଅପସାରିତ କରିବା ଓ ଏଏଆଇର ବକେୟା ଦେୟ ପରିଶୋଧ ପାଇଁ ଅନେକ ନୋଟିସ ପଠାଯାଇଛି, କିନ୍ତୁ ଏହା ଏ ପର୍ଯ୍ୟନ୍ତ ପାଳିତ ହୋଇ ନାହିଁ।

ତେଣୁ ଏହି ସାର୍ବଜନୀନ ବିଜ୍ଞପ୍ତି ପ୍ରଦାନ ତାରିଖ ଠାରୁ ଏକ ମାସ ମଧ୍ୟରେ ଏଏଆଇର ବକେୟା ଦେୟ ପ୍ରଦାନ କରିବା ଓ ଏଏଆଇ ବିପିଆଇ ବିମାନ ବନ୍ଦର ପରିସରରୁ ବିମାନକୁ ହଟାଇବା ଲାଗି ସମସ୍ତ ସଂପୃକ୍ତ ବ୍ୟକ୍ତିଙ୍କୁ ଏକ ସୁଯୋଗ ଦିଆଯାଉଛି। ୩୧.୧୨.୨୦୨୨ ତାରିଖ ସୁଦ୍ଧା ସମୁଦାୟ ବକେୟା ଦେୟ ହେଉଛି ଟ. ୨୦,୬୬,୮୦୦.୭୯ ।

ଉପରୋକ୍ତ ଦେୟ ଜମା ନକରିବା/ ପାଳନ ନକରିବା କ୍ଷେତ୍ରରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନକୁ ଅନ୍ତର୍ଭୁକ୍ତ କରାଯିବ ଯାହା ଉକ୍ତ ବିମାନ ସର୍ବସାଧାରଣରେ ନିଲାମକୁ ସୀମିତ ନରଖି ଉକ୍ତ ବକେୟା ଦେୟ ଅସୁଲି ଓ ବିମାନ ଅପସାରଣ ପାଇଁ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇ ପାରେ।

ଆଦେଶ ଅନୁଯାୟୀ
ବିମାନ ବନ୍ଦର ପ୍ରାଧିକରଣ

## ସଂକ୍ଷେପରେ

### ଦୁର୍ଘଟଣାରେ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ମୃତ୍ୟୁ

**ସଇଁତଲା,୧୨।୩(ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଟିକ୍ରାପଡା ପଞ୍ଚାୟତର ନିର୍ବାହୀ ଅଧିକାରୀ ଜନାର୍ଦ୍ଦନ ଯୋଶୀଙ୍କ ରବିବାର ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଯୋଶୀ କରମତଳା ପଞ୍ଚାୟତର ତୁଷ୍ଟାପାଲରୁ ଏକ ବାହାଘର କାର୍ଯ୍ୟକ୍ରମରେ ଯୋଗଦେଇ ବାଇକ ଯୋଗେ ନିଜ ଗ୍ରାମ କେନକେବାକୁ ଫେରୁଥିବା ବେଳେ ଧୂମାଭଟା ଗ୍ରାମ ନିକଟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ତୁରନ୍ତ ପାଟଣାଗଡ ଡାକ୍ତରଖାନାକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଋଣ କରାଇଦେବା ନାଁରେ ଠକେଇ : ଥାନାରେ ମାମଲା ରୁଜୁ

**ଦେବଗଡ଼, ୧୨।୩((ଡି.ଏନ୍.ଏ.):** ଦେବଗଡ଼ ଆଦର୍ଶ ଥାନା ଅନ୍ତର୍ଗତ ଅଶନନାଳି ଓ କଳାମାଟି ଗ୍ରାମର ୨ଜଣ ବ୍ୟକ୍ତିଙ୍କୁ ଋଣ କରାଇଦେବା ନାଁରେ ଠକେଇ କରାଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ଦେବଗଡ ଆଦର୍ଶ ଥାନା ପୋଲିସ ଏକ ଠକେଇ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ମିଳିଥିବା ସୂଚନା ଅନୁଯାୟୀ କୁଣ୍ଡାପିଠା ଗ୍ରାମର ଜଗବନ୍ଧୁ ଗଡନାୟକ ନାମକ ଜଣେ ବ୍ୟକ୍ତି ନିକଟସ୍ଥ ଅଶନନାଳି ଗ୍ରାମର ଦିବ୍ୟାଙ୍ଗ ଟିକେଶ୍ୱର ହରିଜନ ଓ କଳାମାଟି ଗ୍ରାମର ହୃଷିକେଶ ପ୍ରଧାନଙ୍କ ନାମରେ ଦେବଗଡର ଏକ ବ୍ୟାଙ୍କରୁ ୧ ଲକ୍ଷ ୨୦ ହଜାର ଟଙ୍କାର ଋଣ କରାଇଦେବାକୁ କହି ଉଭୟଙ୍କୁ ୬ହଜାର ଟଙ୍କା ଲେଖାଏଁ ମାଗିଥିଲେ। ଏହି ୬ ହଜାର ଟଙ୍କା ମଧ୍ୟରୁ ଜମା ଖାତା ଖୋଲିବା ପାଇଁ ଏକ ହଜାର ଓ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଖର୍ଚ୍ଚ ବାବଦକୁ ୫ହଜାର ଟଙ୍କା ଦେବାକୁ ପଡିବ ବୋଲି ପ୍ରକାଶ କରିବା ସହ ୪୦ ହଜାର ଟଙ୍କା ଋଣଛାଡ ହେବ ଓ ଅବଶିଷ୍ଟ ୮୦ ହଜାର ଟଙ୍କା ପରିଶୋଧ କରିବାକୁ ପଡିବ ବୋଲି ଜଗବନ୍ଧୁ କହିଥିଲେ। ଫଳରେ ଉଭୟ ଟିକେଶ୍ୱର ଓ ହୃଷିକେଶ ଋଣ ଏବଂ ଋଣ ଛାଡ ପ୍ରଲୋଭନରେ ପ୍ରଲୋଭିତ ହୋଇ ଜଗବନ୍ଧୁଙ୍କୁ ୬ହଜାର ଟଙ୍କା ଲେଖାଏଁ ପ୍ରଦାନ କରିଥିଲେ। ମାତ୍ର ଋଣ ଟଙ୍କା ନ ମିଳିବାରୁ ଏ ସମ୍ପର୍କରେ ସେମାନେ ଜଗବନ୍ଧୁଙ୍କୁ ପଚାରିବାରୁ ସେ ବିଭିନ୍ନ ଆଳ ଦେଖାଇ 'ଆଜି ମିଳିବ, କାଲି ମିଳିବ' କହି ଦିନ ଗଡାଇ ଚାଲିଥିଲେ। ଫଳରେ ଟିକେଶ୍ୱର ଓ ହୃଷିକେଶଙ୍କ ମନରେ ସନ୍ଦେହ ସୃଷ୍ଟି ହେବାରୁ ସେମାନେ ତାଙ୍କୁ ଫୋନରେ ଯୋଗାଯୋଗ କରିଥିଲେ ହେଁ ସୁଇଚ ଅଫ ଥିବାରୁ ତା ସହିତ ଯୋଗାଯୋଗ ହୋଇପାରି ନ ଥିଲା। ଶେଷରେ ଟିକେଶ୍ୱର ଓ ହୃଷିକେଶ ଜଗବନ୍ଧୁ ଘରକୁ ଯାଇ ଦେଖିବା ବେଳକୁ ଜଗବନ୍ଧୁ ଗାଁ ଛାଡି ଚାଲିଯାଇଥିବା ଜାଣିବାକୁ ପାଇଥିଲେ। ତେଣୁ ଏନେଇ ଦେବଗଡ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଅଭିଯୁକ୍ତ ଜଗବନ୍ଧୁ ବିରୁଦ୍ଧରେ ଏକ ଠକେଇ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି।

# ସ୍ୱାସ୍ଥ୍ୟ, ଶିକ୍ଷା ଭିତ୍ତିଭୂମି ଉପରେ ଗୁରୁତ୍ୱ

### ୫-ଟି ସଚିବଙ୍କ ସୁନ୍ଦରଗଡ଼ ଜିଲାଗସ୍ତର ଦ୍ୱିତୀୟ ଦିବସରେ ୪ ବ୍ଲକ ଗସ୍ତ



ହେମଗିରରେ ୫-ଟି ସଚିବ ଭି.କେ. ପାଣ୍ଡିଆନ୍ ପିଲାଙ୍କ ଗହଣରେ ଖାଉଛନ୍ତି।

**ସୁନ୍ଦରଗଡ଼/ରାଜଗାଙ୍ଗପୁର, ୧୨।୩(ଡି.ଏନ.ଏ. )**

୫-ଟି ସଚିବ ଭି. କେ. ପାଣ୍ଡିଆନ ତାଙ୍କ ତିନି ଦିନିଆ ସୁନ୍ଦରଗଡ଼ ଜିଲା ଗସ୍ତ କାର୍ଯ୍ୟକ୍ରମରେ ରବିବାର ସୁନ୍ଦରଗଡ଼ ଉପଖଣ୍ଡର ୪ଟି ବ୍ଲକ ତଥା ସୁନ୍ଦରଗଡ଼ ସହର ପରିଦର୍ଶନ କରି ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସଚିବ ପାଣ୍ଡିଆନ ସକାଳେ ରାଉରକେଲା ହକି ଭିଲେଜରୁ ବାହାରି ପ୍ରଥମେ ରାଜଗାଙ୍ଗପୁରସ୍ଥିତ ଘୋଘର ମନ୍ଦିର ପରିଦର୍ଶନ କରିଥିଲେ। ମନ୍ଦିର ପୂଜକ ତଥା ମନ୍ଦିର କମିଟି ସହ ମନ୍ଦିରର ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ। ମନ୍ଦିର ପରିସର ଉନ୍ନତିକରଣ ତଥା ପାର୍କିଂ ବ୍ୟବସ୍ଥା, ମନ୍ଦିରରେ ବାର୍ଷିକ ମେଳା ନିମନ୍ତେ ଆନୁସଙ୍ଗିକ ବ୍ୟବସ୍ଥା କରିବା ସହିତ ଅଞ୍ଚଳବାସୀଙ୍କର ଥିବା ବିଭିନ୍ନ ଦାବି ଯଥା ପାଚେରୀ ଓ ପୋଲ ନିର୍ମାଣ, ପୁରୁଣା ଧର୍ମଶାଳାର ପୁନରୁଦ୍ଧାର ଆଦି ନେଇ ଏକ ବିସ୍ତୃତ ଯୋଜନା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ ଆମ ହସ୍ପିଟାଲ ଯୋଜନା ଅନ୍ତର୍ଗତ ରୂପାନ୍ତରଣ ହେବାକୁ ଥିବା ରାଜଗାଙ୍ଗପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରିଥିଲେ। ଡାକ୍ତର, ଷ୍ଟାଫ, ରୋଗୀଙ୍କ ସହ ଆଲୋଚନା କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚାଲିଥିବା ଅନ୍ୟାନ୍ୟ ବିକାଶମୂଳକ କାର୍ଯ୍ୟ ମଧ୍ୟ ପରିଦର୍ଶନ କରିଥିଲେ ଏବଂ କାର୍ଯ୍ୟ ପ୍ରକ୍ରିୟା ତ୍ୱରାନ୍ୱିତ କରି ସମୟରେ ପ୍ରକଳ୍ପ ସମାପ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ରାଜଗାଙ୍ଗପୁର ରେଲୱେ ଓଭର ବ୍ରିଜ କାର୍ଯ୍ୟ ପରିଦର୍ଶନ କରିଥିଲେ। ସମସ୍ତ ହିତାଧିକାରୀଙ୍କ ସହ ଉପଯୁକ୍ତ ସମନ୍ୱୟ ରକ୍ଷା କରି ଜମି ଅଧିଗ୍ରହଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ ୫-ଟି ସଚିବ ଟାଙ୍ଗରପାଲି ବ୍ଲକ ସ୍ଥିତ ବେଲସରା ଶିବ ମନ୍ଦିର ପରିଦର୍ଶନ କରିଥିଲେ। ସେଠାରେ ପୂଜକ ତଥା ଅନ୍ୟାନ୍ୟ ହିତାଧିକାରୀଙ୍କ ସହ ମନ୍ଦିରର ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ। ମନ୍ଦିରର ନବୀକରଣ, ଶିଶୁମାନଙ୍କ ନିମନ୍ତେ ପାର୍କ, ପାଚେରୀ ନିର୍ମାଣ, ଗେଟୱେ, ପାହାଚ, ୫ଟି ପୋଖରୀକୁ ମିଶେଇ ଏକ ଜଳ ଭଣ୍ଡାର କରିବା, ନୌକା ବିହାର ବ୍ୟବସ୍ଥା, ସେଠାରେ ଥିବା ଦୁଇଟି ପାହାଡ଼ରେ ରୋପୱେ ବ୍ୟବସ୍ଥା ଆଦି ବିସ୍ତୃତ ଯୋଜନା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ହେମଗିର ବ୍ଲକ ପରିଦର୍ଶନ ସମୟରେ ୫-ଟି ସଚିବ ମିଶନ ଶକ୍ତି କାଫେକୁ ଯାଇଥିଲେ ଏବଂ ମିଶନ ଶକ୍ତି ଦଳର ସଦସ୍ୟମାନଙ୍କ ସହ ଆଲୋଚନା କରି ପ୍ରଶଂସା କରିଥିଲେ। ସେଠାରେ ସେ ପିଲାମାନଙ୍କ ଗହଣରେ ଖାଇଥିଲେ। ଏହା ପରେ ସେ ହେମଗିର ସ୍ଥିତ ପଞ୍ଚାୟତ ସମିତି କନିଷ୍ଠ ମହାବିଦ୍ୟାଳୟ ପରିଦର୍ଶନରେ ଯାଇଥିଲେ। ଅଧକ୍ଷ, ଅଧ୍ୟାପକଙ୍କ ସହ ଆଲୋଚନା କରିଥିଲେ। ନୂତନ କଲେଜ ବିଲଡ଼ିଂ, ବାଳକ ଓ ବାଳିକାଙ୍କ ନିମନ୍ତେ ଛାତ୍ରାବାସ ବ୍ୟବସ୍ଥା, +୨ ସ୍ତରରେ ବିଜ୍ଞାନ ଓ ବାଣିଜ୍ୟ ଷ୍ଟ୍ରିମ, ଡିଗ୍ରୀ କଲେଜ ଖୋଲିବା, ଖେଳ ପଡିଆର ବିକାଶ, ସ୍ମାର୍ଟ କ୍ଲାସ ରୁମ, ଅଡିଟୋରିୟମ, ଲାଇବ୍ରେରି ଆଦିକୁ ନେଇ ଏକ ଯୋଜନା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ କନିକା ପୋଖରୀର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ନିରୀକ୍ଷଣ କରିଥିଲେ ଏବଂ ସମସ୍ତ ଆନୁସାଙ୍ଗିକ ବ୍ୟବସ୍ଥା ସହ ରୁରାଲ ପାର୍କର ବିକାଶ, ଜଳାଶୟର ଉନ୍ନତିକରଣ ତଥା ସୌନ୍ଦର୍ଯ୍ୟକରଣ, ବୃକ୍ଷ ରୋପଣ ଆଦି ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ୫-ଟି ସଚିବ ହେମଗିରି ଠାରୁ ଏକ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ବାଲିଶଙ୍କରା ବ୍ଲକ ଦେଓଭୁବନପୁର ହେଲିପ୍ୟାଡରେ ପହଞ୍ଚିଥିଲେ। ଦେଓଭୁବନପୁର ସ୍ଥିତ କୁକୁଡ଼ା ନାଳା ଡ୍ୟାମ ପରିଦର୍ଶନ କରିଥିଲେ। ହିତାଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଏଥି ସହିତ ପ୍ରାଥମିକତା ଆଧାରରେ ସେଠାରେ ପ୍ରଭାବଶାଳୀ ଜଳସେଚନ ଯୋଜନା ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ, ଯାହା ଦ୍ୱାରା କି ତାହାର ପୂର୍ଣ୍ଣ ଉପଯୋଗ ହୋଇପାରିବ। ଏହା ପରେ ତିଲେଇକାନୀ ଏସ.ଏସ. ଡି. ବାଳିକା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ଶିକ୍ଷୟିତ୍ରୀ ଶିକ୍ଷକ ତଥା ଷ୍ଟାଫମାନଙ୍କ ସହିତ ଆଲୋଚନା କରିଥିଲେ। ସ୍କୁଲରେ ଶୀଘ୍ର ଆବଶ୍ୟକୀୟ ଷ୍ଟାଫ ଆଦି ସୁନିଶ୍ଚିତ କରିବାକୁ କହିଥିଲେ। ଏହା ସହ ସେ ସ୍କୁଲର ଶିକ୍ଷା ଭିତ୍ତିଭୂମି ଆଦି ପରିଦର୍ଶନ କରିଥିଲେ ଓ ତାହାର ଗୁଣବତ୍ତା ବଜାୟ ରଖିବାକୁ କହିଥିଲେ। ପରେ ୫-ଟି ସଚିବ ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ ଅମୃତଲାଲ ନାୟାର ଷ୍ଟାଡିୟମ ହେଲିପ୍ୟାଡରେ ପହଞ୍ଚିଥିଲେ। ସେଠାରୁ ସୁନ୍ଦରଗଡ ସହର ସ୍ଥିତ ସମଲେଇ ମନ୍ଦିର ପରିଦର୍ଶନ କରି ମନ୍ଦିର ପୂଜକ ତଥା ଅନ୍ୟାନ୍ୟ ହିତାଧିକାରୀଙ୍କ ସହ ମନ୍ଦିରର ବିଭିନ୍ନ ଉନ୍ନୟନ ଦିଗରେ ଆଲୋଚନା କରିଥିଲେ। ମନ୍ଦିରର ବିକାଶ ଓ ନଦୀ କୂଳର ବିକାଶ ଦିଗରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସରକାରୀ ମହିଳା ମହାବିଦ୍ୟାଳୟ ପରିଦର୍ଶନରେ ଯାଇ ଅଧକ୍ଷ, ଅଧ୍ୟାପକ, ଷ୍ଟାଫ ଓ ଛାତ୍ରୀମାନଙ୍କ ସହ ଆଲୋଚନା କରିଥିଲେ। ୫-ଟି ଶୈଳୀରେ ତୁରନ୍ତ ସ୍ମାର୍ଟ କ୍ଲାସ, ଇ-ଲାଇବ୍ରେରି, ଲାବୋରୋଟୋରୀ ଆଦି ବ୍ୟବସ୍ଥା କରିବାକୁ କହିଥିଲେ। ସଦରବ୍ଲକ ସ୍ଥିତ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଗୁରୁଲିଜୋର ନାଳ ପରିଦର୍ଶନରେ ଯାଇ ପ୍ରକଳ୍ପର ଉଦ୍ଦେଶ୍ୟ ଓ ଉପକାରିତା ସମ୍ପର୍କରେ ପଚାରିଲେ ବୁଝିଥିଲେ। ଉତ୍ତମ ଜଳସେଚନ ନିମନ୍ତେ ଶୀଘ୍ର କେନାଲ ଓ ଡ୍ୟାମର ମରାମତି, ନବୀକରଣ ତଥା ପୁନରୁଦ୍ଧାର ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ସୁନ୍ଦରଗଡ ସହରରେ ପରିତ୍ୟକ୍ତ ଅବସ୍ଥାରେ ପଡିରହିଥିବା ପାରିଜାତ ପାର୍କ ପରିଦର୍ଶନ କରି ଏହାର ବିଭିନ୍ନ ଆନୁସାଙ୍ଗିକ ବ୍ୟବସ୍ଥା ତଥା ଏଠାରେ ଥିବା ଅବକାଶ ନିମନ୍ତେ ଥିବା ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା କରିଥିଲେ। ଏହାର ପରବର୍ତ୍ତୀ ବିକାଶ ନିମନ୍ତେ ମାଷ୍ଟର ପ୍ଲାନ ଓ ଡି.ପି. ଆର୍. ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲା ସ୍ପୋର୍ଟ୍ସ ହଷ୍ଟେଲ ପରିଦର୍ଶନରେ ଯାଇ ସମସ୍ତ କୋଚ ଏବଂ ଅନ୍ତେବାସୀଙ୍କ ସହ ଆଲୋଚନା କରିଥିଲେ। ପରେ ସ୍ଥାନୀୟ ପ୍ରଗତି ମଣ୍ଡପ ଠାରେ ସୁନ୍ଦରଗଡ ନାଗରିକ କମିଟି, ଭୂୟାଁ ସମାଜ, ଯାଦବ ସମାଜ, କଳାକାର ସଂଘ ସମେତ ବିଭିନ୍ନ ସଙ୍ଗଠନ ତରଫରୁ ବିଭିନ୍ନ ଦାବି ନେଇ ୫-ଟି ସଚିବଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏତଦବ୍ୟତୀତ ସୁନ୍ଦରଗଡ ସରକାରୀ କଲେଜ ସମେତ ୨୪ଟି କଲେଜର ଛାତ୍ରୀଛାତ୍ର ସାର୍କିଟ ହାଉସ ଠାରେ ୫-ଟି ସଚିବଙ୍କୁ ଭେଟି ନିଜର ମହାବିଦ୍ୟାଳୟର ସମସ୍ୟା ନେଇ ସ୍ମାରକପତ୍ର ପ୍ରଦାନ କରିଥିଲେ। ୫-ଟି ସଚିବଙ୍କ ଏହି ଗସ୍ତ ସମୟରେ କ୍ରୀଡ଼ା ଓ ଯୁବ ବ୍ୟାପାର ସଚିବ ଆର୍. ଭିନିଲ କ୍ରିଷ୍ଣା, ଜିଲାପାଳ ଡାକ୍ତର ପରାଗ ଗାଭାଲି, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ମନୋଜ ମହାଜନ, ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ବେହେରା ଓ ରବି ନାରାୟଣ ସାହୁ, ସଦର ଉପଜିଲାପାଳ ଦାଶରଥି ସରାବୁ, ସୁନ୍ଦରଗଡ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ବିନୟ ଟପ୍ପୋ, ସମସ୍ତ ବ୍ଲକର ଅଧ୍ୟକ୍ଷ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଜିଲାସ୍ତରୀୟ ଲୋକ ଅଦାଲତ

**ନୂଆପଡ଼ା ଅଫିସ,୧୨।୩**

ସ୍ଥାନୀୟ କୋର୍ଟ ପରିସରରେ ଜିଲା ଦେୱାନୀ ଓ ଦୌରାଜଜ୍ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଅଦାଲତରେ ସମସ୍ତ ଅଦାଲତ ଓ ତହସିଲ କାର୍ଯ୍ୟାଳୟ ଅଂଶ ଗ୍ରହଣ କରିଥିଲେ। ଦୁଇଟି ଏନ୍‌ଏସିଟି ମାମଲାର ବିଚାର କରି ୧୨ ଲକ୍ଷ ୮୫ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଗୋଟିଏ ପାରିବାରିକ ମାମଲା ଓ ଦୁଇଟି ଜମି ଅଧିଗ୍ରହଣ ମାମଲାର ସମାଧାନ ହୋଇଛି। ଏଠାରେ ଅତିରିକ୍ତ ଜଜ୍ ମୀନାକ୍ଷୀ ଦାସ, ମହିଳା କୋର୍ଟ ଜଜ୍ ପୁନମ ଜେନା, ବରିଷ୍ଠ ଦେୱାନୀ ଜଜ୍ ସୁକୁମାର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

## କଫ ସିରପ ଚଢ଼ାଉ, ୩୨ ଅଟକ

**ବଲାଙ୍ଗୀର ଅଫିସ, ୧୨।୩**

ବଲାଙ୍ଗୀର ସହରରେ ସ୍ଥାନୀୟ ପୋଲିସ ଏକ ବଡଧରଣର କଫ୍ ସିରପ୍ ଚଢ଼ାଉ ଅଭିଯାନ ଆରମ୍ଭ କରିଛି। ରବିବାର ରାତିତମାମ ଏହି ଅଭିଯାନ ଚାଲିଛି। ଏଥିରେ ୩୨ରୁ ଉର୍ଦ୍ଧ୍ୱ ଲୋକଙ୍କୁ ଅଟକ ରଖାଯାଇ ସେମାନଙ୍କଠାରୁ ବ୍ୟାପକ ପରିମାଣର ବେଆଇନ୍ କଫ୍ ସିରଫ ଜବତ କରାଯାଇଛି। ଏନେଇ ପୋଲିସ ପକ୍ଷରୁ ସବିଶେଷ ସୂଚନା ଦିଆଯାଇନାହିଁ। କଫ୍ ସିରଫ ମାଫିଆଙ୍କୁ ପାନେ ଦେବାକୁ ଯାଇ ଏସପି ନୀତିନ କୁଶଲକରଙ୍କ ନିର୍ଦ୍ଦେଶରେ ଏହି ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି। ଏନେଇ ସୋମବାର ଖବରଦାତା ସମ୍ମିଳନୀ କରାଯାଇ ସୂଚନା ଦିଆଯିବ ବୋଲି ପୋଲିସ ସୂତ୍ରରୁ ଜଣାପଡିଛି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com



@ ବିକାଶ



@ ଧିରେନ




@ ମନୋଜ




@ ସୁବ୍ରତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଓଡ଼ିଆ ଶାସ୍ତ୍ରୀୟ ଭାଷା ଦିବସ ପାଳିତ

**ରାଉରକେଲା ଅଫିସ,୧୨।୩**

ଛେଣ୍ଡ ସ୍ଥିତ ରିମ୍ସ ସଭାଗୃହରେ ଉତ୍କଳ ସମ୍ମିଳନୀର ସଭାପତି ସୁଦାମ ଚନ୍ଦ୍ର ଦାଶଙ୍କ ସଭାପତିତ୍ୱରେ ଓଡିଆ ଶାସ୍ତ୍ରୀୟ ଭାଷା ଦିବସ ରବିବାର ପାଳିତ ହୋଇଛି। ଏହି ଦିବସ ଉତ୍କଳ ସମ୍ମିଳନୀ ରାଉରକେଲା ଶାଖା ଓ ରିମ୍ସର ମିଳିତ ଆନୁକୂଲ୍ୟରେ ଆୟୋଜିତ ହୋଇଥିବାବେଳେ 'ଶାସ୍ତ୍ରୀୟ ଓଡିଆ ଭାଷା ଓ ସ୍ଥିତି ସମ୍ଭାବନା' ଶୀର୍ଷକ ଉପରେ ଆଲୋଚନା କରାଯାଇଥିଲା। ରିମ୍ସର ଅଧକ୍ଷା ନଳୀନ ପ୍ରଭା ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉକ୍ତ ଦିବସକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ମାତୃଭାଷାକୁ ଜନସାଧାରଣଙ୍କ ହୃଦୟରେ ଜାଗ୍ରତ କରିବା ସମ୍ବାଦପତ୍ରମାନଙ୍କର ବେଶ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ମୁଖ୍ୟ ଅତିଥି ପଟ୍ଟନାୟକ ମତ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଉରକେଲା ମହାବିଦ୍ୟାଳୟର ଓଡିଆ ବିଭାଗର ଅଧ୍ୟାପକ କରୁଣାକର ପାଟ୍ଟସାହାଣୀ ଉପସ୍ଥିତ ରହି ଓଡିଆ ଭାଷା ଓ ଓଡିଆ ସାହିତ୍ୟର ବିକାଶ ପାଇଁ ଓଡିଆ ଜାତିର ଜଡତାକୁ କ୍ରିୟାଶୀଳ କରିବା ପାଇଁ ସମସ୍ତଙ୍କୁ ଉଦ୍ୟମ କରିବା ଜରୁରୀ ବୋଲି କହିଥିଲେ। ଦିବସରେ ମୁଖ୍ୟ ଆଲୋଚକ ଭାବେ ଇସ୍ପାତ ସ୍ୱୟଂଶାସିତ ମହାବିଦ୍ୟାଳୟ ପୂର୍ବତନ ଅଧକ୍ଷ ଶଙ୍କର ପ୍ରସାଦ ତ୍ରିପାଠୀ ଯୋଗଦେଇଥିଲେ। ଏହି ସମ୍ମିଳନୀରେ ସାଧାରଣ ସମ୍ପାଦକ ଅକ୍ଷୟ କୁମାର ଦାସ ଅତିଥି ପରିଚୟ ସହ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ପ୍ରାଧ୍ୟାପକ ଗିରିଜା ଶଙ୍କର ଗୋସ୍ୱାମୀ ପ୍ରାକ ସୂଚନା ଉପସ୍ଥାପନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଉପସଭାପତି ତପସ୍ୱିନୀ ବହିଦାର, ଭୁବେଶ ଚନ୍ଦ୍ର ସାହୁ, ନିରଞ୍ଜନ ସାମଲ, ହରିହର ଶତପଥୀ, ସୂର୍ଯ୍ୟନାରାୟଣ ପଣ୍ଡା, ମଞ୍ଜୁଶର୍ମା ମହାପାତ୍ର, ଡଳିରାଣୀ ବ୍ରହ୍ମା, ଶଶଧର ପାତ୍ର, ଉତ୍ତମ କୁମାର ବାରିକ, ନମିତା ବେହେରାଙ୍କ ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସମ୍ମିଳନୀର କାର୍ଯ୍ୟକାରୀ କମିଟିର ସଦସ୍ୟ ରାଜ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।




ଓଡିଆ ଶାସ୍ତ୍ରୀୟ ଭାଷା ଦିବସ ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## କଳାହାଣ୍ଡି ପାଇଁ ଗୌରବ ଆଣିଲେ ଶୁଭଲକ୍ଷ୍ମୀ



ଭବାନୀପାଟଣାରେ ପହଞ୍ଚିବା ପରେ ଶୁଭଲକ୍ଷ୍ମୀଙ୍କୁ ଶୁଭେଚ୍ଛା ଜଣାଯାଉଛି।

**ଭବାନୀପାଟଣା,୧୨।୩(ସ୍ୱ.ପ୍ର.)**

### ନେପାଳରେ ଏନ୍‌ସିସି ପକ୍ଷରୁ ଭାରତରୁ କଲେ ପ୍ରତିନିଧିତ୍ୱ

ନେପାଳରେ ଏନ୍‌ସିସି ପକ୍ଷରୁ ଚଳିତ ମାସରେ ଆୟୋଜିତ ୟୁଥ୍ ଏକ୍ସଚେଞ୍ଜ କାର୍ଯ୍ୟକ୍ରମରେ ଭାରତରୁ ପ୍ରତିନିଧିତ୍ୱ କରି ଓଡିଶାରୁ ଜଣେ ମାତ୍ର ଛାତ୍ରୀ ଭାବେ କଳାହାଣ୍ଡି ଜିଲା ପାଇଁ ଗୌରବ ଆଣିଛନ୍ତି ଭବାନୀପାଟଣା ସହରର ଶୁଭଲକ୍ଷ୍ମୀ ଦାସ। ସେ ବର୍ତ୍ତମାନ କଳାହାଣ୍ଡି ବିଶ୍ୱବିଦ୍ୟାଳୟରେ ଇଂଲିଶର ପିଜିରେ ଅଧ୍ୟୟନରତ ଅଛନ୍ତି। ମିନିଷ୍ଟ୍ରି ଅଫ୍ ଏକ୍ସଟର୍ନାଲ ଆଫାୟାରାର୍ସ ପକ୍ଷରୁ ସମଗ୍ର ଭାରତରୁ ୧୬ଜଣ କେଡେଟ ଯାଇଥିବାବେଳେ ଶୁଭଲକ୍ଷ୍ମୀ ଓଡିଶାରୁ ଜଣେ ମାତ୍ର ଛାତ୍ରୀ ଭାବେ ଭାରତରୁ ପ୍ରତିନିଧିତ୍ୱ କରିଥିଲେ। ସେଠାରେ ସେ ନେପାଳ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଚିଫ୍ ଆର୍ମି ଅଧିକାରୀ ଡିଜି ଏନସିସି ସମେତ ବହୁ ମାନଗଣ୍ୟ ବ୍ୟକ୍ତିଙ୍କ ସାଙ୍ଗରେ ବିଭିନ୍ନ ପ୍ରସଙ୍ଗରେ ତାଙ୍କର ମତ ରଖିଥିଲେ। ସେହିପରି ସେଠାରେ ସେ ସାର୍କ ସେକ୍ରେଟେରିଆଟ ପରିସରରେ ତିନୋଟି ଦେଶ ଯଥା ଭାରତ, ପାକିସ୍ତାନ ଓ ମାଳଦୀପ ଦେଶ ପକ୍ଷରୁ ତିନି ଦେଶର ପ୍ରତିନିଧି ଭାବେ ସେଠାରେ ଧନ୍ୟବାଦ ଅର୍ପଣ ପାଇଁ ମଧ ସୁଯୋଗ ପାଇଥିଲେ। ଶୁଭଲକ୍ଷ୍ମୀ ପିଲାଟି ଦିନରୁ ଏନସିସିର ଏକ କେଡେଟ ଭାବେ ପରିଚିତ ଥିବାବେଳେ ୨୦୧୬ରେ ସୁରଭି କାର୍ଯ୍ୟକ୍ରମରେ ରାଜ୍ୟପାଳଙ୍କଠାରୁ ସମ୍ମାନିତ ହୋଇଥିଲେ। ଏହାସହ ୨୦୧୭ରେ ରାଜ୍ୟପାଳ ପୁରସ୍କାର, ୨୦୨୨ରେ ଦିଲ୍ଲୀ ସାଧାରଣତନ୍ତ୍ର ଦିବସରେ ଓଡିଶାରୁ ପ୍ରତିନିଧିତ୍ୱ କରି ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ଚଳିତବର୍ଷ ୨୦୨୩ ପାଇଁ ମଧ ସେ ଶ୍ରେଷ୍ଠ ନାଭାଲ ଏନସିସି କ୍ୟାଡେଟ ଭାବେ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ହୋଇଛନ୍ତି। ବର୍ତ୍ତମାନ ସେ ଭାରତୀୟ ପ୍ରଶାସନିକ ପରୀକ୍ଷା ପାଇଁ ପ୍ରସ୍ତୁତି କରୁଥିବାବେଳେ ଭବିଷ୍ୟତରେ ଜଣେ ଆଇଏଏସ୍ ଅଧିକାରୀ ହୋଇ ଦେଶ ସେବାରେ ନିଜକୁ ନିୟୋଜିତ କରିବା ପାଇଁ ଲକ୍ଷ ରଖିଛନ୍ତି। ଏହି ସଫଳତା ପରେ ଶୁଭଲକ୍ଷ୍ମୀଙ୍କୁ ଜିଲାର ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

## ବୌଦ୍ଧର ପ୍ରଫୁଲ୍ଲ ଦୀପଙ୍କୁ ପରିବେଶ ରତ୍ନ ସମ୍ମାନ

**ବୌଦ୍ଧ,୧୨।୩(ସ୍ୱ.ପ୍ର.)**

ଭୁବନେଶ୍ୱର ଜୟଦେବ ଭବନଠାରେ ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେଶନ ପକ୍ଷରୁ ପରିବେଶ, ଜଳବାୟୁ ପରିବର୍ତ୍ତନ ଓ ବନ୍ୟଜନ୍ତୁ ସୁରକ୍ଷାକୁ ନେଇ ଏକ ଜାତୀୟ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ପୂର୍ବତନ ଏମ୍‌ପି ଡ. ପ୍ରସନ୍ନ ପାଟ୍ଟଶାଣୀ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପରିବେଶ ଓ ଜଙ୍ଗଲ ସୁରକ୍ଷା କ୍ଷେତ୍ରରେ କାମ କରିଥିବା ବୌଦ୍ଧ ଜିଲାର ସଂଗଠନ ପଲ୍ଲୀ ବିକାଶ ପରିଷଦର ପ୍ରତିଷ୍ଠାତା ପ୍ରଫୁଲ୍ଲ ଦୀପଙ୍କୁ ଚଳିତବର୍ଷର ପରିବେଶ ରତ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା। ବିରୋଧୀ ଦଳର ମୁଖ୍ୟ ସଚେତକ ମୋହନ ଚରଣ ମାଝୀ, ଓଡ଼ିଶା ପରିବେଶ ସମିତିର ସଂପାଦକ ଜୟକୃଷ୍ଣ ପାଣିଗ୍ରାହୀ, ଭାରତୀୟ ଜଳ ପ୍ରତିଷ୍ଠାନର ବୈଜ୍ଞାନିକ ପ୍ରମୋଦ ପଣ୍ଡା, ପୂର୍ବତନ ବନ ସଂରକ୍ଷକ ବିଜୟ କେତନ ପଟ୍ଟନାୟକ, ଅରୁନ୍ଧତୀ ଦେବୀ, ବିପିନ ବିହାରୀ ନାୟକ, ଅକ୍ଷୟ ପାଣିଗ୍ରାହୀ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

भारतीय विमानपत्तन प्राधिकरण
AIRPORTS AUTHORITY OF INDIA
BIJU PATNAIK INTERNATIONAL AIRPORT, BHUBANESWAR

ସାଧାରଣ ବିଜ୍ଞପ୍ତି

ଏତଦ୍ୱାରା ସର୍ବସାଧାରଣ ଓ ସଂପୃକ୍ତ ବ୍ୟକ୍ତିଙ୍କୁ ସୂଚୀତ କରାଯାଉଛି ଯେ ପୂର୍ବରୁ ରେଜିଷ୍ଟ୍ରେସନ ନଂ ଭିଟି-ଆରଇକ୍ୟୁ (ବିଚ ୧୯୦୦ଡି ଏମଏସଏନ ୟୁଇ ୪୦୭) ପୂର୍ବରୁ ମେସର୍ସ ଏୟାର ଓଡ଼ିଶା ଆଭିଏଶନ ପ୍ରାଇଭେଟ ଲିମିଟେଡ ଦ୍ୱାରା ପରିଚାଳିତ ଭୁବନେଶ୍ୱର ବିମାନ ବନ୍ଦରରେ ପରିତ୍ୟକ୍ତ ହୋଇ ପଡ଼ିଛି। ଏହା କାର୍ଯ୍ୟକ୍ଷମ ନିରାପତ୍ତାକୁ ବିପଦରେ ପକାଇ ସ୍ପେଶ ପ୍ରତିବନ୍ଧକ ସୃଷ୍ଟି କରୁଛି ଏବଂ ପାର୍କିଂ ଓ ଅନ୍ୟାନ୍ୟ ଆନୁସଙ୍ଗିକ ସେବା ପାଇଁ ଭାରତୀୟ ବିମାନ ବନ୍ଦର କର୍ତ୍ତୃପକ୍ଷଙ୍କ ଦେୟ ବହନ କରୁଛି। ଏହି ସଂମ୍ପର୍କରେ ବିମାନ ବନ୍ଦର ପ୍ରାଧିକାରୀ, ବିପିଆଇ ବିମାନ ବନ୍ଦର, ଭୁବନେଶ୍ୱର, ଏୟାରପୋର୍ଟ ଅଥୋରିଟି ଅଫ ଇଣ୍ଡିଆ ଅଧିନିୟମ ୧୯୯୪ ଓ ୧୩.୧୦.୨୦୨୦ ବ୍ୟବସ୍ଥା ଅଧିନରେ ଏକ ଅନ୍ତିମ ଆଦେଶ ପାସ କରିବା ପୂର୍ବରୁ ଏଭିଏସନ ଓ ପୁନରୁଦ୍ଧାର ପ୍ରକ୍ରିୟା ଆରମ୍ଭ କରିଥିଲେ। ଅନ୍ୟପକ୍ଷରେ ଜଜମେଂଟ ଡେବଟର ମେସର୍ସ ଏୟାର ଓଡ଼ିଶା ଆଭିଏଶନ ପ୍ରାଇଭେଟ ଲିମିଟେଡ ଏ ପର୍ଯ୍ୟନ୍ତ ଏହି ନିର୍ଦ୍ଦେଶକୁ ପାଳନ କରି ନାହାନ୍ତି। ଏଥିପାଇଁ ମେସର୍ସ ଏୟାର ଓଡ଼ିଶା ଆଭିଏଶନ ପ୍ରାଇଭେଟ ଲିମିଟେଡକୁ ପାର୍କ ହୋଇଥିବା ଉକ୍ତ ଏୟାରକ୍ରାଫ୍ଟକୁ ଅପସାରିତ କରିବା ଓ ଏଏଆଇର ବକେୟା ଦେୟ ପରିଶୋଧ ପାଇଁ ଅନେକ ନୋଟିସ ପଠାଯାଇଛି, କିନ୍ତୁ ଏହା ଏ ପର୍ଯ୍ୟନ୍ତ ପାଳିତ ହୋଇ ନାହିଁ।
ତେଣୁ ଏହି ସାର୍ବଜନୀନ ବିଜ୍ଞପ୍ତି ପ୍ରଦାନ ତାରିଖ ଠାରୁ ଏକ ମାସ ମଧ୍ୟରେ ଏଏଆଇର ବକେୟା ଦେୟ ପ୍ରଦାନ କରିବା ଓ ଏଏଆଇ ବିପିଆଇ ବିମାନ ବନ୍ଦର ପରିସରରୁ ବିମାନକୁ ହଟାଇବା ଲାଗି ସମସ୍ତ ସଂପୃକ୍ତ ବ୍ୟକ୍ତିଙ୍କୁ ଏକ ସୁଯୋଗ ଦିଆଯାଉଛି। ୩୧.୧୨.୨୦୨୨ ତାରିଖ ସୁଦ୍ଧା ସମୁଦାୟ ବକେୟା ଦେୟ ହେଉଛି ଟ. ୨୦,୬୬,୮୦୦.୭୯।
ଉପରୋକ୍ତ ଦେୟ ଜମା ନକରିବା/ ପାଳନ ନକରିବା କ୍ଷେତ୍ରରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନକୁ ଅନ୍ତର୍ଭୁକ୍ତ କରାଯିବ ଯାହା ଉକ୍ତ ବିମାନ ସର୍ବସାଧାରଣରେ ନିଲାମକୁ ସୀମିତ ନରଖି ଉକ୍ତ ବକେୟା ଦେୟ ଅସୁଲି ଓ ବିମାନ ଅପସାରଣ ପାଇଁ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇ ପାରେ।

ଆଦେଶ ଅନୁଯାୟୀ
ବିମାନ ବନ୍ଦର ପ୍ରାଧିକରଣ

ଧରିତ୍ରୀ DHARITRI
ଭୁବନେଶ୍ୱର, ସୋମବାର, ୧୩ ମାର୍ଚ୍ଚ, ୨୦୨୩



## ସଂକ୍ଷେପରେ

### ପାତାଳେଶ୍ୱର ମଣ୍ଡଳ ବୁଥସ୍ତରୀୟ କାର୍ଯ୍ୟକର୍ତ୍ତା ଗଠିତ



**ନୂଆପଡ଼ା ଅଫିସ,୧୨।୩:** ନୂଆପଡା ଜିଲା କୋମନା ବ୍ଲକ ଭାଜପା ପାତାଳେଶ୍ୱର ମଣ୍ଡଳ ସଭାପତି ଚନ୍ଦନଠାକୁରଙ୍କ ଅଧ୍ୟକ୍ଷତାରେ ବୁଥସ୍ତରୀୟ ବୈଠକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ଟିକ୍ରାପଡା ଓ ପେଣରାବନ ଶକ୍ତିକେନ୍ଦ୍ର ବା ପଞ୍ଚାୟତ କାର୍ଯ୍ୟାଳୟଠାରେ ବୁଥସ୍ତରୀୟ କାର୍ଯ୍ୟକର୍ତ୍ତାମାନଙ୍କୁ ନେଇ ବିଭିନ୍ନ ପ୍ରସଙ୍ଗରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା ହୋଇଥିଲା। କେନ୍ଦ୍ର ସରକାରଙ୍କ ଜନହିତକାରୀ ଯୋଜନାଗୁଡିକୁ ଗ୍ରାମସ୍ତରର ଲୋକ ପାଖକୁ ପହଞ୍ଚାଇବା, ବୁଥସ୍ତରୀୟ କାର୍ଯ୍ୟକର୍ତ୍ତାଙ୍କୁ ନେଇ ନୂତନ କମିଟି ଗଠନ କରି ସଙ୍ଗଠନକୁ ମଜଭୁତ କରିବା ପାଇଁ ନିଷ୍ପତ୍ତି ନେଇଥିଲା। କାର୍ଯ୍ୟକ୍ରମରେ ଜିଲା ସାଧାରଣ ସମ୍ପାଦକ ତୁଳସ ପଟେଲ, ପ୍ରବୀଣ ଭୋଇ, ଦୀପକ ପଣ୍ଡା, ଗୋପବନ୍ଧୁ ସୁନାନୀ, ଦେବ ପ୍ରସାଦ ଗହିର, ମୁନା ଦଣ୍ଡସେନା, କେଶବ ଶବର, ପର୍ଶୁ ପଟେଲ, ଦୟାରାମ ଶବର, ବିପ୍ରାନନ୍ଦ ବେମାଲ, କହ୍ନାଇ ଶଗରାଆ, ଅଶୋକ ହାତି ପ୍ରମୁଖ ସହଯୋଗ କରିଥିଲେ।

### ନବକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଉଦ୍‌ଯାପିତ

ନୂଆପଡ଼ା ଅଫିସ,୧୨।୩

ନୂଆପଡା ସଦର ବ୍ଲକ ଧରମବନ୍ଧା ଗ୍ରାମରେ ଚାରିଦିନ ବ୍ୟାପି ଅନୁଷ୍ଠିତ ହୋଇଥିବା ନବକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଉପଯାପିତ ହୋଇଯାଇଛି। ଧରମବନ୍ଧା ଗ୍ରାମବାସୀ ଓ ଗାୟତ୍ରୀ ପ୍ରଜ୍ଞାପିଠର ମିଳିତ ଆନୁକୂଲ୍ୟରେ ଆୟୋଜିତ ନବକୁଣ୍ଡୀୟ ବିଶ୍ୱଶାନ୍ତି ଗାୟତ୍ରୀ ମହାଯଜ୍ଞ ବୈଦିକ ରିତୀନିତୀରେ ସମ୍ପୂର୍ଣ୍ଣ ହୋଇଯାଇଛି। ଗତ ଗୁରୁବାର ଗ୍ରାମ ତଥା ଅଞ୍ଚଳର ଶତାଧିକ ମହିଳା ଏକ କଳସ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରି କଳସ ସ୍ଥାପନ ପରେ ନବକୁଣ୍ଡୀୟ ବିଶ୍ୱଶାନ୍ତି ଗାୟତ୍ରୀ ମହାଯଜ୍ଞର ଆରମ୍ଭ ହୋଇଥିଲା। ପୂର୍ବାହ୍ନ ସାଢେ ୮ଟାରୁ ସାଢେ ୧୨ଟା ପର୍ଯ୍ୟନ୍ତ ସଂସ୍କାର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ସହ ଅପରାହ୍ନ ୩ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗେନ୍ଦରାମ ସାହୁ, ଭାନୁ ପ୍ରତାପ ଦଣ୍ଡସେନା, ଚମନ ଲାଲ ନିର୍ମଲକର, ମୁଲଚନ ସାହୁ, ମାନକିଲାଲ ସାହୁ, ଲକ୍ଷ୍ମୀକାନ୍ତ ସାହୁ, ଭାନୁ କଲାର, ଭରତ ଦେବାଙ୍ଗନ, ହରମନ ସାହୁ ପ୍ରମୁଖ ଯଜ୍ଞରେ କର୍ତ୍ତା ଭାବେ ଦାୟିତ୍ୱ ନେଇଥିବା ବେଳେ ଧରମବନ୍ଧା ସରପଞ୍ଚ ଭୁନେଶ୍ୱରୀ ଦଣ୍ଡସେନା, ପୂର୍ବତନ ସରପଞ୍ଚ ଓମ ପ୍ରକାଶ କଲାର, ନରେନ ସାହୁ, ସୋମେଶ ଦେବାଙ୍ଗନ,ହୋମଲାଲ ପଟେଲ, ଥାନୁରାମ ସାହୁ, ନୀଳକଣ୍ଠ ସାହୁ, ହରକ ରାମ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଅଭାବୀ ବିକ୍ରିର ଶିକାର ସୂର୍ଯ୍ୟମୁଖୀ ଚାଷୀ

ଭବାନୀପାଟଣା,୧୨।୩(ସ୍ୱ.ପ୍ର.)



ଜଣେ ଚାଷୀ ସୂର୍ଯ୍ୟମୁଖୀ ଚାଷ କ୍ଷେତରେ ।

ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଅର୍ଥକାରୀ ଫସଲ ପାଲଟିଛି ସୂର୍ଯ୍ୟମୁଖୀ ଫୁଲ। ଏହାକୁ ଦେଶରେ ଲାଭକାରୀ ଫସଲ ଭାବେ ଗଣାଯାଏ। କୁହାଯାଏ, ଯିଏ ସୂର୍ଯ୍ୟମୁଖୀ ଫୁଲ ଚାଷ କରିଛି ଘରେ ତା’ର କେବେବି ଅଭାବ ରହେନି। ହେଲେ ବଜାର ବ୍ୟବସ୍ଥା କିମ୍ବା ମଣ୍ଡି ବ୍ୟବସ୍ଥା ନ ଥିବାରୁ ଅଭାବୀ ବିକ୍ରିର ଶିକାର ହେଉଛନ୍ତି କଳାହାଣ୍ଡି ଜିଲା ଲାଞ୍ଜିଗଡ ଅଞ୍ଚଳର ସୂର୍ଯ୍ୟମୁଖୀ ଚାଷୀ। ଉଚିତ୍ ମୂଲ୍ୟ ମିଳୁ ନ ଥିବାରୁ ଚାଷୀ ହତାଶ ହେଉଛନ୍ତି। ଜିଲାର ଆଦିବାସୀ ଅଧ୍ୟୁଷିତ ଲାଞ୍ଜିଗଡ଼ ବ୍ଲକ ଅଞ୍ଚଳରେ ବହୁଳ ଭାବେ ସୂର୍ଯ୍ୟମୁଖୀ ଚାଷ କରାଯାଏ। ସୂର୍ଯ୍ୟମୁଖୀ ଚାଷ କେବଳ ଯେ ଲାଞ୍ଜିଗଡ଼ ଅଞ୍ଚଳରେ ନୁହେଁ ବରଂ ଜିଲାର ଥୁଆମୂଳ ରାମପୁର, ମଦନପୁର, କଲମପୁର, ଜୟପାଟଣା ଭଳି ଅନେକ ଅଞ୍ଚଳରେ ବହୁଳ ଚାଷ କରାଯାଏ। ଭବାନୀପାଟଣାରୁ ଲାଞ୍ଜିଗଡ଼ ରାସ୍ତାର ଉଭୟ ପାର୍ଶ୍ୱରେ ଏକର ଏକର ଜମିରେ ସୂର୍ଯ୍ୟମୁଖୀ ଚାଷ ହୋଇଥିବା ଦେଖିବାକୁ ମିଳେ। ଯଦିଓ ସ୍ଥାନୀୟ ଅଞ୍ଚଳରେ ଚାଷ ଭଲ ହେଉଛି, କିନ୍ତୁ ତେଲ ବିକ୍ରି କରିବାକୁ ବଜାର ସୁବିଧା ନାହିଁ। ବଜାର ଅଭାବରୁ ଏଠିକାର ସୂର୍ଯ୍ୟମୁଖୀ ଚାଷୀ ନିଜ ଫସଲର ଉଚିତ୍ ମୂଲ୍ୟ ପାଉନାହାନ୍ତି। ଫଳରେ ସଞ୍ଜରେ ସୂର୍ଯ୍ୟମୁଖୀର ମୁହଁ ଭଳି ମଳିନ ପଡିଯାଉଛି ଚାଷୀଙ୍କ ବେଉଶା। ତୈଳବୀଜ ଫସଲ ସୂର୍ଯ୍ୟମୁଖୀ ଏକ ଅର୍ଥକାରୀ ଫସଲ ହୋଇଥିବାରୁ ଦିନକୁ ଦିନ ଏହାର ଚାହିଦା ବଢୁଛି। ଜିଲା ଉଦ୍ୟାନ ବିଭାଗ ପକ୍ଷରୁ ବିହନ ଓ ସାର ଚାଷୀଙ୍କୁ ଯୋଗାଇ ଦିଆଯାଉଛି। ଫଳରେ ସୂର୍ଯ୍ୟମୁଖୀ ଚାଷ ପାଇଁ ଲୋକଙ୍କ ମନରେ ଆଗ୍ରହ ବଢୁଛି। ଅଞ୍ଚଳରେ ପ୍ରାୟ ୪୦ ପ୍ରତିଶତ ଚାଷୀ ସୂର୍ଯ୍ୟମୁଖୀ ଚାଷ କରି ପରିବାର ପ୍ରତିପୋଷଣ କରନ୍ତି। ଏଠାକାର ଅଞ୍ଚଳବାସୀ ପୂର୍ବରୁ ଡାଲି ଜାତୀୟ ଶସ୍ୟ ଚାଷ କରୁଥିଲେ। ହେଲେ ଜଳବାୟୁରେ ପରିବର୍ତ୍ତନ ଯୋଗୁ ଆଉ ଆଗଭଳି ଭଲ ଫସଲ ହେଲାନି। ପରବର୍ତ୍ତୀ ସମୟରେ

**ନାହିଁ ବଜାର ସୁବିଧା, ମିଳୁନି ଉଚିତ ମୂଲ୍ୟ**

ଚାଷୀ ସୂର୍ଯ୍ୟମୁଖୀ ଚାଷ କରିବାକୁ ନିଷ୍ପତ୍ତି ନେଲେ। ଅନ୍ୟବର୍ଷ ତୁଳନାରେ ଚଳିତବର୍ଷ ସୂର୍ଯ୍ୟମୁଖୀ ଚାଷ ପ୍ରତି ଚାଷୀଙ୍କ ଆଗ୍ରହ ଅଧିକ ଥିବା ଦେଖିବାକୁ ମିଳୁଛି। କିନ୍ତୁ ଏହି ଚାଷ କରି କିଏ ଲାଭବାନ ହେଉଛି ତ ଆଉ କେଉଁଠି ଉପଯୁକ୍ତ ତାଲିମ ଓ ଅଭାବୀ ବିକ୍ରି ପାଇଁ କ୍ଷତି ସହୁଛି ଚାଷୀ। ସରକାରଙ୍କ ପକ୍ଷରୁ ମଣ୍ଡି ବ୍ୟବସ୍ଥା କିମ୍ବା ସୂର୍ଯ୍ୟମୁଖୀ ତେଲ ବିକ୍ରି କରିବା ପାଇଁ ବଜାର ବ୍ୟବସ୍ଥା କଲେ ଲାଞ୍ଜିଗଡ ଅଞ୍ଚଳରେ ଦିନେ ସୂର୍ଯ୍ୟମୁଖୀ ଚାଷ ଲୋକଙ୍କ ମଧ୍ୟରେ ବେଶ ଆଦୃତ ଲାଭ କରିବା ସହ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ ଭଲ ରୋଜଗାର ଦେବ ବୋଲି କୁହାଯାଇଛି। କୃଷି ବିଭାଗ ପକ୍ଷରୁ ଉପଯୁକ୍ତ ତାଲିମ, ପ୍ରୋତ୍ସାହନ ଓ ସୂର୍ଯ୍ୟମୁଖୀର ମାର୍କେଟିଂ ବ୍ୟବସ୍ଥା କରାଗଲେ ଭଲ ଦୁଇ ପଇସା ରୋଜଗାର କରିପାରନ୍ତେ ବୋଲି ଚାଷୀମାନେ କହିଛନ୍ତି।

# ସ୍ୱୟଂ ସହାୟକ ଦଳର ତାଲିମ ଶିବିର



ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ତାଲିମ ଦିଆଯାଉଛି।

କେସିଙ୍ଗା,୧୨।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ବନାଞ୍ଚଳ ଗୃହରେ ଦିନିକିଆ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ କେସିଙ୍ଗା ବାନାଞ୍ଚଳର କେସିଙ୍ଗା ଓ କଣ୍ଟୁପଡା ସେକ୍ସନର ୧୭ଟି ସ୍ୱୟଂ ସହାୟକ ଗୋଷ୍ଠୀରୁ ୩୪ଜଣ ଏସ୍‌ଏଚ୍‌ଜି ଲିଡର ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ତାଲିମ ଦାତା ଭାବେ କେସିଙ୍ଗା ବାନଞ୍ଚଳ ଅଧିକାରୀ ଦିନବନ୍ଧୁ ମେହେର ତାଲିମ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ମିଶନ ଶକ୍ତି ଅଧିକାରୀ ସବିତା ସେଠୀ ଯୋଗଦେଇଥିଲେ। ଉକ୍ତ ତାଲିମ କାର୍ଯ୍ୟକ୍ରମ ଆମ ଜଙ୍ଗଲ ଯୋଜନା ଦଳପତି ହେମନ୍ତ କୁମାର ସାହୁ ସଂଯୋଜନା କରିଥିଲେ। ତାଲିମ ଦାତା ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ପାଇଁ ଜ୍ୱଳନ୍ତ ଉଦାହରଣ ମାଧ୍ୟମରେ ବିଭିନ୍ନ କୌଶଳ ଶିକ୍ଷା ଦେବା ସହିତ ଆଇନଗତ ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ପରିଶେଷରେ ବିକାଶ ଅଧିକାରୀ ଆମ ଜଙ୍ଗଲ ଯୋଜନା ଇନ୍ଦ୍ରମଣି ମାଝି ଅଂଶ ଗ୍ରହଣକାରୀଙ୍କୁ ଶପଥ ପାଠ କରାଇଥିଲେ।

# ଶିକ୍ଷା, ନିଯୁକ୍ତି କ୍ଷେତ୍ରରେ ଓବିସିବର୍ଗଙ୍କୁ ଉପେକ୍ଷା



ଜିଲା କାର୍ଯ୍ୟକାରିଣୀ ଓ ପ୍ରତିବାଦ ସଭାରେ ଉପସ୍ଥିତ ନେତୃମଣ୍ଡଳୀ।

ଭବାନୀପାଟଣା,୧୨।୩(ସ୍ୱ.ପ୍ର.)

- ଜାଗରଣ ସୃଷ୍ଟି କରିବ ଭାଜପା ଓବିସି ମୋର୍ଚ୍ଚା
- ଦ୍ୱିତୀୟ ଜିଲା କାର୍ଯ୍ୟକାରିଣୀ, ପ୍ରତିବାଦ ସଭା

ସମଗ୍ର ଦେଶର ବିଭିନ୍ନ ରାଜ୍ୟରେ ଉଚ୍ଚ ଶିକ୍ଷା ପାଇଁ ନାମ ଲେଖାରେ ପଛୁଆବର୍ଗ (ଓବିସି)ଙ୍କ ପାଇଁ ସ୍ଥାନ ସଂରକ୍ଷଣ ୨୭% ସୁନିଶ୍ଚିତ କରାଯାଇଥିବାବେଳେ ଦେଶର ଏକମାତ୍ର ରାଜ୍ୟ ଓଡ଼ିଶାରେ ଏହାର ବ୍ୟତିକ୍ରମ ଦେଖାଦେଇଛି। ରାଜ୍ୟର ବିଜେଡି ସରକାରଙ୍କ ଅପାରଗତା ଯୋଗୁ ଏଠାରେ ୫୪% ଥିବା ଓବସିଙ୍କୁ ତାଙ୍କ ସାମ୍ବିଧାନିକ ଅଧିକାରରୁ ବଞ୍ଚିତ କରାଯାଇଛି। ସେହିପରି ନିଯୁକ୍ତି କ୍ଷେତ୍ରରେ ମଧ୍ୟ ୧୧.୨୫% ରହିବା କଥା। ହେଲେ ସେଥିରେ ମଧ୍ୟ ପାତରଅନ୍ତର କରୁଛନ୍ତି ରାଜ୍ୟ ବିଜେଡି ସରକାର। ଏହା ବିରୋଧରେ ଗାଁକୁ ଗାଁ ଘରକୁ ଘର ବୁଲି ଭାଜପା ଓବିସି ମୋର୍ଚ୍ଚା ଜାଗରଣ ସୃଷ୍ଟି କରିବା ପାଇଁ ରବିବାର ଭବାନୀପାଟଣା ଟାଉନହଲଠାରେ ଆୟୋଜିତ ଦ୍ୱିତୀୟ ଜିଲା କାର୍ଯ୍ୟକାରିଣୀ ଓ ପ୍ରତିବାଦ ସଭାରେ ଆହ୍ୱାନ ଦେଇଛନ୍ତି ରାଜ୍ୟ ଓବିସି ମୋର୍ଚ୍ଚା ସଭାପତି ସୁରଥ ବିଶ୍ୱାଳ। ଅନୁଷ୍ଠିତ ସଭାରେ ଜିଲା ଓବିସି ମୋର୍ଚ୍ଚା ସଭାପତି ପ୍ରଦୀପ କୁମାର ନାଏକଙ୍କ ଅଧ୍ୟକ୍ଷତା କରିଥିଲେ। ରାଜ୍ୟ ସରକାର ଓବିସିମାନଙ୍କ ପ୍ରତି ବୈମାତୃକ ମନୋଭାବ ବିରୋଧରେ ନିନ୍ଦା ପ୍ରସ୍ତାବ ଆଗତ କରିବା ସହିତ ଆଗାମୀ ଦିନରେ ଏହାକୁ ନେଇ ଏକ ବଡଆନ୍ଦୋଳନ କରାଯିବ ବୋଲି ଦଳୀୟ ନେତା କହିଥିଲେ। ସେହିପରି ଓବିସିଙ୍କ ଉତ୍ଥାନ ପାଇଁ ମୋଦି ସରକାର ନେଇ ଥିବା ବିଭିନ୍ନ ଉଲ୍ଲେଖନୀୟ ପଦକ୍ଷେପ ପାଇଁ ଧନ୍ୟବାଦ ଜ୍ଞାପନ କରାଯାଇଥିଲା। ସଭାରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, ଜିଲା ସଭାପତି ଦେବେନ୍ଦ୍ର ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ଉପସଭାପତି ରାମଚନ୍ଦ୍ର ବେହେରା, ପୂର୍ବତନ ଜିଲା ସଭାପତି ଭବେନ୍ଦ୍ର ପଣ୍ଡା, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ନମିତା ରାଣୀ ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋଜ ମେହେର, ପ୍ରତାପ ବାଗ, ଅନିରୁଦ୍ଧ ପ୍ରଧାନ, ନଗର ସେଲର ମାନସ ଜେନା, ଜିଲା ଓବିସି ମୋର୍ଚ୍ଚା ଉପସଭାପତି ତିର୍ଥରାଜ ଦଳପତି, ଘନଶ୍ୟାମ ଗହୀର, ସାଧାରଣ ସମ୍ପାଦକ ଟଙ୍କଧର ନାଏକ, ବଂଶୀପାଣୀ ସାହା ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ଉପସଭାପତି ଘନଶ୍ୟାମ ଗହୀର ମଞ୍ଚ ପରିଚାଳନା କରିଥିବାବେଳେ ସାଧାରଣ ସମ୍ପାଦକ ଟଙ୍କଧର ନାଏକ ଧନ୍ୟବାଦ ଦେଇଥିଲେ।

## ଷୋହଳ ପ୍ରହର ନାମଯଜ୍ଞ ଉଦ୍‌ଯାପିତ

ପଲମ,୧୨।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ଅଧୀନ ମୁଡିଙ୍ଗ ପଞ୍ଚାୟତସ୍ଥିତ କର୍ଲାବାହାଲି କଦମ୍ବପଡା ଗ୍ରାମରେ ଷୋହଳ ପ୍ରହର ନାମଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଗତ ଗୁରୁବାର ଅପରାହ୍ନରେ ସ୍ଥାନୀୟ ମଙ୍ଗଳାଯୋରଠାରୁ ଘଣ୍ଟନାଦ, କିର୍ତ୍ତନ ସହ ଗଙ୍ଗାବରଣ କରାଯାଇ କଳସଯାତ୍ରା କରାଯାଇଥିଲା। ଶୁକ୍ରବାର ଷୋହଳ ପ୍ରହର ନାମଯଜ୍ଞର ରିତୀନିତୀ ଅନୁଯାୟୀ ରାଧାମାଧବଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ପୂଜା ମଣ୍ଡପରେ ଗ୍ରାମର ସଂକୀର୍ତ୍ତନ ଦଳ ନାମଗାନ ଆରମ୍ଭ କରିଥିଲେ ଏବଂ ୧୨ଟି ସଂକୀର୍ତ୍ତନ୍ୟ ଦଳ ନାମଗାନରେ ସାମିଲ ହୋଇଥିଲେ। ପୂଜାରେ କର୍ତ୍ତା ଭାବେ ଛିନୁ ମାଝି ଓ କୁନ୍ତୀ ମାଝି ରହି ପୂଜାର୍ଚ୍ଚନା କରିଥିଲେ। ସପ୍ତଋଷି ଭାବେ ଗ୍ରାମର ଦୁର୍ବାଦଳ ରଣା, ଦୁର୍ଯ୍ୟୋଧନ ରଣା, ନବିନା ରଣା, ଦାଶରଥି ସାହୁ, ତୁମେଶ୍ୱର ସାହୁ, ଲକ୍ଷ୍ମାପତି ପୋଡ଼, ଶ୍ରୀମତ ବଗର୍ତ୍ତୀ ଭୋଗପ୍ରସାଦ ଅର୍ପଣ କରିଥିଲେ। ଯଜ୍ଞର ପୂଜକ ଭାବେ ପ୍ରିୟରନ ଦାସ, ଜପକ ଭାବରେ ଗୌରଚନ୍ଦ୍ର ମିଶ୍ର ଓ ପାଚକ ଭାବେ ରାଧାକାନ୍ତ ମିଶ୍ର ରହି ସମସ୍ତ ପୂଜା ସମ୍ପାଦନ କରିଥିଲେ। ଯଜ୍ଞ କମିଟି ସଭାପତି ହରିହର ସାହୁ, ସମ୍ପାଦକ କିଶୋର ରଣା, କୋଷାଧ୍ୟକ୍ଷ କଂସ ବଗର୍ତ୍ତି ରହି ପ୍ରତ୍ୟେକ କାର୍ଯ୍ୟ ସୁଚାରୁ ରୁପେ ସମ୍ପାଦନ କରିଥିଲେ। ଅନ୍ୟାନ୍ୟ କାର୍ଯ୍ୟରେ ଥବିର ସାହୁ, ଡୋଲାମଣି ରଣା, ରାଜାରାମ ମାଝି, ଚୈତନ୍ୟ ରଣା, ଦାମୋଦର ରଣା, ସୁମତ ରଣା, ମେରେଲ ସାହୁ, ଯଦୁ ବଗର୍ତ୍ତି, ଉଦ୍ଧବ ସାହୁ, ସୁଶାନ୍ତ ସାହୁ, ଭୋଜରାଜ ମାଝି, କମଳା ସାହୁ ପ୍ରମୁଖ ସମସ୍ତ କାର୍ଯ୍ୟରେ ସହଯୋଗ କରିଥିଲେ। ସମସ୍ତ ଭକ୍ତଙ୍କ ପାଇଁ ଅନ୍ନ ପ୍ରସାଦର ବ୍ୟବସ୍ଥା କରାଯାଇଥିଲା।

# ସୌରି ସାହିତ୍ୟ ସଂସ୍କୃତି ଚାରିଟେବୁଲ ଟ୍ରଷ୍ଟର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

ଖଡ଼ିଆଳ,୧୨।୩(ଡି.ଏନ.ଏ.)

ନୂଆପଡ଼ା ଜିଲା ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ ସଭାଗୃହରେ ସୌରି ସାହିତ୍ୟ ସଂସ୍କୃତି ଚାରିଟେବୁଲ ଟ୍ରଷ୍ଟର ଦମାପଲାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବେଶନର ଆଲୋଚନାଚକ୍ରରେ ଅନୁଷ୍ଠାନ ସଭାପତି ପ୍ରାଧ୍ୟାପକ ବିଜୟ କୁମାର ବାରିକ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ଐତିହାସିକ ଡକ୍ଟର ଫଣିନ୍ଦମ ଦେଓ, ସମ୍ମାନିତ ଅତିଥି ଭାବେ ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ତରୁଣ କୁମାର ପ୍ରଧାନ ଓ ଆଲୋଚକ ଭାବେ ଅଧ୍ୟାପକ କନକବର୍ଦ୍ଧନ ସାହୁ ଯୋଗଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ତଥା ଗାଳ୍ପିକ ଗୌରାଙ୍ଗ କୁମାର ସାହୁ ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ। କବି ମିୟୋଗ ରଞ୍ଜନ ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କବି ଉପେନ୍ଦ୍ର କୁମାର ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ବିଶିଷ୍ଟ କବି ପଟ୍ଟାୟତ ନୀଳଲୋହିତ ସିଂହ ଦେବଙ୍କ ସଭାପତିତ୍ୱରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ମୁକୁନ୍ଦିଲାଲ ମହିଳା ମହାବିଦ୍ୟାଳୟ ଅଧ୍ୟାପିକା ସଞ୍ଜିବନୀ ସୁଧା ରଥ, ବିଶିଷ୍ଟ ଅତିଥି ଭାବେ ସୁସାହିତ୍ୟିକ ବଳଭଦ୍ର ମହାନ୍ତି, ସମ୍ମାନିତ ଅତିଥି କବି ଲଳିତ କୁମାର ସୁନାରୀ ଓ କବି ନୃପରାଜ ତାଣ୍ଡି ଯୋଗଦେଇଥିଲେ। କେ.ଭି.କଲେଜ ପ୍ରାଧ୍ୟାପକ ଲୋହିତାକ୍ଷ ଯୋଷୀ ଓ ବିଜୁ ପଟ୍ଟନାୟକ ମହାବିଦ୍ୟାଳୟ ପ୍ରାଧ୍ୟାପକ ସାମୁଏଲ ଦାନୀ କବିତା ସଂଯୋଜନା କରିଥିଲେ। କବୟିତ୍ରୀ ନିକିତା ମହାଉତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କବି ଚତୁର୍ଭୁଜ ସିଂହ ଦେଓ ଧନ୍ୟବାଦ ଅର୍ପଣ କରିଥିଲେ। କଣ୍ଠଶିଳ୍ପୀ ରାସବିହାରୀ ଘିଭେଲା ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। ବିଶିଷ୍ଟ ତବଲା ବାଦକ ଭୈରବ ସରାଫଙ୍କ ବିୟୋଗରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସମାରୋହରେ ସଙ୍ଗୀତ ସୌରଭ ନନ୍ଦଲାଲ ବାରିକ, ଶିରୀଶଙ୍କର ବାରିକ, ସନାତନ ମହାନ୍ତି, ଅନୁପ ସାହୁ, ଆଦିତ୍ୟ ନାରାୟଣ ପଣ୍ଡା, ସତୀଶ କୁମାର ପଟ୍ଟନାୟକ, ମନୋରମା ରଥ, ଡୋଲାମଣି ଦଣ୍ଡସେନା, ଅବକାଶ ନାରାୟଣ ପଣ୍ଡା, ମିତ୍ରଭାନୁ ମେହେର, ପ୍ରକାଶ କୁମାର ଠାକୁର ପ୍ରମୁଖ ଅତିଥିଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ଆଶୁତୋଷ ବାରିକ, ଆକାଶ ସାହୁ, ଅରୁଣ ଦଣ୍ଡସେନା, କ୍ଷୀରାବ୍ଧୀନୀ ବାରିକ ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ କବି, କବୟିତ୍ରୀ, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ପୁକେରକୁ ହରାଇ ବିଜେପୁର ଚାମ୍ପିୟନ

ଲାଞ୍ଜିଗଡ଼,୧୨।୩(ଡି.ଏନ.ଏ.)

**ପାତ୍ରବୁଢ଼ା ନକ୍‌ଆଉଟ କ୍ରିକେଟ**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଜେପୁର ପଞ୍ଚାୟତସ୍ଥିତ ଗଉଡ଼ ଥୁଆଗୁଡା ଖେଳପଡିଆଠାରେ ଚାଲିଥିବା ପଞ୍ଚାୟତସ୍ତରୀୟ ପାତ୍ରବୁଢା ନକଆଉଟ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ବିଜେପୁର ଓ ପୁକେର ଦଳ ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ବିଜେପୁର ଚାମ୍ପିୟନ ହୋଇଛି। ବିଜେପୁର ପ୍ରଥମେ ଟସ ଜିତି ବ୍ୟାଟିଂ କରି ୧୨ ଓଭର ୬ ଉଇକେଟ ବିନିମୟରେ ୧୩୯ ରନ କରିଥିଲା। ଜବାବରେ ପୁକେର ୧୨ ଓଭର ୭ ଉଇକେଟ ବିନିମୟରେ ୧୦୫ ରନ କରି ପରାଜୟ ହୋଇଥିଲା। ଉଦ୍‌ଯାପନୀ ମ୍ୟାଚରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ଼ ଜୋନ-୨ ଜିଲା ପରିଷଦ ସଦସ୍ୟ ପରୀକ୍ଷିତ ନାଏକ ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥି ଭାବେ ବିଜେପୁର ସରପଞ୍ଚ ପ୍ରତିନିଧି ଟିକା ମାଝି, ସମିତି ସଭ୍ୟା ପ୍ରତିନିଧି ଇନ୍ଦ୍ର ମାଝି, ପୂର୍ବତନ ସମିତି ସଭ୍ୟ ହରିଶ୍ଚନ୍ଦ୍ର ପୂଝାରୀ ପ୍ରମୁଖ ଉପସ୍ଥିତ ଥିଲେ। ଉଦଯାପନୀ ମ୍ୟାଚରେ କାହ୍ନା ଦଳପତି ଓ କୁନା ପୂଝାରୀ ଖେଳ ପରିଚାଳନା କରିଥିଲେ। ସ୍କୋର ବୋର୍ଡରେ ହରିଶ୍ଚନ୍ଦ୍ର ପୂଝାରୀ ସହଯୋଗ କରିଥିଲେ। ପଞ୍ଚାୟତସ୍ତରୀୟ କ୍ରିକେଟ ପ୍ରତିଯୋଗୀତା ଗତ ୭ ତାରିଖରେ ଆରମ୍ଭ ହୋଇଥିବା ବେଳେ ଏଥିରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ପାଇକ ଥୁଆଗୁଡା ପାତ୍ର ବୁଢ଼ା କ୍ରିକେଟ କମିଟି ପକ୍ଷରୁ ଆନନ୍ଦ ପୂଝାରୀ, ଜୟନ୍ତ ନାଏକ, ଦୁର୍ଗା ମାଝିଙ୍କ ସମେତ କମିଟି ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।



ଫାଇନାଲ ମ୍ୟାଚ୍ ପୂର୍ବରୁ ଅତିଥିଙ୍କ ସହ ଖେଳାଳିମାନେ।

# ନେହରୁ ଯୁବକେନ୍ଦ୍ରର ଜିଲାସ୍ତରୀୟ ଯୁବ ଉତ୍ସବ

ଭବାନୀପାଟଣା,୧୨।୩(ସ୍ୱ.ପ୍ର.)




ଜିଲାସ୍ତରୀୟ ଯୁବ ଉତ୍ସବରେ ଅତିଥିବୃନ୍ଦ।

ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ଅଧୀନ ଶାଖା ନେହେରୁ ଯୁବକେନ୍ଦ୍ର କଳାହାଣ୍ଡିର ଯୁବ ଅଧିକାରୀ ପ୍ରସନ୍ନ ମେହେରଙ୍କ ଅଧ୍ୟକ୍ଷତାରେ ରବିବାର କଳାହାଣ୍ଡି ବିଶ୍ୱବିଦ୍ୟାଳୟ ସଭା ଗୃହଠାରେ ଜିଲାସ୍ତରୀୟ ଯୁବ ଉତ୍ସବ ପାଳିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ ପଦ୍ମଶ୍ରୀ ପଟାୟତ ସାହୁ ଯୋଗଦେଇ ଉପସ୍ଥିତ ଯୁବକଯୁବତୀମାନଙ୍କୁ ଯୁବମାନଙ୍କ କାର୍ଯ୍ୟ ଉଦ୍ଦେଶ୍ୟରେ ଅଭିଭାଷଣ ରଖିଥିଲେ। ମୁଖ୍ୟବକ୍ତା ଭାବେ କଳାହାଣ୍ଡି ବିଶ୍ୱ ବିଦ୍ୟାଳୟ ରେଜିଷ୍ଟ୍ରାର ପୀତାମ୍ବର ଭୋଇ, ଅତିଥି ଭାବେ ମେଜର ଜୟଦେବ ସାହୁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା, ବିଶିଷ୍ଟ ଲେଖିକା ତଥା ଓଡ଼ିଆ ବିଭାଗ ମୁଖ୍ୟ ପଲିଶ୍ରୀ ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ନେହେରୁ ଯୁବକେନ୍ଦ୍ର ସଙ୍ଗଠନ ଲେଖାପାଳ ଦୂତିଆ ବନଛୋର ମଞ୍ଚ ପରିଚାଳନା କରିଥିଲେ। ପଦ୍ମଶ୍ରୀ ପଟାୟତଙ୍କୁ ମାନପତ୍ର ଓ ଉପଢୌକନ ଦେଇ ନେହେରୁ ଯୁବକେନ୍ଦ୍ର ସଙ୍ଗଠନ ପକ୍ଷରୁ ସମ୍ମାନିତ କରାଯାଇଛି। ଉତ୍ସବରେ ୫ଟି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ବିଜେତାମାନେ ରାଜ୍ୟସ୍ତର ଓ ରାଜ୍ୟରେ ବିଜେତାମାନେ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ ବୋଲି ଯୁବ ଅଧିକାରୀ ସୂଚନା ଦେଇଥିଲେ। ପରେ ୫ଟି ବିଭାଗରେ ପ୍ରତିଯୋଗିତା ବିଭିନ୍ନ ବିଭାଗ ଯଥା ପୋଏଟ୍ରିରେ ମାନସ୍ୱିନୀ ଛତ୍ରିଆ, ପେଣ୍ଟିଂରେ ରୁକ୍ତା ମାଝି, ଫୋଟୋ ଗ୍ରାଫିରେ ସୌମ୍ୟ ରଞ୍ଜନ ସରଙ୍ଗୀ, ଦୀକ୍ଲାମେଶନରେ ଶୁଭଲକ୍ଷ୍ମୀ ଦାସ ପ୍ରମୁଖ ବିଜେତା ହୋଇଥିଲେ। ପ୍ରତିଯୋଗିତାରେ ୩ଶହରୁ ଊର୍ଦ୍ଧ୍ୱ ପ୍ରତିଯୋଗିତା ଭାଗ ନେଇଥିବା ବେଳେ ୫ଶହରୁ ଅଧିକ ଯୁବକଯୁବତୀ ଯୋଗଦାନ ଦେଇଥିଲେ। ସେହିମାନଙ୍କୁ ଆର୍ଥିକ ପୁରସ୍କାର, ସାର୍ଟିଫିକେଟ ଦେଇ ଅତିଥିମାନେ ପୁରସ୍କୃତ କରିଥିଲେ। ଦ୍ୱିତୀୟ ଅଧିବେଶନରେ ରଙ୍ଗାରଙ୍ଗ ସାଂସ୍କୃତି କାର୍ଯ୍ୟକ୍ରମରେ ଅତିଥି ଭାବେ ୬୪ ବାଟାଲିୟନ କମାଣ୍ଡେଣ୍ଟ ସିଆରପିଏଫ ପଙ୍କଜ ଚୌଧୁରୀ ଯୋଗଦେଇଥିଲେ। ବିନୟ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ଜିଲାର ୧୩ଟି ବ୍ଲକରୁ ୧୧ଟି ସାଂସ୍କୃତିକ ଦଳ ଯୋଗଦେଇଥିଲେ। ଲେଖାପାଳ ଦୂତିଆ ବନଛୋର ଧନ୍ୟବାଦ ଜଣେଇଥିଲେ।

**୫ଶହରୁ ଊର୍ଦ୍ଧ୍ୱ ଯୁବତୀଯୁବକ ସାମିଲ**

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୩ ମାର୍ଚ୍ଚ, ୨୦୨୩



## ସଂକ୍ଷେପରେ

### ମହିଳାଙ୍କୁ ପ୍ରତାରଣା, ଦେଓଗାଁରେ ଛତିଶଗଡ଼ ପୋଲିସ

ଦେଓଗାଁ,୧୨।୩(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ଥାନା ବନ୍ଧପଡା ଫାଣ୍ଡି ଅନ୍ତର୍ଗତ ମାଟୁପାଲି ଗାଁର ଜଣେ ଯୁବକ ଛତିଶଗଡ ପିଥୋରା ଥାନା ଅଞ୍ଚଳରେ ଜଣେ ବିବାହିତା ମହିଳାଙ୍କ ସହ ପ୍ରେମ ସମ୍ପର୍କ ରଖି ପରେ ପ୍ରତାରଣା କରିବା ଅଭିଯୋଗ ହୋଇଛି। ଏନେଇ ପିଥୋରା ଥାନା ପୋଲିସ ମାଟୁପାଲିରେ ପହଞ୍ଚି ଛାନଭିନ ଆରମ୍ଭ କରିଛି। ତେବେ ସମ୍ପୃକ୍ତ ଯୁବକ ଜଣକ ଫେରାର ହୋଇଯାଇଛନ୍ତି। ପୋଲିସ ସୂଚନାନୁସାରେ ମାଟୁପାଲିର ଜଣେ ଯୁବକ ପିଥୋରା ଥାନା ଅଞ୍ଚଳରେ ରହି ଏକ ମାଇକ୍ରୋଫାଇନାନ୍ସ କମ୍ପାନୀରେ କ୍ଷେତ୍ର ପରିଚାଳକ ଭାବେ କାର୍ଯ୍ୟ କରୁଥିଲେ। ଏହି ସମୟରେ ସେଠାକାର ଜନୈକ ବିବାହିତା ମହିଳାଙ୍କୁ ନିଜ ପ୍ରେମଜାଲରେ ଫସାଇ ସମ୍ପର୍କ ସ୍ଥାପନ କରିଥିଲେ। ଅନେକ ଦିନ ଧରି ଏପରି ଚାଲିଥିଲା। ହେଲେ ଗତ ୧୨ ଦିନ ହେଲା ସମ୍ପୃକ୍ତ ଯୁବକ ଜଣକ କିଛି ନ କହି ସେଠଶରୁ ପଳାଇ ଆସିଥିଲେ। ଏହାପରେ ମହିଳା ଜଣକ ଥାନାରେ ଲିଖିତଭାବେ ଅଭିଯୋଗ କରିଥିଲେ। ଏନେଇ ପିଥୋରା ଥାନାରେ ୩୭୬ ଧାରାରେ ମାମଲା ରୁଜୁ ହୋଇଥିଲା। ରବିବାର ସମ୍ପୃକ୍ତ ମହିଳାଙ୍କ ସହ ଛତିଶଗଡ ପୋଲିସ ଦେଓଗାଁ ଥାନା ପୋଲିସ ସହାୟତାରେ ମାଟୁପାଲି ଯାଇଥିଲା। ହେଲେ ସମ୍ପୃକ୍ତ ଯୁବକଙ୍କ ପତ୍ତା ପାଇ ନ ଥିବା ପୋଲିସ ସୂଚନା ଦେଇଛି।

### ୧୪ରୁ ସୁବର୍ଣ୍ଣପୁରରେ ଇଙ୍କ୍‌ଫେଷ୍ଟ

ସୋନପୁର,୧୨।୩(ନି.ପ୍ର.): ସୋନପୁର ରୟାଲ ପଡିଆରେ ଆସନ୍ତା ୧୪ ତାରିଖ ଠାରୁ ୨୦ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ ବାର୍ଷିକ ପୁସ୍ତକ ଓ ସାରସ୍ୱତ ମେଳା ଇଙ୍କ୍‌ଫେଷ୍ଟ-୨୦୨୩। ଏହି ଉତ୍ସବର ପଞ୍ଚମ ସଂସ୍କରଣରେ ୫୦ରୁ ଊର୍ଦ୍ଧ୍ୱ ଷ୍ଟଲରେ ରାଜ୍ୟ ଏବଂ ରାଜ୍ୟ ବାହାରର ପ୍ରମୁଖ ପୁସ୍ତକ ପ୍ରକାଶନ ସଂସ୍ଥା ଓ ବହି ବିକ୍ରେତା ଯୋଗ ଦେବା ପାଇଁ ସମ୍ମତି ଜଣାଇଥିବା ଇଙ୍କ୍‌ଫେଷ୍ଟର ସଭାପତି ସ୍ୱାଧୀନ କୁମାର ମେହେର ଓ ସମ୍ପାଦକ ଅମ୍ବୁଜ ବିହାରୀ ଶତପଥୀ ସୂଚନା ଦେଇଛନ୍ତି। ଉଦ୍‌ଘାଟନୀ ଓ ଉଦ୍‌ଯାପନୀ ସନ୍ଧ୍ୟା ବ୍ୟତୀତ ୫ ଦିନ ଧରି ସାହିତ୍ୟ, ସଂସ୍କୃତି, ବୌଦ୍ଧିକ, ସାରସ୍ୱତ ଓ ବିଦେଶାଗତ ପକ୍ଷୀଙ୍କ ଆଗମନକୁ ନେଇ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ରହିଛି। ଭିନ୍ନ ଭିନ୍ନ ପ୍ରସଙ୍ଗରେ ରାଜ୍ୟ ଓ ଜାତୀୟ ସ୍ତରର ବୁଦ୍ଧିଜୀବୀ, ଗାଳ୍ପିକ, ସଂସ୍କୃତି ଗବେଷକ, ବନ୍ୟପ୍ରାଣୀ ଗବେଷକ, ସିନେ ସମୀକ୍ଷକ ତଥା ବିଶିଷ୍ଟ ବ୍ୟକ୍ତିମାନେ ଏସବୁ ଆଲୋଚନାରେ ଅଂଶଗ୍ରହଣ କରିବେ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ପର୍ଯ୍ୟାୟ କ୍ରମେ ସନ୍ଧ୍ୟାରେ ବିଦେଶାଗତ ପକ୍ଷୀଙ୍କ ମଧୁସ୍ୱର୍ଗ, ମହାନଦୀ ସଭ୍ୟତା ଓ ସୁବର୍ଣ୍ଣପୁର ଭୂଖଣ୍ଡ, ଫକୀର ପଟ୍ଟନାୟକ ସଙ୍ଗୀତ ଧାରା-ଏକ ଅନୁଶୀଳନ ଶୀର୍ଷକ ଆଲୋଚନାଚକ୍ର, ବହୁଭାଷୀ କବିତା ଆସର ଓ କୋସଲି କବିତା ଆସର ଅନୁଷ୍ଠିତ ହେବ। ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତଥା ଜିଲା ସଂସ୍କୃତି ପରିଷଦର ମିଳିତ ସହଯୋଗରେ ଏହି ପୁସ୍ତକ ମେଳା ଆୟୋଜିତ ହେଉଛି। ରୟାଲ ପଡିଆରେ ରବିବାର ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଡ. ଦେବାଶିଷ ପାଣ୍ଡିଆ, ଗତିକୃଷ୍ଣ ମିଶ୍ର, ଗୌରୀଶ୍ୟାମ ପଣ୍ଡା, ଜ୍ୟୋତିରଞ୍ଜନ ବହିଦାର, ଆର୍ତ୍ତତ୍ରାଣ ବାବୁ, ଶ୍ରୀଧର ବାଗ୍, ଗୋବିନ୍ଦ ମହାରଣା, ଡ. ସୌରଭ ରଞ୍ଜନ ଖମାରୀ, ଶ୍ୟାମା ଓଁ ପ୍ରସାଦ ମିଶ୍ର, ରଘୁମଣି ଦେହୁରୀ, ଜନାର୍ଦ୍ଦନ ସାହୁ, ଲକ୍ଷ୍ମୀ ନାରାୟଣ ସାହୁ, ରାଜୀବ ନାୟକ, ଦେବାଶିଷ ପ୍ରଧାନ ଓ ଦୁର୍ଯ୍ୟୋଧନ ମେହେର ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଘୋଷଣାରେ ସୀମିତ ନ ରହୁ ପୁନରୁଦ୍ଧାର


ବନ୍ଦ ହୋଇ ପଡିଥିବା ବିଜୟାନନ୍ଦ ସମବାୟ ଚିନିକଳ।

### ବିଜୟାନନ୍ଦ ସମବାୟ ଚିନିକଳ ପୁନଃ ଚାଲୁ ପ୍ରସଙ୍ଗ

ଦେଓଗାଁ,୧୨।୩(ଡି.ଏନ.ଏ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗାଇବାହାଲ ପଞ୍ଚାୟତ ଅନ୍ତର୍ଗତ ସାଗରପାଲିସ୍ଥିତ ବିଜୟାନନ୍ଦ ସମବାୟ ଚିନିକଳ ପୁନଃ ଚାଲୁ ପାଇଁ ରାଜ୍ୟ ସରକାର ପ୍ରୟାସ ଆରମ୍ଭ କରିଛନ୍ତି। ଚଳିତ ବଜେଟରେ ଚିନିକଳ ଚାଲୁ କରିବା ପାଇଁ ପ୍ରଥମ ପର୍ଯ୍ୟାୟରେ ୯୨ କୋଟି ୬୦ ଲକ୍ଷ ଟଙ୍କା ପ୍ରସ୍ତାବ ରଖାଯାଇଛି। ଚିନିକଳକୁ ପିପିପି ମୋଡରେ ଚାଲୁ କରିବାପାଇଁ ପ୍ରୟାସ କରାଯାଉଛି। ତେବେ କିଛି ମାସପରେ ସାଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ ହେବାକୁ ଯାଉଛି। ଏଣୁ ଏହା ସରକାରଙ୍କ ନିର୍ବାଚନୀ ଚାଲ ନୁହେଁ କି ବୋଲି ସାମାଜିକ ଗଣମାଧ୍ୟମରେ ଲୋକେ ପ୍ରଶ୍ନ କରୁଥିବା ଦେଖିବାକୁ ମିଳିଛି।

ପ୍ରଥମ ପର୍ଯ୍ୟାୟରେ ଚିନିକଳ ଚାଲୁ ପାଇଁ ସରକାର ୯୨ କୋଟି ୬୦ ଲକ୍ଷ ଟଙ୍କା ବ୍ୟୟ ବରାଦ ପାଇଁ ପ୍ରସ୍ତାବରେ ରଖିଛନ୍ତି। ତେବେ ତିନି ବର୍ଷ ପାଇଁ ଚାଲୁ ରଖିବାକୁ ହେଲେ ନୋଲସ ନୋ ପ୍ରଫିଟରେ ୧୨୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଜିଲା ସମବାୟ ଚିନିକଳ କମିଟି ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେଇଛି। ୨୦୧୪ ସାଧାରଣ ନିର୍ବାଚନ ପୂର୍ବରୁ ରାଜ୍ୟ ସରକାର ଚିନିକଳ ପୁନଃ ଚାଲୁ କରିବାପାଇଁ ସମବାୟ ବିଭାଗର ରାଜ୍ୟସ୍ତରୀୟ ବରିଷ୍ଠ କର୍ମଚାରୀ ଏବଂ ଏକ ଉଚ୍ଚସ୍ତରୀୟ ବୈଷୟିକ କମିଟିକୁ ଏକ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ତାହା ଫାଇଲ ତଳେ ଚାପିହୋଇ ରହିଗଲା। ନିର୍ବାଚନ ଆସିଲେ ସରକାରଙ୍କୁ ବିଜୟାନନ୍ଦ ସମବାୟ ଚିନିକଳ କଥା ମନେ ପଡେ ବୋଲି ବିରୋଧୀ କହୁଛନ୍ତି। ୨୦୧୯ ସାଧାରଣ ନିର୍ବାଚନରେ ସ୍ଥାନୀୟ ଶାସକ ଦଳ ବିଧାୟକ ପ୍ରାର୍ଥୀ ବିଜୟ ହେଲେ ଚିନିକଳ ନିଶ୍ଚିତ ଚାଲୁ କରାଯିବ ବୋଲି କହିଥିଲେ। ହେଲେ ଫଳାଫଳ ଘୋଷଣା ପରେ ସେହି ପ୍ରସଙ୍ଗ ନୀରବି ଗଲା। ଏଣୁ ଏବେ ଆଖୁଚାଷୀ ଏଥର ଚିନିକଳ ଚାଲିବା ନେଇ ନିଶ୍ଚିତ ହୋଇ ପାରୁ ନାହାନ୍ତି। ରାଜ୍ୟ ସରକାର ଚାଷୀଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଚିନିକଳକୁ ପୁନଃ ଚାଲୁ କରିବା ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି।

### ସେମାନେ ଯାହା କହନ୍ତି....



"ଚିନିକଳ ପୁନଃଚାଲୁ ପାଇଁ ବିଧାନସଭାରେ ଦାବି ଉଠାଇଥିଲି। ଏନେଇ ଆଗରୁ ସମସ୍ତ ଅଧିକାରୀଙ୍କୁ ଡକାଇ ଆଲୋଚନା କରିଥିଲି। ଏବେ କେବଳ ଲୋକଦେଖାଣିଆ ପ୍ରୟାସ କରାଯାଉଛି। ସରକାର ଚିନିକଳ ପାଇଁ ୩ଥର ଟେଣ୍ଡର ଡାକିଥିଲେ। ହେଲେ କେହି ବିଡର ବାହାରୁ ନ ଥିବାରୁ ଚଳାଇବା ପାଇଁ ଅକ୍ଷମତା ପ୍ରକାଶ କରିଥିଲେ। ଏଣୁ ସରକାରଙ୍କ ଆନ୍ତରିକତା ରହିଥିବା ମୁଁ ମନେ କରୁନାହିଁ।

**ନରସିଂହ ମିଶ୍ର , ବିଧାୟକ ବଲାଙ୍ଗୀର**



"ଚିନିକଳ ଚାଲୁଥିବା ସମୟରେ ଅଞ୍ଚଳର ଆଖୁଚାଷୀ ଉପକୃତ ହେଉଥିଲେ। ଏହା ବନ୍ଦ ହୋଇପଡିବା ପରେ ଅଞ୍ଚଳର ଅର୍ଥନୈତିକହାନୀ ଘଟିଛି। ଏଣୁ ଏକମାତ୍ର ଏହି କୃଷିଭିତ୍ତିକ ଶିଳ୍ପକୁ ପୁନଃ ଚାଲୁ କରାଗଲେ ଆଖୁ ଚାଷୀ ସମେତ ଅଞ୍ଚଳବାସୀ ଉପକୃତ ହୁଅନ୍ତେ।

**ଦୟାନିଧି ଖମାରୀ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଦେଓଗାଁ ବ୍ଲକ।**



"ବିଜୟାନନ୍ଦ ସମବାୟ ଚିନିକଳ ବନ୍ଦ ହେବାପରେ ପ୍ରାୟ ୩ଶହ କର୍ମଚାରୀ ବେରୋଜଗାର ହୋଇପଡଛନ୍ତି। ଅନେକ କର୍ମସଂସ୍ଥାନ ଅନ୍ୱେଷଣରେ ବାହାର ରାଜ୍ୟକୁ କାମ କରିବାକୁ ଯାଇଛନ୍ତି। ଏହି ଶିଳ୍ପ ପୁନଃ ଚାଲୁ କରିବା ଦିଗରେ ରାଜ୍ୟ ସରକାର ଯେଉଁ ପଦକ୍ଷେପ ଆରମ୍ଭ କରିଛନ୍ତି ତାହା କାର୍ଯ୍ୟରେ ପରିଣତ ହେଲେ ଅଞ୍ଚଳବାସୀ ଉପକୃତ ହେବେ।

**ସୁବଳ ଚରଣ ରଣା, କର୍ମଚାରୀ ସଂଘ ଉପଦେଷ୍ଟା ସଦସ୍ୟ, ଦେଓଗାଁ।**



"ଚିନିକଳ ବନ୍ଦ ହେବା ପରଠାରୁ ଚାଷୀଙ୍କ ଆର୍ଥିକ ମାନଦଣ୍ଡ ଦୋହଲି ପଡିଛି। ଏବେ କେତେକ ଚାଷୀ ବିନା ପ୍ରୋତ୍ସାହନରେ ଆଖୁ ଚାଷ ଜାରି ରଖିଛନ୍ତି। ହେଲେ ବଜାର ସୁବିଧା ନ ପାଇ କେବଳ ଗୁଡ ତିଆରି କରି ଅଭାବୀ ଦରରେ ବିକ୍ରି କରୁଛନ୍ତି। ଏଣୁ ଆଖୁ ଚାଷୀଙ୍କ ବୃହତ ସ୍ୱାର୍ଥ ଦୃଷ୍ଟିରୁ ଏହି ଚିନିକଳ ସରକାର ପୁନଃ ଚାଲୁ କରିବାର ଆବଶ୍ୟକତା ରହିଛି।

**ଅନ୍ତର୍ଯ୍ୟାମୀ ଭୋଇ, ଅଗ୍ରଣୀ ଚାଷୀ,କରୁଆଁଝର।**

### ଜିଲା ଏକ୍ସକ୍ୟାଡ୍‌ର ଶିକ୍ଷକ ସଂଘର ବୈଠକ

ଖଡ଼ିଆଳ,୧୨।୩(ଡି.ଏନ.ଏ.)

ନୂଆପଡା ଜିଲା ଖଡ଼ିଆଳ ତିଖାଲି ଡାକ ବଙ୍ଗଳାଠାରେ ଏକ୍ସକ୍ୟାଡର ଶିକ୍ଷକ ସଂଘର କାର୍ଯ୍ୟକାରୀଣୀ ବୈଠକ ସଭାପତି ଅରୁଣ ଯୋଷୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକ ଏକ୍ସକ୍ୟାଡର ଉଚ୍ଛେଦ ସହ ଇନକ୍ରିମେଣ୍ଟ ପ୍ରଦାନ, ଗଣଶିକ୍ଷକଙ୍କୁ ନିୟମିତ କରିବା ସହିତ ଏନ୍‌ପିଏସ ମେଚିଙ୍ଗ ଗ୍ରାଣ୍ଟ ପ୍ରଦାନ ଦାବିରେ ସଂଘ ବାରମ୍ବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କଲେ ମଧ୍ୟ କୌଣସ ସୁଫଳ ମିଳୁ ନ ଥିବାରୁ ସରକାରଙ୍କୁ ସମାଲୋଚନା କରାଯାଇଥିଲା। ଚଳିତ ବଜେଟ ଅଧିବେଶନ ସୁଦ୍ଧା ଚାରିଦଫା ଦାବି ପୂରଣ ନ ହେଲେ ବ୍ଲକସ୍ତରରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଉକ୍ତ ବୈଠକରେ ରାଜ୍ୟ ଏକ୍ସକ୍ୟାଡର ମହାସଂଘ କାର୍ଯ୍ୟକାରୀ ସଭାପତି ଅଲେଖ ସାହୁ, ଜିଲା କର୍ମକର୍ତ୍ତା ଭୋଜରାମ ଅହିର, ମିତ୍ରବାଦୀ ମଲ୍ଲିକ, ସନ୍ତୁଧର ନାଗ, ନିରୋଜ ଖମାରୀ, ଦେବକୁ ଗୁଆଲ, ବ୍ଲକ କର୍ମକର୍ତ୍ତାଙ୍କ ମଧ୍ୟରୁ ବୃଷକେତନ ଅଗସ୍ତି, ଗୌର ସାହୁ, ଜୟନ୍ତ ପ୍ରଧାନୀ ତରୁଣ ମେହେର, ବେଣୁଧର ନାୟକ, ସାମନ୍ତ ଦାସଙ୍କ ସହିତ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ପାଇଖାନା ଟାଙ୍କିରେ ପଡିଥିବା ଗାଈ ଉଦ୍ଧାର

ଖପ୍ରାଖୋଲ,୧୨।୩ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ପ୍ରାଥମିକ ବିଦ୍ୟାଳୟ ପାଖରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ରର ପାଇଖାନା ଟାଙ୍କିରେ ଫସି ରହିଥିବା ଏକ ଗାଇକୁ ରବିବାର ଉଦ୍ଧାର କରିଛନ୍ତି ଅଗ୍ନିଶମ କର୍ମଚାରୀ। ଟାଙ୍କିରେ ଫସି ଗାଈଟି ବୋବାଳି ଛାଡୁଥିଲା। ଖବର ପାଇ ଖପ୍ରାଖୋଲ ଅଗ୍ନିଶମ ଅଧିକାରୀ ଚୂଡ଼ାମଣି ପିଙ୍ଗଙ୍କ ନେତୃତ୍ୱରେ ଟିମ୍ ପହଞ୍ଚି ଗାଈକୁ ଉଦ୍ଧାର କରିଥିଲେ।

# ପୋଲିସର ନୂଆ ମନ, ନୂଆ ସପନ କାର୍ଯ୍ୟକ୍ରମ



ବରଗଡ଼ ଏସ୍‌ପି ପି.ଏସ. ମୀନା ଉପକରଣ ବଣ୍ଟନ କରୁଛନ୍ତି।

ପଦ୍ମପୁର ୧୨।୩ (ଡି.ଏନ.ଏ.)

ବରଗଡ଼ ଜିଲା ପଦ୍ମପୁର ଆଦର୍ଶ ଥାନା ଅଧିନ ଝାଞ୍ଜି ପାହାଡ ତଳ ଚକାଖଲିଆ, ପତ୍ରାପାଲି ଗ୍ରାମରେ ପୋଲିସ ପକ୍ଷରୁ ନୂଆ ମନ, ନୂଆ ସପନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଥିଲା। ଲାଲ କରିଡରରେ ଥିବା ଗ୍ରାମଗୁଡିକରେ ଲୋକମାନେ ମାଓବାଦୀଙ୍କ ଭୟରେ ଏକ ଭିନ୍ନ ଜୀବନ ଯାପନ କରୁଥିଲେ। ସେହି ସ୍ଥାନକୁ ପୋଲିସ ପହଞ୍ଚି ଜନସାଧାରଣଙ୍କ ସହିତ ମିଶି ଭୟଶୂନ୍ୟ ବାତାବରଣ କରିବାକୁ ଚେଷ୍ଟା କରିଛି। ବରଗଡ ଜିଲା ଆରକ୍ଷୀ ଅଧୀକ୍ଷକ ପି.ଏସ. ମୀନା ଯୋଗଦେଇ ଭୟଶୂନ୍ୟ ବାତାବରଣରେ ଜୀବନଚର୍ଯ୍ୟା କରିବାକୁ ଅନୁରୋଧ କରିଥିଲେ। ବୃଦ୍ଧାବୃଦ୍ଧା, ଛାତ୍ରୀଛାତ୍ର ଓ ଅସହାୟଙ୍କୁ କମ୍ବଳ, ମଶାରୀ, ଛତା, ଶାଢୀ, ଟର୍ଚ୍ଚ, କ୍ରିକେଟ ସେଟ, ପାଠ୍ୟୋପକରଣ ଓ ଅନ୍ୟାନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ବଣ୍ଟନ କରିଥିଲେ। ଏହି ଅବସରରେ ଉଭୟ ଗ୍ରାମରେ ସ୍ୱାସ୍ଥ୍ୟ ଶିବିର କରାଯାଇ ସ୍ୱାସ୍ଥ୍ୟ ପରୀକ୍ଷା ସହ ଔଷଧ ବଣ୍ଟନ କରାଯାଇଥିଲା। ଡା.ସରୋଜ ସେଟ ଓ ଡା.ଲୋକପାଳ ଭୋଇ ସ୍ୱାସ୍ଥ୍ୟ ପରାମର୍ଶ ଦେଇଥିଲେ। ଉପଖଣ୍ଡ ଆରକ୍ଷୀ ଅଧିକାରୀ ବିଭୂତି ଭୂଷଣ ଭୋଇ, ଆଦର୍ଶ ଥାନା ଅଧିକାରୀ ରାଜେନ୍ଦ୍ର ସିଅଲ, ବରିହାପାଲି ପୂର୍ବତନ ସରପଞ୍ଚ ସୁଦାମ ପଧାନ, ମେଲଛାମୁଣ୍ଡା ଥାନା ଅଧିକାରୀ ମାନସ ଭୋଇ, ସର୍ଜେଣ୍ଟ ବିଦ୍ୟାଧର ଦାଶ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

### ଆଡମ୍ବର ସହକାରେ ପାଳନ ହେବ ଶ୍ରୀରାମ ନବମୀ

କଣ୍ଟାବାଞ୍ଜି,୧୨।୩(ଡି.ଏନ.ଏ.)

ଆଗାମୀ ମାର୍ଚ୍ଚ ୩୦ତାରିଖରେ ପବିତ୍ର ଶ୍ରୀରାମ ନବମୀ। ଏହାକୁ ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସହରରେ ପାଳନ ପାଇଁ ମହୋତ୍ସବ କମିଟି ପ୍ରସ୍ତୁତି କରିଛି। ରବିବାର ହରିଭବନରେ କମିଟି ପକ୍ଷରୁ ଏ ନେଇ ସୂଚନା ଦିଆଯାଇଛି। କରୋନା ମହାମାରୀ ଯୋଗୁଁଗତ ଦୁଇବର୍ଷ ହେଲା ମାନ୍ଦା ଥିବା ଏହି ଉତ୍ସବକୁ ଚଳିତ ବର୍ଷ ମହାଆଡମ୍ବରରେ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ନବମୀ ଦିନ ସ୍ଥାନୀୟ ଶ୍ରୀରାମ ମନ୍ଦିରରୁ ଏକ ଶୋଭାଯାତ୍ରାରେ କୋରାପୁଟର ଢେଁସ, ବଲାଙ୍ଗୀରର ଢୋଲ, ମାନ୍ଦଲା ଗାଁର ଶ୍ରୀରାମଙ୍କ ଝାଙ୍କି ସହ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରମାନେ ଶ୍ରୀରାମ, ଲକ୍ଷ୍ମଣ, ହନୁମାନ ବେଶରେ ସଜ୍ଜିତ ହୋଇ ନଗର ପରିକ୍ରମା କରିବେ। ଶୋଭାଯାତ୍ରା ଶ୍ରୀରାମ ମନ୍ଦିରରୁ ବାହାରି ଇନ୍ଦିରା ଛକ, ଝରବାହାଲିଆ ଛକ, ମାତା ମନ୍ଦିର, ଜଗନ୍ନାଥ ମନ୍ଦିର, ମେନରୋଡ, ଅଗ୍ରସେନ ଛକ ଦେଇ ପୁଣି ମନ୍ଦିରକୁ ଫେରିବ ବୋଲି ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଖବରଦାତା ସମ୍ମିଳନୀରେ ମହୋତ୍ସବ କମିଟି ସଭାପତି ଅଶୋକ ଛାପଡିଆ, ଉପସଭାପତି ପ୍ରେମ କିଶୋର ପଣ୍ଡା,ସମ୍ପାଦକ ଚିନ୍ମୟ କୁମାର ଯୋଶୀ, ସହସମ୍ପାଦକ ପ୍ରଦୀପ ବାଗ, ଯୁଗ୍ମକୋଷାଧ୍ୟକ୍ଷ ନିଶିକାନ୍ତ ମହାପାତ୍ର ସାମିଲ ଥିଲେ।

### ସୌନ୍ଦର୍ଯ୍ୟ ଉପଭୋଗ ପାଇଁ ଚକ୍ଷୁ ଯତ୍ନ ଜରୁରୀ

**ଜିଲାସ୍ତରୀୟ ବିଶ୍ୱ କଳାମୋତିଆ ଦିବସ ପାଳିତ**

ସୋନପୁର,୧୨।୩(ନି.ପ୍ର)

ସୁବର୍ଣ୍ଣପୁର ଜିଲା ସ୍ୱାସ୍ଥ୍ୟ ସମିତି ତରଫରୁ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରସ୍ଥ ତାଲିମ କେନ୍ଦ୍ରଠାରେ ବିଶ୍ୱ କଳାମୋତିଆ(ଗ୍ଲୁକୋମା) ଦିବସ ରବିବାର ପାଳିତ ହୋଇଯାଇଛି। ଜିଲାସ୍ତରୀୟ ପାଳନୋତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପ୍ରତିଷ୍ଠାନର ଯୁଗ୍ମ ନିର୍ଦ୍ଦେଶକ ଡା. ପୁଷ୍ପାଞ୍ଜଳି ମିଶ୍ର ଯୋଗଦେଇ ପୃଥିବୀର ସୌନ୍ଦର୍ଯ୍ୟ ଉପଭୋଗ କରିବା ପାଇଁ ନିଜ ଚକ୍ଷୁର ଯତ୍ନ ନିଅନ୍ତୁ ବୋଲି ଆହ୍ୱାନ କରିଛନ୍ତି। ସହକାରୀ ଜିଲା ଜନସାସ୍ଥ୍ୟ ଯୋଗାଯୋଗ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଚେତନତା ସଭାରେ ନେତ୍ର ସହାୟକ ନିର୍ମଳ ଚନ୍ଦ୍ର ପତି ଗ୍ଲୁକୋମା ରୋଗର କାରଣ, ନିରାକରଣ ଓ ଚିକିତ୍ସା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ହିସାବ ପରିଚାଳକ ସରୋଜ କୁମାର ପଣ୍ଡା, ଜିଲା ଡାଟା ପରିଚାଳକ ପ୍ରଦୀପ କୁମାର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ସହକାରୀ ପରିଚାଳକ (କମ୍ୟୁନିଟି ପ୍ରୋସେସ) ତରଣୀସେନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସଚେତନତା ସଭାରେ ମହିଳା ସ୍ୱାସ୍ଥ୍ୟକର୍ମୀ ତାଲିମ କେନ୍ଦ୍ରର ଛାତ୍ରୀଙ୍କ ସମେତ ସାସ୍ଥ୍ୟ କର୍ମଚାରୀମାନେ ଯୋଗଦାନ କରିଥିଲେ।



କଳାମୋତିଆ ଦିବସ ପାଳନ ଅବସରରେ ଅତିଥି ବୃନ୍ଦ।

# ଆର୍ଟ ଅଫ୍ ଲିଭିଙ୍ଗ ପକ୍ଷରୁ ଆନନ୍ଦ ଅନୁଭୂତି କାର୍ଯ୍ୟକ୍ରମ

ବୌଦ୍ଧ,୧୨।୩(ସ୍ୱ.ପ୍ର.)

ବୌଦ୍ଧଗଡ ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ କର୍ମଚାରୀ ଭବନ ଠାରେ ଶ୍ରୀ ରବିଶଙ୍କରଙ୍କ ଆର୍ଟ ଅଫ୍ ଲିଭିଙ୍ଗ ବୌଦ୍ଧ ଶାଖା ପକ୍ଷରୁ ଗତ ୭ ତାରିଖଠାରୁ ଆରମ୍ଭ ହୋଇଥିବା ଆନନ୍ଦ ଅନୁଭୂତି କାର୍ଯ୍ୟକ୍ରମ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୩୫ ଜଣ ଅଂଶଗ୍ରହଣ କରି ନିଜ ଜୀବନ ବଞ୍ଚିବାର କଳା ଆହରଣ କରିବା ସହିତ ସୁସ୍ଥ ଓ ନିରାମୟ ଜୀବନ ଅତିବାହିତ ନିମନ୍ତେ ଯୋଗ, ପ୍ରାଣାୟମ, ବ୍ୟାୟାମ, ଧ୍ୟାନ ଆଦି ପ୍ରଶିକ୍ଷଣ ଦିଆଯାଇଥିଲା। ପ୍ରଶିକ୍ଷକ ଭାବରେ ବରିଷ୍ଠ ଶିକ୍ଷକ ରଞ୍ଜନ ଭାଇ, ଶିକ୍ଷୟିତ୍ରୀ ଡ. ମମତା ମିଶ୍ର ଯୋଗଦେଇ ଶିକ୍ଷା ପ୍ରଦାନ କରିଥିଲେ। ଏହାସହିତ ବୌଦ୍ଧ ଜିଲାର ବିଭିନ୍ନ ଅନୁଷ୍ଠାନରେ ଭାରତ ସରକାରଙ୍କ ସହିତ ଅନୁବନ୍ଧିତ ବିଶ୍ୱ ପ୍ରସିଦ୍ଧ ଆଧାତ୍ମିକ ଗୁରୁ ରବି ଶଙ୍କରଙ୍କ ଆର୍ଟ ଅଫ ଲିଭିଙ୍ଗ ସଂସ୍ଥା ମାଧ୍ୟମରେ ହର ଘର ଧ୍ୟାନ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ଧ୍ୟାନ କରିବା ଦ୍ୱାରା ଶାରୀରିକ ସୁସ୍ଥତା, ମାନସିକ ଶାନ୍ତି, ଏକାଗ୍ରତା, ଦୃଢ ଆତ୍ମବିଶ୍ୱାସ, ଚିନ୍ତାମୁକ୍ତ ଆନନ୍ଦମୟ ଜୀବନ ଓ ସାଧାରଣ ମଣିଷ ଚାହୁଁଥିବା ରୋଗମୁକ୍ତ ଶରୀର, ମାନସିକ ଦୁଶ୍ଚିନ୍ତା ଓ ବିଷାଦରୁ ମୁକ୍ତି, ଅବସାଦରୁ ମୁକ୍ତି ମିଳିବ ବୋଲି କୁହାଯାଇଛି। ଆଗାମୀ ଦିନରେ ଜିଲାର ବିଭିନ୍ନ ଶିକ୍ଷା ଅନୁଷ୍ଠାନରେ ଆନନ୍ଦ ଅନୁଭୂତି ଶିବିର ଆୟୋଜନ କରିବାକୁ ସଂସ୍ଥା ତରଫରୁ ନିଷ୍ପତ୍ତି ନିଆଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ରବୀନ୍ଦ୍ର ସାହୁ, କୃତ୍ତିବାସ ପଲିଆ, ଅନିଲ ଦଲାଲ, ବିଜୟ ପ୍ରଧାନ, ସୁଜ୍ଞାନ ପାତ୍ର, ପ୍ରତାପ ସାହୁ, ସୁଜତା ସାହୁ, ଦେବାଶିଷ ପୁରୋହିତ, ଏସ. ଶତପଥୀ, ସୁନିତା ଦାସ ପ୍ରମୁଖ ଯୋଗ ଦେଇଥିଲେ।

ବୌଦ୍ଧରେ ଅନୁଷ୍ଠିତ ଆନନ୍ଦ ଅନୁଭୂତି କାର୍ଯ୍ୟକ୍ରମ।



**ଜବରଦଖଲ ଉଚ୍ଛେଦରେ ପାତରଅନ୍ତର ଅଭିଯୋଗ**

# ପ୍ରଶାସନ ନିର୍ଦ୍ଦେଶକୁ ଫୁଁ

ବାଉଁଶୁଣୀ,୧୨।୩(ଡି.ଏନ.ଏ.)

ବୌଦ୍ଧ ଜିଲା ବାଉଁଶୁଣୀ ଅଞ୍ଚଳରେ ଜବରଦଖଲ ଉଚ୍ଛେଦ କ୍ଷେତ୍ରରେ ପାତରଅନ୍ତର କରାଯିବା ନେଇ ଅଭିଯୋଗ ହେଉଛି। ଗରିବ ଲୋକେ ପ୍ରଶାସନର ନିର୍ଦ୍ଦେଶକୁ ମାନୁଥିବା ବେଳେ ବଡବଡିଆ ଓ ପ୍ରଭାବଶାଳୀ ଲୋକେ ଏହାକୁ ଫୁଁ କଲା ଭଳି ଦେଖିବାକୁ ମିଳୁଛି।

ପ୍ରକାଶ ଯେ, ବୌଦ୍ଧ ଜିଲାପାଳ ସତ୍ୟରଞ୍ଜନ ସାହୁ ଗତ ଅକ୍ଟୋବର ୧୭ ତାରିଖରେ ଗୋଟିଏ ସପ୍ତାହ ମଧ୍ୟରେ ବାଉଁଶୁଣୀରେ ଜବରଦଖଲ ହଟାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ସମୟ ମଧ୍ୟରେ ଛୋଟ ଛୋଟ ଦୋକାନୀ ଏପରି କି ଚା ଆଉ ଫଳ ଦୋକାନ କରି ପରିବାର ଚଳାଉଥିବା ବ୍ୟବସାୟୀମାନେ ଜାଗା ଛାଡି ଦେଇଥିଲେ। କିନ୍ତୁ ପ୍ରଶାସନ ପକ୍ଷରୁ ଦିଆଯାଇଥିବା ସମୟ ଅବଧିର ୪ ମାସରୁ ଊର୍ଦ୍ଧ୍ୱ ବିତିଯାଇଥିଲେ ମଧ୍ୟ ଜାଗା ଛାଡୁନାହାନ୍ତି ବଡ଼ବଡ଼ିଆ ଲୋକେ। ଗତ ଅକ୍ଟୋବର ୨୦ ତାରିଖରେ ଅତିରିକ୍ତ ତହସିଲଦାର ମନୋରଞ୍ଜନ ସୁନାଙ୍କ ସହ ବାଉଁଶୁଣୀ ରାଜସ୍ୱ ନିରୀକ୍ଷକ ସୁଜିତ କୁମାର ସାହୁ, ଗୁନ୍ଦୁଲିଆ ରାଜସ୍ୱ ନିରୀକ୍ଷକ ହାମିଦ ମଲ୍ଲିକ ଏବଂ ସ୍ଥାନୀୟ ପୋଲିସର ଉପସ୍ଥିତିରେ ମାପ କରାଯାଇ ସରକାରୀ ଜାଗା ଚିହ୍ନଟ କରାଯାଇଥିଲା। ଏହି ମାପ ସମୟରେ ବେଆଇନ ଭାବେ ନିର୍ମାଣ ହୋଇଥିବା ଘରର କାନ୍ଥରେ ଦିଆଯାଇଥିବା ନାଲିଗାରକୁ କେତେଜଣ ବଡବଡିଆ ଓ ପ୍ରଭାବଶାଳୀ ଲୋକ ସିମେଣ୍ଟ ଘସି ଲିଭେଇ ଦେଇଥିବା ମଧ୍ୟ ଦେଖିବାକୁ ମିଳିଛି। ତେବେ କାହା ଛତ୍ରଛାୟା ତଳେ ରହି ଏବଂ କେଉଁ ଅଦୃଶ୍ୟ ଶକ୍ତି ବଳରେ ଏମାନଙ୍କୁ ଉଠାଯାଉନାହିଁ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପକ୍ଷରେ ଜବରଦଖଲ ହଟାଯାଇଥିବା ବେଳେ ଭଙ୍ଗା ସାମଗ୍ରୀଗୁଡ଼ିକ ଉଠାଯାଉ ନ ଥିବାରୁ ଯାତାୟାତରେ ବାଧା ସୃଷ୍ଟି ହେବା ସହିତ ଦୁର୍ଘଟଣାର ଆଶଙ୍କା ରହିଛି। ଏ ସଂପର୍କରେ ଜିଲାପାଳ ସାହୁଙ୍କୁ ପଚାରିବାରେ ତହସିଲଦାରଙ୍କୁ ଯୋଗାଯୋଗ କରି ବିହିତ ପଦକ୍ଷେପ ନିଆଯିବା କଥା କହିଥିଲେ।


ଉଚ୍ଛେଦ ପରେ ପଡିଥିବା ଭଙ୍ଗା ସାମଗ୍ରୀ।





ରାଉରକେଲାରେ ପ୍ରୋ-ଲିଗ ହକି ମ୍ୟାଚରେ ଭାରତୀୟ ଦଳ ସମର୍ଥନରେ ଜଣେ ଶିଶୁ ହାତରେ ତ୍ରିରଙ୍ଗା ପତାକା ଧରି ଯାଉଛନ୍ତି। ଦିବ୍ୟାଙ୍ଗ ବ୍ୟକ୍ତି ଷ୍ଟ୍ରେଚରରେ ମ୍ୟାଚ୍ ଦେଖିବା ପାଇଁ ଆସିଛନ୍ତି। ଷ୍ଟାଡିୟମର ସମୁଦାୟ ଗ୍ୟାଲେରିରେ ଦର୍ଶକଙ୍କ ଭିଡ଼।

# ଭାରତ ସମର୍ଥନରେ ଦିବ୍ୟାଙ୍ଗ, ଶିଶୁ

**ପ୍ରୋ-ଲିଗ୍ ହକି ମ୍ୟାଚ୍**

**ରାଉରକେଲା ଅଫିସ,୧୨।୩**

ରବିବାର ପ୍ରୋ-ଲିଗ ହକି ମ୍ୟାଚରେ ଭାରତୀୟ ଦଳ ସମର୍ଥନରେ ଜଣେ ଦିବ୍ୟାଙ୍ଗ ବ୍ୟକ୍ତି ଷ୍ଟ୍ରେଚରରେ ହକିମ୍ୟାଚ୍ ଦେଖିବା ପାଇଁ ଆସିଥିଲେ। ହାତରେ ତ୍ରିରଙ୍ଗା ପତାକା ଧରି ଜଣେ ଶିଶୁ ମଧ୍ୟ ୫ନଂ ଗେଟରେ ରହିଥିବା ଦେଖିବାକୁ ମିଳିଥିଲା। ରବିବାର ଭାରତ ସମର୍ଥନରେ ଷ୍ଟାଡିୟମର ସମୁଦାୟ ଗ୍ୟାଲେରୀ ଭାରତ ସମର୍ଥକଙ୍କ ଭିଡରେ ଭରି ରହିଥିଲା। ଭାରତୀୟ ଖେଳାଳିଙ୍କୁ ଉତ୍ସାହିତ କରିବାରେ ସେମାନେ କୌଣସି ସୁଯୋଗ ଛାଡି ନ ଥିଲେ। ମୁହଁରେ ତ୍ରିରଙ୍ଗା ଟାଟୁ, ମୁଣ୍ଡରେ ଆଇ ଲଭ୍ ମାଇ ଇଣ୍ଡିଆ ଏବଂ ତ୍ରିରଙ୍ଗା ପତାକା ଧରି ଭାରତୀୟ ଦର୍ଶକ ଷ୍ଟାଡିୟମରେ ଉପସ୍ଥିତ ଥିଲେ।

## ବନ୍ଦ କୋଠରିରେ ଯୁବତୀ: ପାଟିତୁଣ୍ଡ କଲେ ମହିଳା

**ବଡ଼ଗାଁ, ୧୨।୩(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ପଞ୍ଚାୟତ ଅଫିସ ରାସ୍ତା ପାର୍ଶ୍ୱରେ ଥିବା ଜଣେ ବ୍ୟକ୍ତିଙ୍କ ଅଫିସରେ ରବିବାର ଜଣେ ଯୁବତୀଙ୍କୁ ବାହାର ପଟୁ ତାଲା ଦେଇ ରଖିଥିବାବେଳେ ସ୍ଥାନୀୟ ମହିଳାମାନେ ଘର ସମ୍ମୁଖରେ ଜଗି ରହିଥିଲେ। ମଧ୍ୟାହ୍ନ ୧ ଟା ରୁ ସାଢ଼େ ତିନିଟା ପର୍ଯ୍ୟନ୍ତ ମହିଳାମାନେ ଜଗି ରହିଥିଲେ। ସମ୍ପୃକ୍ତ ବ୍ୟକ୍ତି ଘରର ପଛ ପଟ ଦେଇ ବାହାରିବାରୁ ମହିଳାମାନେ କେଉଁ କାରଣରୁ ତମେ ଜଣେ ଯୁବତୀଙ୍କୁ କବାଟ ବନ୍ଦ କରି ଭିତରେ ଥିଲ ଓ ଅନ୍ୟ ବାଟ ଦେଇ ବାହାରିଲ ପ୍ରଶ୍ନ କରି ପାଟିତୁଣ୍ଡ କରିଥିଲେ। ରାଜନୈତିକ ଦଳର ସମ୍ପୃକ୍ତ ବ୍ୟକ୍ତିଙ୍କୁ ନେଇ ସାଧାରଣରେ ଚର୍ଚ୍ଚା ହେଉଛି।

## ଲକ୍ଷାଧିକ ଟଙ୍କାର ଅଳଙ୍କାର ଲୁଟ୍

**ରାଉରକେଲା ଅଫିସ,୧୨।୩:** ଘରୁ ଲକ୍ଷାଧିକ ଟଙ୍କାର ସୁନାଅଳଙ୍କାର ଚୋରି ହୋଇଥିବାକୁ ନେଇ ସେକ୍ଟର-୭ ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ ସେକ୍ଟର-୭ ଅଞ୍ଚଳରେ ଥିବା ଘର ନଂ ଇ ୱାନ-୮୧ରେ ହେମନ୍ତ କୁମାର ଓଝା ପରିବାର ସହ ବାସ କରନ୍ତି। ସେ ରାଉରକେଲା ଇସ୍ପାତ କାରଖାନାରେ କାର୍ଯ୍ୟକରି ନିଜର ପରିବାର ଭରଣପୋଷଣ କରନ୍ତି। ଗତ ୮ ତାରିଖରେ ହୋଲି ଛୁଟି ପାଇଁ ତାଙ୍କ ଗାଁ କେନ୍ଦୁଝରକୁ ପରିବାର ସହ ଯାଇଥିଲେ। ଶନିବାର ସକାଳୁ ଗାଁରୁ ଫେରିବା ପରେ ଘର ସମ୍ମୁଖ କବାଟ ଭଙ୍ଗା ଯାଇଥିବା ଦେଖିଥିଲେ। ପରେ ସେ ଘର ଭିତରେ ଥିବା ଆଲମିରା ଲକରକୁ ଯାଞ୍ଚ କରିଥିଲେ। ଲକରକୁ ଭାଙ୍ଗି ସୁନାଅଳଙ୍କାରକୁ ଦୁର୍ବୃତ୍ତ ଚୋରି କରିଥିବା ଜାଣିଥିଲେ।

# କୁତ୍ରା ବ୍ଲକର ବିଭିନ୍ନ ସ୍ଥାନରେ ଅନ୍ତର୍ଜାତୀୟ ମହିଳା ଦିବସ




ମହିଳା ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି।

**କୁତ୍ରା, ୧୨।୩(ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ଗଙ୍ଗାଜଳଠାରେ ବିଭିନ୍ନ ମହିଳା ସଙ୍ଗଠନ ପକ୍ଷରୁ ମିଳିତ ଭାବେ ମହିଳା ଦିବସ ପାଳନ କରାଯାଇଛି। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଶ୍ୱିନୀ କୁମାର ହୋତା ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଏହାର ଉଦ୍‌ଘାଟନ କରିଥିଲେ। ବର୍ତ୍ତମାନ ମହିଳାମାନେ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇ ପରିବାର ତଥା ସମାଜର ଅଗ୍ରଗତି ପାଇଁ କାର୍ଯ୍ୟ କରୁଥିବା କହିଥିଲେ। ସମ୍ମାନିତ ଅତିଥି ଭାବେ ବିଡିଓ ରବୀନ୍ଦ୍ର କୁମାର ସେଠୀ, ବ୍ଲକ ଉପାଧ୍ୟକ୍ଷ କୌସ୍ତୁଭ ଭୂଷଣ ହୋତା, ସମିତି ସଭ୍ୟ ଲକ୍ଷଣ ଦାନୀ, ମିଶନ ଶକ୍ତିର ସଭାପତି ତରୁଣୀଲତା ସୁନାନୀ, ମନ୍ଦାକିନୀ ପଟେଲ ପ୍ରମୁଖ ଯୋଗଦେଇଥିଲେ। ଆୟୋଜକଙ୍କ ମଧ୍ୟରେ ଏମବିକେ ଜୟନ୍ତୀ ମାଝୀ, ସିଆରପି ମଞ୍ଜୁ ନାଏକ, ବ୍ୟାଙ୍କମିତ୍ର କଲ୍ୟାଣୀ ସାଙ୍କ ସମେତ ସମସ୍ତ ସଦସ୍ୟା ସହଯୋଗ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ମହିଳାମାନଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଡାହିଜିରାଠାରେ ଅନୁଷ୍ଠିତ ମହିଳା ଦିବସରେ ବିଡିଓ ରବୀନ୍ଦ୍ର କୁମାର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଥାନା ଅଧିକାରୀ ମନୋରଞ୍ଜନ ବିଶି, ସିଡିପିଓ ଜୟଶ୍ରୀ ପଟ୍ଟନାୟକ, ଶଂଖ କଲେଜ ଅଧ୍ୟକ୍ଷା ମିନତୀ ଅମାତ, ଜେଏସଡବ୍ଲ୍ୟୁ ଶିବା ସିମେଣ୍ଟ ସିଏସ୍‌ଆର ବିଭାଗ ମୁଖ୍ୟ ସଂଗ୍ରାମ କେଶରୀ ରାଉତ, ଲିମା ରୋଜ ଲାକଡା, ରଞ୍ଜିତ ମିଞ୍ଜ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ମହିଳାମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ମହିଳାମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଠାରେ ଅଙ୍ଗନୱାଡି ଶିଶୁଙ୍କ ଫେନ୍ସି ଡ୍ରେସ ସମସ୍ତଙ୍କୁ ଆକୃଷ୍ଟ କରିଥିଲା। ଆୟୋଜକ କମିଟିର ବିମଳା ଲାକଡା, ନିରୁପମା ଗୁଡିଆ,କାର୍ମିଲା ଟପ୍ପୋ, ବେରତୁଲା ଏକ୍କା, ରୋସାଲିଆ ମିଞ୍ଜ ପ୍ରମୁଖ ଆୟୋଜନରେ ସହଯୋଗ କରିଥିଲେ।

# ହନୁମାନ ବାଟିକା ଦର୍ଶନ କଲେ ଜର୍ମାନୀ ହକି ଦଳ

**ରାଉରକେଲା ଅଫିସ,୧୨।୩**



ହନୁମାନ ବାଟିକାରେ ଜର୍ମାନୀ ଖେଳାଳି ଓ ଅନ୍ୟମାନେ।

ରାଉରକେଲା ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ଚଳିତ ମାସ ୧୦ ତାରିଖରୁ ପ୍ରୋ-ଲିଗ ହକି ମ୍ୟାଚ ଆରମ୍ଭ ହୋଇଛି। ଏହି ପ୍ରୋ-ଲିଗ ମ୍ୟାଚ ଖେଳିବାକୁ ଆସିଥିବା ହକି ବିଶ୍ୱବିଜେତା ଜର୍ମାନ ଦଳ ରବିବାର ହନୁମାନ ବାଟିକା ଭ୍ରମଣ କରିଥିଲେ। ହନୁମାନ ବାଟିକା ସହରର ଏକ ପ୍ରମୁଖ ତୀର୍ଥସ୍ଥାନ ହୋଇଥିବାବେଳେ ବିଶାଳକାୟ ହନୁମାନ ଷ୍ଟାଚ୍ୟୁଦେଖି ଦଳର ବିଭିନ୍ନ ଖେଳାଳି ବେଶ ପ୍ରଶଂସା କରିଥିଲେ। ଏଥିସହ ହନୁମାନ ବାଟିକା ପରିସରରେ ଥିବା ୩୦ରୁ ଉର୍ଦ୍ଧ୍ୱ ବିଭିନ୍ନ ଦେବାଦେବୀଙ୍କ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ହନୁମାନ ବାଟିକାରେ ଥିବା ଟୟଟ୍ରେନରେ ଖେଳାଳିମାନେ ବସି ଭ୍ରମଣ କରିଥିଲେ। ଉକ୍ତ ଦଳର ସମସ୍ତ ଖେଳାଳିଙ୍କୁ ହନୁମାନବାଟିକା ଟ୍ରଷ୍ଟବୋର୍ଡର ସଦସ୍ୟ ସୁବ୍ରତ ପଟ୍ଟନାୟକ ଓ କର୍ମକର୍ତ୍ତା ପୁଷ୍ପମାଲ୍ୟ ଦେଇ ମନ୍ଦିର ପରିସରକୁ ସ୍ୱାଗତ କରିଥିଲେ। ଏଥିରେ ନିହାର ରାୟ, ଏମ ଦିନକର, ହରି ରାଉତରାୟ, ଶାନ୍ତନୁ ମିଶ୍ର, ବରୁଣ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

## ସୁନ୍ଦରଗଡ଼ ଜିଲା ସରପଞ୍ଚ ସଂଘ ଗଠିତ

**କୁତ୍ରା, ୧୨।୩(ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା କୁତ୍ରା ପଞ୍ଚାୟତସ୍ଥିତ କଲ୍ୟାଣ ମଣ୍ଡପରେ ରବିବାର ସୁନ୍ଦରଗଡ଼ ଜିଲାର ସମସ୍ତ ପଞ୍ଚାୟତର ସରପଞ୍ଚଙ୍କୁ ନେଇ ଏକ ସାଧାରଣ ବୈଠକ ଅନୁଷ୍ଠିତ ହେବା ସହ ନୂତନ ଭାବେ ଜିଲା ସରପଞ୍ଚ ସଂଘ ଗଠିତ ହୋଇଛି। ଏହି ଅବସରରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ସରପଞ୍ଚମାନଙ୍କ ମତାମତକୁ ଆଧାର କରି ସମସ୍ତ ବ୍ଲକ ସରପଞ୍ଚ ସଂଘର ସଭାପତିମାନଙ୍କ ମଧ୍ୟରୁ ଜିଲା ସଭାପତି ଚୟନ ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ପରେ ସମସ୍ତ ବ୍ଲକ ସଂଘର ସଭାପତିମାନେ ଆଲୋଚନା କରି ସର୍ବସମ୍ମତିକ୍ରମେ ଉଗ୍ରସେନ କିସାନଙ୍କୁ ଜିଲା ସରପଞ୍ଚ ସଂଘର ସଭାପତି ଭାବେ ମନୋନୀତ କରାଯାଇଥିଲା। ସଂଘର ଉପସଭାପତି ଭାବେ ଭୂବନ କୁଜୁର, ଅଜିତ ତିର୍କୀ ଏବଂ ଲକ୍ଷ୍ମୀ ପ୍ରିୟା ଲାକଡା, ସମ୍ପାଦକ ଭାବରେ ତ୍ରିଲୋଚନ ପ୍ରଧାନ, ସହସମ୍ପାଦକ ଭାବେ ନେଲସନ ହେମ୍ବ୍ରମ ଏବଂ ଅର୍ଜୁନ ଏକ୍କା, କୋଷାଧ୍ୟକ୍ଷ ଭାବେ ବିନୟଭୂଷଣ ବାର୍ଲା, ସହ କୋଷାଧ୍ୟକ୍ଷ ଭାବେ ସଚିବ ଏକ୍କା, ଅନିତା ପୂର୍ତ୍ତିଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା।

# ଝାରସୁଗୁଡ଼ାରେ ବିଶ୍ୱ ମହିଳା ଦିବସ




କାର୍ଯ୍ୟକ୍ରମରେ ଅତିଥି ଓ କର୍ମକର୍ତ୍ତା।

**ବ୍ରଜରାଜନଗର,୧୨।୩(ଡି.ଏନ.ଏ.)**

ଝାରସୁଗୁଡା ଜିଲା କଣ୍ଟାପାଲି ଷ୍ଟାଡିୟମଠାରେ ବିଶ୍ୱ ମହିଳା ଦିବସ ପାଳିତ ହୋଇଯାଇଛି। ଏଥିରେ ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ସ୍ୱର୍ଗତ ନବ ଦାସଙ୍କ ଝିଅ ଦୀପାଳି ଦାସ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିବାବେଳେ ଜିଲା ବିଜେଡିର ବରିଷ୍ଠ କର୍ମକର୍ତ୍ତା ଉପସ୍ଥିତ ଥିଲେ। ପ୍ରାରମ୍ଭରେ ସମସ୍ତେ ପ୍ରବାଦ ପୁରୁଷ ବିଜୁ ବାବୁ, ପୂର୍ବତନ ମନ୍ତ୍ରୀ ନବ ଦାସ ଓ କିଶୋର ମହାନ୍ତିଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଦୀପ ପ୍ରଜ୍ୱଳନ କରିଥିଲେ। ଏହାପରେ ମହିଳା ସଶକ୍ତୀକରଣ, ସ୍ୱୟଂ ସହାୟକ ଗୋଷ୍ଠୀକୁ ସହାୟତା, ନାରୀ ଶିକ୍ଷା, ନିଯୁକ୍ତି ତଥା ଆତ୍ମନିର୍ଭରଶୀଳ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପଦକ୍ଷେପ ଉପରେ ଆଲୋଚନା ହୋଇଥିଲା। ଯେଉଁ ମହିଳା ଦିନେ ଘର କରଣରେ ସୀମିତ ରହୁଥିଲେ ଆଜି ମୁଖ୍ୟମନ୍ତ୍ରୀଙ୍କ ପଦକ୍ଷେପ ଯୋଗୁ ବିଭିନ୍ନ କ୍ଷେତ୍ରରେ ନାଁ କରୁଥିବା ଦୀପାଳି କହିଛନ୍ତି।

# ବିଜେଡି ପକ୍ଷରୁ ବିଶ୍ୱ ମହିଳା ଦିବସ ପାଳିତ

**ରାଉରକେଲା ଅଫିସ,୧୨।୩**

ବାସନ୍ତୀ କଲୋନୀ ସ୍ଥିତ ଡିଏଭି ପଡିଆରେ ରାଉରକେଲା ମହିଳା ବିଜୁ ଜନତା ଦଳ ପକ୍ଷରୁ ରବିବାର ବିଶ୍ୱ ମହିଳା ଦିବସ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକଙ୍କ ଦିଗଦର୍ଶନରେ ପାଳିତ ହୋଇଛି। ଏହି ଅବସରରେ ୫ ଜଣିଆ ମହିଳା ନେତୃତ୍ୱ ଯଥା, ସଭାପତି ଭାବେ ଜ୍ୟୋତ୍ସ୍ନା ନାୟକ, ପୂର୍ବତନ ପୌରାଧ୍ୟକ୍ଷ ରଶ୍ମିବାଳା ମିଶ୍ର, ରାଜ୍ୟ ସାଧାରଣ ସମ୍ପାଦିକା ଆରତୀ ଚୌଧୁରୀ, ଜୋନ କାର୍ଯ୍ୟକାରୀ ସଭାପତି ସନ୍ଧ୍ୟା ଲାକ୍ରା, ଜିଲା ସାଧାରଣ ସମ୍ପାଦିକା ଛବି ମହାନ୍ତିଙ୍କ ଦ୍ୱାରା ଏକ କମିଟି ଗଠନ କରାଗଲା। ଏହାସହ ଏହି ମହିଳା ଦିବସରେ ଜିଲାରେ ଥିବା ପ୍ରାୟ ୨ ହଜାରରୁ ଉର୍ଦ୍ଧ୍ୱ ମହିଳା ଯୋଗ ଦେଇଥିଲେ। ବିଶ୍ୱ ମହିଳା ଦିବସ ଉପଲକ୍ଷେ କର୍ମୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା, ନାଚ, ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ହାଇଟେକ ମେଡିକାଲ ପକ୍ଷରୁ ଡାକ୍ତର ଅରୁଣ କୁମାର ନାୟକ ଓ ତାଙ୍କ ସହଯୋଗୀମାନଙ୍କ ଦ୍ୱାରା ଶତାଧିକ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏହି ସ୍ୱାସ୍ଥ୍ୟ ପରୀକ୍ଷା ଶିବିରରେ ଡାକ୍ତର ଶଲିଳ ପଟ୍ଟନାୟକ ଓ ମଧୁ ମହାନ୍ତି ସହଯୋଗ କରିଥିଲେ। ରାଉରକେଲାରେ ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ବିଶିଷ୍ଟ ମହିଳାମାନଙ୍କୁ ମହିଳା ବିଜୁ ଜନତା ଦଳ ପକ୍ଷରୁ ଉପଢ଼ୌକନ ଓ ଛୋଟ ଗଛ ଚାରା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ନଗର ସଭାପତି ଗଗନ ପଣ୍ଡା, ସୁଦାମ ଦାଶ, ମୁଖପାତ୍ର ଜୟନ୍ତ କୁମାର ମିଶ୍ର, ସୁବାସ ସ୍ୱାଇଁ, ଶୁଶାନ୍ତ ରାଉତ, ସୁନନ୍ଦା ସେନାପତି, ସାମରେନ୍ଦ୍ର ନାୟକ, ଲକ୍ଷ୍ମୀ ସିଂ, ପ୍ରିୟଙ୍କା ପ୍ରଧାନ, ସରୋଜିନୀ ନାୟକଙ୍କ ସହ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ରାଉରକେଲାରେ ବିଶ୍ୱ ମହିଳା ଦିବସରେ ଉପସ୍ଥିତ ଅତିଥି।

# ୫୦୦ ଘର ଭୂୟାଁ ସମାଜର ମହାସଭା




ପାଞ୍ଚ ଶହ ଘର ଭୂୟାଁ ସମାଜର ମହାସଭାରେ ମଞ୍ଚାସୀନ ଅତିଥି।

**ବଡ଼ଗାଁ, ୧୨।୩(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଚେମଠାପଡା ଗ୍ରାମରେ ପାଞ୍ଚ ଶହ ଘର ଭୂୟାଁ ସମାଜର ଦ୍ୱାଦଶ ମହାସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିବସରେ ୧୦ ତାରିଖ କଳସ ସ୍ଥାପନ କରାଯାଇଥିଲାବେଳେ ୧୧ତାରିଖ ମହାସଭାର ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ସମାଜର କେନ୍ଦ୍ରୀୟ କମିଟିର କାର୍ଯ୍ୟକାରୀ ସଭାପତି ଭୀଷ୍ମଦେବ କାଲୋ, ଉପସଭାପତି ଜଗବନ୍ଧୁ ଭୋଇ, ବିକାଶ ସଂଘର ସଭାପତି ଇଞ୍ଜିନିୟର ଅଜେକ କୁମାର ପ୍ରଧାନ, ବଡ଼ଗାଁ ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ, ଝାରସୁଗୁଡ଼ା ଜିଲାର ଜିଲା ପରିଷଦ ସଭ୍ୟ ଅକ୍ଷୟ କୁମାର ସାହୁ, କେନ୍ଦ୍ରୀୟ କମିଟିର ସହ ସମ୍ପାଦକ ଗୁଲବଦନ ସା, ଡିଲେଶ୍ୱର୍ ସା, କମିଟି ସଦସ୍ୟ ପୁଷ୍ପକ ପ୍ରଧାନ, ଠଣ ସୁନ୍ଦର୍ ଚୌଧୁରୀ, ଦୁର୍ଗାପ୍ରସାଦ ନାଏକ, ସୁନୀତା ବିଶାଳ, ଅନିତା ବିଶାଳ ଯୋଗଦେଇଥିଲେ। ସଭା ଆରମ୍ଭରେ ଜାତି ସମାଜର ଇଷ୍ଟ ଦେବତା ପ୍ରଭୁ ଶିବଶଙ୍କରଙ୍କ ଫଟୋଚିତ୍ରକୁ ପୂଜାର୍ଚ୍ଚନା ଓ ଦୀପ ଜାଳି ମହାସଭାକୁ କର୍ମକର୍ତ୍ତାମାନେ ଉଦ୍‌ଘାଟନ କରିଥିଲେ। ଦେହାନ୍ତ ଘଟିଥିବା ସମାଜ ବ୍ୟକ୍ତି ବିଶେଷଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏହା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ସଭାରେ ଶିକ୍ଷା, କୃଷି, ଚାଲିଚଳଣ, ସାମାଜିକ ସମସ୍ୟା ଓ ତାର ସମାଧାନ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଝାରସୁଗୁଡ଼ା, ସୁନ୍ଦରଗଡ଼ ଓ ସମ୍ବଲପୁର ଜିଲାର ୨୪ଟି ସାନିଗାଦିର କମିଟି କର୍ମକର୍ତ୍ତାମାନେ ଯୋଗଦେଇ ମତ ଉପସ୍ଥାପନ କରିଥିଲେ। ସାନିଗାଦିର କର୍ମକର୍ତ୍ତା ଚୟନ ସହିତ ଗାଦିର ବିଭିନ୍ନ କାର୍ଯ୍ୟକ୍ରମଗୁଡ଼ିକର ବିବରଣୀ ଓ ସମୀକ୍ଷା କରି ସମାଧାନ ଉପରେ ଆଲୋଚନା ହୋଇଥିଲା। ଜାତି ସମାଜର ଉନ୍ନତି, ଏକତା, ସଂସ୍କାର ଉପରେ ବରିଷ୍ଠ କର୍ମକର୍ତ୍ତାମାନେ ମାର୍ଗଦର୍ଶନ ଦେଇଥିଲେ। ମହାସଭାରେ ଅଧିକ ସଂଖ୍ୟାରେ ମହିଳା ଯୋଗଦେଇଥିଲେ। ସମ୍ବଲପୁର ଜିଲା ସର୍ଗିଡ଼ିହିର ଲେଖିକା ଯାଜ୍ଞସେନୀ ଛତ୍ରିଆ ଜାତିସମାଜର ଚଳଣି, ସଂସ୍କୃତି, ପରମ୍ପରା ଉପରେ ଆଲୋଚନା ରଖିଥିଲେ। ଶିକ୍ଷା ଓ କୃଷିକୁ ଆଗେଇ ନେବା ସହିତ ମଦମୁକ୍ତ ସମାଜ ଗଠନ ପାଇଁ କର୍ମକର୍ତ୍ତାମାନେ ଆହ୍ୱାନ ଦେଇଥିଲେ। ସମାଜର ବରିଷ୍ଠ ସଙ୍ଗଠକ ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଗଙ୍ଗାଧର ପ୍ରଧାନଙ୍କ କାର୍ଯ୍ୟାବଳୀ ଉପରେ ଆଲୋଚନା କରାଯାଇ ବଡ଼ଗାଁ ବ୍ଲକର ଗରିଆମାଲ ଛକଠାରେ ସ୍ୱର୍ଗତ ପ୍ରଧାନଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ପ୍ରସ୍ତାବ ଦିଆଯାଇଥିଲା।

## ସଂକ୍ଷେପରେ

### ମହିଳାଙ୍କୁ ପ୍ରତାରଣା, ଦେଓଗାଁରେ ଛତିଶଗଡ଼ ପୋଲିସ

ଦେଓଗାଁ,୧୨।୩(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ଥାନା ବନ୍ଧପଡା ଫାଣ୍ଡି ଅନ୍ତର୍ଗତ ମାଟୁପାଲି ଗାଁର ଜଣେ ଯୁବକ ଛତିଶଗଡ ପିଥୋରା ଥାନା ଅଞ୍ଚଳରେ ଜଣେ ବିବାହିତା ମହିଳାଙ୍କ ସହ ପ୍ରେମ ସମ୍ପର୍କ ରଖି ପରେ ପ୍ରତାରଣା କରିବା ଅଭିଯୋଗ ହୋଇଛି। ଏନେଇ ପିଥୋରା ଥାନା ପୋଲିସ ମାଟୁପାଲିରେ ପହଞ୍ଚି ଛାନଭିନ ଆରମ୍ଭ କରିଛି । ତେବେ ସମ୍ପୃକ୍ତ ଯୁବକ ଜଣକ ଫେରାର ହୋଇଯାଇଛନ୍ତି। ପୋଲିସ ସୂଚନାନୁସାରେ ମାଟୁପାଲିର ଜଣେ ଯୁବକ ପିଥୋରା ଥାନା ଅଞ୍ଚଳରେ ରହି ଏକ ମାଇକ୍ରୋଫାଇନାନ୍ସ କମ୍ପାନୀରେ କ୍ଷେତ୍ର ପରିଚାଳକ ଭାବେ କାର୍ଯ୍ୟ କରୁଥିଲେ। ଏହି ସମୟରେ ସେଠାକାର ଜନୈକ ବିବାହିତା ମହିଳାଙ୍କୁ ନିଜ ପ୍ରେମଜାଲରେ ଫସାଇ ସମ୍ପର୍କ ସ୍ଥାପନ କରିଥିଲେ । ଅନେକ ଦିନ ଧରି ଏପରି ଚାଲିଥିଲା। ହେଲେ ଗତ ୧୨ ଦିନ ହେଲା ସମ୍ପୃକ୍ତ ଯୁବକ ଜଣକ କିଛି ନ କହି ସେଠଶରୁ ପଳାଇ ଆସିଥିଲେ। ଏହାପରେ ମହିଳା ଜଣକ ଥାନାରେ ଲିଖିତଭାବେ ଅଭିଯୋଗ କରିଥିଲେ। ଏନେଇ ପିଥୋରା ଥାନାରେ ୩୭୬ ଧାରାରେ ମାମଲା ରୁଜୁ ହୋଇଥିଲା। ରବିବାର ସମ୍ପୃକ୍ତ ମହିଳାଙ୍କ ସହ ଛତିଶଗଡ ପୋଲିସ ଦେଓଗାଁ ଥାନା ପୋଲିସ ସହାୟତାରେ ମାଟୁପାଲି ଯାଇଥିଲା। ହେଲେ ସମ୍ପୃକ୍ତ ଯୁବକଙ୍କ ପତ୍ତା ପାଇ ନ ଥିବା ପୋଲିସ ସୂଚନା ଦେଇଛି ।

### ଆଡମ୍ବର ସହକାରେ ପାଳନ ହେବ ଶ୍ରୀରାମ ନବମୀ

କଣ୍ଟାବାଞ୍ଜି,୧୨।୩(ଡି.ଏନ.ଏ.): ଆଗାମୀ ମାର୍ଚ୍ଚ ୩୦ତାରିଖରେ ପବିତ୍ର ଶ୍ରୀରାମ ନବମୀ। ଏହାକୁ ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସହରରେ ପାଳନ ପାଇଁ ମହୋତ୍ସବ କମିଟି ପ୍ରସ୍ତୁତି କରିଛି। ରବିବାର ହରିଭବନରେ କମିଟି ପକ୍ଷରୁ ଏ ନେଇ ସୂଚନା ଦିଆଯାଇଛି । କରୋନା ମହାମାରୀ ଯୋଗୁଁ ଗତ ଦୁଇବର୍ଷ ହେଲା ମାନ୍ଦା ଥିବା ଏହି ଉତ୍ସବକୁ ଚଳିତ ବର୍ଷ ମହାଆଡମ୍ବରରେ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ନବମୀ ଦିନ ସ୍ଥାନୀୟ ଶ୍ରୀରାମ ମନ୍ଦିରରୁ ଏକ ଶୋଭାଯାତ୍ରାରେ କୋରାପୁଟର ଢେଁସ, ବଲାଙ୍ଗୀରର ଢୋଲ, ମାନ୍ଦଲା ଗାଁର ଶ୍ରୀରାମଙ୍କ ଝାଙ୍କି ସହ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରମାନେ ଶ୍ରୀରାମ, ଲକ୍ଷ୍ମଣ, ହନୁମାନ ବେଶରେ ସଜ୍ଜିତ ହୋଇ ନଗର ପରିକ୍ରମା କରିବେ। ଶୋଭାଯାତ୍ରା ଶ୍ରୀରାମ ମନ୍ଦିରରୁ ବାହାରି ଇନ୍ଦିରା ଛକ, ଝରବାହାଲିଆ ଛକ, ମାତା ମନ୍ଦିର, ଜଗନ୍ନାଥ ମନ୍ଦିର, ମେନରୋଡ, ଅଗ୍ରସେନ ଛକ ଦେଇ ପୁଣି ମନ୍ଦିରକୁ ଫେରିବ ବୋଲି ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଖବରଦାତା ସମ୍ମିଳନୀରେ ମହୋତ୍ସବ କମିଟି ସଭାପତି ଅଶୋକ ଛାପଡିଆ, ଉପସଭାପତି ପ୍ରେମ କିଶୋର ପଣ୍ଡା,ସମ୍ପାଦକ ଚିନ୍ମୟ କୁମାର ଯୋଶୀ, ସହସମ୍ପାଦକ ପ୍ରଦୀପ ବାଗ, ଯୁଗ୍ମ କୋଷାଧକ୍ଷ ନିଶିକାନ୍ତ ମହାପାତ୍ର ସାମିଲ ଥିଲେ ।

# ଘୋଷଣାରେ ସୀମିତ ନ ରହୁ ପୁନରୁଦ୍ଧାର


ବନ୍ଦ ହୋଇ ପଡିଥିବା ବିଜୟାନନ୍ଦ ସମବାୟ ଚିନିକଳ ।

**ବିଜୟାନନ୍ଦ ସମବାୟ ଚିନିକଳ ପୁନଃଚାଲୁ ପ୍ରସଙ୍ଗ**

ଦେଓଗାଁ,୧୨।୩(ଡି.ଏନ.ଏ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗାଇବାହାଲ ପଞ୍ଚାୟତ ଅନ୍ତର୍ଗତ ସାଗରପାଲିସ୍ଥିତ ବିଜୟାନନ୍ଦ ସମବାୟ ଚିନିକଳ ପୁନଃ ଚାଲୁ ପାଇଁ ରାଜ୍ୟ ସରକାର ପ୍ରୟାସ ଆରମ୍ଭ କରିଛନ୍ତି। ଚଳିତ ବଜେଟରେ ଚିନିକଳ ଚାଲୁ କରିବା ପାଇଁ ପ୍ରଥମ ପର୍ଯ୍ୟାୟରେ ୯୨ କୋଟି ୬୦ ଲକ୍ଷ ଟଙ୍କା ପ୍ରସ୍ତାବ ରଖାଯାଇଛି। ଚିନିକଳକୁ ପିପିପି ମୋଡରେ ଚାଲୁ କରିବାପାଇଁ ପ୍ରୟାସ କରାଯାଉଛି। ତେବେ କିଛି ମାସପରେ ସାଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ ହେବାକୁ ଯାଉଛି। ଏଣୁ ଏହା ସରକାରଙ୍କ ନିର୍ବାଚନୀ ଚାଲ ନୁହେଁ କି ବୋଲି ସାମାଜିକ ଗଣମାଧ୍ୟମରେ ଲୋକେ ପ୍ରଶ୍ନ କରୁଥିବା ଦେଖିବାକୁ ମିଳିଛି।

ପ୍ରଥମ ପର୍ଯ୍ୟାୟରେ ଚିନିକଳ ଚାଲୁ ପାଇଁ ସରକାର ୯୨ କୋଟି ୬୦ ଲକ୍ଷ ଟଙ୍କା ବ୍ୟୟ ବରାଦ ପାଇଁ ପ୍ରସ୍ତାବରେ ରଖିଛନ୍ତି। ତେବେ ତିନି ବର୍ଷ ପାଇଁ ଚାଲୁ ରଖିବାକୁ ହେଲେ ନୋଲସ ନୋ ପ୍ରଫିଟରେ ୧୨୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଜିଲା ସମବାୟ ଚିନିକଳ କମିଟି ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେଇଛି । ୨୦୧୪ ସାଧାରଣ ନିର୍ବାଚନ ପୂର୍ବରୁ ରାଜ୍ୟ ସରକାର ଚିନିକଳ ପୁନଃ ଚାଲୁ କରିବାପାଇଁ ସମବାୟ ବିଭାଗର ରାଜ୍ୟସ୍ତରୀୟ ବରିଷ୍ଠ କର୍ମଚାରୀ ଏବଂ ଏକ ଉଚ୍ଚସ୍ତରୀୟ ବୈଷୟିକ କମିଟିକୁ ଏକ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ହେଲେ ତାହା ଫାଇଲ ତଳେ ଚାପିହୋଇ ରହିଗଲା । ନିର୍ବାଚନ ଆସିଲେ ସରକାରଙ୍କୁ ବିଜୟାନନ୍ଦ ସମବାୟ ଚିନିକଳ କଥା ମନେ ପଡେ ବୋଲି ବିରୋଧୀ କହୁଛନ୍ତି। ୨୦୧୯ ସାଧାରଣ ନିର୍ବାଚନରେ ସ୍ଥାନୀୟ ଶାସକ ଦଳ ବିଧାୟକ ପ୍ରାର୍ଥୀ ବିଜୟ ହେଲେ ଚିନିକଳ ନିଶ୍ଚିତ ଚାଲୁ କରାଯିବ ବୋଲି କହିଥିଲେ । ହେଲେ ଫଳାଫଳ ଘୋଷଣା ପରେ ସେହି ପ୍ରସଙ୍ଗ ନୀରବି ଗଲା। ଏଣୁ ଏବେ ଆଖୁଚାଷୀ ଏଥର ଚିନିକଳ ଚାଲିବା ନେଇ ନିଶ୍ଚିତ ହୋଇ ପାରୁ ନାହାନ୍ତି। ରାଜ୍ୟ ସରକାର ଚାଷୀଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଚିନିକଳକୁ ପୁନଃ ଚାଲୁ କରିବା ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି।

**ସେମାନେ ଯାହା କହନ୍ତି....**


“ଚିନିକଳ ପୁନଃଚାଲୁ ପାଇଁ ବିଧାନସଭାରେ ଦାବି ଉଠାଇଥିଲି। ଏନେଇ ଆଗରୁ ସମସ୍ତ ଅଧିକାରୀଙ୍କୁ ଡକାଇ ଆଲୋଚନା କରିଥିଲି । ଏବେ କେବଳ ଲୋକଦେଖାଣିଆ ପ୍ରୟାସ କରାଯାଉଛି । ସରକାର ଚିନିକଳ ପାଇଁ ୩ଥର ଟେଣ୍ଡର ଡାକିଥିଲେ। ହେଲେ କେହି ବିଡର ବାହାରୁ ନ ଥିବାରୁ ଚଳାଇବା ପାଇଁ ଅକ୍ଷମତା ପ୍ରକାଶ କରିଥିଲେ। ଏଣୁ ସରକାରଙ୍କ ଆନ୍ତରିକତା ରହିଥିବା ମୁଁ ମନେ କରୁନାହିଁ।

**ନରସିଂହ ମିଶ୍ର , ବିଧାୟକ ବଲାଙ୍ଗୀର**


“ଚିନିକଳ ଚାଲୁଥିବା ସମୟରେ ଅଞ୍ଚଳର ଆଖୁଚାଷୀ ଉପକୃତ ହେଉଥିଲେ। ଏହା ବନ୍ଦ ହୋଇପଡିବା ପରେ ଅଞ୍ଚଳର ଅର୍ଥନୈତିକହାନୀ ଘଟିଛି। ଏଣୁ ଏକମାତ୍ର ଏହି କୃଷିଭିତ୍ତିକ ଶିଳ୍ପକୁ ପୁନଃ ଚାଲୁ କରାଗଲେ ଆଖୁ ଚାଷୀ ସମେତ ଅଞ୍ଚଳବାସୀ ଉପକୃତ ହୁଅନ୍ତେ।

**ଦୟାନିଧି ଖମାରୀ, ପଞ୍ଚାୟତ ସମିତି ଅଧକ୍ଷ ଦେଓଗାଁ ବ୍ଲକ।**


“ବିଜୟାନନ୍ଦ ସମବାୟ ଚିନିକଳ ବନ୍ଦ ହେବାପରେ ପ୍ରାୟ ୩ଶହ କର୍ମଚାରୀ ବେରୋଜଗାର ହୋଇପଡଛନ୍ତି। ଅନେକ କର୍ମସଂସ୍ଥାନ ଅନ୍ୱେଷଣରେ ବାହାର ରାଜ୍ୟକୁ କାମ କରିବାକୁ ଯାଇଛନ୍ତି। ଏହି ଶିଳ୍ପ ପୁନଃ ଚାଲୁ କରିବା ଦିଗରେ ରାଜ୍ୟ ସରକାର ଯେଉଁ ପଦକ୍ଷେପ ଆରମ୍ଭ କରିଛନ୍ତି ତାହା କାର୍ଯ୍ୟରେ ପରିଣତ ହେଲେ ଅଞ୍ଚଳବାସୀ ଉପକୃତ ହେବେ ।

**ସୁବଳ ଚରଣ ରଣା, କର୍ମଚାରୀ ସଂଘ ଉପଦେଷ୍ଟା ସଦସ୍ୟ, ଦେଓଗାଁ ।**


“ଚିନିକଳ ବନ୍ଦ ହେବା ପରଠାରୁ ଚାଷୀଙ୍କ ଆର୍ଥିକ ମାନଦଣ୍ଡ ଦୋହଲି ପଡିଛି । ଏବେ କେତେକ ଚାଷୀ ବିନା ପ୍ରୋତ୍ସାହନରେ ଆଖୁ ଚାଷ ଜାରି ରଖିଛନ୍ତି। ହେଲେ ବଜାର ସୁବିଧା ନ ପାଇ କେବଳ ଗୁଡ ତିଆରି କରି ଅଭାବୀ ଦରରେ ବିକ୍ରି କରୁଛନ୍ତି । ଏଣୁ ଆଖୁ ଚାଷୀଙ୍କ ବୃହତ ସ୍ୱାର୍ଥ ଦୃଷ୍ଟିରୁ ଏହି ଚିନିକଳ ସରକାର ପୁନଃ ଚାଲୁ କରିବାର ଆବଶ୍ୟକତା ରହିଛି ।

**ଅନ୍ତର୍ଯ୍ୟାମୀ ଭୋଇ, ଅଗ୍ରଣୀ ଚାଷୀ,କରୁଆଁଝର ।**

### ଜିଲା ଏକ୍ସକ୍ୟାଡ଼ର ଶିକ୍ଷକ ସଂଘର ବୈଠକ

ଖଡ଼ିଆଳ,୧୨।୩(ଡି.ଏନ.ଏ.)

ନୂଆପଡା ଜିଲା ଖଡ଼ିଆଳ ତିଖାଲି ଡାକ ବଙ୍ଗଳାଠାରେ ଏକ୍ସକ୍ୟାଡର ଶିକ୍ଷକ ସଂଘର କାଯ୍ୟକାରୀଣୀ ବୈଠକ ସଭାପତି ଅରୁଣ ଯୋଷୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକ ଏକ୍ସକ୍ୟାଡର ଉଚ୍ଛେଦ ସହ ଇନକ୍ରିମେଣ୍ଟ ପ୍ରଦାନ, ଗଣଶିକ୍ଷକଙ୍କୁ ନିୟମିତ କରିବା ସହିତ ଏନ୍‌ପିଏସ ମେଚିଙ୍ଗ ଗ୍ରାଣ୍ଟ ପ୍ରଦାନ ଦାବିରେ ସଂଘ ବାରମ୍ବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କଲେ ମଧ୍ୟ କୌଣସ ସୁଫଳ ମିଳୁ ନ ଥିବାରୁ ସରକାରଙ୍କୁ ସମାଲୋଚନା କରାଯାଇଥିଲା। ଚଳିତ ବଜେଟ ଅଧିବେଶନ ସୁଦ୍ଧା ଚାରିଦଫା ଦାବି ପୂରଣ ନ ହେଲେ ବ୍ଲକସ୍ତରରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଉକ୍ତ ବୈଠକରେ ରାଜ୍ୟ ଏକ୍ସକ୍ୟାଡର ମହାସଂଘ କାର୍ଯ୍ୟଯକାରୀ ସଭାପତି ଅଲେଖ ସାହୁ, ଜିଲା କର୍ମକର୍ତ୍ତା ଭୋଜରାମ ଅହିର, ମିତ୍ରବାଦୀ ମଲ୍ଲିକ, ସନୁଧର ନାଗ, ନିରୋଜ ଖମାରୀ, ଦେବକୁ ଗୁଆଲ, ବ୍ଲକ କର୍ମକର୍ତ୍ତାଙ୍କ ମଧ୍ୟରୁ ବୃଷକେତନ ଅଗସ୍ତୀ, ଗୌର ସାହୁ, ଜୟନ୍ତ ପ୍ରଧାନୀ ତରୁଣ ମେହେର, ବେଣୁଧର ନାୟକ, ସାମନ୍ତ ଦାସଙ୍କ ସହିତ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ପାଇଖାନା ଟାଙ୍କିରେ ପଡିଥିବା ଗାଇ ଉଦ୍ଧାର

ଖପ୍ରାଖୋଲ,୧୨।୩ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ପ୍ରାଥମିକ ବିଦ୍ୟାଳୟ ପାଖରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ରର ପାଇଖାନା ଟାଙ୍କିରେ ଫସି ରହିଥିବା ଏକ ଗାଈକୁ ରବିବାର ଉଦ୍ଧାର କରିଛନ୍ତି ଅଗ୍ନିଶମ କର୍ମଚାରୀ। ଟାଙ୍କିରେ ଫସି ଗାଈଟି ବୋବାଳି ଛାଡୁଥିଲା। ଖବର ପାଇ ଖପ୍ରାଖୋଲ ଅଗ୍ନିଶମ ଅଧିକାରୀ ଚୂଡ଼ାମଣି ପିଙ୍ଗଙ୍କ ନେତୃତ୍ୱରେ ଟିମ୍ ପହଞ୍ଚି ଗାଈକୁ ଉଦ୍ଧାର କରିଥିଲେ।

## ମୃତ ଦାଦନ ଶ୍ରମିକଙ୍କ ଗାଁରେ ପହଞ୍ଚିଲା ଜିଲା ଶିଶୁ ସୁରକ୍ଷା ୟୁନିଟ୍

ବଲାଙ୍ଗୀର ଅଫିସ, ୧୨।୩

ବଲାଙ୍ଗୀର ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲା ଶିଶୁ ସୁରକ୍ଷା ୟୁନିଟ (ଡିସିପିୟୁ)ଟିମ୍ ରବିବାର ବେଲପଡା ବ୍ଲକ ଅନ୍ତର୍ଗତ ବନମାଲ ଗାଁରେ ପହଞ୍ଚି ସ୍ଥିତି ତଦାରଖ କରିଥିଲେ। ଏହି ଟିମ୍‌ରେ ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ସାମାଜିକ କର୍ମୀ ଅରୁଣ ଖୁଆସ, ଶିଶୁ ମଙ୍ଗଳ ସମିତିର ସଦସ୍ୟ ଡା. ସନ୍ଧ୍ୟାରାଣୀ ପଣ୍ଡା ଓ ଲିନା ବାବୁ ବନମାଲ ଗାଁରେ ପହଞ୍ଚି ତେଲଙ୍ଗାନାର ପୈଦାପଲ୍ଲୀ ଜିଲାକୁ ଦାଦନ ଖଟିବାକୁ ଯାଇ ମୃତ୍ୟୁବରଣ କରିଥିବା ଶୁକଦେବ ପରାଭୁଏଙ୍କ ସ୍ତ୍ରୀ ଉଷା, ଶିଶୁକନ୍ୟା କୈକେୟୀ (୧୨) ଏବଂ ପୁତ୍ର ପବିତ୍ର (୧୧)ଙ୍କୁ ଭେଟିଥିଲେ। ଶିଶୁମାନଙ୍କୁ ମିଶନ ବାତ୍ସଲ୍ୟ ଯୋଜନାରେ ଯତ୍ନ, ସୁରକ୍ଷା ଓ ଥଇଥାନ ବ୍ୟବସ୍ଥା କରାଯିବାକୁ ଶିଶୁ ମଙ୍ଗଳ ସମିତିରେ ହାଜର କରିଥିଲେ। ପ୍ରାଥମିକ ତଥ୍ୟାନୁଯାୟୀ ଉପରୋକ୍ତ ଶିଶୁଦ୍ୱୟ ନିଜ ଗାଁର ବନମାଲ ୟୁପି ସ୍କୁଲରେ ଯଥାକ୍ରମେ ୮ମ ଓ ୬ଷ୍ଠ ଶ୍ରେଣୀର ଛାତ୍ର ଥିଲେ। ଗତ ମାର୍ଗଶିର ମାସରେ ତାଙ୍କ ମାତାପିତା ପେଟପାଟଣା ପାଇଁ ତେଲଙ୍ଗାନାର ପୈଦାପଲ୍ଲୀକୁ ଦାଦନ ଖଟିବାକୁ ଯିବାରୁ ସେମାନଙ୍କ ସହ ଦୁଇ ଝିଅପୁଅ କାମ କରିବାକୁ ଯାଇଥିଲେ। ମୃତ ଶୁକଦେବ ପରାଭୁଏ ସରକାରୀ ଯୋଜନାରୁ ଚାଉଳ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ହିତାଧିକାରୀ ଥିଲେ। ତାଙ୍କର ମୃତ୍ୟୁ ପରେ ସ୍ଥାନୀୟ ସରପଞ୍ଚ ହରିଶ୍ଚନ୍ଦ୍ର ଯୋଜନାରୁ ୩ ହଜାର, ଜିଲା ରେଡକ୍ରସ ପାଣ୍ଠିରୁ ୧୫ ହଜାର ଟଙ୍କା ଦିଆଯାଇଥିବା ସୂଚନା ଦିଆଯାଇଥିଲା। ଏହା ସହିତ ଅତିଶୀଘ୍ର ଜାତୀୟ ପରିବାର ସୁରକ୍ଷା ଅଧିକାର ସହାୟତା ନିୟମାନୁଯାୟୀ ବିଜୁ ଶିଶୁ ସୁରକ୍ଷା ଯୋଜନା ଓ ପୃଷ୍ଠପୋଷକତା ଆର୍ଥିକ ସହାୟତାର ବ୍ୟବସ୍ଥା କରାଯିବ ବୋଲି ଡିସିପିୟୁ ଟିମ୍ ସୂଚନା ଦେଇଛନ୍ତି।


ବନମାଳ ଗାଁରେ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଟିମ୍ ପହଞ୍ଚି ସ୍ଥିତି ତଦାରଖ କରୁଛନ୍ତି।

### ସାମୂହିକ ବ୍ରତୋପନୟନ ପାଇଁ ପ୍ରସ୍ତୁତି

ଟିଟିଲାଗଡ଼,୧୨।୩(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଟିଟିଲାଗଡ଼ ଜଗନ୍ନାଥ ମନ୍ଦିର ପରିସରରେ ଆଗାମୀ ଏପ୍ରିଲ ୯ ଓ ୧୦ତାରିଖ ଦୁଇଦିନ ଧରି ସାମୂହିକ ବ୍ରତୋପନୟନ କାର୍ଯ୍ୟକ୍ରମ ହେବ। ଏଥିପାଇଁ ରବିବାର ବ୍ରାହ୍ମଣ ସମାଜ ତରଫରୁ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ସମାଜର ସଭାପତି ବିଶ୍ୱରାମ ଠାକୁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସମ୍ପାଦକ ବନମାଳୀ ଦାଶ, ବରିଷ୍ଠ ଉପଦେଷ୍ଟା ରାଜୀବଲୋଚନ ପାଢ଼ୀ ଉପସ୍ଥିତ ଥିଲେ। କରୋନା ଯୋଗୁଁ ଗତ ୨ବର୍ଷ ହେବ ଏହି କାର୍ଯ୍ୟକ୍ରମ ବନ୍ଦ ଥିଲା ଚଳିତ ମାସ ୨୬ତାରିଖ ପର୍ଯ୍ୟନ୍ତ ପିଲାଙ୍କୁ ବ୍ରତ କରିବା ପାଇଁ ଆବେଦନ କରାଯାଇ ପାରିବ ବୋଲି ସଭାପତି ସୂଚନା ଦେଇଥିଲେ।

## ଚତୁର୍ଥ ଦିନରେ ସଚେତନ ସଂଗ୍ରାମ ସମିତି ଆମରଣ ଅନଶନ

ଜୁନାଗଡ,୧୨।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଉପଖଣ୍ଡସ୍ତରୀୟ ଡାକ୍ତରଖାନା ମାନ୍ୟତା, ମେଡିସିନ ସର୍ଜରୀ ବିଶେଷଜ୍ଞ ଡାକ୍ତର ଅତିଶୀଘ୍ର ନିଯୁକ୍ତି ଦାବି ନେଇ ଜୁନାଗଡ଼ ସଚେତନ ସଂଗ୍ରାମ ସମିତି ପକ୍ଷରୁ ସ୍ଥାନୀୟ ଡାକ୍ତରଖାନା ସମ୍ମୁଖରେ ଚାଲିଥିବା ଆମରଣ ଅନଶନ ରବିବାର ଚତୁର୍ଥ ଦିନରେ ପହଞ୍ଚିଛି। ଏହାକୁ ସମର୍ଥନ ଜଣାଇ ଧାରଣାରେ ବସିଛନ୍ତି ବିବେକ ସେନାର ରାଷ୍ଟ୍ରୀୟ ଅଧକ୍ଷ ତଥା ପ୍ରତିଷ୍ଠାତା ଶିବରାମ ନାୟକ। ଏହି ଧାରଣାକୁ ଜିଲାର ବହୁ ସଙ୍ଗଠନ କର୍ମକର୍ତ୍ତା ସାମିଲ ହୋଇ ସମର୍ଥନ ଜଣାଉଛନ୍ତି। ଆମରଣ ଅନଶନରେ ବସିଥିବା ଜୁନାଗଡ଼ ସଚେତନ ସଂଗ୍ରମ ସମିତି ପକ୍ଷରୁ ପୂର୍ବତନ ବ୍ଲକ ଅଧକ୍ଷ ରଶ୍ମିରଞ୍ଜନ ନାୟକ ଓ ପ୍ରଭାତ ଦାଶଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡିବାରେ ଲାଗିଛି। ଡାକ୍ତର ଆସି ସ୍ୱାସ୍ଥ୍ୟବସ୍ଥା ନିରୀକ୍ଷକ କରୁଥିବା ସୂଚନା ମିଳିଛି। ଦାବି ପୂରଣ ନ ହେବା ଯାଏଁ ଆମରଣ ଅନଶନ ଜାରି ରହିବ ବୋଲି ସମିତି ପକ୍ଷରୁ ସୂଚନା ମିଳିଛି।


ଚତୁର୍ଥ ଦିନରେ ଆମରଣ ଅନଶନ ଜାରି ରହିଛି।

## ବିଜୁ ଜନତା ଦଳର ମହିଳା ସମାବେଶ

ସଇଁତଳା, ୧୨।୩ (ଡ଼ି.ଏନ.ଏ.)

ବଲାଙ୍ଗୀର ଜିଲା ସଇଁତଳା ବ୍ଲକ କରମତଳା ପଞ୍ଚାୟତ ଅନ୍ତର୍ଗତ ଛନଛଡ଼ାସ୍ଥିତ ଖେଳ ପଡ଼ିଆରେ ବିଜୁ ଜନତା ଦଳ ତରଫରୁ ମହିଳା ସମାବେଶ ରବିବାର ଅନୁଷ୍ଠିତ ହୋଇଯାଇଛି। ଟିଟିଲାଗଡ଼ ନିର୍ବାଚନ ମଣ୍ଡଳୀ ଅଞ୍ଚଳର ଶତାଧିକ ମହିଳା ଏହି ସମାବେଶରେ ଯୋଗଦେଇଥିଲେ। ସମାବେଶର ରାଜ୍ୟ ଜଳସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ତଥା ଟିଟିଲାଗଡ଼ ବିଧାୟିକା ଟୁକୁନୀ ସାହୁ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ଜିଲା ବିଜୁ ମହିଳା ସଭାନେତ୍ରୀ ଦମୟନ୍ତୀ ବାଗ, ଟିଟିଲାଗଡ଼ ପଞ୍ଚାୟତ ସମିତି ଅଧକ୍ଷା ସଂଯୁକ୍ତା ନାୟକ, ସଇଁତଳା ବିଜେଡ଼ି ମହିଳା ସଭାନେତ୍ରୀ ଯାଜ୍ଞସେନୀ ରାଜପାଲିଆ, ରାଜ୍ୟ ମହିଳା କମିଶନ ସଭ୍ୟା ରଞ୍ଜୁ ରାଏମନ, ସ୍ଥାନୀୟ ସରପଞ୍ଚ ତିଳୋତ୍ତମା ବାଗ, ଜିଲା ପରିଷଦ ସଭ୍ୟ ହିମାଞ୍ଚଳ ବୁଡ଼େକ, ଅଞ୍ଜନା ବର୍ମା, ଦ୍ରୌପଦୀ ପାତ୍ର ପ୍ରମୁଖ ଯୋଗଦାନ କରିଥିଲେ। ଏହି ଅବସରରେ ମନ୍ତ୍ରୀ ସାହୁ କହିଥିଲେ ଯେ, ମହିଳା ସଶକ୍ତିକରଣକୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଉଛନ୍ତି। ଆଗାମୀ ନିର୍ବାଚନରେ ବିଜେଡ଼ି ପୁନଃ କ୍ଷମତାସୀନ ହେବା ଦିଗରେ ମହିଳାମାନେ ସକ୍ରିୟ ଭୂମିକା ଗ୍ରହଣ କରିବାକୁ ଉପସ୍ଥିତ ମହିଳାମାନଙ୍କୁ ସେ ଆହ୍ୱାନ ଦେଇଥିଲେ। ଛନଛଡ଼ା ଅଞ୍ଚଳକୁ ଗୌରବାନ୍ୱିତ କରିଥିବା ଦୀପିକା ଅଗ୍ରୱାଲଙ୍କୁ ମନ୍ତ୍ରୀ ମହିଳା ଦିବସ ସପ୍ତାହ ପାଳନ ଅବସରରେ ସମ୍ମାନୀତ କରିଥିଲେ। ସମାବେଶରେ ଭାଜପା ଓ କଂଗ୍ରେସ ଛାଡି ବହୁ ନାରୀ ନେତ୍ରୀ ବିଜେଡ଼ିରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଗୀତା ବିଶି ପରିଚାଳନା କରିଥିଲେ। ପୂର୍ବତନ ସରପଞ୍ଚ ଜେମାମଣୀ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଧାୟିକାଙ୍କ ବ୍ଲକ ପ୍ରତିନିଧି ଚନ୍ଦ୍ରବଦନ ପୁରୋହିତ, ଯୁବନେତା ରାଜକିଶୋର ଡ଼ାଙ୍ଗ, ପ୍ରେମ ଜୈନ, ଦିଲ୍ଲିପ ରାଜପାଲିଆ, ଟୁନୁ ରାଜପାଲିଆ, ଭରତ ବୁଡ଼େକ, ପ୍ରଶାନ୍ତ ପୁଟେଲ, ବିକ୍ରମ ବୁଡ଼େକ, ବାମନ ବୁଡ଼େକ, ଶଶାଙ୍କ ମହାନ୍ତି, ବିଦ୍ୟାଧର ବେହେରାଙ୍କ ସମେତ ଅଞ୍ଚଳର ବହୁ ବିଜେଡ଼ି କର୍ମୀ ଉପସ୍ଥିତ ଥିଲେ।



ମହିଳା ସମାବେଶରେ ମଞ୍ଚାସୀନ ମନ୍ତ୍ରୀ ଟୁକୁନୀ ସାହୁ ଓ ଅନ୍ୟମାନେ।

## ଚାଳଛପର ତଳେ ପାଠପଢ଼ା

ଖପ୍ରାଖୋଲ, ୧୨।୩(ଡି.ଏନ.ଏ.)

ସରକାର ଶିକ୍ଷାର ବିକାଶ ପାଇଁ ବିଦ୍ୟାଳୟଗୁଡ଼ିକର ରୂପାନ୍ତରଣ କରୁଛନ୍ତି। ଛାତ୍ରୀଛାତ୍ରଙ୍କୁ ସ୍କୁଲପ୍ରତି ଆକୃଷ୍ଟ କରିବା ପାଇଁ ସୋନ୍ଦର୍ଯ୍ୟକରଣ କରାଯାଇ ଶିକ୍ଷଣୀୟ ପରିବେଶ ସୃଷ୍ଟି କରାଯାଉଛି। ହେଲେ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଚଙ୍ଗରିଆ ପଞ୍ଚାୟତ ଅନ୍ତର୍ଗତ ଲୁହାଖାନ ପ୍ରାଥମିକ ବିଦ୍ୟାଳୟ ଦେଖିଲେ ଜାଣି ହେଉଛି ଶିକ୍ଷା ବ୍ୟବସ୍ଥାର ବିକଳ ଚିତ୍ର। ବିଦ୍ୟାଳୟଟି ବ୍ଲକ ସଦର ମହକୁମାଠାରୁ ପ୍ରାୟ ୫୦ କିମି ଦୂରରେ ଅବସ୍ଥିତ। ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ଯାଏ ଥିବା ବେଳେ ୩୯ ଜଣ ଛାତ୍ରୀ ଛାତ୍ର ଅଧ୍ୟୟନ କରୁଛନ୍ତି। ଦୁଇ ଜଣ ଶିକ୍ଷକ ଅଛନ୍ତି। ହେଲେ ବିଦ୍ୟାଳୟରେ ପଢିବା ପାଇଁ ଭଲ ଶ୍ରେଣୀଗୃହ ନାହିଁ। ଗ୍ରାମବାସୀଙ୍କ ସହାୟତାରେ ନଡ଼ା ଛପର ଛାମୁଡିଆ ନିର୍ମାଣ କରାଯାଇଛି। ଆଉ ଏହି ଛପର ତଳେ ପଢୁଛନ୍ତି ଛାତ୍ରୀଛାତ୍ର। ଏନେଇ ଗ୍ରାମବାସୀ ଅନେକଥର ପ୍ରଶାସନକୁ ଜଣାଇଥିଲେ ମଧ୍ୟ କିଛି ଲାଭ ହୋଇନାହିଁ। ବିଦ୍ୟାଳୟ ୧୯୭୩ରେ ଆରମ୍ଭ ହୋଇଥିବା ବେଳେ ଦୁଇଟି କୋଠରି ମଧ୍ୟ ରହିଛି। ହେଲେ ତାହା ବିପଦସଙ୍କୁଳ ହୋଇଥିବା ବେଳେ ସିମେଣ୍ଟ ଅତଡ଼ା ଖସୁଛି। ଫଳରେ ଛାତ୍ରୀଛାତ୍ରଙ୍କ ସୁରକ୍ଷା ଦୃଷ୍ଟିରୁ କିଛି ମାସ ଗଛତଳେ ଶିକ୍ଷାଦାନ ହେଉଥିବା ବେଳେ ପରେ ଗ୍ରାମବାସୀ ଏକ ନଡ଼ା ଛପର ଛାମୁଡିଆ କରିଦେଇଛନ୍ତି। ଏ ନେଇ ଖପ୍ରାଖୋଲ ବ୍ଲକ ସହ ଶିକ୍ଷା ଅଧିକାରୀ ମିନିକେତନ ବରିହାଙ୍କୁ ପଚାରିବାରୁ ବିଦ୍ୟାଳୟ ସମସ୍ୟା ସମ୍ପର୍କରେ ଅବଗତ ଅଛୁ। ଶିକ୍ଷା ବିଭାଗରୁ ଏବେ ନିର୍ମାଣ କାମ ହେଉ ନଥିବା ବେଳେ କୋଠା ପାଇଁ ବ୍ଲକ ପ୍ରଶାସନକୁ ଅବଗତ କରାଯାଇଛି। ଖରାଦିନ ମଧ୍ୟରେ ଘର କରିବାକୁ ଚେଷ୍ଟା କରାଯିବ ବୋଲି କହିଛନ୍ତି।


ଚାଳଛପର ତଳେ ଶିକ୍ଷାଦାନ କରାଯାଉଛି।

**ଲୁହାଖାନ ପ୍ରାଥମିକ ବିଦ୍ୟାଳୟ**

## ସଂକ୍ଷେପରେ

### ଶିଶୁ ମନ୍ଦିରରେ ଘର ହିଁ ବିଦ୍ୟାଳୟ କାର୍ଯ୍ୟକ୍ରମ

**ପଦ୍ମପୁର, ୧୨।୩(ଡି.ଏନ.ଏ.):** ବରଗଡ ଜିଲା ପଦ୍ମପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଶିଶୁ ବାଟିକା ବିଭାଗ ଆସନ୍ତା ଶିକ୍ଷାବର୍ଷ ପାଇଁ ନାମ ଲେଖାଇବା ପାଇଁ ଇଚ୍ଛୁକ ଶିଶୁଙ୍କ ମାତାପିତାଙ୍କୁ ନେଇ ଘର ହିଁ ବିଦ୍ୟାଳୟ ପ୍ରକଳ୍ପର ଚତୁର୍ଥ ପର୍ଯ୍ୟାୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ସରକାରୀ ଆୟୁର୍ବେଦ ଡାକ୍ତର ସମୀର ମେହେର ଯୋଗଦେଇ ଶିଶୁମାନଙ୍କର ରୋଗ ଓ ଏହାର ନିରାକରଣ ବିଷୟରେ ଆଲୋଚନା କରିଥିଲେ। ସହ ପ୍ରଧାନ ଆଚାର୍ଯ୍ୟ ଚୈତନ୍ୟ ଭୋଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶରତ ମେହେର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶିଶୁ ବାଟିକା ପ୍ରମୁଖ ସୁଜାତା ଗୁରୁମା ସୁଷମ ଖାଦ୍ୟ ବିଷୟରେ କହିଥିଲେ। ଆହାର ଉପରେ ଲଗାଯାଇଥିବା ଏକ ପ୍ରଦର୍ଶନୀରେ ୫୦ ପ୍ରକାର ଘର ତିଆରି ଖାଦ୍ୟ ପ୍ରଦର୍ଶନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ୬୦ଜଣ ମାତାପିତା ଯୋଗ ଦେଇଥିଲେ।

### ଅଞ୍ଜନ ମେମୋରିଆଲ କ୍ରିକେଟ: ଜାମୁଡ଼ା ଚାମ୍ପିୟନ

**ବରପାଲି, ୧୨।୩(ଡି.ଏନ.ଏ.):** ବରଗଡ ଜିଲା ବରପାଲି ବ୍ଲକ ଗୋପାଇପାଲି ଗ୍ରାମରେ ଚାଲିଥିବା ଅଞ୍ଜନ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳ ଜମୁଡା ଓ ଗୋପାଇପାଲି ମଧରେ ହୋଇଥିଲା। ଏଥିରେ ଜମୁଡା ଦଳ ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂହ, ସମ୍ମାନୀତ ଅତିଥିଭାବେ ବିଜେଡି ଜିଲା ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ, ମହାଦେବ ପ୍ରଧାନ, ସୁବାସ ମଟାରି, ବରପାଲି ପାକ୍ସ ସଭାପତି ଗୁରୁ ମେହେର, ଆଗଲପୁର ପାକ୍ସ ସଭାପତି ବିରୋସନ ସାହୁ, ଯୁବ ନେତା କଲ୍ୟାଣ ଚାନ୍ଦ, ପୂର୍ଣ୍ଣଚନ୍ଦ୍ର ବିଶି, ଦୂର୍ବାଦଳ ବଗର୍ତ୍ତି, ଉଛବ ନାଗ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ଚାମ୍ପିୟନ ଜମୁଡା ଦଳକୁ ଟ୍ରଫି ସହ ୨୦ହଜାର ଟଙ୍କା ଓ ରନର୍ସ ଅପ ଗୋପାଇପାଲି ଦଳକୁ ୧୫ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରିଥିଲେ।

### ଶିକ୍ଷକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

**ପଦ୍ମପୁର, ୧୨।୩ (ଡି.ଏନ.ଏ.):** ବରଗଡ଼ ଜିଲା ପଦ୍ମପୁର ଶିକ୍ଷକ ଭବନରେ ଓଡିଶା ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘ ରାଜ୍ୟ ସାଙ୍ଗଠନିକ ସମ୍ପାଦକ ରଘୁନାଥ ପୁରୀଙ୍କ ଅଧ୍ୟକ୍ଷତାରେ ଏକ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ନୂତନ ପେନସନ ଯୋଜନା ଅନ୍ତର୍ଭୁକ୍ତ ଶିକ୍ଷକ ପ୍ରଶାନ୍ତ ସାହୁ ଜାନୁୟାରୀ ୩୧ତାରିଖରେ ସର୍ବପ୍ରଥମ ଶିକ୍ଷକଭାବେ ଅବସର ଗ୍ରହଣ କରିଛନ୍ତି। ରାଜେନ୍ଦ୍ର ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ବହୁ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ରହି ତାଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। ଶିକ୍ଷୟିତ୍ରୀ ବାସନ୍ତୀ ସାହୁ ଓ ସୁନିତା ଦାଶ ବିଦାୟୀ ସଙ୍ଗୀତ ଗାନ କରିଥିଲେ। ବୈଷ୍ଣବ କୁଦେଇ ବିଦାୟୀ ଶିକ୍ଷକଙ୍କ ଜୀବନଶୈଳୀ, ଛାତ୍ରବତ୍ସଳତା, ଇଂଲିଶ ଭାଷା ଉପରେ ତାଙ୍କର ରୁଚି ଓ ଅଗାଧ ଜ୍ଞାନର ସ୍ମୃତିଚାରଣ କରିଥିଲେ। ସମ୍ପାଦକ ରୂପକ ସାହୁ ମାନପତ୍ର ଓ ସମ୍ବର୍ଦ୍ଧନା ଦେଇଥିଲେ। ସଭା ପରିଚାଳନାରେ ଶାନ୍ତନୁ ସରାଫ, କନିଷ୍ଠ ଶିକ୍ଷକ ସଂଘ ସଭାପତି ପ୍ରଶାନ୍ତ ବର୍ଗେ, ଦେବାନନ୍ଦ ତୁରୀୟା, ପ୍ରଦୀପ ସାହୁ, ରତ୍ନାକର ଶତପଥୀ, ସୁମନ୍ତ ସାହୁ, ମହେଶ୍ୱର ସାହୁ ପ୍ରମୁଖ ସାହାଯ୍ୟ କରିଥିଲେ।

# ଡ୍ରାଇଭର-ମୋଟର ଚାଳକ ସଂଘ ମୁହାଁମୁହିଁ

**ବରଗଡ଼ ଅଫିସ୍, ୧୨।୩**

ଡ୍ରାଇଭରମାନେ ସେମାନଙ୍କ ସମସ୍ୟା ନେଇ ବାରମ୍ବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରୁଛନ୍ତି। ହେଲେ ସରକାର ସେମାନଙ୍କ ପ୍ରତି ଅଣଦେଖା ମନୋଭାବ ପୋଷଣ କରି ଆସୁଛନ୍ତି। ଏହାର ପ୍ରତିବାଦ ତଥା ଡ୍ରାଇଭରମାନଙ୍କୁ ସମ୍ମାନ, ସୁରକ୍ଷା ଏବଂ ଅଧିକାର ଦାବି ନେଇ ଓଡ଼ିଶା ଡ୍ରାଇଭର ମହାସଂଘ ଆସନ୍ତା ୧୫ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଧର୍ମଘଟ ଏବଂ ଅଖିଚକ ବନ୍ଦ ଡାକରା ଦେଇଛି। ତେବେ ଓଡ଼ିଶା ଡ୍ରାଇଭର ମହାସଂଘର ଏହି ଡାକରାକୁ ଓଡ଼ିଶା ମୋଟର ଚାଳକ ସଂଘ ବିରୋଧ କରିଛି। ଉକ୍ତ ବନ୍ଦ ଡାକରାକୁ ସମର୍ଥନ କରିବ ନାହିଁ ବୋଲି ଓଡ଼ିଶା ମୋଟର ଚାଳକ ସଂଘ ରବିବାର ବରଗଡ଼ ସାମ୍ବାଦିକ ଭବନରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ସ୍ପଷ୍ଟ କରି



ଖବରଦାତା ସମ୍ମିଳନୀରେ ଓଡ଼ିଶା ମୋଟର ଚାଳକ ସଂଘର ପ୍ରତିନିଧିବୃନ୍ଦ।

ଦେଇଛି। ତେବେ ବନ୍ଦ ପାଳନ ପୂର୍ବରୁ ଏଭଳି ବିବାଦ ତଥା ଉଭୟ ସଂଘ ମୁହାଁମୁହିଁ ହେବା ଚର୍ଚ୍ଚାର ବିଷୟ ହୋଇଛି।

ଖବରଦାତା ସମ୍ମିଳନୀରେ ଓଡ଼ିଶା ମୋଟର ଚାଳକ ସଂଘ ବରଗଡ଼ ଜିଲା ସଭାପତି ନିରୋଜ ପୋଡ଼ କହିଥିଲେ ଓଡ଼ିଶା ଡ୍ରାଇଭର ମହାସଂଘ ଏକତରଫା ବନ୍ଦ ପାଳନ ନିଷ୍ପତ୍ତି ନେଇଛି। ଅନ୍ୟପକ୍ଷେ ବର୍ତ୍ତମାନ ବିଭିନ୍ନ ସ୍କୁଲ, କଲେଜ ଛାତ୍ରୀଛାତ୍ରଙ୍କ ପରୀକ୍ଷା ଚାଲିଛି। ଏଭଳି ସମୟରେ ବନ୍ଦ ପାଳନ କରାଗଲେ ପରୀକ୍ଷା ଦେବାରେ ଛାତ୍ରୀଛାତ୍ର ପ୍ରଭାବିତ ହେବେ। ସେହିପରି ଏବେ ବିବାହ ଉତ୍ସବଗୁଡ଼ିକ ଚାଲିଥିବାବେଳେ ଚାଷୀମାନେ ସାର, କୀଟନାଶକ ପାଇଁ ଦୋକାନ, ବଜାରକୁ

### ବନ୍ଦ ପୂର୍ବରୁ ବିବାଦ

ଆସୁଛନ୍ତି। ବନ୍ଦ ପାଳନ କରାଗଲେ ସାଧାରଣ ଲୋକେ, ଚାଷୀଙ୍କ ସହିତ ବିବାହ ଉତ୍ସବରେ ମଧ୍ୟ ଲୋକଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ। ଫଳରେ ଆସନ୍ତା ୧୫ତାରିଖରୁ ଦିଆଯାଇଥିବା ବନ୍ଦ ଡାକରାକୁ ଓଡ଼ିଶା ମୋଟର ଚାଳକ ସଂଘ ସମର୍ଥନ କରିବ ନାହିଁ ଏବଂ ପୂର୍ବଭଳି ସ୍ୱାଭାବିକଭାବେ ଗାଡ଼ି ଚଳାଚଳ କରିବ ବୋଲି ପୋଡ଼ କହିଥିଲେ। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଜେସିବି ଚାଳକ ସଂଘ ସଭାପତି ମିଥୁନ ମହାରଣା, ସମ୍ପାଦକ ଦିପକ ପ୍ରସାଦ ସାହୁ, ଓଡ଼ିଶା ମୋଟର ଚାଳକ ସଂଘ ବରଗଡ଼ ଶାଖା ସଭାପତି ଜିତେନ୍ଦ୍ର ମହାପାତ୍ର, ଟ୍ରକ ମାଲିକ ସଂଘର ରବି ଶର୍ମା, ଏମଡ଼ି ଜମିର୍ ପ୍ରମୁଖ ମଞ୍ଚାସୀନ ଥିଲେ।

# କୃଷି ସେବା ସମବାୟ ସମିତିର ବାର୍ଷିକ ସଭା


ବୈଠକରେ ଉପସ୍ଥିତ ସମବାୟ ସମିତି କର୍ମକର୍ତ୍ତା ଓ ଚାଷୀ।

**ପଦ୍ମପୁର, ୧୨।୩(ଡି.ଏନ.ଏ.)**

ବରଗଡ଼ ଜିଲା ପଦ୍ମପୁର ପ୍ରାଥମିକ କୃଷି ସେବ ସମବାୟ ସମିତିର ବାର୍ଷିକ ସାଧାରଣ ସଭା ସଭାପତି ପ୍ରିତମ ମେହେରଙ୍କ ସଭାପତିତ୍ୱରେ ସ୍ଥାନୀୟ ଆରଏମସି ବଜାର ପ୍ରାଙ୍ଗଣରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସମ୍ପାଦକ ଗୋପାଳ ଷାଣ୍ଡ ସମିତିର ଆୟବ୍ୟୟ ତଥା ବିଭିନ୍ନ ତଥ୍ୟ ଉପସ୍ଥାପିତ କରିଥିଲେ। ଚାଷୀମାନେ ବିଗତ ବର୍ଷର ଧାନବିକ୍ରୀ ସମସ୍ୟା, ଚାଷୀ ପଞ୍ଜୀକରଣ ଓ ଫସଲ ବୀମା ସମ୍ପର୍କରେ ସଭାପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଉପସଭାପତି ସୂର୍ଯ୍ୟକାନ୍ତି ରଣା, ନିର୍ଦ୍ଦେଶକ ରବିନାରାୟଣ ଦୋରା, ସାଧୁ ରଣା, ଶୁକଦେବ ମେହେର, ମିନାକ୍ଷୀ ମେହେର ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ରାଜେଶ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଉଟ୍‌ସୋର୍ସିଂ କର୍ମଚାରୀ ସଂଘର ବୈଠକ



ବୈଠକରେ ଉପସ୍ଥିତ ଆଉଟ୍‌ସୋର୍ସିଂ କର୍ମଚାରୀବୃନ୍ଦ।

**ବରଗଡ଼ ଅଫିସ୍, ୧୨।୩**

ବରଗଡ଼ ଜିଲା ଆଉଟ୍‌ସୋର୍ସିଂ ସରକାରୀ କର୍ମଚାରୀ ସଂଘର ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ସୁଶାନ୍ତ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଏବଂ ସେଗୁଡ଼ିକର ସମାଧାନ ଉପରେ ଆଲୋଚନା ହୋଇଥିଲା। ନିୟମିତ ନିଯୁକ୍ତି ପାଇଥିବା କର୍ମଚାରୀଙ୍କ ପାଇଁ ଉଦ୍ଦିଷ୍ଟ ସମସ୍ତ ସରକାରୀ ସୁବିଧା ସୁଯୋଗ ଯୋଗାଇ ଦେବା ପାଇଁ ବୈଠକରେ ଦାବି ହୋଇଥିଲା। ଏହି ଦାବି ପୂରଣ ନ ହେଲେ ଆଗାମୀ ଦିନରେ ରାଜ୍ୟ ସଂଘ ଆହ୍ୱାନକ୍ରମେ ବିଧାନସଭା ସମ୍ମୁଖରେ ହେବାକୁ ଥିବା ଧାରଣାରେ ଅଂଶଗ୍ରହଣ କରିବା ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଥିଲା। ଏଥିପାଇଁ ୩୦ଜଣିଆ କ୍ରିୟାନୁଷ୍ଠାନ କମିଟି ଗଠନ ପାଇଁ ପ୍ରସ୍ତାବ ନିଆଯାଇଥିଲା। ଉକ୍ତ କମିଟିର ଜିଲା ସଂଯୋଜକଭାବେ ହରଣ୍ୟ ମଲ୍ଲିକଙ୍କୁ ମନୋନୀତ କରାଯାଇଥିଲା। ସଂଘଜିଲା ସମ୍ପାଦକ ରାକେଶ ଶତପଥି ଧନ୍ୟବାଦ ଅର୍ପଣ କରିଥିଲେ।

# ଆହାର କେନ୍ଦ୍ର କର୍ମଚାରୀଙ୍କ ପାଲଟା ଅଭିଯୋଗ

**ବରଗଡ଼ ଅଫିସ୍, ୧୨।୩**

ବରଗଡ଼ ମହିଳା କଲେଜ ସମ୍ମୁଖରେ ରହିଥିବା ଆହାର କେନ୍ଦ୍ରରେ ନିମ୍ନମାନର ଖାଦ୍ୟ ଦିଆଯାଉଥିବା ଅଭିଯୋଗ କରିବାରୁ ତାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ନେଇ ଶନିବାର ସୁଶ୍ରୀ ସଙ୍ଗୀତା ମହାରଣା ସ୍ଥାନୀୟ ଟାଉନ ଥାନାରେ ଏତଲା ଦେଇଥିଲେ। ଅନ୍ୟପଟେ ଆହାର କେନ୍ଦ୍ର କର୍ମଚାରୀମାନେ ପାଲଟା ଅଭିଯୋଗ କରି ଥାନାରେ ଏତଲା ଦେଇଛନ୍ତି। ଆହାର କେନ୍ଦ୍ରର କର୍ମଚାରୀ ଶାନ୍ତି ମଲ୍ଲିକ, ନିରୂପମା ସାହୁ ଦେଇଥିବା ଏତଲାରେ ଉଲ୍ଲେଖ କରିଛନ୍ତି, ତାଙ୍କ ଏସଏଚଜି ଗ୍ରୁପ ଗତ ୩ବର୍ଷ ହେଲା ଆହାର କେନ୍ଦ୍ରରେ ସୁଚାରୁଭାବେ ଖାଦ୍ୟ ବଣ୍ଟନ କରି ଆସୁଛି। ରବିବାର ପୂର୍ବାହ୍ନ ପ୍ରାୟ ୧୨ଟାରେ ଜଣେ ଯୁବତୀ ଆହାର କେନ୍ଦ୍ରକୁ କେତେକ ଅସାମାଜିକ ଯୁବକଙ୍କୁ ଧରି ପଶିଥିଲେ ଏବଂ ଖାଇବାକୁ ମାଗିଥିଲେ। ଖାଇବାକୁ ୨ଥର ମାଗିବାରୁ ତାଙ୍କୁ ତାହା ଦିଆଯାଇଥିଲା। ମାତ୍ର ତୃତୀୟ ଥର ପାଇଁ ପୁଣି ଖାଦ୍ୟ ମାଗି ଥିଲେ। କିନ୍ତୁ ତୃତୀୟ ଥର ଖାଇବା ପାଇଁ ଦେବାକୁ ନିୟମ ନଥିବା ଯୋଗୁ ତାହା ଦିଆ ଯାଇ ନଥିଲା। ଏହାପରେ ସମ୍ପୃକ୍ତ ଯୁବତୀ ମୁଁ ଚେକିଂ ପାଇଁ ଆସିଛି କହି ତାଙ୍କ ସହିତ ଆସିଥିବା ଲୋକଙ୍କ ସାଥିରେ ତାଙ୍କୁ ମାଡ଼ ମାରିଥିବା ଆହାର କେନ୍ଦ୍ର କର୍ମଚାରୀମାନେ ଏତଲାରେ ଉଲ୍ଲେଖ କରିଛନ୍ତି। ଅପରପକ୍ଷେ ଆହାର କେନ୍ଦ୍ରରେ ଜଣେ ଯୁବତୀ ମୋବାଇଲରେ ରେକର୍ଡ଼ିଂ କରୁଥିବାବେଳେ ତାଙ୍କୁ ଚପଲରେ ପିଟ କହିବା ସହିତ ମୋବାଇଲ ଛଡ଼ାଇବାର ଭିଡ଼ିଓ କ୍ଲିପିଂ ସୋସିଆଲ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି। ଏହି ଘଟଣାର ବିଧିବଦ୍ଧ ତଦନ୍ତ କରିବାକୁ ସାଧାରଣରେ ଦାବି ହେଉଛି।

# ଶୌଚାଳୟ କାର୍ଯ୍ୟକ୍ଷମ ଦାବି କଲା ଟ୍ୟାକ୍ସି ଡ୍ରାଇଭର ସଂଘ


ଏନ୍‌ଏସି କାର୍ଯ୍ୟାଳୟକୁ ଦାବିପତ୍ର ଦେବାକୁ ଆସିଥିବା ଟ୍ୟାକ୍ସି ଡ୍ରାଇଭର ସଂଘ କର୍ମକର୍ତ୍ତା।

**ବରପାଲି, ୧୨।୩ (ଡି.ଏନ.ଏ.)**

ବରଗଡ ଜିଲା ବରପାଲିରେ ନିର୍ମାଣ ହୋଇଥିବା ସମସ୍ତ ଶୌଚାଳୟକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ଦାବି କରିଛି ସ୍ଥାନୀୟ ଟ୍ୟାକ୍ସି ଡ୍ରାଇଭର ସଂଘ। ସଂଘ ସଭାପତି ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଏ ନେଇ ଏକ ଦାବିପତ୍ର ଏନଏସି ନିର୍ବାହୀ ଅଧିକାରୀ ଭୁବନ କୁମାର ଶତପଥୀଙ୍କୁ ପ୍ରଦାନ କରାଯାଇଛି। ଏଥିରେ ଉଲ୍ଲେଖ କରାଯାଇଛି ଯେ, ବରପାଲି ସହରର ବସ୍‌ଷ୍ଟାଣ୍ଡ, ଡାକ୍ତରଖାନା ଏବଂ ବହୁ ପୋଖରୀ ହୁଡ଼ାରେ ଅନେକଗୁଡ଼ିଏ ଗୋଷ୍ଠୀ ଶୌଚାଳୟ ନିର୍ମାଣ କରାଯାଇଛି। ହେଲେ କୌଣସି ଗୋଟିଏ ସୁଦ୍ଧା କାର୍ଯ୍ୟକ୍ଷମ ହୋଇନି। କେତେକରେ ପାଇପ ଆଦି ସରଞ୍ଜାମ ଚୋରି ହୋଇଗଲାଣି। ଚଟାଣ ବ୍ୟବହାର ପୂର୍ବରୁ ଭାଙ୍ଗି ଗଲାଣି। ଏହି ଦାବି ନେଇ କିଛି ଦିନ ପୂର୍ବରୁ ନାଗରିକ ଅଧିକାର ମଞ୍ଚ ପକ୍ଷରୁ ମଧ ସ୍ଥାନୀୟ ପ୍ରଶାସନକୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ହେଲେ କୌଣସି ସୁଫଳ ମିଳିଲା ନାହିଁ। ଏଥିଯୋଗୁ ସହରକୁ ଆସୁଥିବା ଲୋକେ ନାହିଁ ନ ଥଇବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆସନ୍ତା ସୋମବାର ସୁଦ୍ଧା କେତେକ ଶୌଚାଳୟ କାର୍ଯ୍ୟକ୍ଷମ କରାଯିବା ପ୍ରତିଶ୍ରୁତି ମିଳିଥିବା ବିଷୟ ସଂଘ ସଭାପତି ପଟ୍ଟନାୟକ କହିଛନ୍ତି।

# ଏସ୍‌ଡିସିସି ବ୍ୟାଙ୍କ କର୍ମଚାରୀ ସଂଘର ବାର୍ଷିକ ସଭା


ଏସ୍‌ଡିସିସି ବ୍ୟାଙ୍କ କର୍ମଚାରୀ ସଂଘର ସଭାରେ ମଞ୍ଚାସୀନ କର୍ମକର୍ତ୍ତାବୃନ୍ଦ।

**ବରଗଡ଼ ଅଫିସ୍, ୧୨।୩**

ସମ୍ବଲପୁର ଜିଲା ସମବାୟ କେନ୍ଦ୍ର(ଏସଡ଼ିସିସି) ବ୍ୟାଙ୍କ କର୍ମଚାରୀ ସଂଘର ବାର୍ଷିକ ସାଧାରଣ ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଜୁ ପଟ୍ଟନାୟକ ହଲରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ସଂଘ ସଭାପତି ଅବିନାଶ ପତି ସଭାପତିତ୍ୱ କରିଥିଲେ। ସଂଘ ସମ୍ପାଦକ ପ୍ରଦୀପ୍ତ କୁମାର ସାହୁ ପୂର୍ବସଭାର ବିବରଣୀ ପାଠ କରିଥିବାବେଳେ କୋଷାଧ୍ୟକ୍ଷ ବିକାଶ ରଞ୍ଜନ ଶତପଥୀ ବାର୍ଷିକ ଆୟ,ବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ।

ସଂଘ ସଭାପତି ପତି ବ୍ୟାଙ୍କ ଏବଂ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଏହା ସହିତ ବ୍ୟାଙ୍କ ତଥା କର୍ମଚାରୀଙ୍କ ସାମୂହିକ ସ୍ୱାର୍ଥସାଧନ ନିମନ୍ତେ ସଂଘର ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ ଆଲୋକପାତ କରିଥିଲେ। କର୍ମଚାରୀମାନଙ୍କ ବିଭିନ୍ନ ଦାବି ମଧ୍ୟରେ ଗତ ୨୦୧୬ ମସିହା ଜାନୁୟାରୀ ୧ରୁ ବକେୟା ଥିବା ସପ୍ତମ ବେତନ ହାରରେ ପ୍ରାପ୍ୟ ପ୍ରଦାନ, ମାନବ ସମ୍ବଳ ନିୟମ(ଏଚ୍.ଆର୍ ପଲିସି)-୨୦୧୧ରେ ଧାରା ଓ ଉପବିଧି ପରିବର୍ତ୍ତନ, ସଂଶୋଧନ ସମେତ ବିଭିନ୍ନ ଦାବି ନେଇ ସମବାୟ ବ୍ୟାଙ୍କ କର୍ମଚାରୀ ସଂଘ ରାଜ୍ୟ ମହାସଂଘର ଆହ୍ୱାନକ୍ରମେ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବାକୁ ସଭାରେ ନିଷ୍ପତ୍ତି ନିଆଯାଇଥିଲା। ସଂଘ ସଭାପତି ବୁଲବୁଲ୍ ଦେବତା ଏବଂ ସହସମ୍ପାଦକ ହେମସିକ୍ତ ଦାଶଙ୍କ ସମେତ ସଂଘର ଅନ୍ୟାନ୍ୟ ସଦସ୍ୟ, ଉପଦେଷ୍ଟା ଉପସ୍ଥିତ ରହି ସଭା ପରିଚାଳନା କରିଥିଲେ। ମଞ୍ଚ ପରିଚାଳନାରେ ଚନ୍ଦନ କୁମାର ଦାଶ ସହଯୋଗ କରିଥିଲେ। ସହସମ୍ପାଦକ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ଚୋରି ଅଭିଯୋଗ କରି ବନ୍ଧାହେଲେ

**ପାଇକମାଳ, ୧୨।୩(ଡି.ଏନ.ଏ.)**

- ମାଇକ୍ରୋ ଫାଇନାନ୍ସ ଟଙ୍କା ଲୁଟ୍ ଘଟଣା
- ଜେଲଗଲେ କମ୍ପାନୀ ଶାଖା ପରିଚାଳକ

ନିଜେ ଟଙ୍କା ହଡପ କରି ଲୁଟ୍ ହୋଇଥିବା ଅଭିଯୋଗ କରି ଫସିଛନ୍ତି ଜଣେ ମାଇକ୍ରୋ ଫାଇନାନ୍ସ କମ୍ପାନୀର ଶାଖା ପରିଚାଳକ। ବରଗଡ ଜିଲା ପାଇକମାଳ ଥାନା ପୋଲିସ ସମ୍ପୃକ୍ତ ଶାଖା ପରିଚାଳକଙ୍କୁ ବାନ୍ଧିଛି। ସେ ହେଲେ ବ୍ଲକ ଅନ୍ତର୍ଗତ ବଇଦପାଲି ଫୁଜନ ମାଇକ୍ରୋ ଫାଇନାନ୍ସର ଶାଖା ପରିଚାଳକ ଚନ୍ଦନ ବେହେରା। ଏ ନେଇ ପାଇକମାଳ ଥାନାରେ ଦଫା ୪୨୦, ୪୦୮ରେ ମାମଲା (୫୮/୨୩)ରୁଜୁ କରି ଅଭିଯୁକ୍ତ ଚନ୍ଦନ ବେହେରାଙ୍କୁ ପଦ୍ମପୁର କୋର୍ଟକୁ ଚାଲାଣ କରାଯାଇଥିଲା। ହେଲେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ପଦ୍ମପୁର ଜେଲକୁ ପଠାଇ ଦିଆଯାଇଛି। ଏହି ଘଟଣା ଏଠାରେ ଚର୍ଚ୍ଚର ବିଷୟ ହୋଇଛି।

ମାଇକ୍ରୋ ଫାଇନାନ୍ସ ଶାଖା ପରିଚାଳକ ଚନ୍ଦନ ବେହେରା ଗତ ୧୦ ତାରିଖ ରାତିରେ ଦୁର୍ବୃତ୍ତମାନେ ତାଙ୍କୁ ବନ୍ଧୁକ ଦେଖାଇ ୨ଲକ୍ଷ ୯୩ ହଜାର୧୭୮ ଟଙ୍କା ଲୁଟି ନେଇଯାଇଥିବା ନେଇ ପାଇକମାଳ ଥାନାକୁ ଫୋନ କରି ଜଣାଇଥିଲେ। କମ୍ପାନୀର ଏରିଆ ପରିଚାଳକ ଜଗନ୍ନାଥ ପ୍ରଧାନ ଏ ନେଇ ଅବଗତ ହେବା ପରେ ପାଇକମାଳ ଥାନାରେ ଲିଖିତ ଅଭିଯୋଗ ଦେଇଥିଲେ। ପାଇକମାଳ ଥାନା ପୋଲିସ ବଇଦପାଲିରେ ପହଞ୍ଚି ଶାଖା ପରିଚାଳକ ବେହେରାଙ୍କୁ ପଚରାଉଚରା କରିଥିଲେ। ହେଲେ ତାଙ୍କ କଥାରେ ତାଳ ମେଳ ନ ଖାଇବାରୁ ପୋଲିସ ତାଙ୍କ ଉପରେ ସନ୍ଦେହ କରିଥିଲା। ମାରାଥନ ଜେରା ପରେ ବେହେରା ନିଜେ ଟଙ୍କା ହଡପ କରିଥିବା ମାନିଥିଲେ। ଉକ୍ତ ଟଙ୍କାକୁ ଜଣେ ସହଯୋଗୀଙ୍କ ହାତରେ ନିଜ ଘର ଗଞ୍ଜାମ ଜିଲା ଛତରପୁର ଥାନା ହୁମର ଗ୍ରାମକୁ ପଠାଇ ଦେଇଥିବା କହିଥିଲେ। ଏହାପରେ ପାଇକମାଳ ଥାନା ଆଇଆଇସି ସୁଶାନ୍ତ ବଡେଇଙ୍କ ତତ୍ତ୍ୱାବଧାନରେ ଏକ ପୋଲିସ ଦଳ ଗଞ୍ଜାମ ଯାଇ ଉକ୍ତ ଟଙ୍କା ଉଦ୍ଧାର କରିଥିଲେ।

# ଘର ହିଁ ବିଦ୍ୟାଳୟ ପ୍ରକଳ୍ପ କାର୍ଯ୍ୟକ୍ରମ

**ବରଗଡ଼ ଅଫିସ୍, ୧୨।୩**

ବରଗଡ଼ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର(ଓଡ଼ିଆ ବିଭାଗ)ରେ ରବିବାର ଘର ହିଁ ବିଦ୍ୟାଳୟ ପ୍ରକଳ୍ପ କାର୍ଯ୍ୟକ୍ରମର ଦ୍ୱିତୀୟ ସୋପାନ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପଶ୍ଚିମ ସଂଭାଗ ଶିଶୁ ବାଟିକା ପ୍ରମୁଖ ସବିତା ସାହୁ ମୁଖ୍ୟଅତିଥିଭାବେ ଯୋଗଦାନ କରିଥିଲେ। ଶିଶୁର ଶାରୀରିକ ଏବଂ ମାନସିକ ଆବଶ୍ୟକତା ଉପରେ ସେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମ୍ପାଦକ ସନ୍ତୋଷ କୁମାର ପଣ୍ଡା, ପରିଚାଳନା ସମିତିର କୋଷାଧ୍ୟକ୍ଷ ଶିବ ପ୍ରସାଦ ମିଶ୍ର, ପ୍ରଧାନ ଆଚାର୍ଯ୍ୟ ପ୍ରଦୀପ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାତଃ ପର୍ଯ୍ୟାୟ ପ୍ରମୁଖ ମେଘନାଥ ତାଜେନ, ଶିବ ପ୍ରସାଦ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ନୂତନଭାବେ ନାମ ଲେଖାଇଥିବା ଶିଶୁଙ୍କ ମୋଟ୍ ୭୦ଜଣ ଅଭିଭାବିକା, ଅଭିଭାବକ ଉପସ୍ଥିତ ଥିଲେ। ଶିଶୁ ବାଟିକା ବିଭାଗର ଗୁରୁମାମାନେ ଶିଶୁମାନଙ୍କ ବିଭିନ୍ନ ଆବେଗ ଏବଂ ମନ୍ଦ ଅଭ୍ୟାସକୁ ନେଇ ଗୋଟିଏ କାଳାଂଶ ଉପସ୍ଥାପନା କରିଥିଲେ। ଗୁରୁମା କାଦମ୍ବିନୀ ଲେଙ୍କା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଦ୍ୟାଳୟର ପ୍ରାତଃ ପର୍ଯ୍ୟାୟ ପ୍ରମୁଖ ତାଜେନ ଧନ୍ୟବାଦ ଅର୍ପଣ କରିଥିଲେ।


ଘର ହିଁ ବିଦ୍ୟାଳୟ କାର୍ଯ୍ୟକ୍ରମରେ ଅତିଥିବୃନ୍ଦ।

# ଦେଶ ଗଠନରେ ସହାୟକ ହୁଅନ୍ତୁ ଯୁବ ସମାଜ

### ସାରସ୍ୱତ ଡିଗ୍ରୀ କଲେଜର ରୌପ୍ୟ ଜୟନ୍ତୀ ଉତ୍ସବ

- କଲେଜ ଗଠନରେ ଅବଦାନ ପାଇଁ ୧୨୫ଜଣ ସମ୍ମାନିତ

**ଜାମଟିକ୍ରା, ୧୨।୩(ଡି.ଏନ.ଏ.)**

ବରଗଡ ଜିଲା ଅତାବିରା ବ୍ଲକ ଗୋଡ଼ଭଗାସ୍ଥିତ ସାରସ୍ୱତ ଡିଗ୍ରୀ କଲେଜର ରୌପ୍ୟ ଜୟନ୍ତୀ ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସର ପ୍ରଥମ ଅଧିବେଶନରେ ମୁଖ୍ୟ ଅତିଥିଭାବେ ବରଗଡ ଏମ୍‌ପି ସୁରେଶ ପୂଜାରୀ ଯୋଗଦେଇଥିଲେ। ମୁଖ୍ୟବକ୍ତାଭାବେ ସୁଶାନ୍ତ କୁମାର ମିଶ୍ର, ସମ୍ମାନୀତ ବକ୍ତାଭାବେ ଦହିତା କଲେଜର ଇଂଲିଶ ଅଧ୍ୟାପକ, ସମ୍ମାନୀତ ଅତିଥିଭାବେ ରେଙ୍ଗାଲି ବିଧାୟକ ତଥା କଲେଜ ପରିଚାଳନା କମିଟି ସଭାପତି ନାଉରୀ ନାଏକ, ଲୋକକବି ପଦ୍ମଶ୍ରୀ ହଳଧର ନାଗ ଯୋଗଦେଇଥିଲେ। ୨ୟ ଅଧିବେଶନରେ ବୁର୍ଲା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଭୂଭୂଷଣ ମିଶ୍ର ମୁଖ୍ୟ ଅତିଥି, ମୁଖ୍ୟବକ୍ତା ପଦ୍ମପୁର ଅଞ୍ଚଳ କଲେଜ ଅଧ୍ୟକ୍ଷ କେଶରଞ୍ଜନ ପ୍ରଧାନ, ସମ୍ମାନୀତ ଅତିଥିଭାବେ ଡ.ପ୍ରଭାତି ଗୁରୁ ମଞ୍ଚାସୀନ ଥିଲେ। ରୌପ୍ୟ ଜୟନ୍ତୀ କମିଟି ସଭାପତି ପ୍ରସନ୍ନ ନାଏକ, ପୂର୍ବତନ ଛାତ୍ର ସଂଘ ସଭାପତି ରଞ୍ଜନ ବାରିକ, ଯୁକ୍ତ ୩ ଅଧକ୍ଷା ପ୍ରତିମା ପାଳ, ଯୁକ୍ତ ୨ ଅଧକ୍ଷ ପ୍ରମୋଦ ପ୍ରଧାନ, କଳାମାଟି ସରପଞ୍ଚ ସୁଷମା ସାହୁ ଉପସ୍ଥିତ ଥିଲେ। ପାଠପଢ଼ା ସହ ନିଷ୍ଠାପର ଉଦ୍ୟମ କରି ବିଦ୍ୟାର୍ଥୀମାନେ ଦେଶ ଗଠନରେ ସହାୟକ ହୁଅନ୍ତୁ ବୋଲି ଅତିଥିମାନେ କହିଥିଲେ। ଏହି ଉତ୍ସବରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପଦ୍ମଶ୍ରୀ ହଳଧର ନାଗ, ବୁର୍ଲା ଭିମସାରର ସହକାରୀ ପ୍ରଫେସର ଡା.ଶଙ୍କର ରାମ ଚନ୍ଦାନୀ, କ୍ଷୀରୋଦିନୀ ବେହେରା, କଲେଜ ଗଠନରେ ଉଲ୍ଲେଖନୀୟ ଅବଦାନ ପାଇଁ ୧୨୫ଜଣଙ୍କୁ ସମ୍ମାନୀତ କରାଯାଇଥିଲା।

ଶନିବାର ରୌପ୍ୟ ଜୟନ୍ତୀ ଉତ୍ସବର ଉଦଘାଟନୀ ସଭାରେ କଲେଜ ଯୁକ୍ତ ୩ ଅଧକ୍ଷା ପ୍ରତିମା ପାଳ ଅଧ୍ୟକ୍ଷତା କରିଥିଲେ। ଅନୁଷ୍ଠିତ ସଭାରେ ପରିଚାଳନା କମିଟି ସଭାପତି ତଥା ରେଙ୍ଗାଲି ବିଧାୟକ ନାଏକ, ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ସମ୍ବଲପୁର ଜିଲା ପରିଷଦ ଅଧକ୍ଷା କୁମୁଦିନୀ ନାଏକ, ଭିମସାରର ସହକାରୀ ପ୍ରଫେସର ଡ଼ା.ଶଙ୍କର ରାମଚନ୍ଦାନୀ, ଜିଲା ପରିଷଦ ସଭ୍ୟ ସୁଦର୍ଶନ ହରିପାଳ, ଶମ୍ଭୁନାଥ ସେଠ, ରୌପ୍ୟ ଜୟନ୍ତୀ ସଭାପତି ପ୍ରସନ୍ନ ନାଏକ, ପୂର୍ବ ଛାତ୍ରସଂଘ ସଭାପତି ରଞ୍ଜନ ବାରିକ, ଯୁକ୍ତ ୩ ଅଧକ୍ଷା ପ୍ରତିମା ପାଳ, ଯୁକ୍ତ ୨ ଅଧକ୍ଷ ପ୍ରମୋଦ ପ୍ରଧାନ ମଞ୍ଚାସୀନ ଥିଲେ। ଦ୍ୱିତୀୟ ଅଧିବେଶନରେ ମୁଖ୍ୟ ଅତିଥି ବୁର୍ଲା ଭିସୁଟର କୁଳପତି ପ୍ରଫେସର ବଂଶୀଧର ମାଝି, ସମ୍ମାନୀତ ଅତିଥି ଭିସୁଟର ଅର୍ଥ ବିଭାଗ ନିୟନ୍ତ୍ରକ ତୁଳାରାମ କଲେତ, ସ୍ତମ୍ଭକାର ଡ.କ୍ଷୀରୋଦିନୀ ବେହେରା, ମୁଖ୍ୟବକ୍ତାଭାବେ ଅଧ୍ୟାପକ ସୂର୍ଯ୍ୟଭାନୁ ସାହୁ ଯୋଗଦେଇଥିଲେ।



ସାରସ୍ୱତ ଡିଗ୍ରୀ କଲେଜର ରୌପ୍ୟ ଜୟନ୍ତୀ ଉତ୍ସବ ଉଦ୍‌ଯାପନୀ ସଭାରେ ମଞ୍ଚାସୀନ ଅତିଥି।

## ସଂକ୍ଷେପରେ

### ମୋବାଇଲ ଲୁଟ୍ ଘଟଣାରେ ୨ ଗିରଫ

**ସମ୍ବଲପୁର,୧୨।୩(ବ୍ୟୁରୋ):** ସମ୍ବଲପୁର ଅଇଁଠାପାଲି ଥାନା ବସ୍‌ଷ୍ଟାଣ୍ଡ ନିକଟରୁ ରବିବାର ଅନୁଗୋଳ ହଣ୍ଡପାର ଯାତ୍ରୀ ପ୍ରକାଶ ପ୍ରଧାନ କଥା ହେବା ସମୟରେ ମୋବାଇଲ ଲୁଟ୍ ହୋଇଥିଲା। ଏହି ଘଟଣାରେ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଅଇଁଠାପାଲି ଥାନା ବଡପଡାର ବିକାଶ ମୁଣ୍ଡା ଓ କେନାଲପଡାର ବାଜୁ ଖାନ। ସେମାନଙ୍କ ନିକଟରୁ ଲୁଟ୍ ମୋବାଇଲ ଜବତ ହୋଇଛି। ଏ ନେଇ ୧୩୧/୨୩ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ଅବସରପ୍ରାପ୍ତ କ୍ରୀଡ଼ାଶିକ୍ଷକ ସଂଘ ବୈଠକ

**ସମ୍ବଲପୁର,୧୨।୩(ବ୍ୟୁରୋ):** ସମ୍ବଲପୁର ଜିଲା ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ସଂଘର ବାର୍ଷିକ ବୈଠକ ରବିବାର ଜିଲା ମାଷ୍ଟର୍ସ ଆସୋସିଏଶନ ସଭାକକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ସୁରେନ୍ଦ୍ର ମୋହନ ପୁରୋହିତଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା। ଅବସରପ୍ରାପ୍ତ ଜିଲା କ୍ରୀଡ଼ା ଅଧିକାରୀ ବିଦ୍ୟାଧର ପ୍ରଧାନ ଓ ଡ. ରାଜକୁମାର ସାଣ୍ଡିଲ୍ୟ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସାହେବ ଖମାରୀ ପ୍ରାରମ୍ଭିକ ସୂଚନା ଓ ହର୍ଷବର୍ଦ୍ଧନ ସାହୁ ଧନ୍ୟବାଦ ଦେଇଥିଲେ। ବୈଠକରେ ସମ୍ବଲପୁର, ବରଗଡ, ଝାରସୁଗୁଡା ଓ ଦେବଗଡ ଜିଲାର ୫୨ଜଣ ଅବସରପ୍ରାପ୍ତ ଖେଳ ଶିକ୍ଷୟିତ୍ରୀ/ଶିକ୍ଷକ ଯୋଗଦେଇଥିଲେ। ସୁରେଶ୍ୱର କର୍ମୀ, ଲକ୍ଷ୍ମଣ କୁମାର ନାଥ, ରମଣୀରଞ୍ଜନ ସାହୁ, ନରେନ୍ଦ୍ର ଦେହୁରି, ସୁଧାକର ନାଥ, ପୃଥ୍ୱୀରାଜ ସୁଧାଂଶୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ପଶ୍ଚିମାଞ୍ଚଳ ଏକତା ପ୍ରଦର୍ଶନ ପାଇଁ ପ୍ରସ୍ତୁତି ବୈଠକ

**ସମ୍ବଲପୁର,୧୨।୩(ବ୍ୟୁରୋ):** ପଶ୍ଚିମାଞ୍ଚଳର ୧୧ ଜିଲା ମଧ୍ୟରେ ସମନ୍ୱୟ ତଥା ଏକତା ବଜାୟ ରଖିବା ନେଇ ରବିବାର ବୁଢାରାଜା ପାହାଡ ଶୀର୍ଷରେ ଥିବା ଉଲଗୁଲାନ ସ୍ମାରକୀ ପରିସରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପଶ୍ଚିମାଞ୍ଚଳ ଏକତା ମଞ୍ଚ ଓ ଭାରତୀ ସମାଜ ପକ୍ଷରୁ କାର୍ଯ୍ୟକ୍ରମ ହୋଇଥିଲା। ପ୍ରତିବର୍ଷ ଭଳି ଏପ୍ରିଲ ୧ ତାରିଖ ସକାଳେ ଆର୍‌ଡିସି କାର୍ଯ୍ୟାଳୟ ସାମ୍ନାରେ ଏଗାରଟି ଜିଲାର ବିଭିନ୍ନ ଦାବି ନେଇ ମାନବ ଶୃଙ୍ଖଳ କରିବାକୁ ସ୍ଥିର ହୋଇଛି। ଏପ୍ରିଲ ୨ରେ ଉଲଗୁଲାନ ସ୍ମାରକୀ ନିକଟରେ ୨୨ତମ ଭାରତୀ ଉତ୍ସବ ପାଳନ ହେବ। ଏହି ଅବସରରେ ବୀର ସୁରେନ୍ଦ୍ର ସାଏଙ୍କ ଉଲଗୁଲାନରେ ସାମିଲ ସଂଗ୍ରାମୀମାନଙ୍କ ନାମରେ ସ୍ମାରକୀ ଅଞ୍ଚଳରେ ଥିବା ବୃକ୍ଷଗୁଡିକ ସମର୍ପଣ କରାଯିବା ପାଇଁ ବୈଠକରେ ସ୍ଥିର କରାଯାଇଥିଲା। ଭାରତୀ ସମାଜର ସଞ୍ଚାଳକ ଭବାନୀଶ ଭୋଇଙ୍କ ସଭାପତିତ୍ୱରେ ବୈଠକ ହୋଇଥିଲା। ସଂଯୋଜକ କାର୍ତ୍ତିକ ପ୍ରସାଦ ବହିଦାର, ସୁସ୍ମିତ କୁମାର ପଣ୍ଡା, ଶାନ୍ତନୁ ପାଢୀ, ଭାରତୀ ପଣ୍ଡା, ପାର୍ବତୀ ଧନୁଆର, ସୁରେନ୍ଦ୍ର ବରଗିରି ପ୍ରମୁଖ ସାମିଲ ହୋଇଥିଲେ।

### ଯୁବକଙ୍କୁ ଆକ୍ରମଣ

**ବ୍ରଜରାଜନଗର,୧୨।୩(ଡି.ଏନ.ଏ.):** ବ୍ରଜରାଜନଗର ଥାନା ଅନ୍ତର୍ଗତ ରେମଜା ଗ୍ରାମର ଯୁବକ ରୋହିତ ସାହୁଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଅନୁସନ୍ଧାନ ଆରମ୍ଭ କରିଛି। ପୋଲିସ ସୂଚନା ଅନୁଯାୟୀ ଉକ୍ତ ଗ୍ରାମର ଗୋକୁଳ ତପଙ୍କ କୂଅରେ ଗଣେଶ ନଗରର କେତେଜଣ ଯୁବକ ସ୍ନାନ କରୁଥିଲେ। ଗୋକୁଳ ମନା କରିବାରୁ ସେମାନେ ତାଙ୍କୁ ଆକ୍ରମଣ କରିଥିଲେ। ନିକଟରେ ଥିବା ଗୋକୁଳଙ୍କ ସାଙ୍ଗ ରୋହିତ ବାରଣ କରିବାରୁ ଯୁବକମାନେ ତାଙ୍କୁ ଆକ୍ରମଣ କରିଥିଲେ। ରୋହିତଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ତାଙ୍କୁ ମଣ୍ଡଳୀୟାସ୍ଥିତ ଡାକ୍ତରଖାନରେ ଭର୍ତ୍ତି କରାଯାଇଛି।

# ପ୍ରୀତିମାନ ସହ ବାଇକ୍‌ରେ ଆସି ଡେଇଁଥିଲେ ଚିନ୍ମୟୀ



**ଭିସୁଟ୍ ପୁରାତନ ଛାତ୍ରୀ ମୃତ୍ୟୁ ଘଟଣା**
- ଉଭୟଙ୍କ ମଧ୍ୟରେ କ'ଣ ଘଟିଥିଲା ତଦନ୍ତସାପେକ୍ଷ
- ଭିଡିଓ ଥାଇ ଢାବା ଉପରେ କାର୍ଯ୍ୟାନୁଷ୍ଠାନ ଶୂନ

**ସମ୍ବଲପୁର,୧୨।୩(ବ୍ୟୁରୋ)**

ଭିସୁଟ୍ ପୁରାତନ ଛାତ୍ରୀ ଚିନ୍ମୟୀ ପ୍ରିୟଦର୍ଶିନୀ ସାହୁ ପାଣିରେ ବୁଡି ମୃତ୍ୟୁ ଘଟିଥିବା ନେଇ ପୋଲିସ ବାରମ୍ବାର କହୁଛି। ଏପରି କି ବ୍ୟବଚ୍ଛେଦ ରିପୋର୍ଟ, ଡାଏଟମ୍ ରିପୋର୍ଟକୁ ଆଧାର କରି ପ୍ରମାଣିତ କରିବାକୁ ଚାହୁଁଛି। ପାଣିରେ ବୁଡି ମୃତ୍ୟୁ ହୋଇଥିବା ନେଇ ପରିବାର କିମ୍ବା ସାଧାରଣ ଲୋକଙ୍କ ମନରେ ପୂର୍ବରୁ ସନ୍ଦେହ ନ ଥିଲା। ହେଲେ ଯୋଜନାବଦ୍ଧ ଭାବେ ଚିନ୍ମୟୀଙ୍କୁ ହତ୍ୟା କରାଯାଇଥିବା ନେଇ ପରିବାର ଅଭିଯୋଗ କରିଥିବା ବେଳେ ସାଧରଣରେ ସନ୍ଦେହ ସୃଷ୍ଟି ହେଉଛି। ଅନ୍ୟପଟେ ପୁରୁଷବନ୍ଧୁ ପ୍ରୀତିମାନ ପୋଲିସ ଆଗରେ ବୟାନ ଦେଇ କହିଥିଲେ, ଚିନ୍ମୟୀ ଅନ୍ୟଦିନ ଭଳି ପିସି ବ୍ରିଜ୍‌କୁ ଯିବାକୁ କହିଥିଲେ। ବାଇକ୍‌ରେ ଉଭୟେ ଆସିଥିଲୁ। ବାଇକ୍ ଛିଡା କରିବାର କିଛିସମୟ ପରେ ହଠାତ୍ ବ୍ରିଜ ଉପରୁ ପାଣିକୁ ଡେଇଁ ପଡିଥିବା ସେ ପୋଲିସକୁ କହିଥିଲେ। ଏହି ଘଟଣାର ଏକମାତ୍ର ପ୍ରତ୍ୟକ୍ଷଦର୍ଶୀ ହେଉଛନ୍ତି ପୁରୁଷବନ୍ଧୁ ପ୍ରୀତିମାନ। ପ୍ରୀତିମାନ ରାଜ୍ୟ ଗୃହ ବିଭାଗ ଯୁଗ୍ମସଚିବ ପ୍ରଣବ କୁମାର ଦେଙ୍କ ପୁଅ ବୋଲି ପୋଲିସ ତାଙ୍କୁ ଅନୁକମ୍ପା ଦେଖାଉଥିବା ଅଭିଯୋଗ ହେଉଛି। ଖୋଦ ଏସ୍‌ପି ବାତୁଲା ଗଙ୍ଗାଧର ଘଟଣାର ତଦନ୍ତ ଚାଲିଥିବା କହୁଥିବା ବେଳେ ପ୍ରୀତିମାନଙ୍କୁ କ୍ଲିନଚିଟ୍ ଦେବା ଭଳି ସୂଚନା ଦେଉଛନ୍ତି, ଯାହାକି ଜିଲା ପୋଲିସକୁ ଆହୁରି ସନ୍ଦେହ ଘେରକୁ ଟାଣି ଆଣୁଛି। ପିସି ବ୍ରିଜ୍‌କୁ ଚିନ୍ମୟୀ ଆସିବା ପାଇଁ ପ୍ରୀତିମାନଙ୍କୁ କହିଥିଲେ। ଏହା ପୂର୍ବରୁ ପ୍ରୀତିମାନଙ୍କ ସହ ଏକାଠି ଢାବାରେ ଖାଇଥିଲେ। ପରେ ଉଭୟ ବୁଲାବୁଲି କରି ରାତିରେ ପିସି ବ୍ରିଜ୍‌କୁ ଯାଇଥିଲେ। ଏତେ କମ୍ ସମୟରେ ଉଭୟଙ୍କ ମଧ୍ୟରେ ଏଭଳି କ'ଣ ଘଟିଥିଲା ଯେ, ବାଇକ୍‌ରେ ଆସିବା ମାତ୍ରେ ବ୍ରିଜ ଉପରୁ ଚିନ୍ମୟୀ ପାଣି ଭିତରକୁ ଡେଇଁ ପଡିଥିଲେ ତାହା ତଦନ୍ତସାପେକ୍ଷ। ଢାବାରେ ଖାଉଥିବା ଭିଡିଓ ଥିଲେ ମଧ୍ୟ ସେ ଦିଗରେ ପୋଲିସ ଖୋଳତାଡ କରୁନାହିଁ।

ଅନ୍ୟପଟେ ଖବରଦାତା ସମ୍ମିଳନୀରେ ଏସ୍‌ପି ଗଙ୍ଗାଧର ସୂଚନା ଦେଇ କହିଥିଲେ, ହତ୍ୟା ଅଭିଯୋଗ ପରେ ଚିନ୍ମୟୀ ଓ ପ୍ରୀତିମାନଙ୍କ ମୋବାଇଲ ହ୍ୱାଟ୍ସଆପ୍, ଲାପଟପ୍, ବ୍ୟାଗ୍, ଡାଏରି, ଜିମେଲ ମେସେଜ ଭଳି ତଥ୍ୟ ପ୍ରମାଣ ସଂଗ୍ରହ କରାଯାଇଛି। ସେଥିରେ ଉଭୟଙ୍କ ଝଗଡା କିମ୍ବା ଭୟଭୀତ କରିବା ଭଳି ସୂଚନା ନାହିଁ। ଉଭୟଙ୍କ ସାଙ୍ଗକୁ ପଚରାଉଚୁରା କରିବା ପରେ ଚିନ୍ମୟୀଙ୍କୁ ପ୍ରୀତିମାନ ମାରିଦେବାକୁ ଯୋଜନା କରିବା ଭଳି କୌଣସି ତଥ୍ୟ ମିଳିନାହିଁ। ମୃତ୍ୟୁ ପୂର୍ବରୁ ଚିନ୍ମୟୀଙ୍କ ସହ କୌଣସି ଶାରୀରିକ ନିର୍ଯାତନା ବା ସମ୍ପର୍କ ରଖାଯାଇ ନ ଥିଲା ବୋଲି ବ୍ୟବଚ୍ଛେଦ ରିପୋର୍ଟ ହସ୍ତଗତ ହୋଇଛି ବୋଲି ସେ କହିଥିଲେ। ଉଭୟଙ୍କ ମଧ୍ୟରେ କ'ଣ ଘଟିଥିଲା ଯଦ୍ୱାରା ଜଣେ ଉଚ୍ଚଶିକ୍ଷିତ କର୍ମଜୀବୀ ଯୁବତୀ ଶେଷରେ ଜୀବନ ହାରିଦେଲେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଏସ୍‌ପି ଗଙ୍ଗାଧର କହିଛନ୍ତି, ଘଟଣା ସମୟରେ ପ୍ରୀତିମାନ ଉପସ୍ଥିତ ଥିଲେ। ତାଙ୍କର ବୟାନ ଓ ଅନ୍ୟ ଦିଗକୁ ନେଇ ତଦନ୍ତ ସମ୍ପୂର୍ଣ୍ଣ ହୋଇନାହିଁ ବୋଲି କହିଥିଲେ। ସୂଚନାଯୋଗ୍ୟ, ଫେବୃୟାରୀ ୨୮ରେ ଭିସୁଟ୍‌ରେ ଅନୁଷ୍ଠିତ ସମାବର୍ତ୍ତନ ଉତ୍ସବରେ ଚିନ୍ମୟୀ ଯୋଗଦେଇ ସାର୍ଟିଫିକେଟ ଓ ମେଡାଲ ଗ୍ରହଣ କରିଥିଲେ। ପରେ ପୁରୁଷବନ୍ଧୁ ପ୍ରୀତିମାନଙ୍କ ସହ ଖାଇବା ଓ ବୁଲିବାକୁ ଯାଇଥିଲେ। ହେଲେ ରାତି ପ୍ରାୟ ସାଢେ ୯ଟା ସମୟରେ ବୁର୍ଲା ଥାନା ପିସି ବ୍ରିଜ୍ ପାୱାର ଚ୍ୟାନେଲରେ ପଡିଯାଇ ନିଖୋଜ ହୋଇଯାଇଥିଲେ। ବୁର୍ଲା ଥାନା ପୋଲିସ ଓ ଅଗ୍ନିଶମ ବିଭାଗ ପରଦିନ ପାୱାର ଚ୍ୟାନେଲ ପାଣି ଭିତରୁ ଚିନ୍ମୟୀଙ୍କ ମୃତଦେହ ଉଦ୍ଧାର କରିଥିଲେ। ପରିବାର ଲୋକଙ୍କ ଅଭିଯୋଗ କ୍ରମେ ଥାନାରେ ଏକ ହତ୍ୟା ମାମଲା (ନଂ.୯୬/୨୩) ରୁଜୁ ହୋଇଥିଲା। ଘଟଣାରେ ରାଜ୍ୟ ଗୃହ ବିଭାଗ ଯୁଗ୍ମସଚିବ ପ୍ରଣବ ଦେଙ୍କ ପୁଅ ପ୍ରୀତିମାନ ଓ ମାସନ ରୁଡୁଙ୍କୁ ପୋଲିସ ଅଟକ ରଖିଥିଲା। ବ୍ୟବଚ୍ଛେଦ ରିପୋର୍ଟରେ ପାଣିରେ ବୁଡି ମୃତ୍ୟୁ ଘଟିଥିବା ସ୍ପଷ୍ଟ ହୋଇଥିଲା। ପରେ ପ୍ରୀତିମାନ ଓ ମାନସଙ୍କ ଲାଏ ଡିଟେକ୍ସନ ପରୀକ୍ଷା କରାଯାଇଥିଲା। ଏଥିରେ ଉଭୟ ସତ କହିଥିଲେ ଅର୍ଥାତ୍ ପୋଲିସ ତଦନ୍ତ କରି ଯାହା ପାଇଥିଲା ତାହା ସେମାନେ କହିଥିଲେ।

# ଦିବ୍ୟାଙ୍ଗଙ୍କୁ ହୁଇଲ ଚେୟାର ପ୍ରଦାନ



ଦିବ୍ୟାଙ୍ଗମାନଙ୍କୁ ହୁଇଲ ଚେୟାର ପ୍ରଦାନ କରାଯାଉଛି।

**ସମ୍ବଲପୁର,୧୨।୩(ବ୍ୟୁରୋ)**

ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍) ଜାଗୃତି ମହିଳା ମଣ୍ଡଳ ପକ୍ଷରୁ ଜୁନାପାଣି ଆଶ୍ରମର ଦିବ୍ୟାଙ୍ଗମାନଙ୍କୁ ହୁଇଲ ଚେୟାର ପ୍ରଦାନ କରାଯାଇଛି। ମହିଳା ମଣ୍ଡଳ ଅଧ୍ୟକ୍ଷା ପଦ୍ମଜା ସିଂଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଆଶ୍ରମର ୪ଜଣ ଦିବ୍ୟାଙ୍ଗ ବହୁ କଷ୍ଟରେ ନିଜର ଦୈନନ୍ଦିନ କାର୍ଯ୍ୟ କରୁଥିଲେ। ଏହାକୁ ଦୃଷ୍ଟିରେ ରଖି ମହିଳା ମଣ୍ଡଳ ହୁଇଲ ଚେୟାର ଦେବାକୁ ପଦକ୍ଷେପ ଗ୍ରହଣ କରିଛି। କାର୍ଯ୍ୟକ୍ରମରେ ଅନୁଷ୍ଠାନର ଉପାଧ୍ୟକ୍ଷା ଏ ଶୁକ୍ଲା, ସରିତା ପଟେଲ, ଆରତି ବୋରା, ରଶ୍ମି ବେହୁରାଙ୍କ ସମେତ ଆଶ୍ରମ ଅନ୍ତେବାସୀ ଉପସ୍ଥିତ ଥିଲେ।

# ଉତ୍କଟ ଶବ୍ଦ କରୁଥିବା ବୁଲେଟ୍ ଜବତ



ଟାଉନ ଥାନା ପରିସରରେ ଜବତ ହୋଇଥିବା ବୁଲେଟ୍।

**ସମ୍ବଲପୁର,୧୨।୩(ବ୍ୟୁରୋ)**

ସମ୍ବଲପୁର ସହରରେ ଉତ୍କଟ ଶବ୍ଦ କରୁଥିବା ବାଇକ୍ ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଟାଉନ ଥାନା ପୋଲିସ ସ୍ୱତନ୍ତ୍ର ଅଭିଯାନ କରି ରବିବାର ୭ ଗୋଟି ବୁଲେଟ୍ ଜବତ କରିଛି। ଏହାସହ ସମ୍ପୃକ୍ତ ମାଲିକଙ୍କ ନାମରେ ଜରିମାନା ଚାଲାଣ କଟାଇଛି। ବୁଲେଟରୁ ସ୍ୱାଭାବିକ ସାଇଲେନ୍ସର ଲଗାଇବା ପରେ ଥାନାରୁ ରିଲିଜ କରାଯିବ ବୋଲି ଚେତାବନୀ ଦିଆଯାଇଛି। କେତେଜଣ ମାଲିକ ସାଇଲେନ୍ସର ପରିବର୍ତ୍ତନ କରିବା ସହ ଜରିମାନା ଦେଇ ବୁଲେଟ୍ ମୁକୁଳାଇ ନେଇଛନ୍ତି। ଆଗକୁ ଏଭଳି ଅଭିଯାନ ଜାରିରହିବ ବୋଲି ଟାଉନଥାନା ଅଧିକାରୀ ପ୍ରକାଶ କର୍ଣ୍ଣ କହିଛନ୍ତି।

# ଗଣତାନ୍ତ୍ରିକ ରାଷ୍ଟ୍ରରେ ଆଇନ ଉପରେ ସଚେତନତା ଜରୁରୀ



ଲଜପତରାୟ ଆଇନ କଲେଜ ପକ୍ଷରୁ ସଚେତନତା ଶିବିର।

**ସମ୍ବଲପୁର,୧୨।୩(ବ୍ୟୁରୋ)**

ଗଣତାନ୍ତ୍ରିକ ରାଷ୍ଟ୍ରରେ ଆଇନ ଉପରେ ସଚେତନତା ଜରୁରୀ। ଦେଶରେ ଅଧିକାଂଶ ନିରକ୍ଷର ହୋଇଥିବାରୁ ନିଜର ଆଇନଗତ ଅଧିକାର ଓ କର୍ତ୍ତବ୍ୟ ସମ୍ପର୍କରେ ସେମାନେ ସମ୍ପୂର୍ଣ୍ଣ ଅଜ୍ଞ। ଫଳରେ ଅନେକ ସମୟରେ ସେମାନେ ଶୋଷଣର ଶିକାର ହେଉଛନ୍ତି। ଏହାଛଡା ବିତ୍ତଶାଳୀ ଓ ପ୍ରଭାବଶାଳୀ ଲୋକ ଆଇନ ହାତକୁ ନେଇ ପଛୁଆବର୍ଗଙ୍କୁ ଆଇନଗତ ଅଧିକାରରୁ ବଞ୍ଚିତ କରୁଥିବାରୁ ସମାଜରେ ବିଶୃଙ୍ଖଳା ସୃଷ୍ଟି ହେଉଛି। ତେଣୁ ଆଇନ ଛାତ୍ର, ଆଇନ ଅଧ୍ୟାପକ, ଆଇନଜ୍ଞ ସର୍ବୋପରି ଆଇନ ମହାବିଦ୍ୟାଳୟ ଆଇନ ସଚେତନତା ଦିଗରେ ନିଜର ଗୁରୁଦାୟିତ୍ୱ ବହନ କରିବା ଉଚିତ ବୋଲି ରବିବାର ଲଜପତ ରାୟ ଆଇନ ମହାବିଦ୍ୟାଳୟ ପକ୍ଷରୁ ଫାଟକସ୍ଥିତ ସିଦ୍ଧେଶ୍ୱର ବେର୍ଣ୍ଣା ସରସ୍ୱତୀ ବିଦ୍ୟାମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ଆଇନ ସଚେତନତା ଶିବିରରେ ମତପ୍ରକାଶ ପାଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ବିଜୟାନନ୍ଦ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ଆଇନ ପ୍ରଫେସର ଶ୍ରୀକାନ୍ତ ମିଶ୍ର, ମହାବିଦ୍ୟାଳୟର ଅଧ୍ୟାପିକା ସ୍ୱାଗତିକା ବିଶ୍ୱାଳ, ରାହୁଲ ଗୁପ୍ତା ପ୍ରମୁଖ ଯୋଗଦେଇ ସାମାଜିକ ସୁରକ୍ଷା ଆଇନ, ଉପଭୋକ୍ତା ସୁରକ୍ଷା ଆଇନ, ଶିଶୁ ଓ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ଆଇନ, ଭାରତୀୟ ପିଙ୍ଗଳ ଆଇନ, ବରିଷ୍ଠ ନାଗରିକ ଆଇନ, ସୂଚନା ଅଧିକାର ଆଇନର ବିଭିନ୍ନ ଧାରା ସମ୍ପର୍କରେ ସ୍ଥାନୀୟ ଅଧିବାସୀଙ୍କୁ ଅବଗତ କରିବା ସହ ଆପୋସ ବୁଝାମଣା ମାଧ୍ୟମରେ ମାମଲା ସମାଧାନ ସମ୍ପର୍କରେ ଆଲୋକପାତ କରିଥିଲେ। ଏହାଛଡା ଲୋକ ଅଦାଲତ ଜରିଆରେ ମାମଲା ଗୁଡିକର କିପରି ତ୍ୱରିତ ବିଚାର ହୋଇପାରୁଛି ସେ ବିଷୟରେ ଆଲୋଚନା କରିଥିଲେ। ଲାଲ ଗୋପାଳ ନନ୍ଦ, ଦେବୀ ପ୍ରସାଦ ମିଶ୍ର, ବିକାଶନାଥ ମନ୍ଦୋଦରୀ, ଯୋଗପ୍ରଜ୍ଞା ସାହୁ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

### ଲାରିପାଲିରେ ସମଲେଶ୍ୱରୀ ମନ୍ଦିର ପ୍ରତିଷ୍ଠା

**ରେଙ୍ଗାଲି,୧୨।୩(ଡି.ଏନ୍.ଏ.)**

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଲାରିପାଲି ଗ୍ରାମରେ ନବନିର୍ମିତ ସମଲେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ଶେଷ ହୋଇଛି। ରବିବାର ପୂର୍ଣ୍ଣାହୁତି ସହ ମା' ମନ୍ଦିର ପ୍ରବେଶ କରିଛନ୍ତି। ଗୁରୁବାର କଳସ ଯାତ୍ରା ଓ ଅଙ୍କୁରାରୋପଣ, ଶୁକ୍ରବାର ସୂର୍ଯ୍ୟପୂଜା, ଶନିବାର ମା'ଙ୍କ ଚତୁଃଷଷ୍ଠୀ ପୂଜା, ଚଣ୍ଡୀ ହୋମ, ରବିବାର ଶିଖର କଳସ ରୋହଣ, ଧ୍ୱଜା ରୋହଣ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ କର୍ତ୍ତା ଭାବରେ ସୁବାସ ଚନ୍ଦ୍ର ମିଶ୍ର, ଶୁକଦେବ ସାହୁ, ସରୋଜ ମିଶ୍ର, ବାବୁଲାଲ ମିଶ୍ର, ସୂର୍ଯ୍ୟ କୁମାର ମିଶ୍ର, ମଣ୍ଟୁ ଷଡଙ୍ଗୀ ପ୍ରମୁଖ ସପତ୍ନୀକ ଦାୟିତ୍ୱ ନିର୍ବାହ କରିଥିଲେ। ପଣ୍ଡିତ ସୁରେନ୍ଦ୍ର କୁମାର ମିଶ୍ର ମୁଖ୍ୟ ପୂଜକ ଭାବରେ କାର୍ଯ୍ୟ ସମ୍ପାଦନ କରିଥିଲେ।

### କଫ ସିରପ ଜବତ, ମହିଳା ଗିରଫ

**ସମ୍ବଲପୁର,୧୨।୩(ବ୍ୟୁରୋ)**

ସମ୍ବଲପୁର ଟାଉନ ଥାନା ପୋଲିସ ସାହୁ କଲୋନୀରୁ ୧୯୦ ବୋତଲ କଫ ସିରପ ଜବତ କରିଛି। ଏ ନେଇ ପୋଲିସ ଏକ ମାମଲା (ନଂ ୯୩/୨୩) ରୁଜୁ କରି ସମ୍ପୃକ୍ତ ମହିଳା ଉମାକାନ୍ତି ଦାସଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି।

# ରାଷ୍ଟ୍ରୀୟ ସୁରକ୍ଷା ସପ୍ତାହ ପାଳିତ


ଜଣେ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି ଅତିଥି।

**କୋଲାବିରା,୧୨।୩(ଡି.ଏନ.ଏ.)**

କୋଲାବିରା ବ୍ଲକ ରଘୁନାଥପାଲି ପଞ୍ଚାୟତ ଅନ୍ତର୍ଗତ କୋଶଲ ସେରାମିକ୍ସ ପ୍ରା.ଲି. କାରଖାନାରେ ୫୨ତମ ରାଷ୍ଟ୍ରୀୟ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ମାର୍ଚ୍ଚ ୪ରୁ କାରଖାନାର ସମସ୍ତ କର୍ମଚାରୀ ସୁରକ୍ଷା ବ୍ୟାଚ୍ ପରିଧାନ କରି ଶପଥ ପାଠ କରିଥିଲେ। ୯ ତାରିଖରେ ଜାତୀୟ ସୁରକ୍ଷା କାଉନସିଲ ଦ୍ୱାରା ସୁରକ୍ଷା ସଚେତନତା ଉପରେ ସେମିନାର ଆୟୋଜନ କରାଯାଇଥିଲା। ଏହାକୁ କାଉନସିଲର ଓଡିଶା ବିଭାଗର ସମ୍ପାଦକ ମଧୁସୂଦନ ମୋହିନୀ ପରିଚାଳନା କରିଥିଲେ। ଏଥିରେ ତିନୋଟି ପ୍ଲାଣ୍ଟର ୫୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଭାଗ ନେଇଥିଲେ। ୧୦ ତାରିଖ ସମାବର୍ତ୍ତନ ଉତ୍ସବ ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ କାରଖାନା ମୁଖ୍ୟ ପୁରନ୍ଦର ପଣ୍ଡା, ପରିଚାଳକ ଏସ.ଆର୍. ଜେନା ଓ ଶ୍ରୀକୃଷ୍ଣ ପଣ୍ଡା ଯୋଗଦେଇଥିଲେ। ସୁରକ୍ଷା ଅଧିକାରୀ ନିହାରକାନ୍ତ ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଭାଷା ଆମକୁ ଗୌରବାନ୍ୱିତ କରିଛି

**କୋଲାବିରା,୧୨।୩(ଡି.ଏନ.ଏ.)**

କୋଲାବିରା ସମଲେଶ୍ୱରୀ ସାହିତ୍ୟ ସଂସଦର ସଭାପତି ପ୍ରଜ୍ଞାସୌରଭ ଶୋଭାଚନ୍ଦ୍ର ନାଏକଙ୍କ ସଭାପତିତ୍ୱରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳିତ ହୋଇଯାଇଛି। ସଂସଦର ଅସ୍ଥାୟୀ କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଆମ ଭାଷା ଆମକୁ ଗୌରବାନ୍ୱିତ କରିଛି। ଏହାର ସୁରକ୍ଷା ଦିଗରେ ସମସ୍ତେ ଉଦ୍ୟମ କରିବା ଆବଶ୍ୟକ ବୋଲି ଅତିଥିମାନେ ଆହ୍ୱାନ ଦେଇଛନ୍ତି। ସେହିପରି ପ୍ରାଚୀନ ପୋଥି, ପଥର, ଗୁମ୍ଫା, ମନ୍ଦିର ସବୁଠାରେ ଓଡିଆ ଭାଷାର ଅଲିଭା ସ୍ୱାକ୍ଷର ଦେଖିବାକୁ ମିଳେ ବୋଲି ସଭାପତି ନାଏକ ବକ୍ତବ୍ୟ ରଖିଥିଲେ। ଅତିଥି ଭାବରେ ପଣ୍ଡିତ ତ୍ରୈଲୋକ୍ୟନାଥ ମହାପାତ୍ର ଯୋଗଦେଇ ମୋ ମାତୃ-ଭାଷା ମୋତେ ଶ୍ରେଷ୍ଠ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଶୋକ କୁମାର ବେହେରା, ଲଳିନ୍ଦ୍ର ଗୋଖରା, ସଚିନ୍ଦ୍ର କୁମାର ପଟେଲ, ତୁଳାରାମ ସେନାପତି, ଜମିଦାର ବୀର ଅମରେନ୍ଦ୍ର ପ୍ରତାପ ସିଂହ, ସରୋଜ ଟଣକାର, ସତ୍ୟନାରାୟଣ ଦାସ, ରିବଂଶ ପଧାନ ପ୍ରମୁଖ ଉପସ୍ଥିତ ଥିଲେ। ସଂସଦର ସମ୍ପାଦକ କୀର୍ତ୍ତିଚନ୍ଦ୍ର ବହିଦାର ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଲିଖିତ ପଦ୍ୟ ଉଚ୍ଚ ହେବା ପାଇଁ କର ଯେବେ ଆଶା ଉଚ୍ଚ କର ଆଗେ ନିଜ ମାତୃଭାଷା ପ୍ରତି ମୁହୂର୍ତ୍ତରେ ମାତୃଭାଷାର ପ୍ରେମରେ ବାନ୍ଧିହେବା ପାଇଁ ବାଧ୍ୟ କରିଥାଏ ବୋଲି କହିଥିଲେ।

### ଯୁବକଙ୍କୁ ମାରପିଟ ଅଭିଯୋଗ

**ସମ୍ବଲପୁର,୧୨।୩(ବ୍ୟୁରୋ)**

ସମ୍ବଲପୁର ହୀରାକୁଦ ଥାନା ଗୁରୁଦ୍ୱାରାପଡ଼ାର କ୍ରିଷ୍ଣା ନାଏକଙ୍କୁ ମାରପିଟ କରାଯାଇଥିବା ଅଭିଯୋଗ ହୋଇଛି। କ୍ରିଷ୍ଣା ଟେଣ୍ଟ କାମ କରନ୍ତି। ରବିବାର ସେ ଝୁପୁଡିପଡା ଯାଉଥିବା ବେଳେ କେତେଜଣ ଯୁବକ ଅଟକାଇ ମାଡ଼ ମାରିଥିଲେ। ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ଚିକିତ୍ସା ପାଇଁ କ୍ରିଷ୍ଣା ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି।

# ମହିଳା ସଂକୀର୍ତ୍ତନ ମନ ମୋହିଲା

**ସମ୍ବଲପୁର,୧୨।୩(ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମ ରାଶନପୁର ଗ୍ରାମରେ ୩ଦିନ ଧରି ଚାଲିଥିବା ନାମଯଜ୍ଞ ରବିବାର ଉଦ୍‌ଯାପିତ ହୋଇଛି। ବିଶେଷ କରି ମହିଳା ଦଳର ସଂକୀର୍ତ୍ତନ ଶ୍ରଦ୍ଧାଳୁଙ୍କ ମନ ମୋହିଥିଲା। ବାସୁଦେବ ବଡପଣ୍ଡା ସହ ଧର୍ମିଣି ଗାୟତ୍ରୀଙ୍କ ସହ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଏଥିରେ ଛତିଶଗଡର ଗଉଡମାଲ, ଗରଗଡ ଜିଲାର ବୁବବୁଗା, ପ୍ରଧାନ ଟିକ୍ରା ଓ ସମ୍ବଲପୁର ଜିଲା ଝରଝରି ଗ୍ରାମର ମହିଳା କୀର୍ତ୍ତନ ଦଳ, ସହ ଚାନ୍ଦମୁଣ୍ଡା ଓ ସୁଡୁଙ୍ଗା ଦଳ ଯୋଗଦେଇଥିଲେ। ଶୁକ୍ରବାର କଳସ ଶୋଭାଯାତ୍ରା କରାଯାଇ ମଣ୍ଡପରେ ସ୍ଥାପନ କରାଯାଇଥିଲା। ନାମଯଜ୍ଞ, ହୋମଯଜ୍ଞ ହୋଇ ପୂର୍ଣ୍ଣାହୁତି ପଡିଥିଲା। ଶ୍ରୀ ରାଧା କୃଷ୍ଣଙ୍କୁ ନେଇ ପରେ ଉଦନ ଦଳ ସହ ନଗର ପରିକ୍ରମା ହୋଇଥିଲା।


ମହିଳା କୀର୍ତ୍ତନ ଦଳ ନାମ ପରିବେଷଣ କରୁଛନ୍ତି।

# ପର୍ଯ୍ୟଟକଙ୍କ ପାଇଁ ଜବାହର ଉଦ୍ୟାନରେ ହେବ ବୋଟିଂ

**ସମ୍ବଲପୁର,୧୨।୩(ବ୍ୟୁରୋ)**

ରାଜ୍ୟ ସରକାର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ପର୍ଯ୍ୟଟନସ୍ଥଳୀର ବିକାଶ କରୁଛନ୍ତି। ସମ୍ବଲପୁର ଜିଲାରେ ମଧ୍ୟ ଅଧିକାଂଶ ପର୍ଯ୍ୟଟନ ସ୍ଥଳର ଭିତ୍ତିଭୂମି, ଆନୁଷଙ୍ଗିକ ବ୍ୟବସ୍ଥା କରାଯାଉଛି। ଜିଲାର ଅନ୍ୟତମ ପର୍ଯ୍ୟଟନ ସ୍ଥଳ ହୀରାକୁଦ ଜବାହର ଉଦ୍ୟାନରେ ଏବେ ବୋଟିଂ ସୁବିଧା ଯୋଡିହେବାକୁ ଯାଉଛି। ସମ୍ବଲପୁର ମହାନଗର ନିଗମ ପକ୍ଷରୁ ଏ ନେଇ କାମ ଆରମ୍ଭ ହୋଇଛି। ଉଦ୍ୟାନ ଭିତରେ ଥିବା ପୁରାତନ ପୋଖରୀ କାମର ପୁନଃ ଉଦ୍ଧାର କାମ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ୬ ମାସ ଭିତରେ ଲୋକାର୍ପଣ କରାଯିବ ବୋଲି ଏସ୍‌ଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ପୂର୍ବରୁ ଏଠାକୁ ଆସି ପର୍ଯ୍ୟଟକମାନେ ହୀରାକୁଦ ବନ୍ଧର ପାରିପାର୍ଶ୍ୱିକ ଦୃଶ୍ୟ ଦେଖିବା ସହିତ


ଜବାହର ଉଦ୍ୟାନରେ ପୋଖରୀ ଖନନ କାମ ଚାଲିଛି।

ଜବାହର ଉଦ୍ୟାନ ବୁଲିବାକୁ ଯାଉଥିଲେ। ଜବାହର ଉଦ୍ୟାନ ପରିସରରେ ସୁନ୍ଦର ପାର୍କ, ଏସ୍‌ଏଚ୍‌ଜି ଦ୍ୱାରା ପରିଚାଳିତ କଫି ହାଉସ, ଗାନ୍ଧୀ ମିନାର ପର୍ଯ୍ୟନ୍ତ ରୋପ୍-ୱେ ରହିଛି। ବୋଟିଂ ସୁବିଧା ହେଲେ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇବା ଆଶା କରାଯାଉଛି। ତିନୋଟି ପର୍ଯ୍ୟାୟରେ ପୋଖରୀ ପୁନଃ ଉଦ୍ଧାର କାମ ହେଉଛି।

**ଏସ୍‌ଏମ୍‌ସି ପକ୍ଷରୁ କାମ ଆରମ୍ଭ**

ଏସ୍‌ଏମ୍‌ସି ପକ୍ଷରୁ ଏହା ପରିଚାଳିତ ହେବ ବୋଲି ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ୨୦୦୮-୦୯ ମସିହାରେ ହୀରାକୁଦ ଜଳସେଚନ ବିଭାଗ ପକ୍ଷରୁ ଏହି ପୋଖରୀ ପୁନଃ ଉଦ୍ଧାର କରାଯାଇଥିଲା। ହେଲେ ବୋଟିଂ ବ୍ୟବସ୍ଥା ହୋଇପାରି ନ ଥିଲା। ଜଳସେଚନ ବିଭାଗ ପକ୍ଷରୁ ଅନୁମତି ପ୍ରଦାନ ପରେ ଏସ୍‌ଏମ୍‌ସି ଏହାର ରକ୍ଷଣାବେକ୍ଷଣ ଓ ବିକାଶ କାମ ହାତକୁ ନେଇଛି। ପୂର୍ବରୁ ଦୁଇଟି ପର୍ଯ୍ୟାୟରେ ଉକ୍ତ ପୋଖରୀରେ କାମ ହୋଇଥିଲା। ଏବେ ଶେଷ ପର୍ଯ୍ୟାୟରେ କାମ ଚାଲିଛି ଓ ଶୀଘ୍ର ବୋଟିଂ ସେବା ଆରମ୍ଭ ହେବ ବୋଲି ଏସ୍‌ଏମ୍‌ସି ଲକ୍ଷ ରଖିଛି।

# ସୁସ୍ଥ ପରିବେଶ ଓ ଦୀର୍ଘାୟୁ ଜୀବନ



ଡା. ବସନ୍ତ କୁମାର ଷଡ଼ଙ୍ଗୀ

ସାରା ବିଶ୍ୱରେ ଦୈନନ୍ଦିନ ଜଳବାୟୁର ପରିବର୍ତ୍ତନ ସହ ଜନସଂଖ୍ୟା ଅହେତୁକ ଭାବେ ବୃଦ୍ଧି ପାଉଛି। ଅନ୍ୟପକ୍ଷରେ ଆଜିର ଜନତା ଆଧୁନିକତା ପ୍ରତି ମାତ୍ରାଧିକ ଆକୃଷ୍ଟ ହେବା ସହ ଚାକଚକ୍ୟ ପ୍ରତି ଆଗ୍ରହ ବୃଦ୍ଧି ପାଉଛି। ବର୍ତ୍ତମାନ ପ୍ରକୃତି ଓ ପରିବେଶ ଏହାଦ୍ୱାରା ଯେଉଁଭଳି ଭାବରେ ପ୍ରଭାବିତ ହେଉଛି ତାହା ଚିନ୍ତାର କାରଣ ସାଜିଛି। କେବଳ ସେତିକି ନୁହେଁ, ଏହାର କୁପରିଣାମ ସ୍ୱରୂପ ଆମର ଆଗାମୀ ଭବିଷ୍ୟତ ପିଢ଼ିଙ୍କ ପାଇଁ ଉପଯୁକ୍ତ ସ୍ୱାସ୍ଥ୍ୟ, ସ୍ୱଚ୍ଛ ଅମ୍ଳଜାନ, ସ୍ୱାସ୍ଥ୍ୟ ଉପଯୋଗୀ ଜଳବାୟୁ ମିଳିବା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଆମ ଦେଶରେ ପ୍ରକୃତି ଓ ପରିବେଶ ଏପରି ପ୍ରଦୂଷିତ ହେବାରେ ଲାଗିଛି, ଯାହାର ଜ୍ୱଳନ୍ତ ଉଦାହରଣ ହେଉଛି ଦିଲ୍ଲୀ ସହର। ଦିଲ୍ଲୀ ସହରରେ ଗାଡ଼ି ମୋଟରରୁ ନିର୍ଗତ ଧୂଆଁ ଦ୍ୱାରା ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ବାଷ୍ପ ମାତ୍ରାଧିକ ବଢ଼ିଯିବା ଦ୍ୱାରା ଏପରି ସମସ୍ୟା ସୃଷ୍ଟି ହେଉଛି। ତେଣୁ ଏହି ସହରର ଜଳବାୟୁକୁ ପ୍ରଦୂଷଣମୁକ୍ତ କରିବା ନିମନ୍ତେ ଡିଜେଲ ଗାଡ଼ିକୁ ଚଲାଇବା ଉପରେ କଟକଣା କରାଯାଇଛି। ସେଠାକାର ଚାରିଚକିଆ ଗାଡ଼ିଗୁଡ଼ିକୁ ଭିନ୍ନ ଭିନ୍ନ କ୍ରମାନ୍ୱୟ ନମ୍ବରରେ ରାସ୍ତାରେ ଚଳାଇବା ପାଇଁ ଆଇନ କରାଯାଇଛି। ଏହାଦ୍ୱାରା କିଛି ମାତ୍ରାରେ ପ୍ରଦୂଷଣ ମୁକ୍ତରେ ଏହି ଆଇନ ସହାୟକ ହେଉଛି ସତ, କିନ୍ତୁ ଏପରି ପ୍ରଦୂଷିତ ଜଳବାୟୁ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ। ପୃଥିବୀପୃଷ୍ଠରେ ବହୁ କାଳରୁ ମାନବ ସଭ୍ୟତା ପ୍ରକୃତିର ବିଭିନ୍ନ ପ୍ରକାର ଘାତପ୍ରତିଘାତ ଏବଂ ପ୍ରାକୃତିକ ବିପର୍ଯ୍ୟୟର ସାମ୍ନା କରି ତିଷ୍ଠିଆସିଛି। ହେଲେ କେତେକ କଥାର କୁପ୍ରଭାବ ବିଷୟରେ ମନୁଷ୍ୟ ଜାଣିଥିଲେ ମଧ୍ୟ ହେୟ ମନୋଭାବ ପ୍ରଦର୍ଶନ କରୁଛି। ଏହାଫଳରେ ବର୍ତ୍ତମାନ ଓ ଭବିଷ୍ୟତ ପିଢ଼ିଙ୍କ ସୁସ୍ଥ, ସରଳ ଓ ଦୀର୍ଘାୟୁ ଜୀବନ ଧାରା ଉପରେ ପ୍ରତିବନ୍ଧକ ସାଜିଛି। ତେଣୁ ବର୍ତ୍ତମାନଠାରୁ ବେଳ ଥାଉ ଥାଉ ପରିବେଶ ଦୂଷିତ ହେଉଥିବା କାରଣଗୁଡ଼ିକୁ ତର୍ଜମା କରି ସେଗୁଡ଼ିକର ପ୍ରତିକାର କରାଯିବା ନିହାତି ଦରକାର। ଏ ନେଇ କେବଳ ସରକାର ନୁହନ୍ତି, ବେସରକାରୀ ସଂସ୍ଥା ଏବଂ ଜନସାଧାରଣଙ୍କ ସହଯୋଗର ଆବଶ୍ୟକତା ରହିଛି। ନଚେତ ଭବିଷ୍ୟତ ପିଢ଼ି ଏକ ଅନ୍ଧକାର ଆଡ଼କୁ ଗତିକରିବ ଏଥିରେ ଦ୍ୱିମତ ନାହିଁ।



ପରିବେଶ ପ୍ରଦୂଷିତ ହେବାର ଅନେକ କାରଣ ରହିଛି। ବହୁ ବର୍ଷ ଧରି ରହି ଆସିଥିବା ଶହ ଶହ ବୃକ୍ଷକୁ କାଟିଦେବା ଦ୍ୱାରା ଜଳବାୟୁରେ ଅମ୍ଳଜାନ ପ୍ରଚୁର ପରିମାଣରେ ହ୍ରାସ ପାଇବାକୁ ଲାଗୁଛି। ତେଣୁ ଏହାକୁ ପୂରଣ କରିବା ଲାଗି ବୃକ୍ଷରୋପଣ ଉପରେ ଗୁରୁତ୍ୱ ଦିଆଯିବା ଦରକାର। ଅଙ୍ଗାର ସଂଗ୍ରହ ନିମନ୍ତେ ମହୁଲ ବୃକ୍ଷ ତଳୁ ମହୁଲ ସଂଗ୍ରହ ନିମନ୍ତେ,



ପୋଡୁଚାଷ ନିମନ୍ତେ, ମକା, ଧାନ ଅମଳ ପରେ ଜଙ୍ଗଲ ଓ ଜମିରେ ଅଗ୍ନି ସଂଯୋଗ କରିବା ହେତୁ ପ୍ରଚୁର ପରିମାଣର ଧୂଆଁ ବାୟୁମଣ୍ଡଳକୁ ଦୂଷିତ କରୁଛି। ତା' ସହ ଜଙ୍ଗଲରେ ବସବାସ କରୁଥିବା ବାଘ, ଭାଲୁ, ହାତୀ, ସିଂହ ଆଦି ବନ୍ୟପ୍ରାଣୀ ଅଗ୍ନି ଭୟରେ ଜନବସତି ଆଡ଼କୁ ମୁହାଁଇବା ଦ୍ୱାରା ମନୁଷ୍ୟମାନଙ୍କ ପ୍ରତି ସେମାନଙ୍କର ହିଂସ୍ର ଆଚରଣ ବୃଦ୍ଧିପାଉଛି। ଏହାସହ ଅଗ୍ନି ସଂଯୋଗ ଦ୍ୱାରା ଭୂତଳରେ ରହି ଜମିକୁ ଉର୍ବର କରୁଥିବା ଜିଆ, କଳିକତରା ଆଦି ବିଭିନ୍ନ କୀଟପତଙ୍ଗ ପୋଡି ମରିଯାଉଛନ୍ତି। ଏହାଦ୍ୱାରା ଜମିର ଉର୍ବରତା ହ୍ରାସ ପାଇବା ସହ ପ୍ରକୃତି ଓ ପରିବେଶର ସନ୍ତୁଳନ ଉପରେ ପ୍ରତିବନ୍ଧକ ସୃଷ୍ଟି ହେଉଛି। ଆଉ ଏହାର ପ୍ରଭାବ ମଣିଷ ସମାଜ ଉପରେ ସିଧାସଳଖ ପ୍ରତୀୟମାନ ହେଉଛି।

ଭାରତର ବହୁଳ ଜନବସତି ସହରମାନଙ୍କରେ ବହୁସଂଖ୍ୟକ କଳକାରଖାନା ଗଢିଉଠିଛି। ଉକ୍ତ କଳକାରଖାନାଗୁଡ଼ିକର ନିର୍ଗତ ଦୂଷିତ ଜଳ ସମୁଦ୍ର ଓ ନଦୀର ଜଳକୁ ଖରାପ କରିବା ସହିତ ଜଳରେ ବସବାସ କରୁଥିବା ଜଳଚର ପ୍ରାଣୀ ସମୂହ ମୃତ୍ୟୁମୁଖରେ ପଡୁଛନ୍ତି। ତା' ସହ ପାନୀୟ ଜଳ ମଧ୍ୟ ଦୂଷିତ ହେଉଛି। କାରଖାନାରୁ ନିର୍ଗତ ହେଉଥିବା ଦୂଷିତ ବାଷ୍ପ ବାୟୁମଣ୍ଡଳରେ ମିଶୁଛି ଏବଂ ଏହାର କୁପ୍ରଭାବ ଜନଜୀବନ ଉପରେ ପଡୁଛି। ଆମେମାନେ ସର୍ବାଧୁନିକତାକୁ ଆପଣେଇ ଦୈନନ୍ଦିନ ବିଭିନ୍ନ ବ୍ୟବହାରିକ ସାମଗ୍ରୀରେ ପ୍ଲାଷ୍ଟିକ ଓ ପଲିଥିନ ସହିତ ଓତପ୍ରୋତ ଭାବେ ଜଡିତ ହୋଇଛେ। ବର୍ତ୍ତମାନ ପରିସ୍ଥିତିରେ ଏହାର କୁପରିଣାମ ତଥା ଭୟାବହତାର ଆମେ ସାମ୍ନା କରୁଛେ। ବୈଜ୍ଞାନିକମାନଙ୍କ ଦ୍ୱାରା ସର୍ବେକ୍ଷଣ ତଥା ଅନୁସନ୍ଧାନରୁ ଜଣାଯାଇଛି ଯେ ନିମ୍ନମାନର ପ୍ଲାଷ୍ଟିକ ବୋତଲ, ପ୍ଲାଷ୍ଟିକ ପ୍ଲେଟ, ପ୍ଲାଷ୍ଟିକ ଚେୟାର ଆଦି ସାମଗ୍ରୀର ବ୍ୟବହାର ପରେ ସେଗୁଡିକୁ ଫୋପାଡି ଦେବା ଦ୍ୱାରା ତାହା ବର୍ଜ୍ୟବସ୍ତୁ ପାହାଡ଼ ସଦୃଶ ଜମା ହୋଇରହୁଛି। ଏଗୁଡିକ ବିଘଟିତ ନ ହେବା ହେତୁ ବାୟୁମଣ୍ଡଳ ପ୍ରଦୂଷିତ ହେଉଛି ଏବଂ ନଦୀ ଓ ସମୁଦ୍ରରେ ଭାସମାନ ଅବସ୍ଥାରେ ପଡି ରହିବା ଫଳରେ ଜଳ ମଧ୍ୟ ପ୍ରଦୂଷିତ ହେଉଛି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ସର୍ବେକ୍ଷଣ ତଥା ଅନୁସନ୍ଧାନରୁ ଜଣାଯାଇଛି ଯେ ନିମ୍ନମାନର ପ୍ଲାଷ୍ଟିକ ବୋତଲରେ ଥିବା ପାଣି ପିଇବା ଓ ପ୍ଲାଷ୍ଟିକ ପ୍ଲେଟରେ ଖାଦ୍ୟ ଖାଇବା ଦ୍ୱାରା ପ୍ଲାଷ୍ଟିକର କିଛି ଅଂଶବିଶେଷ ଶରୀରକୁ ପ୍ରବେଶ କରୁଛି। ଏହା ବିଭିନ୍ନ ନୂତନ ରୋଗ ସୃଷ୍ଟିର କାରଣ ସାଜିଛି। ଆଜିର ମନୁଷ୍ୟ ସୌଖିନ ଓ ଆଧୁନିକତାକୁ ପ୍ରାଧାନ୍ୟ ଦେଇ ଆମର ପାରମ୍ପରିକ ରୀତିନୀତିକୁ ଅଣଦେଖା କରିଚାଲିଛି, ଯଦ୍ଦ୍ୱରା ଆମର ପରିବେଶ ପ୍ରଦୂଷଣ ମୁକ୍ତ ହୋଇପାରୁନାହିଁ।

> "ପୃଥିବୀପୃଷ୍ଠରେ ବହୁ କାଳରୁ ମାନବ ସଭ୍ୟତା ପ୍ରକୃତିର ବିଭିନ୍ନ ପ୍ରକାର ଘାତପ୍ରତିଘାତ ଆଦି ପ୍ରାକୃତିକ ବିପର୍ଯ୍ୟୟର ସାମ୍ନା କରି ତିଷ୍ଠିଆସିଛି। ହେଲେ କେତେକ କଥାକୁ ମନୁଷ୍ୟ ସବୁ ଜାଣି ହେୟ ମନୋଭାବ କରି ବର୍ତ୍ତମାନ ଓ ଭବିଷ୍ୟତ ପିଢ଼ିଙ୍କ ସୁସ୍ଥ, ସରଳ ଓ ଦୀର୍ଘାୟୁ ଜୀବନ ଧାରା ଉପରେ ପ୍ରତିବନ୍ଧକ ସାଜିଛି। ତେଣୁ ବର୍ତ୍ତମାନଠାରୁ ବେଳ ଥାଉ ଥାଉ ପରିବେଶ ଦୂଷିତ ହେଉଥିବା କାରଣଗୁଡ଼ିକୁ ତର୍ଜମା କରି ସେଗୁଡ଼ିକର ପ୍ରତିକାର କରାଯିବା ନିହାତି ଦରକାର।"

ଏ ସବୁକୁ ଅନୁଧ୍ୟାନ କଲେ ଜଣାଯାଏ ଯେ, ପରିବେଶ ସୁରକ୍ଷା ପାଇଁ ଗାଡି ମୋଟର ଚଳାଇବାକୁ କମାଇବା, ବ୍ୟାଟେରି ଗାଡି (e-ଭେହିକିଲ) ବ୍ୟବହାର କରିବା, ପ୍ଲାଷ୍ଟିକ ସାମଗ୍ରୀ ବ୍ୟବହାରକୁ ରୋକ ଲଗାଇବା, କଳକାରଖାନରୁ ନିର୍ଗତ ଜଳ ଓ ବାଷ୍ପକୁ ବୈଜ୍ଞାନିକ ପ୍ରଣାଳୀରେ ବିଘଟନ କରାଇବା ଦରକାର। ଏହାସହ ଆମେ ସମସ୍ତେ ନିଜ ନିଜର କ୍ଷେତ, ବାଡ଼ି, ବଗିଚାରେ ବିଭିନ୍ନ ପ୍ରକାରର ବୃକ୍ଷ ରୋପଣ କରିବା, ନିଜ ବାସଗୃହ ପାଖରେ ତୁଳସୀ, ଆଲୋଭେରା, ପୋଦିନା ଆଦି ବିଭିନ୍ନ ଗଛ ଲଗାଇବା ଉଚିତ। ଏହାଦ୍ୱାରା ଆମେ ସ୍ୱଚ୍ଛ ଅମ୍ଳଜାନ ପାଇପାରିବା। ଆମ ଜୀବନର ମୂଳ ଲକ୍ଷ୍ୟ ହେଲା ସୁସ୍ଥ, ନୀରୋଗ ଓ ଦୀର୍ଘାୟୁ ହେବା। ଏହା ନିମନ୍ତେ ସ୍ୱଚ୍ଛ ଅମ୍ଳଜାନର ହିଁ ଆବଶ୍ୟକତା ରହିଛି। ସ୍ୱଚ୍ଛ ଅମ୍ଳଜାନ ଗ୍ରହଣ ଦ୍ୱାରା ମନୁଷ୍ୟ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ। ଏହାବ୍ୟତୀତ ଆମେ ସମ୍ମୁଖୀନ ହେଉଥିବା ବିଭିନ୍ନ ରୋଗକୁ ପ୍ରତିରୋଧ କରି ଦୀର୍ଘାୟୁ ଭାବେ ବଞ୍ଚି ରହିପାରିବା।

-ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର,
ଚନ୍ଦାହାଣ୍ଡି, ନବରଙ୍ଗପୁର
ମୋ: ୭୮୯୪୧୧୨୪୮୭

## ରକ୍ତ ସଞ୍ଚାଳନକୁ ସକ୍ରିୟ କରେ ଚିନାବାଦାମ



ଚିନାବାଦାମ ଖାଇଲେ ତାହା ରକ୍ତ ସଞ୍ଚାଳନକୁ ପୂର୍ବାପେକ୍ଷା ସକ୍ରିୟ କରିଥାଏ ବୋଲି ୟୁନିଭର୍ସିଟି ଅଫ୍ ଲଣ୍ଡନର ବିଶେଷଜ୍ଞମାନେ ମତ ଦେଇଛନ୍ତି। ତା' ସହ ଏହା ଚର୍ମକୁ ସୂର୍ଯ୍ୟକିରଣ ପ୍ରଭାବରୁ ମଧ୍ୟ ରକ୍ଷା କରେ। ଦୃଷ୍ଟିଶକ୍ତି ପାଇଁ ଚିନାବାଦାମ ବେଶ୍ ଉପକାରୀ। ଆଖି ତଳ କଳା ପଡ଼ିବା, ଆଖି କୁଣ୍ଡେଇ ହେବା ଆଦି ଆଶଙ୍କାରୁ ଏହା କେତେକାଂଶରେ ଦୂରେଇ ରଖିଥାଏ। ଏଥିରେ ଓମେଗା ଫ୍ୟାଟି ଏସିଡ ଓ ଖଣିଜ ଲବଣ ପୂର୍ଣ୍ଣମାତ୍ରାରେ ଥିବାରୁ ଏହା ଦୃଷ୍ଟି ଶକ୍ତି ବଢ଼ାଇଥାଏ। ବାଦାମରେ ଥିବା ଓମେଗା ଫ୍ୟାଟି ଏସିଡ ଶରୀରରେ ରକ୍ତ ପ୍ରବାହକୁ ସକ୍ରିୟ କରିଥାଏ। ଚିନାବାଦାମରେ ଭିଟାମିନ୍ ଓ ଖଣିଜ ଲବଣ ଭରି ରହିଛି। ଏହାକୁ ନିୟମିତ ଖାଇଲେ ତାହା ଶରୀରରେ ଆଣ୍ଟିବଡି ସୃଷ୍ଟି କରିଥାଏ। ଏହା ମଧ୍ୟ କୋଲେଷ୍ଟରଲ ପରିମାଣକୁ ସନ୍ତୁଳିତ ରଖେ। ଏହା ମଧ୍ୟ ଭିଟାମିନ୍ 'ବି'ର ଅନ୍ୟତମ ଉତ୍ସ।

## ସନ୍ତୁଳିତ ରହିବ ମେଦବହୁଳତା



ସୁସ୍ଥ ଜୀବନଯାପନ ପାଇଁ ଆମକୁ ଅନେକ ଦିଗ ପ୍ରତି ଦୃଷ୍ଟି ଦେବାକୁ ପଡ଼ିଥାଏ। ଯଦି ଆମେ କେତେକ କ୍ଷେତ୍ରରେ ଅବହେଳା ପ୍ରଦର୍ଶନ କଲେ ତେବେ ତାହା ଅନେକ ରୋଗକୁ ପରୋକ୍ଷରେ ଆମନ୍ତ୍ରଣ କରେ। ଆଜିକାଲି ଅନେକ ଓଜନ ବୃଦ୍ଧି ବା ମେଦବହୁଳତା ପରି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହା ପଛରେ ଅସନ୍ତୁଳିତ ଜୀବନଶୈଳୀ କେତେକାଂଶରେ ଦାୟୀ ବୋଲି ଏକ ସଦ୍ୟତମ ଗବେଷଣାରୁ ଜଣାପଡିଛି। ଏଭଳି ବିଷୟବସ୍ତୁକୁ ନେଇ ୟୁନିଭର୍ସିଟି ଅଫ ୱାଶିଂଟନ୍‌ର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ଯେଉଁମାନଙ୍କର ଜୀବନଶୈଳୀ ଅସନ୍ତୁଳିତ ଥିଲା ସେମାନଙ୍କ ମଧ୍ୟରୁ ପ୍ରାୟ ୫୦ ପ୍ରତିଶତ ବ୍ୟକ୍ତିଙ୍କଠାରେ ମେଦବହୁଳତା ସମସ୍ୟା ଦେଖିବାକୁ ମିଳିଥିଲା। ତେଣୁ ନିଜ ଓଜନକୁ ସବୁବେଳେ ସନ୍ତୁଳିତ ରଖିବା ଲାଗି ପ୍ରଥମେ ଏକ ରୁଟିନଯୁକ୍ତ ଜୀବନଶୈଳୀ ଅନୁସରଣ କରିବାକୁ ସେମାନେ ପରାମର୍ଶ ଦେଇଛନ୍ତି। ଏହାସହ ନିଜର ଖାଦ୍ୟପେୟ ପ୍ରତି ଅଧିକ ସତର୍କତା ଅବଲମ୍ବନ କରିବା ଦରକାର। ଜଣେ ବ୍ୟକ୍ତି ପ୍ରତି କିଛି ସମୟ ବ୍ୟାୟାମ କଲେ ସେ କେତେକାଂଶରେ ସୁସ୍ଥ ରହିବା ସହ ଓଜନ ସନ୍ତୁଳିତ ରହିଥାଏ।

## ଦୃଢ଼ ପାଚନ କ୍ରିୟା ପାଇଁ...



ଆମର ପାଚନ କ୍ରିୟା ଦୃଢ଼ ରହିବା ନିହାତି ଦରକାର।ତେଣୁ ସନ୍ତୁଳିତ ଖାଦ୍ୟ ଖାଇଲେ ପାଚନ କ୍ରିୟା ଠିକ୍ ଭାବରେ କାର୍ଯ୍ୟ କରିବା ସହ ଏହା ଆହୁରି ଦୃଢ଼ ହୋଇଥାଏ। ଭିଟାମିନ୍ ଓ ଖଣିଜ ଲବଣଯୁକ୍ତ ଖାଦ୍ୟ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକୁ ଶକ୍ତ ରଖିବାରେ ଏମାନେ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି। ତେଣୁ ଏଗୁଡ଼ିକୁ ଶକ୍ତ ଓ ମଜଭୁତ ରଖିବା ପାଇଁ ହେଲେ ଆମକୁ ସୁଷମ ଖାଦ୍ୟ ଖାଇବାକୁ ପଡ଼ିବ। ଏଥିରୁ ମିଳୁଥିବା ଉପକାରୀ ତତ୍ତ୍ୱ ପାଚନ ପ୍ରକ୍ରିୟା ସାହାଯ୍ୟରେ ରକ୍ତ ପାଖରେ ପହଞ୍ଚିଥାଏ। ଏହା ସହ ଶରୀରରେ ହେଉଥିବା ରାସାୟନିକ ପ୍ରତିକ୍ରିୟାକୁ ମଧ୍ୟ ସନ୍ତୁଳିତ ରଖିବାରେ ସାହାଯ୍ୟ କରେ। ଅସ୍ଥି ଓ ମଜାଗୁଡ଼ିକୁ ମଜଭୁତ ରଖିବା ଲାଗି ସନ୍ତୁଳିତ ଖାଦ୍ୟ ଖାଇବା ଦରକାର। ଏତଦ୍‌ବ୍ୟତୀତ ଏଭଳି ଖାଦ୍ୟ ଖାଇବା ଦ୍ୱାରା ସ୍ମରଣ ଶକ୍ତି ବୃଦ୍ଧି ପାଇଥାଏ।

# ନିଦ୍ରାହୀନତା ଦୂର କରିବାର ସହଜ ଉପାୟ

ଦିନତମାମ ପରିଶ୍ରମ ପରେ ରାତିରେ ଜଣେ ବ୍ୟକ୍ତି ଭଲଭାବରେ ଶୋଇଲେ ତାହାର ସୁପ୍ରଭାବ ଶରୀର ଉପରେ ପଡ଼ିଥାଏ। ହେଲେ କେତେକ କାରଣରୁ କିଛି ବ୍ୟକ୍ତି ନିଦ୍ରାହୀନତା ପରି ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି। ହେଲେ ଏଭଳି ସମସ୍ୟାଠାରୁ ନିଜକୁ ଦୂରେଇ ରଖିବାର ଏକ ସହଜ ତଥା ସରଳ ଉପାୟ ରହିଛି। ତାହା କ'ଣ ଜାଣନ୍ତି? ଯୋଗ। ଅର୍ଥାତ୍ ବର୍ତ୍ତମାନର ବ୍ୟସ୍ତମୟ ଜୀବନରେ ଯଦି ଆପଣ ପ୍ରତିଦିନ କିଛି ସମୟ ଯୋଗ କରନ୍ତି ତେବେ ତାହାର ସୁଫଳ ମିଳିଥାଏ। ନିକଟରେ ବର୍ଲିନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞଙ୍କ ଦ୍ୱାରା ହୋଇଥିବା ଏକ ସର୍ଭେରୁ ଜଣାପଡ଼ିଛି ଯେ, ଯୋଗ କରିବା ଦ୍ୱାରା ଏହା ନିଦ୍ରାହୀନତା ପରି ସମସ୍ୟାକୁ କେତେକାଂଶରେ ଦୂର କରିଥାଏ। ଶରୀରକୁ ସୁସ୍ଥ, ସୁନ୍ଦର ଓ ସନ୍ତୁଳିତ ରଖିବା ପାଇଁ ଶାରୀରିକ ବ୍ୟାୟାମ ସହ ମାନସିକ ଯୋଗର ମଧ୍ୟ ଆବଶ୍ୟକତା ରହିଛି। ଯୋଗ କରିବା ଦ୍ୱାରା ଆମ ଶରୀରର ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକ ମଜଭୁତ ହୋଇଥାଏ। ଶରୀରରେ ରକ୍ତ ସଞ୍ଚାଳନ ମଧ୍ୟ ଠିକ୍ ଭାବେ ହୁଏ, ଯାହା ଆମ ଆଭ୍ୟନ୍ତରୀଣ ଅଙ୍ଗଗୁଡ଼ିକୁ ଶକ୍ତ କରିଥାଏ। ରକ୍ତ ଚାପକୁ ବି ଏହା ସନ୍ତୁଳିତ ଅବସ୍ଥାରେ ରଖେ।



## ସ୍ୱାସ୍ଥ୍ୟ ସୂଚନା

- ପ୍ରତିଦିନ ଆପଣ ଅଫିସ ଭିତରେ ସବୁବେଳେ ଲିଫ୍ଟ ବ୍ୟବହାର ନ କରି କିଛି ଦିନ ଶିଡି ଚଢ଼ି ଯିବା ଆସିବା କରନ୍ତୁ। କାରଣ ଶିଡ଼ି ଚଢ଼ିବା ଏକ ଭଲ ବ୍ୟାୟାମ। ହେଲେ ଆପଣଙ୍କର ଯଦି କିଛି ଆଣ୍ଠୁଗଣ୍ଠିଜନିତ ସମସ୍ୟା ରହିଛି, ତେବେ ଶିଡ଼ି ଯେତେ କମ୍ ଚଢ଼ିବେ ସେତେ ଭଲ।
- ଶାରୀରିକ ବ୍ୟାୟାମ ସହ ମାନସିକ ଯୋଗର ମଧ୍ୟ ଆବଶ୍ୟକତା ରହିଛି। ଏହା ଆମନକୁ ମାନସିକ ଶାନ୍ତି ଦେଇଥାଏ।
- ଦିନତମାମ ପ୍ରତିଦିନର ଆରମ୍ଭ ବ୍ୟାୟାମ ଏବଂ ବ୍ରେକଫାଷ୍ଟରୁ କରନ୍ତୁ। ବ୍ରେକ୍‌ଫାଷ୍ଟରେ ତଟକା ଫଳମୂଳ ସହ ଜୁସ୍ ସାମିଲ କରନ୍ତୁ।
- ଖାଇବାରେ ସବୁଦିନ ପ୍ରୋଟିନ୍‌ଜାତୀୟ ଖାଦ୍ୟ ଏବଂ ସବୁଜ ପନିପରିବା ସାମିଲ କରନ୍ତୁ। ଏହା ଆପଣଙ୍କ ଶରୀରକୁ ସତେଜ ରଖିବା ସହ ଶକ୍ତି ଯୋଗାଇବ।
- କିଛି ବ୍ୟକ୍ତିଙ୍କର ବିଳମ୍ବିତ ରାତିରେ ଖାଦ୍ୟ ଖାଇବାର ଅଭ୍ୟାସ ରହିଛି। ହେଲେ ଏହି ଅଭ୍ୟାସ ବଦଳାଇବାକୁ ଚେଷ୍ଟା କରନ୍ତୁ ଏବଂ ଠିକ୍ ସମୟରେ ଖାଦ୍ୟ ଖାଆନ୍ତୁ।
- ଆବଶ୍ୟକତା ଠାରୁ ଅଧିକ ଲୁଣ ଓ ଚିନିଜାତୀୟ ଖାଦ୍ୟ ଆଦୌ ଖାଆନ୍ତୁ ନାହିଁ। କାରଣ ଏହା ବ୍ଲଡ଼ ପ୍ରେସର ଏବଂ ହୃଦ୍‌ଜନିତ ସମସ୍ୟାକୁ ଡାକି ଆଣିଥାଏ।
- ଖାଇବା ସମୟରେ କେବେ ବି ପାଣି ପିଅନ୍ତୁ ନାହିଁ। ଖାଇବାର ଘଣ୍ଟାଏ ପରେ କିମ୍ବା ଘଣ୍ଟାଏ ପୂର୍ବରୁ ପାଣି ପିଅନ୍ତୁ।



# ପ୍ରଳୟଙ୍କରୀ ଭୂମିକମ୍ପ



ନିକୁଞ୍ଜ ବିହାରୀ ସାହୁ

ନିକଟରେ ବିଶ୍ୱର ବିଭିନ୍ନ ସ୍ଥାନରେ ଭୂମିକମ୍ପ ଅନୁଭୂତ ହେଉଛି। ମଧ୍ୟପ୍ରାଚ୍ୟ ଭୂଖଣ୍ଡ ତୁର୍କୀ-ସିରିଆର ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଏକ ବଡ଼ଧରଣର ପ୍ରଳୟଙ୍କରୀ ଭୂମିକମ୍ପ ଅନୁଭୂତ ହୋଇଯାଇଛି। ରିକ୍ଟର ସ୍କେଲରେ ଏହାର ତୀବ୍ରତା ଥିଲା ୭.୮। ଏହି ଭୂମିକମ୍ପର ପ୍ରଭାବ ପଡୋଶୀ ରାଷ୍ଟ୍ର ଲେବାନନ୍ ଓ ଇସ୍ରାଏଲ ଯାଏ ମଧ୍ୟ ଦେଖିବାକୁ ମିଳିଥିଲା। ଏହା ତୁର୍କୀରେ ବିଗତ ଶହେ ବର୍ଷ ମଧ୍ୟରେ ଅନୁଭୂତ ସବୁଠାରୁ ଶକ୍ତିଶାଳୀ ଭୂମିକମ୍ପ ଥିଲା। ପୃଥିବୀରେ ଏଭଳି ଉଚ୍ଚ ତୀବ୍ରତର ଭୂମିକମ୍ପ ଅତି ବିରଳ, ଯାହା ବର୍ଷକୁ ସାଧାରଣତଃ ପାଞ୍ଚରୁ କମ୍ ଥର ସଂଘଟିତ ହୋଇଥାଏ। ତୁର୍କୀରେ ବିଗତ ୨୫ ବର୍ଷ ମଧ୍ୟରେ ୭ କିମ୍ବା ଅଧିକ ତୀବ୍ରତାର ସମୁଦାୟ ସାତୋଟି ଭୂମିକମ୍ପ ଅନୁଭୂତ ହୋଇ ସାରିଛି।

**ରିକ୍ଟର ସ୍କେଲ୍ କ'ଣ :** ଭୂମିକମ୍ପର ତୀବ୍ରତାକୁ ସାଧାରଣତଃ ରିକ୍ଟର୍ ସ୍କେଲ୍ ଏକକରେ ମପାଯାଏ। ଏହି ସ୍କେଲରେ ୪ ଅଙ୍କରୁ ଊର୍ଦ୍ଧ୍ୱ ଭୂମିକମ୍ପ ସାଧାରଣତଃ ଧନଜୀବନ ପ୍ରତି ବିନାଶକାରୀ ହୋଇଥାଏ। ଭୂମିକମ୍ପର ତୀବ୍ରତା ୪ ରୁ ୪.୯ ଅଙ୍କ ମଧ୍ୟରେ ରହିଲେ ଘରର ଝରକାର କାଚ ଭାଙ୍ଗିଯାଇପାରେ ଏବଂ କାନ୍ଥରେ ଟଙ୍ଗା ଯାଇଥିବା ଫଟୋଫ୍ରେମ୍ ତଳେ ଖସି ପଡ଼ିପାରେ। ଭୂମିକମ୍ପର ତୀବ୍ରତା ୫ ରୁ ୫.୯ ଅଙ୍କ ମଧ୍ୟରେ ରହିଲେ ଘରର ଟେବୁଲ ଚଉକି ଭଳି ଭାରି ଆସବାବପତ୍ର ହଲି ଯାଇପାରେ। ଭୂମିକମ୍ପର ତୀବ୍ରତା ୬ ରୁ ୬.୯ ଅଙ୍କ ମଧ୍ୟରେ ରହିଲେ କୌଣସି ବହୁତଳୀୟ ଅଟ୍ଟାଳିକାର ଭିତ୍ତି ହଲି ଯାଇପାରେ ଏବଂ ଉପର ମହଲା ଘର ବିଶେଷ କ୍ଷତିଗ୍ରସ୍ତ ହୋଇପାରେ। ଭୂମିକମ୍ପର ତୀବ୍ରତା ୭ ରୁ ୭.୯ ଅଙ୍କ ମଧ୍ୟରେ ରହିଲେ ବହୁତଳୀୟ ଅଟ୍ଟାଳିକା ସମ୍ପୂର୍ଣ୍ଣ ଭଶୁଡି ପଡିପାରେ ଏବଂ ଭୂତଳ ପାଣି ପାଇପ୍ ଫାଟି ଯାଇପାରେ। ଭୂମିକମ୍ପର ତୀବ୍ରତା ୮ ରୁ ୮.୯ ଅଙ୍କ ମଧ୍ୟରେ ରହିଲେ ବଡ଼ ବଡ଼ ପୋଲ ମଧ୍ୟ ଭାଙ୍ଗିଯାଇପାରେ। ଭୂମିକମ୍ପର ତୀବ୍ରତା ୯.୦ ଅଙ୍କରୁ ଅଧିକ ହେଲେ ସମସ୍ତ ନିର୍ମାଣ ଧ୍ୱସ୍ତ ବିଧ୍ୱସ୍ତ ହୋଇଯାଏ। ଏଭଳି ପରିସ୍ଥିତିରେ କୌଣସି ଖୋଲା ସ୍ଥାନରେ ଛିଡା ହେଲେ ଭୂମିରେ ସମୁଦ୍ର ଭଳି ଲହଡିମାନ ତରଙ୍ଗାୟିତ ହେଉ ଥିବାର ଦେଖାଯାଏ ଏବଂ ସମୁଦ୍ରରେ ସୁନାମି ଭଳି ଉଚ୍ଚା ଉଚ୍ଚା ଲହଡିମାନ ସୃଷ୍ଟି ହୋଇ ସ୍ଥଳଭାଗରେ ପ୍ରଳୟ ରଚନା କରେ।

**ବିଶ୍ୱର ପ୍ରଳୟଙ୍କରୀ ଭୂମିକମ୍ପ :** ପୃଥିବୀରେ ପ୍ରତି ବର୍ଷ ପ୍ରାୟ ୫ ଲକ୍ଷ ଭୂମିକମ୍ପ ଅନୁଭୂତ ହୋଇଥାଏ। ଏଥିମଧ୍ୟରୁ ଆମେ କେବଳ ୧ ଲକ୍ଷ ଭୂମିକମ୍ପକୁ ଅନୁଭବ କରିପାରୁ। ପ୍ରାୟ ୧୦୦ଟି ଭୂମିକମ୍ପ ବିନାଶକାରୀ ହୋଇଥାଏ। ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଭୂମିକମ୍ପ ୧୯୬୦ ମସିହାରେ ଚିଲିରେ ଅନୁଭୂତ ହୋଇଥିଲା। ରିକ୍ଟର ସ୍କେଲ୍‌ରେ ଏହାର ତୀବ୍ରତା ଥିଲ ୯.୫। ଆମ ଦେଶରେ ସବୁଠାରୁ ପ୍ରଳୟଙ୍କରୀ ଭୂମିକମ୍ପ ୧୯୩୪ ମସିହାରେ ବିହାରରେ ଅନୁଭୂତ ହୋଇଥିଲା, ଯେଉଁଥିରେ ପ୍ରାୟ ୩୦, ୦୦୦ ଲୋକ ମତ୍ୟୁମୁଖରେ ପଡ଼ିଥିଲେ। ରିକ୍ଟର ସ୍କେଲ୍‌ରେ ଏହର ତୀବ୍ରତା ଥିଲ ୮.୧। ଗତ ୧୮୧୧ ମସିହାରେ ଉତ୍ତର ଆମେରିକାରେ ଏଭଳି ଶକ୍ତିଶାଳୀ ଭୂମିକମ୍ପ ଅନୁଭୂତ ହୋଇଥିଲା ଯେ ଏହାର ପ୍ରଭାବରେ ମିସିସିପି ନଦୀ ଓଲଟା ବହିବାକୁ ଲାଗିଥିଲା। ଭୂମିକମ୍ପ ପ୍ରଭାବରେ ସବୁଠାରୁ ବିପଜ୍ଜନକ ହିମସ୍ଖଳନ ୧୯୭୦ ମସିହାରେ ପେରୁରେ ଦେଖା ଯାଇଥିଲା, ଯାହା ଘଣ୍ଟା ପ୍ରତି ୪୦୦ କି.ମି. ଭଳି ଦୁରନ୍ତ ବେଗରେ ଗତି କରିଥିଲା। ଭୂମିକମ୍ପ ପ୍ରଭାବରେ ସବୁଠାରୁ ଭୟଙ୍କର ହିମସ୍ଖଳନ ୧୯୨୦ ମସିହାରେ ଚାଇନାର କାଂସୁ ପ୍ରଦେଶରେ ଘଟିଥିଲା, ଯେଉଁଥିରେ ପ୍ରାୟ ୨ ଲକ୍ଷ ଲୋକଙ୍କ ମୃତ୍ୟୁ ଘଟିଥିଲା।

**କାରଣ :** ଆମର ପୃଥିବୀପୃଷ୍ଠ ଅନେକ ସୁଦୃଢ଼ ପ୍ଲେଟ୍ ଉପରେ ପର୍ଯ୍ୟବସିତ, ଯାହାକୁ ଟେକ୍‌ଟୋନିକ ପ୍ଲେଟ୍ କୁହଯାଏ। ଏହି ପ୍ଲେଟ୍‌ଗୁଡ଼ିକ ସଦାସର୍ବଦା ଗତିଶୀଳ। ଅବଶ୍ୟ ଏହି ପ୍ଲେଟ୍‌ଗୁଡିକର ଗତି ଅତି ସ୍ୱଳ୍ପ ଏବଂ ବର୍ଷକୁ ମାତ୍ର ୪ ସେ.ମି.। ଏହି ଚଳନ ଯୋଗୁ ବେଳେବେଳେ ପ୍ଲେଟ୍‌ଗୁଡିକ ମଧ୍ୟରେ ସଂଘର୍ଷ ଘଟେ ଏବଂ ଗୋଟିଏ ପ୍ଲେଟ୍ ଅନ୍ୟ ପ୍ଲେଟ୍ ଉପରେ ପ୍ରଚଣ୍ଡ ପାର୍ଶ୍ୱଚାପ ପ୍ରୟୋଗ କରେ। ଏହି ଚାପ ଅତ୍ୟଧିକ ହେବାରୁ ଗୋଟିଏ ପ୍ଲେଟ୍ ଅନ୍ୟ ପ୍ଲେଟ୍ ଉପରେ ଚଢ଼ିଯାଏ। ଏହି ଅଞ୍ଚଳରେ ହିଁ ପୃଥିବୀପୃଷ୍ଠ ଦୋହଲି ଉଠି ଭୂମିକମ୍ପ ସୃଷ୍ଟି ହୁଏ। ସୁତରାଂ ପ୍ଲେଟ୍‌ଗୁଡ଼ିକର ଦୁର୍ବଳ ପ୍ରାନ୍ତ ଭାଗ ଅତ୍ୟନ୍ତ ଭୂମିକମ୍ପପ୍ରବଣ ହୋଇଥାଏ।

ବନ୍ୟା ବାତ୍ୟା ଭଳି ଭୂମିକମ୍ପର ପୂର୍ବାନୁମାନ ନିମନ୍ତେ ଏବେ ସୁଦ୍ଧା କୌଣସି ଠିକ୍ ଓ ନିର୍ଭରଯୋଗ୍ୟ ପଦ୍ଧତି ବିକଶିତ ହୋଇପାରି ନାହିଁ।

-ଏଜୁକେଶନ୍ ଅଫିସର, ଆଞ୍ଚଳିକ
ବିଜ୍ଞାନ କେନ୍ଦ୍ର, ଭୋପାଳ
ମୋ : ୮୦୧୮୭୦୮୮୫୮



ଧରିତ୍ରୀ
DHARITRI
Bhubaneswar, Monday, March 13/2023



# ନିବେଶକଙ୍କୁ ନିରାଶ କରୁଛି ବଜାର

ନୂଆଦିଲ୍ଲୀ,୧୨।୩




ଗତ କିଛି ମାସ ହେବ ଭାରତୀୟ ଶେୟାର ବଜାରର ଫଳାଫଳ ନିବେଶକମାନଙ୍କୁ ନିରାଶ କରୁଛି। ଏପରିକି ଜାତୀୟ ଓ ଅନ୍ତର୍ଜାତୀୟ ସମସ୍ୟା କାରଣରୁ ଦଲାଲ ଷ୍ଟ୍ରିଟରେ ମାନ୍ଦାବସ୍ଥା ଜାରି ରହିଛଇ। ଯାହାର ପ୍ରଭାବ ଶେୟାର ବଜାର କାରବାରରେ ପ୍ରତିଫଳିତ ହେଉଛି ବୋଲି ବଜାର ବିଶେଷଜ୍ଞମାନେ ଆକଳନ କରିଛନ୍ତି। ଏପରିକି ଚଳିତ ସପ୍ତାହର କାରବାର ପରେ ଦେଶର ଶ୍ରେଷ୍ଠ ୧୦ କମ୍ପାନି ମଧ୍ୟରୁ ୮କମ୍ପାନୀର କାରବାର ବ୍ୟାପକ ଭାବେ ପ୍ରଭାବିତ ହୋଇଥିବା ବେଳେ ୨ଟି କମ୍ପାନୀ ବିଶେଷ ଲାଭବାନ ହୋଇଛନ୍ତି। ବିଶେଷ କରି ରିଲାଏନ୍ସ ଇଣ୍ଡଷ୍ଟ୍ରି ଲିମିଟେଡ (ଆରଆଇଏଲ), ଟାଟା କନସଲଟାଣ୍ଟ ସର୍ଭିସେସ(ଟିସିଏସ), ଏଚଡିଏଫସି ବ୍ୟାଙ୍କ, ଇନଫୋସିସ, ଆଇସିଆଇସିଆଇ ବ୍ୟାଙ୍କ, ହୁନ୍ଦୁସ୍ଥାନ ୟୁନି ଲିଭର (ଏଚୟୁଏଲ), ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସବିଆଇ) ଏବଂ ଏଚଡିଏଫସି ଭଳି ୮ କମ୍ପାନୀର ମିଳିତ ସମ୍ପତ୍ତି ଗତ ସପ୍ତାହରେ ୧,୦୩,୭୩୨.୩୯ କୋଟି ଟଙ୍କା ହ୍ରାସ ଘଟିଥିବା ଜଣାପଡିଛି। ଏପରିକି ଭାରତୀ ଏୟାରଟେଲ ଏବଂ ଆଇଟିସି ଭଳି କମ୍ପାନୀର ବଜାର ପୁଞ୍ଜିରେ ଅଭିବୃଦ୍ଧି ଘଟିଛି। ଏପରିକି ଉପରୋକ୍ତ ୮ କମ୍ପାନୀଙ୍କ ମଧ୍ୟରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ସର୍ବାଧିକ କ୍ଷତି ସହିଥିବା ବେଳେ ଭାରତୀ ଏୟାରଟେଲ ସର୍ବାଧିକ ଲାଭ ହାସଲ କରିଥିବା ବଜାର କାରବାର ସବିଶେଷ ସୂଚନାରୁ ଜଣାପଡିଛି। ଉଲ୍ଲେଖଯୋଗ୍ୟ ଗତ ସପ୍ତାହରେ ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ)ର ୩୦ ଶେୟାର ବିଶିଷ୍ଟ ସୂଚକାଙ୍କ ସେନସେକ୍ସରେ ପ୍ରାୟ ୬୭୪ (୬୭୩.୮୪) ପଏଣ୍ଟ ହ୍ରାସ ଘଟିଥିଲା। ଏହି ପରିପ୍ରେକ୍ଷୀରେ ଭାରତୀ ଏୟାରଟେଲ୍ ଏବଂ ଆଇଟିସିକୁ ଛାଡି ଅନ୍ୟ ଆଠ କମ୍ପାନିର ବଜାର ମୂଲ୍ୟ ହ୍ରାସ ପାଇଛି। ଏପରିକି ଶୀର୍ଷ ୧୦କମ୍ପାନି ମଧ୍ୟରୁ ଆରଆଇଏଲକୁ ସବୁଠୁ ଅଧିକ କ୍ଷତି ହୋଇଛି। ବିଶେଷ କରି ଏହାର ବଜାର ମୂଲ୍ୟ ୪୧,୮୭୮.୩୭ କୋଟି ଟଙ୍କା ହ୍ରାସ ୧୫,୭୧,୭୨୪.୨୬ କୋଟି ଟଙ୍କାରେ ରହିଛି। ସେହିଭଳି ଆଇସିଆଇସିଆଇ ବ୍ୟାଙ୍କର ବଜାର ମୂଲ୍ୟ ୧୮,୧୩୪.୭୩ କୋଟି ଟଙ୍କା ହ୍ରାସ ହୋଇ ୫,୮୮,୩୭୯.୯୮ କୋଟି ଟଙ୍କାରେ ପହଞ୍ଚିଛି। ସେହିପରି ଏଚଡିଏଫସି ବ୍ୟାଙ୍କ ବଜାର ମୂଲ୍ୟ ୧୫,୦୦୭.୩୮ କୋଟି ହ୍ରାସ ଘଟି ୮,୮୬,୩୦୦.୨୦ କୋଟି ଟଙ୍କା ଏବଂ ଏସବିଆଇରେ ୧୨,୩୬୦.୫୯ କୋଟି ଟଙ୍କା ହ୍ରାସ ସହ ୪,୮୮.୩୯୯.୩୯ କୋଟିରେ ରହିଛି। ଅପରପକ୍ଷରେ ଭାରତୀ ଏୟାରଟେଲର ବଜାର ପୁଞ୍ଜି ୫,୦୭୧.୯୯ କୋଟି ଟଙ୍କା ବୃଦ୍ଧି ଘଟି ୪,୩୧,୨୩୦.୫୧ କୋଟି ଟଙ୍କା ହୋଇଥିବା ବେଳେ ଆଇଟିସିର ବଜାର ପୁଞ୍ଜିରେ ୪,୦୩୬.୨ କୋଟି ଟଙ୍କା ବଢି ୪,୮୧,୯୨୨.୩୩ କୋଟି ଟଙ୍କାରେ ପହଞ୍ଚିଛି। ସୂଚନାଯୋଗ୍ୟ, ବର୍ତ୍ତମାନ ମଧ ଭାରତର ସବୁଠୁ ମୂଲ୍ୟବାନ କମ୍ପାନି ଭାବେ ରିଲାଏନ୍ସ ଇଣ୍ଡଷ୍ଟ୍ରି ପ୍ରଥମ ସ୍ଥାନରେ ରହିଛି।

## ଫଣ୍ଡର ବ୍ରାଣ୍ଡ୍ ପରିଚୟ ବଦଳିବ

ନୂଆଦିଲ୍ଲୀ,୧୨।୩

ଆଇଡିଏଫସି ମ୍ୟୁଚୁଆଲ ଫଣ୍ଡର ନୂଆ ବ୍ରାଣ୍ଡ୍ ପରିଚୟ ବନ୍ଧନ ମ୍ୟୁଚୁଆଲ ଫଣ୍ଡ ନାମରେ ନାମିତ ହେବାକୁ ଯାଉଛି। ଏହା ଦ୍ୱାରା ଫଣ୍ଡ ହାଉସ ପକ୍ଷରୁ ପ୍ରତ୍ୟେକ ଯୋଜନାରେ ବ୍ୟବହାର ହେଉଥିବା 'ଆଇଡିଏଫସି' ଶବ୍ଦ 'ବନ୍ଧନ'କୁ ପରିବର୍ତ୍ତନ ହୋଇଯିବ। ଏମ୍‌ସିର ସିଇଓ ବିଶାଲ କପୁର କହିଛନ୍ତି, ଆମର ନୂଆ ନାମ ଆମ ନୂଆ ପ୍ରାୟୋଜକକୁ ପ୍ରତିଫଳିତ କରୁଛି, ଆମେ ବନ୍ଧନ ଗ୍ରୁପର ଅଂଶ ହୋଇଥିବାରୁ ନିଜକୁ ଗର୍ବିତ ମନେ କରୁଛୁ। ଆମର ପ୍ରାୟୋଜକମାନେ ପ୍ରତିନିଧିତ୍ୱ କରୁଥିବା ଉତ୍ତରାଧିକାରୀ, ଶୁଭେଚ୍ଛା ଏବଂ ଉତ୍ତରାଧିକାରୀ ଦ୍ୱାରା ସମର୍ଥିତ। ବନ୍ଧନ ମ୍ୟୁଚୁଆଲ ଫଣ୍ଡ ହେବାକୁ ଥିବା ଏହି ରିବ୍ରାଣ୍ଡିଂ ଫଣ୍ଡ ହାଉସ ଯାତ୍ରାରେ ଏକ ନୂତନ ଅଧ୍ୟାୟ ଆରମ୍ଭ କରିବ ଏବଂ ଏହା ବ୍ୟବସାୟରେ ତାଜା ଉତ୍ସାହ ଆଣିବ ବୋଲି ବିଶ୍ୱାସ କରୁଛୁ। ସୋମବାରଠାରୁ ନିବେଶକମାନେ ଫଣ୍ଡ ହାଉସର ନୂଆ ୱେବସାଇଟକୁ ବ୍ୟବହାର କରିପାରିବେ।

## ନୂଆମୁଣ୍ଡି ଖଣିକୁ ୫-ଷ୍ଟାର ରେଟିଂ



ନୂଆଦିଲ୍ଲୀ,୧୨।୩

ଟାଟା ଷ୍ଟିଲକୁ ନିକଟରେ ଆଉ ଏକ ଜାତୀୟ ସମ୍ମାନ ଓ ସ୍ୱୀକୃତି ମିଳିଥିବା ଜଣାପଡିଛି। ଏପରିକି କ୍ରମାଗତ ୭ମ ଥର ଲାଗି ଟାଟା ଷ୍ଟିଲର ନୂଆ ମୁଣ୍ଡି ଖଣିକୁ ଇଣ୍ଡିଆନ୍ ବ୍ୟୁରୋ ଅଫ୍ ମାଇନ୍ସ (ଆଇବିଏମ୍) ପକ୍ଷରୁ ୨୦୨୧-୨୨ ବର୍ଷ ପାଇଁ ଦୀର୍ଘସ୍ଥାୟୀ ବିକାଶ ନିମନ୍ତେ ୫-ଷ୍ଟାର (ପଞ୍ଚ ତାରକା) ରେଟିଂ ପ୍ରଦାନ କରାଯାଇଛି। ଅପରପକ୍ଷରେ ନାଗପୁରଠାରେ ଅନୁଷ୍ଠିତ ଆଇବିଏମ୍‌ର ୭୫ତମ ପ୍ରତିଷ୍ଠା ଦିବସ ଅବସରରେ ଟାଟା ଷ୍ଟିଲ୍‌କୁ ଉକ୍ତ ପୁରସ୍କାର ପ୍ରଦାନ କରାଯାଇଥିଲା। କେନ୍ଦ୍ର ସଂସଦୀୟ ବ୍ୟାପାର ତଥା କୋଇଲା ଓ ଖଣି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କଠାରୁ ଟାଟା ଷ୍ଟିଲ୍ ପକ୍ଷରୁ ଟାଟା ଷ୍ଟିଲ୍ କଞ୍ଚାମାଲ ବିଭାଗର ଉପସଭାପତି ଡି.ବି.ସୁନ୍ଦରମମଙ୍କ ସମେତ ନୂଆମୁଣ୍ଡି ଆଇରନ୍ ମାଇନ୍‌ର ମୁଖ୍ୟ ଶିରିଶ ଶେଖର ଓ ଯୋଡ଼ା ଇଷ୍ଟ ଆଇରନ୍ ମାଇନ୍‌ର ମୁଖ୍ୟ ସରୋଜ କୁମାର ବାନାର୍ଜୀ ଉକ୍ତ ପୁରସ୍କାର ଗ୍ରହଣ କରିଥିଲେ। ଟାଟା ଷ୍ଟିଲ୍ କଞ୍ଚାମାଲର ଉପସଭାପତି ଡି. ବି. ସୁନ୍ଦରମମ୍ କହିଛନ୍ତି, ଏକ ଦାୟିତ୍ୱବାନ ଖଣି କମ୍ପାନୀ ଭାବେ ପ୍ରଯୁକ୍ତି ଓ ମାନଦଣ୍ଡ ବ୍ୟବସ୍ଥାକୁ ବ୍ୟବହାର କରି ଆମେ ବିଜ୍ଞାନଭିତ୍ତିକ ଖଣି କାର୍ଯ୍ୟକୁ ଆଗକୁ ବଢ଼ାଇବା ଜାରି ରଖିଛୁ।

## ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟରେ ଜାତୀୟ ଆଇନ୍ କର୍ମଶାଳା

ଭୁବନେଶ୍ୱର,୧୨।୩

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟରେ 'ପରିବର୍ତ୍ତନଶୀଳ ଜଗତରେ ନ୍ୟାୟପାଳିକାର ଭୂମିକା' ଶୀର୍ଷକ ବିଷୟବସ୍ତୁ ଉପରେ ପ୍ରଥମ ଜାତୀୟ ଆଇନ୍ କର୍ମଶାଳା ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟର ପ୍ରାକ୍ତନ ବିଚାରପତି ଅନଙ୍ଗ କୁମାର ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦଘାଟନ କରି ମୌଳିକ ଅଧିକାରର ସୁରକ୍ଷା ପ୍ରଦାନ କରିବା ଦିଗରେ ନ୍ୟାୟପାଳିକାର ଯଥେଷ୍ଟ ଭୂମିକା ରହିଛି ବୋଲି ଅଭିମତ ପ୍ରଦାନ କରିଥିଲେ। ସେହିଭଳି ଆଡ୍‌ଭୋକେଟ୍ ଜେନେରାଲ,ଓଡିଶା ଅଶୋକ କୁମାର ପରିଜା ସମ୍ମାନିତ ଅତିଥିଭାବେ ଯୋଗଦାନ କରି ବିଶ୍ୱର ଦୃତ ପ୍ରଗତି ଓ ଆର୍ଟିଫିସିଆଲ ଇଣ୍ଟେଲିଜେନ୍‌ସିର କାର୍ଯ୍ୟକାରିତା ଦିଗରେ ନ୍ୟାୟପାଳିକାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥିଭାବେ ଯୋଗଦାନ କରି ଜାତୀୟ ଆଇନ୍ ବିଶ୍ୱବିଦ୍ୟାଳୟ ଓଡିଶାର କୁଳପତି ପ୍ରଫେସର୍ ବେଦ୍ କୁମାରୀ ତାଙ୍କର ଅଭିଭାଷଣରେ ବ୍ୟକ୍ତିଗତ ଗୋପନୀୟତା, ବିବାହ ଓ ଯୌତୁକ ଆଇନ୍ ଓ ବାଳ ଅପରାଧ ମାମଲା ସମ୍ବନ୍ଧୀୟ ନ୍ୟାୟୀକ ନିଷ୍ପତି ସମ୍ପର୍କରେ ବିଶେଷଭାବେ ଆଲୋକପାତ କରିଥିଲେ। ପରିବର୍ତ୍ତନଶୀଳ ସମାଜରେ ନ୍ୟାୟପାଳିକା ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରେ ବୋଲି ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା କୁଳାଧକ୍ଷ ପ୍ରଫେସର୍ (ଡ.) ବିଶ୍ୱଜିତ୍ ପଟ୍ଟନାୟକ ତାଙ୍କର ସ୍ୱାଗତ ଅଭିଭାଷଣରେ ମତବ୍ୟକ୍ତ କରିଥିଲେ। ସତ୍ୟ ଓ ନ୍ୟାୟର ପ୍ରତିଷ୍ଠା ଦିଗରେ ଆଇନ୍‌ର ପ୍ରଚେଷ୍ଟା ଅଭିନନ୍ଦନୀୟ ବୋଲି ମଧ ସେ ସୂଚନା ପ୍ରଦାନ କରିଥିଲେ ଏବଂ ପରିଶେଷରେ ଅତିଥିମାନଙ୍କୁ ଉପଢୌକନ ଓ ଫଳକ ପ୍ରଦାନ କରିଥିଲେ।

## ଏଚ୍‌ଏମ୍‌ଏସ୍‌ଆଇର ନୂତନ ମଡେଲ ଉନ୍ମୋଚିତ

ନୂଆଦିଲ୍ଲୀ,୧୨।୩




ଦେଶର ପ୍ରମୁଖ ଦୁଇ ଚକିଆ ଯାନ ନିର୍ମାତା 'ହୋଣ୍ଡା ମୋଟରସାଇକେଲ୍ ଆଣ୍ଡ ସ୍କୁଟର୍ ଇଣ୍ଡିଆ' (ଏଚ୍‌ଏମ୍‌ଏସ୍‌ଆଇ) ପକ୍ଷରୁ ୨ଟି ଅତ୍ୟାଧୁନିକ ମଡେଲର ସର୍ବ ଭାରତୀୟ ଉନ୍ମୋଚନ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଓବିଡି ୨ବି ନିୟମ ପାଳନ କରୁଥିବା ୨୦୨୩ ହାଇନେସ୍ ସିବି୩୫୦ ଓ ସିବି୩୫୦ଆର୍‌ଏସ୍‌ର ବଜାର ପ୍ରବେଶ କରାଯାଇଛି। ଏହି ନୂଆ ମୋଟରସାଇକେଲ୍ ଚଳିତ ବର୍ଷ ମାର୍ଚ୍ଚ ଶେଷ ସୁଦ୍ଧା ସାରା ଭାରତରେ ଥିବା ବିଗ୍‌ୱିଙ୍ଗ୍ ଡିଲରଶିପ୍‌ରେ ଉପଲବ୍ଧ ହେବ। ବିଶେଷକରି ହାଇନେସ୍ ସିବି୩୫୦ର ଏକ୍ସ ଶୋ'ରୁମ୍ ଦିଲ୍ଲୀ ବଜାର ମୂଲ୍ୟ ୨,୦୯,୮୫୭ ଟଙ୍କାରୁ ଆରମ୍ଭ ହୋଇଥିବା ବେଳେ ୨୦୨୩ ସିବି୩୫୦ଆର୍‌ଏସ୍‌ର ମୂଲ୍ୟ ୨,୧୪,୮୫୬ ଟଙ୍କା ରହିଛି। ସେହିଭଳି ସିବି୩୫୦ ଗ୍ରାହକମାନଙ୍କ ଲାଗି ଏଚ୍‌ଏମ୍‌ଏସ୍‌ଆଇ ପକ୍ଷରୁ ମାଇଁ ସିବି, ମାଇଁ ୱେ ନାମକ ନୂଆ କଷ୍ଟମାଇଜେଶନ୍ ସେକ୍ସନ୍‌ର ମଧ ଶୁଭାରମ୍ଭ କରାଯାଇଛି। ହୋଣ୍ଡା ଅସଲି ଆସେସୋରି ଭାବେ ବିକ୍ରି ହେବାକୁ ଥିବା ଏହି କଷ୍ଟମ୍ କିଟ୍ ୨୦୨୩ ମାର୍ଚ୍ଚ ଶେଷ ସୁଦ୍ଧା ବିଗ୍‌ୱିଙ୍ଗ୍ ଡିଲରଶିପ୍‌ରେ ଉପଲବ୍ଧ ହେବ।

ଏ ସମ୍ପର୍କରେ ଏଚ୍‌ଏମ୍‌ଏସ୍‌ଆଇର ପରିଚାଳନା ନିର୍ଦ୍ଦେଶକ ଆତସୁସି ଓଗାତା କହିଛନ୍ତି,ସରକାରଙ୍କ ଦ୍ୱାରା ଧାର୍ଯ୍ୟ ସମୟ ପୂର୍ବରୁ ନୂଆ ଉତ୍ପାଦଗୁଡ଼ିକୁ ଅପ୍‌ଗ୍ରେଡ୍‌କରିବା ଲାଗି ଏଚ୍‌ଏମ୍‌ଏସ୍‌ଆଇ ଉତ୍ସାହର ସହ କାର୍ଯ୍ୟ କରୁଛି। ଆମେ ଅତ୍ୟନ୍ତ ଆଶାବାଦୀ ଯେ ଆମ ନୂଆ ସେକ୍ସନ ମାଇଁ ସିବି, ମାଇଁ ୱେ ଅଧୀନରେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କଷ୍ଟମ୍ କିଟ୍ ଆମର ନୂଆ ଓ ପୂର୍ବରୁ ଥିବା ସିବି୩୫୦ ଗ୍ରାହକଙ୍କୁ ଆହୁରି ଉଲ୍ଲସିତ କରିବ।

## 'ସ୍ଥାୟୀ ସମାଧାନ ସନ୍ଧାନ ଦିଗରେ ପ୍ରତିବଦ୍ଧ'

ନୂଆଦିଲ୍ଲୀ,୧୨।୩

ଦ ନଜ୍ ସେଂଟର୍ ଫର୍ ସୋସିଆଲ ଇନୋଭେଶନ ଓ ଆଶୀର୍ବାଦ ପାଇପ୍‌ସ ପକ୍ଷରୁ ଭାରତ ସରକାରଙ୍କ ମୁଖ୍ୟ ବୈଜ୍ଞାନିକ ପରାମର୍ଶଦାତାଙ୍କ କାର୍ଯ୍ୟାଳୟ ସହଭାଗିତାରେ ଆଶୀର୍ବାଦ ୱାଟର ଚ୍ୟାଲେଞ୍ଜର ୭ଜଣ ଫାଇନାଲିଷ୍ଟଙ୍କ ନାମ ନିକଟରେ ଘୋଷଣା କରାଯାଇଛି। ବିଶେଷ କରି ଶ୍ରେଷ୍ଠ ୨୫ ୱାଟର ଇନୋଭେଟରଙ୍କ ମଧ୍ୟରୁ ଉକ୍ତ ଫାଇନାଲିଷ୍ଟମାନଙ୍କୁ ଚୟନ କରାଯାଇଛି। ସୂଚନାଯୋଗ୍ୟ ୨୦୨୨ରେ ୧୪୦ଜଣ ଆବେଦନକାରୀଙ୍କ ମଧ୍ୟରୁ ଉପରୋକ୍ତ ପ୍ରତିଯୋଗୀଙ୍କୁ ସର୍ଟଲିଷ୍ଟ କରାଯାଇଥିଲା। ଯେଉଁମାନଙ୍କ ଉଦ୍ଭାବନଗୁଡିକ ମଧ୍ୟରେ ୱାଟର ଲିକେଜ୍ ଓ ବିତରଣ ପାଇଁ ସମାଧାନ, ବର୍ଜ୍ୟଜଳ ବିଶୋଧନ, ଜଳ ବିଶୁଦ୍ଧିକରଣ, ଜଳର ବାୟୁମଣ୍ଡଳୀୟ ଉତ୍ପାଦନ ଓ ଜଳ ଇକୋସିଷ୍ଟମଗୁଡିକୁ ସକ୍ଷମ କରିବା ଆଦି ସାମିଲ ରହିଥିଲା। ଏହି ସମାଧାନଗୁଡିକ ମଧ୍ୟରୁ ଅନେକ ଆର୍ଟିଫିସିଆଲ ଇଂଟେଲିଜେନ୍ସ ଓ ମେଶିନ୍ ଲର୍ଣ୍ଣିଂ ଭଳି ଟେକ୍ନୋଲୋଜିଗୁଡିକର ବ୍ୟବହାର କରିଛନ୍ତି। ଏପରିକି ଆଗାମୀ ଦିନରେ ଏହା ବେଶ ମୂଲ୍ୟସାପେକ୍ଷ ହେବା ପାଇଁ ମଧ ଲକ୍ଷ୍ୟ ରଖିଛନ୍ତି। ଏ ଗୁଡିକ ଦେଶବ୍ୟାପୀ ଜଳର ଅଭାବ ଥିବା ଘରଗୁଡିକ ପାଇଁ ସମ୍ଭାବ୍ୟ ରୂପେ ଉପଯୋଗୀ ଅଟେ।

ଏ ସମ୍ପର୍କରେ ଦ ନଜ୍ ପ୍ରାଇଜ୍‌ର ନିର୍ଦ୍ଦେଶିକା କନିଷ୍କା ଚାଟର୍ଜୀ କହିଛନ୍ତି, ଜଳ କ୍ଷେତ୍ରରେ ଥିବା ବୃହତ୍ ଇକୋସିଷ୍ଟମକୁ ଯେଉଁଭଳି ଭାବେ ଦ/ନଜ୍ ଇନ୍‌ଷ୍ଟିଚ୍ୟୁଟ୍ ସମର୍ଥନ କରିବା ପାଇଁ ଆଗେଇ ଆସିଛି ତାହା ପ୍ରେରଣାଦାୟକ ଓ ଉତ୍ସାହଜନକ ଅଟେ। ସେହିଭଳି ଆଶୀର୍ବାଦ ପାଇପ୍‌ସର ପରିଚାଳନା ନିର୍ଦ୍ଦେଶକ ଦୀପକ ମେହୋତ୍ରା କହିଛନ୍ତି, ଜଳ ସୁରକ୍ଷା ଆମ ଦେଶ ପାଇଁ ଏକ ପ୍ରମୁଖ ସମସ୍ୟା ଏବଂ ଆଶୀର୍ବାଦ ପାଇପ୍‌ସ ସ୍ଥାୟୀ ସମାଧାନ ସନ୍ଧାନ କରିବା ଦିଗରେ ପ୍ରତିବଦ୍ଧ ରହିଛି।

ଫୁର୍‌ସତ୍

## ୧୯ରୁ ଖୋଲିବ ଟୁଲିପ୍ ଗାର୍ଡେନ

ନୂଆଦିଲ୍ଲୀ



ଜମ୍ମୁ-କଶ୍ମୀରସ୍ଥିତ ଏସିଆ ମହାଦେଶର ସବୁଠାରୁ ବଡ଼ ଟୁଲିପ୍ ଗାର୍ଡେନ ଆସନ୍ତା ୧୯ ତାରିଖରୁ ସର୍ବସାଧାରଣଙ୍କ ପାଇଁ ଖୋଲିବ। ଋତୁକାଳୀନ ପର୍ଯ୍ୟଟନ ପାଇଁ ଦେଶର ଅନ୍ୟତମ ଏହି ଶ୍ରେଷ୍ଠ ସ୍ଥାନ ପରିଭ୍ରମଣରେ ଆସୁଥିବା ପର୍ଯ୍ୟଟକ ଯେପରି ଭଲ ଅନୁଭୂତି ନେଇ ଫେରିବେ, ସେଥିଲାଗି ପ୍ରଶାସନ ଏବଂ ବିଭାଗୀୟ କର୍ତ୍ତୃପକ୍ଷ ଜୋରଦାର ପ୍ରସ୍ତୁତି ଚଳାଇଛନ୍ତି।

ଶ୍ରୀନଗରର ଡାଲ୍ ହ୍ରଦ ନିକଟରେ ୭୪ ଏକର ଜମିରେ ପରିବ୍ୟାପ୍ତ ଏହି ବିଶାଳକାୟ ଟୁଲିପ୍ ବଗିଚାକୁ 'ଇନ୍ଦିରା ଗାନ୍ଧୀ ମେମୋରିଆଲ ଟୁଲିପ ଗାର୍ଡେନ୍' ନାମରେ ନାମିତ କରାଯାଇଛି। ୨୦୦୮ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଗୁଲାମ ନବୀ ଆଜାଦ୍ ଏହାକୁ ଲୋକାର୍ପଣ କରିଥିଲେ। ସେଠାରେ ୬୮ ପ୍ରଜାତିର ପ୍ରାୟ ୧୫ ଲକ୍ଷ ରଙ୍ଗବେରଙ୍ଗର ଟୁଲିପ୍ ଗଛ ରହିଛି। କୋଭିଡ୍-୧୯ କଟକଣା କାରଣରୁ ଗତ ୨ବର୍ଷ ହେଲା ଟୁଲିପ୍ ଗାର୍ଡେନ ବୁଲିବାକୁ ଆସୁଥିବା ପର୍ଯ୍ୟଟକଙ୍କ ସଂଖ୍ୟା ଯଥେଷ୍ଟ ହ୍ରାସ ପାଇଥିଲା। ତଥାପି ଗତବର୍ଷ ପ୍ରାୟ ୨ ଲକ୍ଷ ପର୍ଯ୍ୟଟକଙ୍କ ଏଠାରେ ସମାଗମ ହୋଇଥିଲା। ଚଳିତବର୍ଷ କରୋନା ଭୟ ନ ଥିବାରୁ ବହୁ ପର୍ଯ୍ୟଟକ ଏହାର ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ଲାଗି ଉତ୍ସୁକତାର ସହ ଅପେକ୍ଷା କରିଛନ୍ତି। ଅନ୍ୟପଟେ ଗାର୍ଡେନ୍‌ରେ ସାଧାରଣ ପ୍ରବେଶ ଶୁଳ୍କ ୫୦ ଟଙ୍କା ରଖାଯାଇଥିବାବେଳେ ଶିଶୁ ଏବଂ ବୃଦ୍ଧଙ୍କ ପାଇଁ ୨୫ ଟଙ୍କା ରହିଛି।

## ପୂର୍ବ ଅନ୍ଦାଜରେ ର୍‍ୟାମ୍ପ ୱାକ୍‌ରେ ସୁସ୍ମିତା

ମୁମ୍ବାଇ



ବର୍ତ୍ତମାନ ମୁମ୍ବାଇରେ ଲାଖ୍‌ମୀ ଫ୍ୟାଶନ ସପ୍ତାହ ଚାଲିଛି। ସେଠାରେ ଏପର୍ଯ୍ୟନ୍ତ ବହୁ ତାରକା ର୍‍ୟାମ୍ପ ୱାକ୍ କରୁଥିବା ଦେଖିବାକୁ ମିଳିଛି। ର୍‍ୟାମ୍ପରେ ସୋନାକ୍ଷୀ ସିହ୍ନା, ଶୋଭିତା ଧୁଲିପାଲା, ସଞ୍ଜନା ସାନ୍ଧୀ, ରକୁଲ ପ୍ରୀତ ତାଙ୍କ ଜଲ୍‌ୱା ଦେଖାଇ ସାରିଲେଣି। ତେବେ ଶୋ'ର ତୃତୀୟ ଦିନ ଶନିବାରରେ ପ୍ରଥମ ଭାରତୀୟ ମିସ୍ ୟୁନିଭର୍ସ ସୁସ୍ମିତା ସେନ୍ ର୍‍ୟାମ୍ପ ୱାକ୍‌ରେ ନଜରକୁ ଆସିଥିଲେ। ସେଥିରେ ସେ ଡିଜାଇନର ଅନୁଶ୍ରୀ ରେଡ୍ଡୀଙ୍କ ପ୍ରସ୍ତୁତ ହଳଦିଆ ରଙ୍ଗର ଲେହେଙ୍ଗା ପିନ୍ଧିଥିଲେ। କିଛି ଦିନ ତଳେ ସୁସ୍ମିତାଙ୍କ ହୃଦ୍‌ଘାତ ହୋଇଥିଲା। ଏହା ତାଙ୍କ ସମସ୍ତ ପ୍ରଶଂସକଙ୍କୁ ଅଧିକ ଆଘାତ ଦେଇଥିଲା। ପରେ ସେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାର ସୁଧାର ନେଇ ସମସ୍ତଙ୍କୁ ସୂଚନା ଦେଇଥିଲେ। ଏବେ ସେ ସମ୍ପୂର୍ଣ୍ଣ ସୁସ୍ଥ ଥିବା ଜଣାପଡିଛି। ତା'ପରେ ଏହା ତାଙ୍କର ପ୍ରଥମ ର୍‍ୟାମ୍ପ ୱାକ୍ ଥିଲା। ତାଙ୍କ ମୁହଁରେ ଆଗଭଳି ହସ ରହିଥିଲା, ଯାହା ଦର୍ଶକଙ୍କୁ ବେଶ୍ ମୁଗ୍ଧ କରିଥିଲା। ସେ ସେହି ରାମ୍ପ ୱାକ୍‌ରେ ସମସ୍ତଙ୍କ ମନ ଜିଣିପାରିଥିଲେ। ସୁସ୍ମିତା ସେହି ଶୋ'ର ଶୋ' ଷ୍ଟପର ହୋଇଥିଲେ।



## ୭୧ ବର୍ଷରେ ର୍‍ୟାମ୍ପ୍ ୱାକ୍ କରି ଚର୍ଚ୍ଚାରେ

**ମୁମ୍ବାଇ:** ବର୍ତ୍ତମାନ ସମୟରେ ଲୋକେ କମ୍ ବୟସ ବଞ୍ଚୁଛନ୍ତି। ଅନେକ ସମୟରେ ବିଭିନ୍ନ କଳାକାର ଏବଂ ସାଧାରଣ ମଣିଷଙ୍କ ହୃଦ୍‌ଘାତ ହେଉଥିବା ଦେଖାଯାଉଛି। ତେବେ ଜଣେ ୭୧ ବର୍ଷୀୟା ଭେଟେରାନ୍ ଅଭିନେତ୍ରୀ ଜିନତ ଅମାନ ନିକଟରେ ତାଙ୍କ ଜଲ୍‌ୱା ଦେଖାଇଛନ୍ତି। ସେ ମୁମ୍ବାଇରେ ଆୟୋଜିତ ଲାଖ୍‌ମୀ ଫ୍ୟାଶନ ଶୋ'ରେ ତାଙ୍କ ର୍‍ୟାମ୍ପ ୱାକ୍ ଦେଖି ଦର୍ଶକ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ। ସେ କଳା ଓ ନାଲି ରଙ୍ଗର ଏକ ବ୍ଲେଜର ଏବଂ ଶୁଟ୍ ପିନ୍ଧିଥିଲେ। ଏଥିସହ ସେ ଆଖିରେ ଏକ କଳା ଚଷମା ପରିଧାନ କରିଥିଲେ, ଯାହା ତାଙ୍କ ଲୁକ୍‌କୁ ଅଧିକ ଆକର୍ଷଣୀୟ କରୁଥିଲା। ୭୧ ବର୍ଷ ବୟସରେ ତାଙ୍କର ଏପରି ଜଲ୍‌ୱା ଦେଖି ସମସ୍ତ ଅବାକ୍ ହୋଇ କରତାଳି କରିଥିଲେ। ତେବେ ଜିନତ ଅଭିନେତ୍ରୀ ହେବା ପୂର୍ବରୁ ୧୯୭୦ରେ ମିସ୍ ଇଣ୍ଡିଆ ଏବଂ ମିସ୍ ଏସିଆ ପାସିଫିକ୍ ଇଣ୍ଟରନ୍ୟାଶନାଲ୍‌ର ବିଜେତା ହୋଇଥିଲେ। ସେତେବେଳେ ତାଙ୍କୁ ୧୯ ବର୍ଷ ବୟସ ହୋଇଥିଲା। ସେ ସେହି ସମୟରେ ବଲିଉଡ୍‌ରେ ଡେବ୍ୟୁ କରିଥିଲେ। ତାଙ୍କର 'ହରେ ରାମ ହରେ କ୍ରିଷ୍ଣା' ଫିଲ୍ମ ତାଙ୍କୁ ରାତାରାତି ଷ୍ଟାର କରିଥିଲା।

## ୧୦୪ ବର୍ଷରେ ସାକ୍ଷର

ନୂଆଦିଲ୍ଲୀ: କଥାରେ ଅଛି ଶିକ୍ଷା ପାଇଁ ନ ଥାଏ କୌଣସି ବୟସ ସୀମା। ପରିଣତ ବୟସରେ ବହିବସ୍ତାନି ଧରିବାର ଅନେକ ଉଦାହରଣ ରହିଛି। ହେଲେ ଏଥିଲାଗି ଅନେକ ସମୟରେ ପାରମ୍ପରିକ ସମାଜର ଧରାବନ୍ଧା ନିୟମର ସମ୍ମୁଖୀନ ହେବାକୁ ପଡ଼େ। ତେଣୁ ଇଚ୍ଛା ଥିଲେ ବି ଅନେକେ ଏଥିଲାଗି ସାହସ ଜୁଟାଇପାରି ନ ଥାଆନ୍ତି। ହେଲେ କେରଳର କୋଟାୟାମ୍ ନିବାସୀ ତଥା ଶତାୟୁ ବୃଦ୍ଧା କୁଟିଆମ୍ମା କଣ୍ଠି ଏହାର ବ୍ୟତିକ୍ରମ। କେରଳର ଲିଟେରାସି ମିଶନ ପରୀକ୍ଷାରେ ସେ ଉତ୍ତୀର୍ଣ୍ଣ ହୋଇ ଅନ୍ୟମାନଙ୍କ ପାଇଁ ସୃଷ୍ଟି କରିଛନ୍ତି ଉଦାହରଣ। କୁଟିଆମ୍ମାଙ୍କ ବୟସ ୧୦୬ ଟପିଲାଣି। ତାଙ୍କୁ ଯେତେବେଳେ ୧୦୪ ବର୍ଷ ହୋଇଥିଲା, ସେତେବେଳେ ସେ ଉକ୍ତ ପରୀକ୍ଷା ଦେଇଥିଲେ। ଏଥିରେ ସେ ୧୦୦ରୁ ୮୯ ମାର୍କ ରଖି ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିଲେ। ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଶନିବାର ଦିଲ୍ଲୀ କମିଶନ ଫର୍ ୱେମେନ୍ସ ଇଣ୍ଟରନ୍ୟାଶନାଲ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ତାଙ୍କୁ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ସମ୍ମାନିତ କରିଛନ୍ତି' ନିରକ୍ଷର ବରିଷ୍ଠ ନାଗରିକଙ୍କୁ ଶିକ୍ଷାଦାନ କରି ସାକ୍ଷର କରିବା ଲାଗି କେରଳ ସରକାରଙ୍କ ପକ୍ଷରୁ ପ୍ରତିବର୍ଷ ଷ୍ଟେଟ୍ ଲିଟେରାସି ମିଶନ ପରୀକ୍ଷାର ଆୟୋଜନ କରାଯାଇଥାଏ। ରାଜ୍ୟରେ ସାକ୍ଷରତା ହାର ବଢ଼ାଇବା ଲାଗି ଅନୁଷ୍ଠିତ ଏହି ଅଭିନବ ପରୀକ୍ଷା ଅନେକଙ୍କ ପାଇଁ ଆଶୀର୍ବାଦ ସାବ୍ୟସ୍ତ ହୋଇଛି। ଏହି ପରୀକ୍ଷାରେ ସଫଳ ହେଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ଯୋଗ୍ୟତା ୪ର୍ଥ ଶ୍ରେଣୀର ସମକକ୍ଷ ବୋଲି ବିବେଚନା କରାଯାଏ। ସୂଚନାଯୋଗ୍ୟ, ବୃଦ୍ଧା କୁଟିଆମ୍ମାଙ୍କ ବିବାହ ମାତ୍ର ୧୫ ବର୍ଷ ବୟସରେ ହୋଇଥିଲା। ତେବେ ସେତେବେଳର ରୁଢ଼ିବାଦୀ ମାନସିକତା କାରଣରୁ ସେ ଚାଟଶାଳୀ ବାରଣ୍ଡା ମାଡ଼ିପାରି ନ ଥିଲେ।

**ଆଜି ରାଜଭବନ ଘେରିବ କଂଗ୍ରେସ**

ଭୁବନେଶ୍ୱର, (ବ୍ୟୁରୋ): ହିଣ୍ଡେନବର୍ଗ ରିପୋର୍ଟ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଆଦାନୀଙ୍କ ମଧ୍ୟରେ ଅସାଧୁ ମେଣ୍ଟ ଯୋଗୁ ଏଲ୍ଆଇସି, ଏସ୍ବିଆଇ ସମେତ ଅନ୍ୟ ଜାତୀୟ ବ୍ୟାଙ୍କଗୁଡିକର ଅନେକ ହଜାର କୋଟି ଟଙ୍କା କ୍ଷତି ହେଲାଣି। ଏହି ପ୍ରସଙ୍ଗରେ ଏଆଇସିସିର ଆହ୍ୱାନକ୍ରମେ ସୋମବାର ରାଜ୍ୟ କଂଗ୍ରେସ ପକ୍ଷରୁ 'ରାଜଭବନ ଚାଲ' ଅଭିଯାନର ଡାକରା ଦିଆଯାଇଛି। ଅଭିଯାନକୁ ସଫଳ କରିବା ଲାଗି ଏମ୍ପି, ବିଧାୟକ, ପୂର୍ବତନ ଏମ୍ପି ଓ ବିଧାୟକ, ପିସିସି ସଦସ୍ୟଙ୍କ ସମେତ ଜିଲା ଓ ବ୍ଲକ ସଭାପତିଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମରେ ସାମିଲ ହେବାକୁ ପିସିସି ସଭାପତି ଶରତ ପଟ୍ଟନାୟକ ଅନୁରୋଧ କରିଛନ୍ତି।


**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ଟିଟୁଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଯୁବ କଂଗ୍ରେସ ସଭାପତି ପଦ ଲାଗି ଲଢ଼େଇ ଜୋରଦାର

**ଭୁବନେଶ୍ୱର, ୧୨।୩(ବ୍ୟୁରୋ)**

ରାଜ୍ୟରେ ଏବେ ଯୁବ କଂଗ୍ରେସର ସାଙ୍ଗଠନିକ ନିର୍ବାଚନ ପ୍ରକ୍ରିୟା ଚାଲିଛି। ଫେବୃୟାରୀ ୨୦ରୁ ମାର୍ଚ୍ଚ ୩ ଯାଏ ରାଜ୍ୟଠାରୁ ଆରମ୍ଭ କରି ଜିଲାସ୍ତର ପର୍ଯ୍ୟନ୍ତ ଯୁବ କଂଗ୍ରେସର ବିଭିନ୍ନ ସାଙ୍ଗଠନିକ ପଦ ପଦବୀ ଲାଗି ନାମାଙ୍କନ ପ୍ରକ୍ରିୟା ସରିଛି। ଯୁବ କଂଗ୍ରେସ ରାଜ୍ୟ ସଭାପତି, ରାଜ୍ୟ ସାଧାରଣ ସମ୍ପାଦକ, ଜିଲା କମିଟି, ବିଧାନସଭା କମିଟିର ବିଭିନ୍ନ ପଦବୀ ଲାଗି ନିର୍ବାଚନ କରାଯାଉଛି। ଏହାସହ ଗତ ମାର୍ଚ୍ଚ ୭ରୁ ଦଳର ମେମ୍ବରଶିପ୍ ଡ୍ରାଇଭ ଆରମ୍ଭ ହୋଇଥିବାବେଳେ ଏହା ଏପ୍ରିଲ ୭ ପର୍ଯ୍ୟନ୍ତ ଚାଲିବ। ସାଙ୍ଗଠନିକ ନିର୍ବାଚନର ପ୍ରାର୍ଥୀମାନେ ନୂଆ ମେମ୍ବର କରି ସେମାନଙ୍କ ଭୋଟ୍ ନିଜ ସପକ୍ଷରେ ନେବା ଲାଗି ଚେଷ୍ଟା କରୁଛନ୍ତି। କାରଣ ଯେଉଁମାନେ ନୂଆ ମେମ୍ବର ହେବେ ସେମାନେ ସେହି ସମୟରେ ହିଁ ଭୋଟ୍ ଦେବେ। ବଡ଼ କଥା ହେଉଛି ୫ ବର୍ଷ ପରେ ଏହି ସାଙ୍ଗଠନିକ ନିର୍ବାଚନ ହେଉଛି।

ମିଳିଥିବା ସୂଚନା ମୁତାବକ, ରାଜ୍ୟରେ ପ୍ରାୟ ୧୦ ହଜାର ଯୁବତୀ ଯୁବକ ମେମ୍ବର ହୋଇ ଏହି ନିର୍ବାଚନରେ ନିଜର ଭୋଟ୍ ଦେଇସାରିଲେଣି। ତେବେ ରାଜ୍ୟରେ ନୂଆ ଯୁବ କଂଗ୍ରେସ ସଭାପତି ହେବା ଲାଗି ଆରମ୍ଭ ହୋଇଥିବା ପ୍ରତିଯୋଗିତାରେ ଦଳର ବରିଷ୍ଠ ନେତାମାନେ ମୁଖ୍ୟତଃ ତିନି ଭାଗରେ ବାଣ୍ଟି ହୋଇପଡ଼ିଥିବା ଦଳୀୟ ମହଲରେ ଚର୍ଚ୍ଚା ଜୋର୍ ଧରିଛି। ରାଜ୍ୟ ଯୁବ କଂଗ୍ରେସ ସଭାପତି ପଦ ଲାଗି ୫ ଜଣ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେମାନେ ହେଉଛନ୍ତି ସାଗର ଦାସ, ରଞ୍ଜିତ ପାତ୍ର, କୃଷ୍ଣଚନ୍ଦ୍ର ମହାନ୍ତି, ରୁକ୍ମିଣୀ ମଙ୍ଗରାଜ ଏବଂ ନାରାୟଣ ବାରି। ତେବେ ପ୍ରତିଯୋଗିତା ମୁଖ୍ୟତଃ ୩ ପ୍ରାର୍ଥୀଙ୍କ ମଧ୍ୟରେ ହେବ। ସେମାନେ ହେଉଛନ୍ତି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତ ଚରଣ ଦାସଙ୍କ ପୁଅ ସାଗର ଦାସ, ଭୁବନେଶ୍ୱର ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର ଏବଂ କୃଷ୍ଣଚନ୍ଦ୍ର ମହାନ୍ତି। ତେବେ ଭକ୍ତଙ୍କ ପୁଅ ସାଗର କିପରି ନ ଜିତିବେ ସେନେଇ ଦଳର କେତେଜଣ ବରିଷ୍ଠ ନେତା ମେଳି ବାନ୍ଧିଥିବା କୁହାଯାଉଛି। ସୂଚନା ମୁତାବକ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, କଟକ ଜିଲା କଂଗ୍ରେସ ସଭାପତି ମାନସ ଚୌଧୁରୀ, କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି ପ୍ରମୁଖ ନେତା ଏକାଠି ହୋଇ ରଞ୍ଜିତ ପାତ୍ରଙ୍କୁ ସମର୍ଥନ କରୁଛନ୍ତି। ଅନ୍ୟପଟେ ପିସିସି ସଭାପତି ଶରତ ପଟ୍ଟନାୟକ, ବିଶ୍ୱ ମହାନ୍ତି, ପୂର୍ବରୁ ଯୁବ କଂଗ୍ରେସ ସଭାପତି ଦାୟିତ୍ୱରେ ଥିବା ଲୋକନାଥ ମହାରଥୀ ପ୍ରମୁଖ କୃଷ୍ଣଚନ୍ଦ୍ର ମହାନ୍ତିଙ୍କୁ ସମର୍ଥନ କରୁଛନ୍ତି। ରାଜ୍ୟରେ କଂଗ୍ରେସ ଅତ୍ୟନ୍ତ ଖରାପ ସ୍ଥିତିରେ ଥିବାବେଳେ ଦଳର ବରିଷ୍ଠ ନେତାମାନେ ଯୁବ କଂଗ୍ରେସ ସଭାପତି ପଦ ନିଜ ସପକ୍ଷରେ ରଖିବା ଲାଗି ଜୋରଦାର୍ ପ୍ରୟାସ ଆରମ୍ଭ କରିଛନ୍ତି। ହେଲେ ଦଳର ବରିଷ୍ଠ ନେତା ତାରାପ୍ରସାଦ ବାହିନୀପତି ଏହାକୁ ନେଇ ବିସ୍ଫୋରକ ବୟାନ ଦେଇଛନ୍ତି। ସେ କହିଛନ୍ତି, ଯୁବ କଂଗ୍ରେସର ଏହି ସାଙ୍ଗଠନିକ ନିର୍ବାଚନ ଦ୍ୱାରା ଦଳ ଭାଗ ଭାଗ ହେଉଛି। ଏଥିଯୋଗୁ ଏବେ ନେତାମାନେ ବହୁ ଗୋଷ୍ଠୀରେ ବିଭକ୍ତ ହେଲେଣି। ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି)ର ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଯେଉଁ ଉଦ୍ଦେଶ୍ୟରେ ଏହି ନିର୍ବାଚନ କରାଉଥିଲେ ତାହା ସଫଳ ହେଉନାହିଁ ବୋଲି ସେ କହିଛନ୍ତି।



ସାଗର ଦାସ



ରଞ୍ଜିତ ପାତ୍ର



କୃଷ୍ଣଚନ୍ଦ୍ର ମହାନ୍ତି

ତେବେ ଯୁବ କଂଗ୍ରେସର ସାଙ୍ଗଠନିକ ନିର୍ବାଚନ ପ୍ରକ୍ରିୟାରେ ବରିଷ୍ଠ ନେତାମାନେ ପ୍ରତ୍ୟକ୍ଷ ଭାବେ ଅଂଶଗ୍ରହଣ କରିବା ବ୍ୟବସ୍ଥା ନାହିଁ। ହେଲେ ଏହି ପଦରେ ନିଜ ସମର୍ଥକଙ୍କୁ ବସାଇବା ଲାଗି ୩ ଗୋଷ୍ଠୀରେ ବିଭକ୍ତ ବରିଷ୍ଠ ନେତାମାନେ ମାତ୍ରାଧିକ ରାଜନୀତି ଚଳାଇଛନ୍ତି। ତେବେ ଭକ୍ତ ଦାସ ନିଜ ପୁଅଙ୍କ ଲାଗି ପ୍ରଚାର କରୁଥିବା ବେଳେ ରଞ୍ଜିତଙ୍କ ପାଇଁ ମଧ୍ୟ ନିରଞ୍ଜନଙ୍କ ଗୋଷ୍ଠୀ ଉଦ୍ୟମ କରୁଛନ୍ତି। ବିଗତ ଦିନରେ ପିସିସି ସଭାପତି ହେବା ଲାଗି ପ୍ରତିଯୋଗିତା କରିଆସୁଥିବା ନିରଞ୍ଜନ ପଟ୍ଟନାୟକ ଏବଂ ଜୟଦେବ ଜେନା ଏକାଠି ହୋଇ ଜଣଙ୍କୁ ଯୁବ କଂଗ୍ରେସ ସଭାପତି କରାଇବା ପାଇଁ ଚେଷ୍ଟା କରିବା କଥା ବହୁ ମାତ୍ରାରେ ଆଲୋଚନା ହେଉଛି। ବିଗତ ଦିନରେ ଏହି ଦୁଇ ନେତାଙ୍କ ଭିନ୍ନ ଭିନ୍ନ ଗୋଷ୍ଠୀ ଥିଲା। ପ୍ରଥମ ଥର ଲାଗି ବନ୍ଧୁତ୍ୱର ହାତ ମିଶାଇଥିବା କେନ୍ଦୁଝରର ଉଭୟ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକ ଏବଂ ଜୟଦେବ ଜେନା ଏକତ୍ର ହୋଇ ଭକ୍ତଙ୍କ ପୁଅଙ୍କୁ ବିରୋଧ କରୁଛନ୍ତି। ଏହାର ଏକମାତ୍ର କାରଣ ହୋଇପାରେ ଯେ, ସାଗର ଦାସ ଜିତିଲେ ଭକ୍ତ ଦାସଙ୍କ ଓଡ଼ିଶା କଂଗ୍ରେସରେ ପତିଆରା ବୃଦ୍ଧି ପାଇବ। ଯଦି ସେଭଳି ପରିସ୍ଥିତି ହୁଏ, ତେବେ ଏହି ନେତାମାନଙ୍କୁ ବିଜୁ ଜନତା ଦଳ ଏବଂ ଭାରତୀୟ ଜନତା ପାର୍ଟି ସହିତ ଥିବା ଭିତିରି ବୁଝାମଣା ସହ ବ୍ୟବସାୟିକ କ୍ଷତି ମଧ୍ୟ ହେବ। ଏହି ପଦ ହାସଲ କରିବା ଲାଗି ବିପୁଳ ଅର୍ଥ ମଧ୍ୟ ଖର୍ଚ୍ଚ ହେଉଛି। ଭଲ ହୋଟେଲରେ ଖାଇବା, ପିଇବାର ବ୍ୟବସ୍ଥା କରି ସଭାପତି ପ୍ରାର୍ଥୀମାନେ ମେମ୍ବରଶିପ୍ ଡ୍ରାଇଭରେ ନୂଆ ଭୋଟରଙ୍କୁ ଯୋଡ଼ି ସେମାନଙ୍କ ଭୋଟ୍ ନେବା ଉଦ୍ୟମ କରୁଛନ୍ତି।

ଏନେଇ ପ୍ରାର୍ଥୀ ହୋଇଥିବା ୩ ଯୁବ ନେତା ପରସ୍ପର ବିରୋଧରେ ମତ ରଖିଛନ୍ତି। କୃଷ୍ଣଚନ୍ଦ୍ର ମହାନ୍ତି କହିଛନ୍ତି, ମେମ୍ବରଶିପ୍ ଡ୍ରାଇଭ କରିବା ବେଳେ ଯୁବକମାନେ ତାଙ୍କ ପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି। ଛାତ୍ର କଂଗ୍ରେସ ରାଜନୀତିରୁ ବିଭିନ୍ନ କାର୍ଯ୍ୟରେ ସକ୍ରିୟ ଅଛନ୍ତି। ସାଗର ଦାସ ହେଉଛନ୍ତି ଭକ୍ତ ଦାସଙ୍କ ପୁଅ। ସେ ଯୁବ କିମ୍ବା ଛାତ୍ର କୌଣସି କମିଟିରେ ନାହାନ୍ତି। ସେ କୋଶଳ ରାଜ୍ୟ ପାଇଁ ଦାବି କରୁଥିଲେ। ଏହା କେତେଦୂର ଠିକ୍ ଯୁବପିଢ଼ି ଜାଣିଛନ୍ତି। ସେହିପରି ରଞ୍ଜିତ ପାତ୍ର ତାଙ୍କ ପରେ କଂଗ୍ରେସକୁ ଆସିଛନ୍ତି ବୋଲି କୃଷ୍ଣ କହିଛନ୍ତି।

ରଞ୍ଜିତ କହିଛନ୍ତି, ପିଲାବେଳୁ ରାଜନୀତି କରିଛି। ଏଥର ଯୁବ କଂଗ୍ରେସ ସଭାପତି ପାଇଁ ଲଢୁଛି। କ୍ଲାସ୍ ୩ରୁ ଦଳର ପୋଷ୍ଟର, ବ୍ୟାନର ମାରିଛୁ। ତେଣୁ ନିଜ ଦଳ କଥାରେ କିଏ କ'ଣ କହିଲେ କିଛି ନାହିଁ। କେବେ ରାଜନୀତିକୁ ଆସିଲି ତାହା ବଡ଼ କଥା ନୁହେଁ ବୋଲି ରଞ୍ଜିତ କହିଛନ୍ତି।

ସାଗର ଦାସ କହିଛନ୍ତି, ଜିତିବା ଲାଗି ଶତ ପ୍ରତିଶତ ଆଶାବାଦୀ। ଯୁବପିଢ଼ି ମଧ୍ୟ ତାଙ୍କ ପ୍ରତି ବିଶ୍ୱାସ ରଖୁଛନ୍ତି। ଏନ୍ଏସ୍ୟୁଆଇ ପ୍ରତି ତାଙ୍କର ବହୁତ ଅବଦାନ ରହିଛି। ବିଧାୟକ ପ୍ରାର୍ଥୀ ହେବା ସହିତ ଭଲ ଭୋଟ୍ ପାଇଥିଲେ। ତେଣୁ କିଏ ବିନା କୌଣସି ପ୍ରମାଣରେ ତାଙ୍କ ବିଷୟରେ କହିଲେ କିଛି ଯାଏଆସେ ନାହିଁ ବୋଲି ସାଗର କହିଛନ୍ତି।

# କଂଗ୍ରେସ ମୋ କବର ଖୋଳୁଛି: ମୋଦି

**ବେଙ୍ଗାଲୁରୁ, ୧୨।୩**

କର୍ନାଟକର ବିଦାୟୀ ଭାଜପା ସରକାର ବିଭିନ୍ନ ଦୁର୍ନୀତି ଅଭିଯୋଗରେ ଛନ୍ଦି ହୋଇଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତା ବଳରେ ଆଗାମୀ ବିଧାନସଭା ନିର୍ବାଚନ ଜିତିବା ପାଇଁ ଉଦ୍ୟମ ଚଳାଇଛି। ଭୋଟରଙ୍କୁ ଆକୃଷ୍ଟ କରିବା ଲାଗି ପ୍ରଧାନମନ୍ତ୍ରୀ ରବିବାର ମାଣ୍ଡ୍ୟା ଏବଂ ହୁବଲି-ଧରୱାଡ ଜିଲାରେ ପ୍ରାୟ ୧୬,୦୦୦ କୋଟି ଟଙ୍କାର ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏଥିସହିତ ସେ ବେଙ୍ଗାଲୁରୁ-ମହୀଶୂର ଏକ୍ସପ୍ରେସ୍ୱେକୁ ଉଦ୍‌ଘାଟନ କରିଥିଲେ।

ଏହି ଅବସରରେ ଉଦ୍‌ବୋଧନ ଦେଇ ମୋଦି କହିଥିଲେ, ସେ ଏକ୍ସପ୍ରେସ୍ୱେ ନିର୍ମାଣ ସହ ଗରିବଙ୍କ ଜୀବନ ଧାରଣକୁ ସରଳ କରିବା ପାଇଁ ବ୍ୟସ୍ତ ଥିବାବେଳେ କଂଗ୍ରେସ ତାଙ୍କ କବର ଖୋଳିବାକୁ ସ୍ୱପ୍ନ ଦେଖୁଛି। ତେବେ ସାରା ଦେଶର ମାଆ, ଭଉଣୀ ଓ ଜନସାଧାରଣଙ୍କ ଆଶୀର୍ବାଦ ତାଙ୍କ ପଛରେ ରହିଥିବା ବିରୋଧୀ ଜାଣନ୍ତି ନାହିଁ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ମାଣ୍ଡ୍ୟା ଧର୍ମନିରପେକ୍ଷ ଜନତା ଦଳ(ଜେଡିଏସ୍)ର ଗଡ଼ ହୋଇଥିବାବେଳେ ୬୧ ଆସନ ଥିବା ପୁରୁଣା ମହୀଶୂର ଅଞ୍ଚଳରେ ମଧ୍ୟ ଏହି ଦଳର ଆଧିପତ୍ୟ ରହିଛି। କଂଗ୍ରେସର ମଧ୍ୟ ସେଠାରେ ଭଲ ସ୍ଥିତିରେ ଅଛି। ଗତ ନିର୍ବାଚନରେ ଭାଜପା ସେଠାରେ ସଂଖ୍ୟାଗରିଷ୍ଠତା ହାସଲ କରିବାରେ ବିଫଳ ହୋଇଥିଲା। ତେଣୁ ଭୋଟରଙ୍କୁ ଆକୃଷ୍ଟ କରିବା ଲାଗି ମୋଦି ସେଠାକୁ ଗସ୍ତରେ ଯାଇ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଥିବା କୁହାଯାଉଛି।

# ଯିଏ ସରକାରକୁ ଆସିବ ଏସ୍ଏଚ୍‌ଜିଙ୍କୁ ଟଙ୍କା ଦେବ: ବିଜୟ

**ଭୁବନେଶ୍ୱର, ୧୨।୩(ବ୍ୟୁରୋ)**

ସରକାରକୁ ଯିଏ ଆସିବ ସିଏ ଏସ୍ଏଚ୍‌ଜିମାନଙ୍କୁ ଟଙ୍କା ଦେବ। ସେଥିରେ କିଛି ବାହାଦୁରି ନାହିଁ। ଏପର୍ଯ୍ୟନ୍ତ ଏସ୍ଏଚ୍‌ଜିର ମହିଳାମାନେ ନିଜ ଗୋଡ଼ରେ ଠିଆ ହୋଇନାହାନ୍ତି। ତେଣୁ ସେମାନେ ସ୍ୱାବଲମ୍ବୀ ଓ ସଶକ୍ତୀକରଣ କେମିତି ହେଲେ। ଦଳର ବରିଷ୍ଠ ନେତା ଚିରଞ୍ଜୀବ ବିଶ୍ୱାଳଙ୍କୁ ସେ ରବିବାର ଭେଟିବା ପରେ ଗଣମାଧ୍ୟମକୁ ଏହି ମତ ଦେଇଛନ୍ତି। ଏହି ଭେଟଘାଟକୁ ସେ ସୌଜନ୍ୟମୂଳକ ସାକ୍ଷାତ ବୋଲି କହିଛନ୍ତି। ଏସଏଚ୍‌ଜି ମହିଳାଙ୍କୁ ସରକାରୀ ଦଳ ଭୋଟ୍ ବ୍ୟାଙ୍କ ଭାବେ ବ୍ୟବହାର କରିବା ପ୍ରସଙ୍ଗରେ ବିଜୟ ପଟ୍ଟନାୟକ କହିଛନ୍ତି, ମହିଳାଙ୍କ ପାଇଁ ଯାହା ହେଉଛି ଯଥେଷ୍ଟ ନୁହେଁ। ଯେପର୍ଯ୍ୟନ୍ତ ଏସ୍ଏଚ୍‌ଜିରେ ସାମିଲ ମହିଳାମାନେ ସ୍ୱାବଲମ୍ବୀ ହୋଇନାହାନ୍ତି, ଟଙ୍କା ରୋଜଗାର କରିନାହାନ୍ତି ସେପର୍ଯ୍ୟନ୍ତ ସଶକ୍ତୀକରଣ ହେଲେ ବୋଲି କେମିତି କୁହାଯିବ। ସେମାନେ ତ ସବୁବେଳେ ସରକାରଙ୍କ ହାତ ଟେକା ଟଙ୍କା ଉପରେ ନିର୍ଭରଶୀଳ । ଏସଏଚଜିକୁ ଟଙ୍କା ଦେବାରେ କିଛି ବାହାଦୁରି ନାହିଁ। ହେଲେ ଏଠାରେ ଖାଲି ମହିଳାଙ୍କୁ ବ୍ୟବହାର କରି ଭୋଟ ସଂଗ୍ରହ ହେଉଛି। ଯାହା ମହିଳାଙ୍କ ପ୍ରତି ଉଚିତ୍ ସମ୍ମାନ ନୁହେଁ ବୋଲି ବିଜୟ କହିଛନ୍ତି। ସେହିପରି ମନୋଜ ମିଶ୍ରଙ୍କୁ ସରକାର ଆଇଟି ପ୍ରମୁଖ ସଚିବ ଭାବେ ନିଯୁକ୍ତି ଦେବା ଭୁଲ୍ ନିଷ୍ପତ୍ତି ବୋଲି ସେ କହିଛନ୍ତି। ସେ କହିଛନ୍ତି, କୌଣସି ଲୋକଙ୍କୁ ଆଣି ପ୍ରମୁଖ ସଚିବ କରିବା ଠିକ୍ ନୁହେଁ। ଯଦି ସରକାର ଆଇଟି ଏବଂ ଟେକ୍ନୋଲୋଜିର ବିକାଶ କଥା ଚାହୁଁଛନ୍ତି ତେବେ ସେହି କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା ଦକ୍ଷତା ରଖିଥିବା ଜଣେ ଲୋକଙ୍କୁ ଆଣି ପାରିଥାନ୍ତେ। ହେଲେ ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ପାଇଁ କ୍ୟାବିନେଟ ବସାଇବା ଓ ନିୟମ ବଦଳାଇବା ଠିକ୍ ନୁହେଁ। ଏହା ଏକ ପ୍ରକାର ସ୍ୱେଚ୍ଛାଚାରିତା। ଏଭଳି କରାଗଲେ ଭବିଷ୍ୟତ ଯେ କ'ଣ ହେବ ତାହା କଳ୍ପନା କରିବା ସମ୍ଭବ ନୁହେଁ ବୋଲି ସେ କହିଛନ୍ତି। ଦଳର ବରିଷ୍ଠ ନେତା ଚିରଞ୍ଜୀବ ବିଶ୍ୱାଳଙ୍କୁ ଭେଟିବା ନେଇ ସେ କହିଛନ୍ତି, କଂଗ୍ରେସ ଅଗ୍ରଗତି କିପରି ହେବ ସେନେଇ ପରାମର୍ଶ ମାଗିଥିଲେ। ସେନେଇ ଚିରଞ୍ଜୀବ ମତାମତ ଦେଇଛନ୍ତି। ସେ ସବୁବେଳେ କଂଗ୍ରେସରେ ଅଛନ୍ତି ଓ ଆଗକୁ ରହିବେ ବୋଲି ଅତୁଟ ବିଶ୍ୱାସ ରହିଛି। ନିର୍ବାଚନ ଆଉ ଖୁବ୍ କମ୍ ଦିନ ଥିବାରୁ ନେତୃତ୍ୱଙ୍କୁ ଭେଟି ଆଲୋଚନା କରାଯାଉଛି ବୋଲି ବିଜୟ କହିଛନ୍ତି।


CLASSIFIED DISPLAY ALL EDITION - B/W (Everyday)
MORE SPACE • SAME PRICE
For Booking Contact 0674-2580385, 9178722970, 8018248892, 7894447167, 9338226625

SSI 10th +2 (Sci. | Arts. | Comm.)
ITI | Diploma in ENGG | B.Tech All Stream | BBA
MBA | BCA | MCA | BA
B.Sc. | B.Com. | MA | M.Sc.
M.Com. | MAJMC | MSW
All Courses are Recognised by UGC-AICTE-AIU-DEC & Undertaking by HRD, Govt. of India
105 (2nd Floor), Saheed Nagar, BBSR-751007
PH: 9040050515


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଦଳ ଛାଡ଼ିବେନି ଚିରଞ୍ଜୀବ, ପ୍ରଶାନ୍ତଙ୍କ ଟେରଛା ବାଣ

**ପ୍ରମୋଦ କୁମାର ନାୟକ**
**ଜଗତ୍‌ସିଂହପୁର ଅଫିସ, ୧୨।୩**

୨୦୨୪ ସାଧାରଣ ନିର୍ବାଚନକୁ ନେଇ ଏବେଠୁ ରାଜ୍ୟର ଅନେକ ସ୍ଥାନରେ ରାଜନୈତିକ ପରିବେଶ ଚଳଚଞ୍ଚଳ ହେଲାଣି। ସେଥିମଧ୍ୟରୁ ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ୟତମ। କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳ ଦଳ ଛାଡ଼ି ବିଜେଡିରେ ମିଶିବେ ବୋଲି ଚର୍ଚ୍ଚା ଚାଲିଥିବାବେଳେ ଶାସକ ଦଳର ଗୋଷ୍ଠୀକନ୍ଦଳ ନୂଆ ସମୀକରଣ ସୃଷ୍ଟି କରିବ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଉଛନ୍ତି। ଏନେଇ ଚିରଞ୍ଜୀବ ରବିବାର ମୁହଁ ଖୋଲିଛନ୍ତି। ସେ କହିଛନ୍ତି, ୩ ବର୍ଷ ହେଲାଣି ସେ ବିଜେଡିରେ ମିଶିବେ ବୋଲି ଚର୍ଚ୍ଚା ଚାଲିଛି। ଏବେ ପୁଣି ବିଆର୍ଏସ୍ ଓ ଅନ୍ୟ ଦଳ କଥା ଉଠିଲାଣି। ଏସବୁ କେବଳ ମିଡିଆ ପ୍ରଚାର, କିନ୍ତୁ ସେ କଂଗ୍ରେସରେ ଅଛନ୍ତି। ଯଦି କଂଗ୍ରେସରେ ରହି ନ ଥା'ନ୍ତେ, ତେବେ ବରିଷ୍ଠ ପ୍ରଶାସକ ତଥା ପୂର୍ବତନ ରାଜ୍ୟ ମୁଖ୍ୟ ଶାସନ ସଚିବ ବିଜୟ କୁମାର ପଟ୍ଟନାୟକଙ୍କ ସହିତ ରବିବାର ଆଗାମୀ ନିର୍ବାଚନରେ କଂଗ୍ରେସର ଷ୍ଟ୍ରାଟେଜି ସଂକ୍ରାନ୍ତରେ ୨ ଘଣ୍ଟା କାଳ ଆଲୋଚନା କରି ନ ଥା'ନ୍ତେ ବୋଲି ସେ କହିଛନ୍ତି। ଏହି ଅବସରରେ ସେ ତୃଣମୂଳସ୍ତରରୁ କଂଗ୍ରେସର ସାଙ୍ଗଠନିକ କାର୍ଯ୍ୟକୁ କ୍ରିୟାଶୀଳ କରିବାକୁ ପଡ଼ିବ ବୋଲି କହିଛନ୍ତି। ହେଲେ ଅନ୍ୟ ଦଳକୁ ଯିବା ଚର୍ଚ୍ଚା ଉପରେ ପୂର୍ଣ୍ଣଚ୍ଛେଦ ପଡ଼ିଲା କି ବୋଲି ପ୍ରଶ୍ନର ଉତ୍ତର ଦେବାକୁ ଯାଇ ସେ ପାଲଟା ପ୍ରଶ୍ନ କରିଛନ୍ତି। କୌଣସି ଗଣମାଧ୍ୟମ ପ୍ରତିନିଧି ଅନ୍ୟ ସଂସ୍ଥାକୁ ଯିବାର ଥିଲେ ସେ କ'ଣ ୨/୩ ବର୍ଷ ଅପେକ୍ଷା କରୁଛନ୍ତି କି ବୋଲି ପ୍ରଶ୍ନ କରି ଚିରଞ୍ଜୀବ ପ୍ରସଙ୍ଗକୁ ଭିନ୍ନମୋଡ଼ ଦେଇଛନ୍ତି।

ଚିରଞ୍ଜୀବଙ୍କ ବିଜେଡିରେ ମିଶିବା ପ୍ରସଙ୍ଗ ଉପରେ ସରକାରୀ ଦଳ ମୁଖ୍ୟ ସଚେତକ ତଥା ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ଟେରେଛା ବାଣ ଛାଡ଼ିଛନ୍ତି। ସେ ଧରିତ୍ରୀକୁ କହିଛନ୍ତି ଯେ, ବିଜେଡି ନିର୍ବାଚନକୁ ଚାହିଁ କୌଣସି କାର୍ଯ୍ୟ କରେନାହିଁ। ଏହି ଦଳର ସାଙ୍ଗଠନିକ ପ୍ରକ୍ରିୟା ବର୍ଷତମାମ ଚାଲେ। ଲୋକଙ୍କ ମନରେ ବିଜେଡି ଓ ନବୀନ ଅଛନ୍ତି। କେବଳ ଲୋକଙ୍କ ପାଖରେ ପହଞ୍ଚି ସୁସଙ୍ଗଠିତ କରିବାର କଥା। ଜଗତ୍‌ସିଂହପୁର ଜିଲାର ୪ରୁ ୪ ବିଧାନସଭା ନିର୍ବାଚନ ମଣ୍ଡଳୀ ବିଜେଡି ଦଖଲରେ ଅଛି। ଯଦି କିଏ ଅନ୍ୟ ଦଳକୁ ଯିବା କଥା ଚିନ୍ତା କରୁଥାଏ, ତେବେ ତାହା ତାଙ୍କର ବ୍ୟକ୍ତିଗତ କଥା। ଅର୍ଥାତ୍ ତାଙ୍କର କିଛି ବ୍ୟକ୍ତିଗତ ହେଉ ଅବା ଦଳରେ ଅସୁବିଧା ହେଉଥିବ, ଏଥିରେ ଆମର କିଛି କହିବାର ନାହିଁ। ଆଗାମୀ ନିର୍ବାଚନରେ ବିଜେଡି ୪ରୁ ୪ ବିଧାନସଭା ଆସନ ହାତେଇବ। କିଏ ଆମ ଦଳକୁ ଆସିବାର ଅଛି ସେ କଥା ଆମେ ଜାଣିନାହୁଁ। ବିଜେଡି ଏକ ବିରାଟ ଦ୍ରୁମ। ତା' ଛାଇ ତଳେ ଅନେକ ଆଶ୍ରୟ ନେବାକୁ ଆଶାୟୀ। ତେଣୁ ନିଷ୍ପତ୍ତି ଦଳର ସର୍ବମାନ୍ୟ ନେତା ନବୀନ ବାବୁ ନେବେ ବୋଲି ପ୍ରଶାନ୍ତ କହିଛନ୍ତି।



ଚିରଞ୍ଜୀବ ବିଶ୍ୱାଳ



ପ୍ରଶାନ୍ତ କୁମାର ମୁଦୁଲି

ଅନ୍ୟପକ୍ଷରେ ପୂର୍ବତନ ବିଜେଡି ଜିଲା ସଭାପତି ଅମରେନ୍ଦ୍ର ଦାସ ବିଭିନ୍ନ ସ୍ଥାନରେ ବନ୍ଧୁମିଳନ ନାଁରେ ତାଙ୍କ ସପକ୍ଷରେ ଦଳୀୟ କର୍ମୀଙ୍କୁ ଆକର୍ଷିତ କରିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି। ବିଭିନ୍ନ ବୈଠକ ଓ ସମାବେଶରେ ଦଳୀୟ ସ୍ଥିତିକୁ ଦୁର୍ବଳ କରିବାକୁ ଦିଆଯିବ ନାହିଁ, ସଙ୍ଗଠନକୁ ମଜଭୁତ ପାଇଁ ସେ ଚେଷ୍ଟିତ ବୋଲି କହୁଛନ୍ତି। କିନ୍ତୁ ଏହିସବୁ ସମାବେଶରେ ମଞ୍ଚାସୀନ ଦଳୀୟ ନେତାମାନେ ଅମରେନ୍ଦ୍ରଙ୍କୁ ଆଗାମୀ ଦିନରେ ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜେଡି ପ୍ରାର୍ଥୀ ରୂପେ ଦେଖିବାକୁ ଚାହାନ୍ତି ବୋଲି ଭାଷଣ ଦେଉଛନ୍ତି। ଏହିସବୁ ସମାବେଶ ବିଜେଡିରେ ଗୋଷ୍ଠୀ କନ୍ଦଳର ଆଭାସ ଦେଉଛି। ଏନେଇ ବିଧାୟକ ପ୍ରଶାନ୍ତ କହିଛନ୍ତି, ବିଜେଡି ଆଦର୍ଶରେ ଅନ୍ୟ ଦଳର କର୍ମୀମାନେ ଆକୃଷ୍ଟ ହେଉଛନ୍ତି। ଯେଉଁ କାରଣରୁ ନବୀନ ବାବୁ ୫ମ ଥର ପାଇଁ କ୍ଷମତାକୁ ଆସିଛନ୍ତି। ବାସ୍ତବରେ ଦଳରେ ବିଶୃଙ୍ଖଳା ନାହିଁ। ଦଳରେ ସଭ୍ୟ ସଂଖ୍ୟା ବଢ଼ିଥିବାରୁ ଆଶା ବଢୁଛି। ରାଜନୀତିରେ ନିଜକୁ ପ୍ରତିଷ୍ଠିତ କରିବା ଉଦ୍ଦେଶ୍ୟରେ ଅନେକ ନେତା ହେବା ପାଇଁ ଅଣ୍ଟା ଭିଡୁଛନ୍ତି। କେବଳ ବିଧାୟକ ନୁହେଁ, ସବୁ ପଦବୀ ପାଇଁ ଆଶାୟୀ ରହୁଛନ୍ତି। ଏହା କେବଳ ଜଗତ୍‌ସିଂହପୁର ବିଧାନସଭା ଆସନ ନୁହେଁ, ଜିଲାରେ ଦେଖିବାକୁ ମିଳୁଛି। ପ୍ରତି ନିର୍ବାଚନ ମଣ୍ଡଳୀରେ ସମାନ୍ତରାଳ ଭାବରେ ଏକାଧିକ ନେତା ସଙ୍ଗଠନ ପ୍ରକ୍ରିୟା ଜାରି ରଖିଥିବା କହି ପ୍ରଶାନ୍ତ ପ୍ରସଙ୍ଗକୁ ଭିନ୍ନମୋଡ଼ ଦେବାକୁ ଚେଷ୍ଟା କରିଛନ୍ତି।


# Classified Everyday 0674-2580101, 2549949



REAL ESTATE

SALE

ORERA Approved 2BHK Luxurious simplex at Balianta, Bhubaneswar @ 30 lakhs. Construction in full-swing. 9437005434. D-74824

Bhubaneswar-Khurda ମଧ୍ୟରେ Pitapali Chhakaରେ sthitiban plot Electricity, Boundary ସହିତ ମିଳୁଅଛି। Contact. 9800700664, 9439101373. D-2813

Duplex sale at Bhubaneswar @ 50 lakhs only. Contact: 9777433701. D-74828

ଭୁବନେଶ୍ୱର-ପୁରୀ Bypass ସାଇ ମନ୍ଦିର NH side, ପଟିଆ, ମଞ୍ଚେଶ୍ୱର, ବାରଙ୍ଗ, ସୁନ୍ଦରପଦାରେ 30ft. ରାସ୍ତା, ଇଲେକ୍ଟ୍ରିସିଟି ସୁବିଧା ଥାଇ ଘରବାରି ପ୍ଲଟ୍ ମିଳୁଛି। 6372894441. D-74829

ଭୁବନେଶ୍ୱର, ଜଟଣୀଗେଟ୍ 1200sqft.-3,60,000/-, ଛତାବର 1200sqft.-5,40,000/-, ନଖରା-300/-. 6371569855. D-74832

ଭୁବନେଶ୍ୱର ହଂସପାଳ ଛକରୁ 8K.M. ମଧ୍ୟରେ Sudhananda School front ଭିଙ୍ଗାରପୁର ଠାରେ boundary, road, ଇଲେକ୍ଟ୍ରିସିଟି ଥାଇ sqft.-550/-ରେ ତୁରନ୍ତ registration କରନ୍ତୁ। 9114121344. D-74831

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ଭୁବନେଶ୍ୱର ଟଙ୍କପାଣି ସାଇ ମନ୍ଦିର ପାଖରୁ 7K.M. ଦୂର ରଙ୍ଗବଜାର ପାଖରେ finance ସହିତ ପ୍ଲଟ୍ ମିଳୁଛି। 8093465134, 9668194157. D-74827

Bhubaneswar ସ୍ଥିତ ଜମି ବା ଘର କିଣାବିକା ପାଇଁ ଯୋଗାଯୋଗ କରନ୍ତୁ। 9090778800. D-74523





Relax, Refresh your Body, Mind at Saikrupa Spa with best therapies. 8984068077. D-2932

Newly open health benefits SPA special offer@999 Nayapalli. 7846814019. D-73693

All type of body massage by expert lady therapist. 7008773793. D-73690

Asribadaa Panchakarma herbal SPA Kesharimall, Bhubaneswar. Contact: 8926173473. D-74656





ଘରେ ବାସ୍ତୁଦୋଷ ଥିବାପରି ମନେ ହେଉଛି କି? ବିଳମ୍ବ ନ କରି ତୁରନ୍ତ ଯୋଗାଯୋଗ "ବାସ୍ତୁ ସମାଧାନ" Odisha. 7978736177. D-74305

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**AFFIDAVIT**

By virtue of an affidavit sworn before Notary Public Nayagarh dt 10.03.2023, I change my surname Nayak to Acharya and Henceforth I shall be known as Prabhat Acharya for all purposes, At-Beguniapatna PO: Khatia, PS: Ranapur, Dist: Nayagarh, PIN-752079. D-2980

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



୰ଗୋରାଚାନ୍ଦ ପଟ୍ଟନାୟକ
ଆବିର୍ଭାବ: ୧୬।୦୭।୨୯
ତିରୋଧାନ: ୧୩।୦୩।୦୪
ଆପଣଙ୍କ ଦୁଃଖଦ ବିୟୋଗରେ ଆମ୍ଭେ ସମସ୍ତେ ମର୍ମାହତ। ସ୍ୱଶରୀରରେ ଆମ ନିକଟରେ ଉପସ୍ଥିତ ନ ଥିଲେ ମଧ୍ୟ ଆପଣଙ୍କ ଆଶୀର୍ବାଦ ଓ ପ୍ରେରଣା ଚିରଦିନ ଆମ ଉପରେ ଥାଉ, ଏତିକି କାମନା। ହେ ମହାନ୍ ଆତ୍ମା, ଈଶ୍ୱରଙ୍କ ନିକଟରେ ଆପଣ ଶାନ୍ତିରେ ଥାଆନ୍ତୁ।
"ତୁମ ସ୍ମୃତିରେ": ବନ୍ଧୁ, ପରିବାରବର୍ଗ ଓ ସହକର୍ମୀବୃନ୍ଦ।

**IN LOVING MEMORY OF**



Late. R. Jagan Mohan Patnaik
Bomikhal, Bhubaneswar-751010
15.09.1937- 13.03.2012
"The Soul is never born nor dies at any time, the Soul has not come into being, does not come into being and will not come into being.
The Soul is un born eternal, ever- existing and primeval."
- The Bhagvad Gita
Fondly Remembered By: Patnaik Family

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



୰ରବିନ୍ଦ୍ର କୁମାର ମଙ୍ଗରାଜ
ଖୋର୍ଦ୍ଧା
ଆବିର୍ଭାବ: ୦୧।୦୩।୧୯୬୫। ତିରୋଧାନ: ୦୨।୦୪।୨୦୨୧
(ଚୈତ୍ର କୃଷ୍ଣପକ୍ଷ ଷଷ୍ଠୀ)
"କେହି ରହିନାହିଁ, ରହିବ ନାହିଁଟି, ଭବ ରଙ୍ଗ ଭୂମି ତଳେ, ସର୍ବେ ନିଜ ନିଜ ଅଭିନୟ ସାରି ବାହୁଡ଼ିବେ କାଳ ବଳେ"।
ଆମକୁ ଶୋକ ସାଗରରେ ଭସାଇ ଅକାଳରେ ଆରପାରିକୁ ଚାଲିଗଲ। ତୁମର ସ୍ନେହ, ଶ୍ରଦ୍ଧା, ଭଲପାଇବା ଓ ନୀତି ଆଦର୍ଶ ଆମ ଜୀବନର ଶ୍ରେଷ୍ଠ ସମ୍ପତ୍ତି। ଯେଉଁଠି ଥାଅ ତୁମ ଘରକୁ ଚାହିଁଥାଅ। ଆଶୀର୍ବାଦର ଧାରା ଅଜାଡ଼ି ଦେଉଥାଅ। ତୁମର ଆତ୍ମା ପରମାତ୍ମାରେ ଲୀନ ହେଉ ଏହା ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ: ପତ୍ନୀ, ପୁତ୍ର ଓ ପରିବାରବର୍ଗ।



ଶତକ ହାସଲ ପରେ ବିରାଟ କୋହଲି।

# କୋହଲିଙ୍କ ଶତକ, ଭାରତ ୫୭୧

**ଅହମଦାବାଦ, ୧୨।୩**

ବିରାଟ କୋହଲିଙ୍କ ବହୁ ପ୍ରତୀକ୍ଷିତ ଟେଷ୍ଟ ଶତକ ସହାୟତାରେ ଭାରତ ଏଠାରେ ଚାଲିଥିବା ଅଷ୍ଟ୍ରେଲିଆ ବିପକ୍ଷ ଚତୁର୍ଥ ତଥା ଅନ୍ତିମ କ୍ରିକେଟ ଟେଷ୍ଟରେ ବଡ଼ ସ୍କୋର କରିବାରେ ସକ୍ଷମ ହୋଇଛି। ଦୀର୍ଘ ୪୦ ମାସ ପ୍ରତୀକ୍ଷାର ଅବସାନ ଘଟାଇ ବିରାଟ ହାସଲ କରିଥିଲେ କ୍ୟାରିୟରର ୨୮ତମ ଟେଷ୍ଟ ଶତକ। ଖେଳିଥିଲେ ୧୮୬ ରନ୍‌ର ମାରାଥନ ଇନିଂସ୍‌। ଫଳରେ ଭାରତ ପ୍ରଥମ ଇନିଂସରେ ୫୭୧ ରନ୍ ସ୍କୋର କରିଥିଲା। ଅଷ୍ଟ୍ରେଲିଆ ପ୍ରଥମ ଇନିଂସ୍‌ରେ ୪୮୦ ରନ୍ କରିଥିବାରୁ ଭାରତକୁ ୯୧ ରନ୍‌ର ଅଗ୍ରଣୀ ମିଳିଥିଲା। ରବିବାର ୪ର୍ଥ ଦିବସରେ ଭାରତକୁ ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସରେ ୬ ଓଭର ବୋଲିଂ କରିବାକୁ ସୁଯୋଗ ମିଳିଥିଲା। ରକ୍ଷଣାତ୍ମକ ଖେଳିଥିବା ଅଷ୍ଟ୍ରେଲିଆ ଷ୍ଟମ୍ପ ବେଳକୁ କୌଣସି ଉଇକେଟ ନ ହରାଇ ୩ ରନ କରିଥିଲା। ଭାରତ ୮୮ ରନ୍‌ରେ ଅଗ୍ରଣୀଲାଭ କରିଥିବାରୁ ଏବଂ ସୋମବାର ମ୍ୟାଚର ଅନ୍ତିମ ଦିବସ ହୋଇଥିବାରୁ ମ୍ୟାଚ ଡ୍ର ରହିବା ସମ୍ଭାବନା ବଢ଼ିଛି। ଭାରତ ଯଦି ବିଜୟୀ ହୁଏ ତେବେ ସିଧାସଳଖ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ର ଫାଇନାଲରେ ପ୍ରବେଶ କରିବ। ଏ କ୍ଷେତ୍ରରେ ଆଉ ଶ୍ରୀଲଙ୍କା-ନ୍ୟୁଜିଲାଣ୍ଡ ଟେଷ୍ଟ ସିରିଜର ଫଳାଫଳକୁ ଅପେକ୍ଷା କରିବାକୁ ପଡ଼ିବ ନାହିଁ।



ୱେଡିଂ ରିଙ୍ଗ୍‌କୁ ଚୁମ୍ବନ ଦେଉଛନ୍ତି କୋହଲି।

## ୪୦ ମାସ ପ୍ରତୀକ୍ଷାର ଅବସାନ

ବିରାଟ ଦୀର୍ଘ ୪୦ ମାସ ପରେ ଟେଷ୍ଟ ଶତକ ପୂରଣ କରିଥିଲେ। ଶେଷଥର ପାଇଁ ସେ ୨୦୧୯ ନଭେମ୍ବରରେ କୋଲ୍‌କାତାର ଇଡେନ୍ ଗାର୍ଡେନ୍ସ ଗ୍ରାଉଣ୍ଡରେ ବାଂଲାଦେଶ ବିପକ୍ଷରେ ଶତକ ହାସଲ କରିଥିଲେ। ଏଠାରେ ୨୪୧ଟି ବଲ୍‌ର ସମ୍ମୁଖୀନ ହୋଇ ସେ କ୍ୟାରିୟରର ୭୫ତମ ଅନ୍ତର୍ଜାତୀୟ ଶତକ ଅର୍ଜନ କରିଥିଲେ। ଟେଷ୍ଟ କ୍ରିକେଟରେ ଏହା ଥିଲା ତାଙ୍କର ୨୮ତମ ଶତକ। ଅଷ୍ଟ୍ରେଲିଆର ତାରକା ସ୍ପିନର ନାଥନ ଲିୟନଙ୍କ ବଲ୍‌କୁ ମିଡ୍-ଉଇକେଟ ଅଞ୍ଚଳକୁ ଖେଳି ସେ ସିଙ୍ଗଲ ରନ୍ ନେଇ ଶତକ ପୂରଣ କରିଥିବାବେଳେ ମୋଟେରା ଷ୍ଟାଡିୟମରେ ଉପସ୍ଥିତ ଥିବା ୧୫,୦୦୦ ଦର୍ଶକ ଛିଡ଼ାହୋଇ ତାଙ୍କୁ ଅଭିନନ୍ଦନ ଜଣାଇଥିଲେ। ଶତକ ହାସଲ ପରେ କୋହଲି ସ୍ମିତହାସ୍ୟ ସହ ପ୍ରଥମେ ବ୍ୟାଟ୍ ଟେକିଥିଲେ ଏବଂ ପରେ ନିଜ ୱେଡିଂ ରିଙ୍ଗ୍‌କୁ ଚୁମ୍ବନ ଦେଇଥିଲେ। ଦୀର୍ଘଦିନ ପରେ ଶତକ ହାସଲ କରିଥିବାରୁ ସେ ଆଶ୍ୱସ୍ତ ହୋଇଥିଲେ। ଶତକ ପୂରଣ ହେବାପରେ କୋହଲିଙ୍କୁ ଆଲିଙ୍ଗନ କରି ନନ୍ ଷ୍ଟ୍ରାଇକର ଏଣ୍ଡ୍‌ରେ ଥିବା ଅକ୍ଷର ପଟେଲ ବଧେଇ ଜଣାଇଥିଲେ। ପ୍ରତିପକ୍ଷ ଦଳର ଅଧିନାୟକ ଷ୍ଟିଭ୍ ସ୍ମିଥ୍, ବୋଲର ଟଡ୍ ମର୍ଫି ଓ ଅନ୍ୟ ଅଷ୍ଟ୍ରେଲିଆ ଖେଳାଳିମାନେ ହାତ ମିଳାଇ ତାଙ୍କୁ ଅଭିନନ୍ଦନ ଜଣାଇଥିଲେ।

## ଫିଟ୍ ଆଥଲେଟ୍ ବିରାଟ

ତୃତୀୟ ଦିବସର ଅସମାପ୍ତ ସ୍କୋର ୨୮୯/୩ରୁ ଖେଳ ଆରମ୍ଭ କରିଥିଲା ଭାରତ। ଦିନଟି ସମ୍ପୂର୍ଣ୍ଣଭାବେ କୋହଲିଙ୍କର ଥିଲା। ସବୁଠାରୁ ବଡ଼କଥା ହେଲା, ସେ ସମ୍ପୂର୍ଣ୍ଣ ଧୈର୍ଯ୍ୟର ସହ ବ୍ୟାଟିଂ କରି ନିଜ ଇନିଂସ ଗଢ଼ିଥିଲେ। ଶ୍ରେୟସ ଆୟାର ପିଠିରେ ଯନ୍ତ୍ରଣାଜନିତ ଅସୁସ୍ଥ ଥିବାରୁ ଭାରତ ଜଣେ ବ୍ୟାଟରଙ୍କ ବିନା ଏହି ଇନିଂସ ଖେଳୁଥିବା କୋହଲିଙ୍କୁ ଭଲଭାବେ ଜଣାଥିଲା। ତେଣୁ ଶତକ ପୂରଣ ହେବା ପର୍ଯ୍ୟନ୍ତ ସେ କୌଣସି ରିସ୍କ ଶଟ୍ ଖେଳି ନ ଥିଲେ। ଜଣେ ଫିଟ୍ ଆଥଲେଟ୍‌ର ପରିଚୟ ଦେଇ ସେ ୮୪ ରନ୍ କେବଳ ସିଙ୍ଗଲ୍ସ ମାଧ୍ୟମରେ, ୧୮ ଡବଲ୍ସ ଏବଂ ୨ ଥର ୩ ରନ୍ ଲେଖାଏ ସଂଗ୍ରହ କରିଥିଲେ। ସେ ସ୍କୋର କରିଥିବା ୧୮୬ ରନ ମଧ୍ୟରୁ ୧୨୬ ରନ୍ କେବଳ ରନିଂ ବିଟୁଇନ୍ ଦି ଉଇକେଟ୍ସରୁ ସଂଗ୍ରହ କରିଥିଲେ। ନିଜ ଇନିଂସ ମଧ୍ୟରେ ସେ ୧୫ଟି ଚୌକା ମାରିଥିଲେ। ୮ ଘଣ୍ଟା ୩୬ ମିନିଟ୍ କ୍ରିଜ୍‌ରେ ରହିଥିବା କୋହଲି ୩୬୪ ବଲ୍‌ର ସମ୍ମୁଖୀନ ହୋଇଥିଲେ। ଏହା ଥିଲା ତାଙ୍କ କ୍ୟାରିୟରର ୭୫ତମ ଅନ୍ତର୍ଜାତୀୟ ଶତକ। ଏହି ଅବସରରେ ସେ ୪ର୍ଥ ଉଇକେଟରେ ରବୀନ୍ଦ୍ର ଜଡେଜାଙ୍କ ସହ ୬୪, ୫ମ ଉଇକେଟରେ ଶ୍ରୀକର ଭରତଙ୍କ ସହ ୮୪ ଓ ୬ଷ୍ଠ ଉଇକେଟରେ ଅକ୍ଷର ପଟେଲଙ୍କ ସହ ବହୁ ମୂଲ୍ୟବାନ୍ ୧୬୨ ରନ୍‌ର ଭାଗୀଦାରି ଗଢ଼ିଥିଲେ। ଅକ୍ଷର ୧୧୩ ବଲ୍‌ରୁ ୫ ଚୌକା ଓ ୪ ଛକା ସହାୟତାରେ ୭୯, ଭରତ ୪୪ ଓ ଜାଡେଜା ୨୮ ରନ ସ୍କୋର କରି ଆଉଟ ହୋଇଥିଲେ। ଅଷ୍ଟ୍ରେଲିଆ ବୋଲରଙ୍କ ମଧ୍ୟରେ ନାଥନ ଲିୟନ ଓ ଟଡ୍ ମର୍ଫି ୩ଟି ଲେଖାଏ ଏବଂ ମିଚେଲ ଷ୍ଟାର୍କ ଓ ମାଥ୍ୟୁ କନେମନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

### ସଂକ୍ଷିପ୍ତ ସ୍କୋର

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୪୮୦। ଭାରତ ପ୍ରଥମ ଇନିଂସ: ୫୭୧ (ବିରାଟ କୋହଲି-୧୮୬, ଶୁବମନ ଗିଲ୍-୧୨୮, ଅକ୍ଷର ପଟେଲ-୭୯, ଶ୍ରୀକର ଭରତ-୪୪, ଚେତେଶ୍ୱର ପୂଜାରା-୪୨, ନାଥନ ଲିୟନ-୩/୧୫୧, ଟଡ୍ ମର୍ଫି-୩/୧୧୩, ମିଚେଲ ଷ୍ଟାର୍କ-୧/୮୭, ମାଥ୍ୟୁ କନେମନ-୧/୯୪)। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ: ୩/୦।

# ଇଂଲଣ୍ଡ ବିପକ୍ଷରେ ବାଂଲାଦେଶର ସିରିଜ ବିଜୟ

**ଢାକା, ୧୨।୩:** ସ୍ଥାନୀୟ ଶେର୍-ଇ-ବାଂଲା ନ୍ୟାଶନାଲ ଷ୍ଟାଡିୟମରେ ରବିବାର ଖେଳାଯାଇଥିବା ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚ୍‌କୁ ବାଂଲାଦେଶ ୪ ଉଇକେଟରେ ଜିତିଛି। ଏଥିସହିତ ଘରୋଇ ଦଳ ୨-୦ରେ ଅଗ୍ରଣୀ ସହ ୩ ମ୍ୟାଚ୍‌ବିଶିଷ୍ଟ ସିରିଜକୁ ଆଗୁଆ କବ୍‌ଜା କରିଛି। ଇଂଲଣ୍ଡ ୨୦ ଓଭରରେ ୧୧୭ ରନ୍‌କରି ଅଲ୍‌ଆଉଟ ହୋଇଥିଲା। ଜବାବରେ ବାଂଲାଦେଶ ୧୮.୫ ଓଭରରେ ୬ ଉଇକେଟ ହରାଇ ୧୨୦ ରନ ସଂଗ୍ରହ କରି ନେଇଥିଲା।

# ବାପିଙ୍କୁ ସ୍ୱର୍ଣ୍ଣ, ଓଡ଼ିଶାକୁ ୫ ପଦକ

**ଜାତୀୟ ୟୁଥ୍ ଆଥଲେଟିକ୍ ଚାମ୍ପିୟନଶିପ୍**

ଭୁବନେଶ୍ୱର, ୧୨।୩
(କ୍ରୀଡ଼ା ପ୍ରତିନିଧି)

କର୍ଣ୍ଣାଟକର ଉଡୁପ୍ପିଠାରେ ଅନୁଷ୍ଠିତ ୧୮ତମ ଜାତୀୟ ୟୁଥ୍ (୧୮ ବର୍ଷରୁ କମ୍) ଆଥଲେଟିକ୍ ଚାମ୍ପିୟନଶିପ୍‌ର ଅନ୍ତିମ ଦିବସ ରବିବାର ଓଡ଼ିଶାକୁ ୩ ପଦକ ମିଳିଛି। ଫଳରେ ଓଡ଼ିଶାର ପଦକ ସଂଖ୍ୟା ମୋଟ୍ ୫ରେ ପହଞ୍ଚିଛି। ବାପି ହାଂସ୍‌ଦା ୪୦୦ ମିଟର ହର୍ଡଲ୍ସରେ ସ୍ୱର୍ଣ୍ଣ ପଦକ ଲାଭ ସହ ଏସିଆନ ୟୁଥ୍ ଆଥଲେଟିକ୍ସ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ସେ ୫୧.୯୫ ସେକେଣ୍ଡ ସମୟ ନେଇଥିବାବେଳେ ଏସୀୟ ପ୍ରତିଯୋଗିତାର କ୍ୱାଲିଫାଇଂ ଟାଇମିଂ ହେଉଛି ୫୩.୩୪ ସେକେଣ୍ଡ। ତାମିଲନାଡୁର ବିଷ୍ଣୁ ଶ୍ରୀ ଏବଂ ଜେରୋମି ସଞ୍ଜୟ ୫୪.୦୫ ଓ ୫୪.୯୩ ସେକେଣ୍ଡ ସମୟ ନେଇ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଛନ୍ତି। ମହମ୍ମଦ ରେୟନ ବାଶା ୨୦୦ ମିଟର ରେସ୍‌କୁ ୨୨.୨୨ ସେକେଣ୍ଡ ସମୟ ନେଇ ରୌପ୍ୟ ପଦକ ପାଇଛନ୍ତି। ବ୍ୟକ୍ତିଗତ ଭାବେ ଏହା ଥିଲା ତାଙ୍କର ଦ୍ୱିତୀୟ ପଦକ। ଶନିବାର ସେ ୧୦୦ ମିଟର ରେସ୍‌ରେ ସ୍ୱର୍ଣ୍ଣ ପଦକ ପାଇଥିଲେ। ୨୦୦ ମିଟରରେ ମଧ୍ୟପ୍ରଦେଶର ଅଭୟ ସିଂ ୨୧.୮୭ ସେକେଣ୍ଡ ସହ ସ୍ୱର୍ଣ୍ଣ ଓ ଉତ୍ତର ପ୍ରଦେଶର ଶିବମ୍ ୨୨.୨୯ ସେକେଣ୍ଡ ସମୟ ନେଇ ବ୍ରୋଞ୍ଜ ପଦକ ପାଇଥିଲେ। ଅନ୍ତିମ ଦିବସରେ ଓଡ଼ିଶାକୁ ତୃତୀୟ ପଦକ ଦେଇଥିଲେ ୟୁଥ୍ ମିଡ୍‌ଲେ ରିଲେ ଟିମ୍। ମହମ୍ମଦ ରେୟନ ବାଶା, ରାଜେନ୍ଦ୍ର ସିନ୍ଧ, ଚିନ୍ମୟ ନାଗ ଓ ବାପି ହାଂସ୍‌ଦାଙ୍କୁ ନେଇ ଗଠିତ ଦଳ ୧ ମିନିଟ ୫୭.୫୫ ସେକେଣ୍ଡ ସମୟ ନେଇ ରୌପ୍ୟ ପଦକ ହାସଲ କରିଥିଲା। ପ୍ରତିଯୋଗିତାରେ ଓଡ଼ିଶା ୨ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ପଦକ ପାଇଛି। ଏସିଆନ ୟୁଥ୍ ଆଥଲେଟିକ୍ ଚାମ୍ପିୟନଶିପ୍ ଏପ୍ରିଲ ଶେଷ ସପ୍ତାହରେ ଉଜ୍‌ବେକିସ୍ତାନରେ ଅନୁଷ୍ଠିତ ହେବ। ପଦକ ବିଜୟୀ ଓଡ଼ିଆ ପ୍ରତିଯୋଗୀଙ୍କୁ ଓଡ଼ିଶା ଆଥଲେଟିକ୍ସ ଆସୋସିଏଶନ ସମ୍ପାଦକ ଆଶୀର୍ବାଦ ବେହେରା ଓ ସଭାପତି ଜି.ଏସ୍. ପଟ୍ଟନାୟକ ଅଭିନନ୍ଦନ ଜଣାଇଛନ୍ତି।



ବାପି ହାଂସ୍‌ଦା

**ଦୃଷ୍ଟିବାଧିତ ନାଗେଶ ଟ୍ରଫି କ୍ରିକେଟ**

# ଓଡ଼ିଶା ପ୍ରଥମେ ହରିୟାଣାକୁ ଭେଟିବ

**ଭୁବନେଶ୍ୱର, ୧୨।୩ (ସ୍ପୋର୍ଟ୍ସ ବ୍ୟୁରୋ):** ନାଗେଶ୍ ଟ୍ରଫି ଦୃଷ୍ଟିବାଧିତ କ୍ରିକେଟ ଟୁର୍ନାମେଣ୍ଟର ସୁପର-୮ ପର୍ଯ୍ୟାୟ ସୋମବାରଠାରୁ ଖେଳାଯିବ। ଏଥିରେ ଭାଗ ନେଉଥିବା ୮ଟି ଦଳକୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ଗ୍ରୁପ୍ ଏ'ରେ ଆନ୍ଧ୍ରପ୍ରଦେଶ, ଓଡ଼ିଶା, ହରିୟାଣା ଓ ଚଣ୍ଡିଗଡ଼ ରହିଥିବା ବେଳେ ଗ୍ରୁପ୍ ବି'ରେ କର୍ଣ୍ଣାଟକ, ଗୁଜରାଟ, ଝାଡ଼ଖଣ୍ଡ ଓ ଦିଲ୍ଲୀ ରହିଛନ୍ତି। ଓଡ଼ିଶା ଏହାର ପ୍ରଥମ ମ୍ୟାଚ୍ ହରିୟାଣା ବିପକ୍ଷରେ ଖେଳିବ। ପ୍ରତି ଗ୍ରୁପ୍‌ର ଶ୍ରେଷ୍ଠ ଦୁଇ ଦଳ ସେମିଫାଇନାଲକୁ ଉନ୍ନୀତ ହେବେ। ପ୍ରତିଯୋଗିତାରେ ଭାଗ ନେବାଲାଗି ୧୬ ଜଣିଆ ଓଡ଼ିଶା ଦଳ ହାଇଦ୍ରାବାଦ ଗସ୍ତ କରିଛି। **ଓଡ଼ିଶା ଦୃଷ୍ଟିବାଧିତ କ୍ରିକେଟ ଦଳ:** ମହମ୍ମଦ ଜାଫର ଇକ୍‌ବାଲ, କାଳିଆ ପ୍ରଧାନ, ଦେବରାଜ ବେହେରା, ଅନିଲ କୁମାର ମଲିକ, ହିକିମ୍ ମୁର୍ମୁ, ନକୁଳ ବଡ଼ନାୟକ, ଲାଲ୍ ପ୍ରସାଦ ସୋରେନ, ଅର୍ଜ୍ଜୁନ ଭତ୍ରା, ଅଞ୍ଜନ ସିଂ, ସୁଖରାମ ମାଝି (ଅଧିନାୟକ), ଲିଙ୍ଗରାଜ ରାଉତରା (ଉପଅଧିନାୟକ), ଧନପତି ଗୌଡ଼ (ଉଇକେଟ୍‌କିପର), ଶୁକଦେବ ସୋରେନ(ଉଇକେଟ୍‌କିପର), ଲାବନ୍ୟ କୁମାର ପାତ୍ର, ଆକାଶ ରାଉତ, ଚନ୍ଦ୍ରଶେଖର ପଟ୍ଟନାୟକ (କୋଚ୍)।

# ଶ୍ରେୟସ ଆୟାରଙ୍କ ଖେଳିବା ନେଇ ସନ୍ଦେହ

**ଅହମଦାବାଦ, ୧୨।୩ (ପି.ଟି.)**

ଶ୍ରେୟସ ଆୟାର ତାଙ୍କ ପିଠିର ନିମ୍ନଭାଗରେ ପୁଣି ଯନ୍ତ୍ରଣା ଅନୁଭବ କରୁଛନ୍ତି। ଏଠାରେ ଅଷ୍ଟ୍ରେଲିଆ ବିପକ୍ଷ ଚତୁର୍ଥ ଟେଷ୍ଟର ୪ର୍ଥ ଦିବସରେ ସେ ବ୍ୟାଟିଂ କରିବାକୁ ଆସି ନ ଥିଲେ। ମୁମ୍ବାଇରେ ମାର୍ଚ୍ଚ ୧୭ରୁ ଆରମ୍ଭ ହେବାକୁଥିବା ଅଷ୍ଟ୍ରେଲିଆ ବିପକ୍ଷ ୩ ମ୍ୟାଚ୍‌ବିଶିଷ୍ଟ ସିରିଜରେ ସେ ନ ଖେଳିବା ଯଥେଷ୍ଟ ସମ୍ଭାବନା ରହିଛି। ଚଳିତବର୍ଷ ବିଶ୍ୱକପ୍ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଟୁର୍ନାମେଣ୍ଟ। ଆଗାମୀ ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ୍)ରେ ସେ କୋଲ୍‌କାତା ନାଇଟ୍ ରାଇଡର୍ସ(କେକେଆର୍)ର ନେତୃତ୍ୱ ନେବେ। ତେଣୁ ବର୍ତ୍ତମାନ ସମୟରେ ତାଙ୍କର ବିଶ୍ରାମ ବୁଦ୍ଧିମାନ୍‌ର କାର୍ଯ୍ୟ ହେବ। ଶ୍ରେୟସ ଖେଳର ତୃତୀୟ ଦିବସ ଖେଳ ପରେ ପିଠି ନିମ୍ନଭାଗରେ ଯନ୍ତ୍ରଣା ଅନୁଭବ କରିଥିଲେ। ପରେ ତାଙ୍କର ସ୍କାନ୍ କରାଯାଇଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ମେଡିକାଲ ଟିମ୍ ତାଙ୍କ ଉପରେ ନଜର ରଖିଛି। ସକାଳ ସେସନରେ ରବୀନ୍ଦ୍ର ଜାଡେଜା(୨୮)ଙ୍କ ଆଉଟ ପରେ ଶ୍ରୀକର ଭରତ ଯେତେବେଳେ ଆଗୁଆ ବ୍ୟାଟିଂ କରିବାକୁ ଆସିଲେ ସେତେବେଳେ ଆୟାର ଆଘାତପ୍ରାପ୍ତ ଥିବା ଜଣାପଡ଼ିଥିଲା। ପିଠିରେ ସମସ୍ୟା ଯୋଗୁ ଆୟାର ନାଗପୁରରେ ପ୍ରଥମ ଟେଷ୍ଟ ଖେଳି ନ ଥିଲେ। ଦିଲ୍ଲୀରେ ଦ୍ୱିତୀୟ ଗେମ୍‌ରେ ସେ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିଲେ।

# ଖେଲୋ ଇଣ୍ଡିଆ ଦଶ୍ କା ଦମ୍ ଭାରୋତ୍ତୋଳନ

**ଭୁବନେଶ୍ୱର, ୧୨।୩ (ସ୍ପୋର୍ଟ୍ସ ବ୍ୟୁରୋ)**

ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ଖେଲୋ ଇଣ୍ଡିଆ ଏକାଡେମୀରେ ଖେଲୋ ଇଣ୍ଡିଆ ଦଶ୍ କା ଦମ୍ ଭାରୋତ୍ତୋଳନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ କେବଳ ଖୋର୍ଦ୍ଧା ଜିଲ୍ଲାରୁ ୨୨ଜଣ ବିଭିନ୍ନ ବିଭାଗରେ ଅଂଶଗ୍ରହଣ କରିଥିଲେ। ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଖେଲୋ ଇଣ୍ଡିଆ ମହିଳା ପ୍ରତିଯୋଗୀଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଇଏଚ୍‌ଆଇ ପକ୍ଷରୁ ଏହା ଆୟୋଜନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ହକି ଓଡ଼ିଶା ସମ୍ପାଦକ ସନାତନ ସାହୁ, ସାଇ ଉପନିର୍ଦ୍ଦେଶକ ତ୍ରୈଲୋକନାଥ ସାହୁ, ଅଜୟ ମିଶ୍ର , ଜାତୀୟ ଭାରୋତ୍ତୋଳନ ସଂଘର ପରିଦର୍ଶକ ଇଂ. ଚିତ୍ତରଞ୍ଜନ ସ୍ୱାଇଁ ଏବଂ ଓଡ଼ିଶା ରାଜ୍ୟ ଭାରୋତ୍ତୋଳନ ସଂଘର ସମ୍ପାଦକ ନାରାୟଣ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ମାନପତ୍ର ପ୍ରଦାନ କରିଥିଲେ। ପ୍ରତିଯୋଗିତାକୁ ଉତ୍କଳ କରାଟେ ସ୍କୁଲ୍‌ର ପ୍ରତିଷ୍ଠାତା ଡ. ହରିପ୍ରସାଦ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କର୍ମକର୍ତ୍ତା ପରିଚାଳନା କରିଥିଲେ।



ଖେଲୋ ଇଣ୍ଡିଆ ଦଶ୍ କା ଦମ୍ ଭାରୋତ୍ତୋଳନରେ ଭାଗ ନେଇଥିବା ପ୍ରତିଯୋଗୀମାନେ କର୍ମକର୍ତ୍ତାଙ୍କ ସହ।

# ଫିଫା କଂଗ୍ରେସରେ ଯୋଗଦେବେ ଅଭିଜିତ୍



**ଭୁବନେଶ୍ୱର, ୧୨।୩ (କ୍ରୀଡ଼ା ପ୍ରତିନିଧି):** ଫିଫା କଂଗ୍ରେସର ୭୩ତମ ସଂସ୍କରଣ ରୱାଣ୍ଡାର କିଗାଲିଠାରେ ଚଳିତ ମାସ ୧୬ ତାରିଖରେ ଅନୁଷ୍ଠିତ ହେବ। ସର୍ବଭାରତୀୟ ଫୁଟ୍‌ବଲ ଫେଡେରେଶନ (ଏଆଇଏଫ୍‌ଏଫ୍) କାର୍ଯ୍ୟକାରିଣୀ ସଦସ୍ୟ ତଥା ଡେଭେଲପ୍‌ମେଣ୍ଟ କମିଟି ଚେୟାରମ୍ୟାନ ଏବଂ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଯୁଗ୍ମ ସମ୍ପାଦକ ଅଭିଜିତ ପାଲ୍ ଏହି କଂଗ୍ରେସରେ ଯୋଗଦେବେ। ଓଡ଼ିଶାର ଜଣେ କ୍ରୀଡ଼ା ପ୍ରଶାସକ ଫିଫା କଂଗ୍ରେସରେ ଯୋଗଦେବା ଏହା ପ୍ରଥମ। ଏହି କଂଗ୍ରେସରେ ଫିଫାର ସଭାପତି ଓ ସମ୍ପାଦକ ଏବଂ ଅନ୍ୟ କର୍ମକର୍ତ୍ତାଙ୍କ ନିର୍ବାଚନ ଅନୁଷ୍ଠିତ ହେବ। ପ୍ରତି ଦେଶରୁ ୩ ଜଣ ଲେଖାଏ ପ୍ରତିନିଧି ଏହି କଂଗ୍ରେସରେ ଯୋଗଦେବାର ନିୟମ ରହିଛି। ତେଣୁ ଅଭିଜିତ୍‌ଙ୍କ ବ୍ୟତୀତ ଏଆଇଏଫ୍‌ଏଫ୍ ସଭାପତି କଲ୍ୟାଣ ଚୌବେ ଓ ମହାସଚିବ ଶାଜି ପ୍ରଭାକରନ ରୱାଣ୍ଡା ଯିବେ।

# ପୂର୍ବାଞ୍ଚଳରୁ ପ୍ରତିନିଧିତ୍ୱ କରିବ କିସ୍

**ସର୍ବଭାରତୀୟ ଆନ୍ତଃ ଜୋନ୍ ବିଶ୍ୱବିଦ୍ୟାଳୟ ଚେସ୍**

ଭୁବନେଶ୍ୱର, ୧୨।୩
(କ୍ରୀଡ଼ା ପ୍ରତିନିଧି)

ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍ ସହଯୋଗରେ ଚେନ୍ନାଇସ୍ଥିତ ଏଏମ୍‌ଇଟି ବିଶ୍ୱବିଦ୍ୟାଳୟ ପରିସରରେ ଚଳିତ ମାସ ୧୪ରୁ ସର୍ବଭାରତୀୟ ଆନ୍ତଃ ଜୋନ୍ ବିଶ୍ୱବିଦ୍ୟାଳୟ ଚେସ୍ (ପୁରୁଷ) ଚାମ୍ପିୟନଶିପ୍ ଆରମ୍ଭ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତାରେ ପୂର୍ବାଞ୍ଚଳ ପକ୍ଷରୁ ପ୍ରତିନିଧିତ୍ୱ କରିବାକୁ କିସ୍ ବିଶ୍ୱବିଦ୍ୟାଳୟ ଦଳ ଯୋଗ୍ୟତା ଅର୍ଜନ କରିଛି। ସଞ୍ଜୟ କୁମାର ନାୟକ, ବୀରେନ୍ଦ୍ର ରାଇତା, ଅକ୍ଷୟ ଶବର ଓ ଉତ୍ତର ଛତ୍ରିଆ କିସ୍ ଦଳର ସଦସ୍ୟ ଥିବାବେଳେ ଗୌରହରି ମହାପାତ୍ର କୋଚ୍ ଦାୟିତ୍ୱ ନିର୍ବାହ କରିବେ। ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ କିସ୍ ଦଳ ରବିବାର ଚେନ୍ନାଇ ଯାତ୍ରା କରିଛି। ଭାରତର ୪ ଜୋନ୍ ଇଷ୍ଟ, ୱେଷ୍ଟ, ନର୍ଥ ଓ ସାଉଥ୍‌ରୁ ଶ୍ରେଷ୍ଠ ୧୬ଟି ଦଳ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବ। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ କିସ୍ ଚେସ୍ ଦଳକୁ ଯାତ୍ରା ଅବସରରେ ଶୁଭେଚ୍ଛା ଜଣାଇଛନ୍ତି।



ପୂର୍ବାଞ୍ଚଳରୁ ଖେଳିବା ପାଇଁ ଯୋଗ୍ୟତା ଅର୍ଜନ କରିଥିବା କିସ୍ ଦଳ।

# ନ୍ୟୁଜିଲାଣ୍ଡକୁ ୨୫୭ ରନ୍ ଆବଶ୍ୟକ

**ଖ୍ରୀଷ୍ଟଚର୍ଚ୍ଚ, ୧୨।୩ (ଏପି)**

ହାଗ୍‌ଲିଓଭାଲଠାରେ ଚାଲିଥିବା ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ଆଞ୍ଜେଲୋ ମାଥ୍ୟୁସ୍‌ଙ୍କ ଶତକ ଯୋଗୁ ଶ୍ରୀଲଙ୍କା ମ୍ୟାଚ୍‌କୁ ପ୍ରତ୍ୟାବର୍ତ୍ତନ କରିପାରିଛି। ମ୍ୟାଚ୍ ଜିତିବାକୁ ହେଲେ ସୋମବାର ଅନ୍ତିମ ଦିବସରେ ନ୍ୟୁଜିଲାଣ୍ଡକୁ ୨୫୭ ରନ୍ ଆବଶ୍ୟକ। ପ୍ରଥମ ଇନିଂସ୍‌ରେ ୧୮ ରନ୍ ପଛୁଆ ଥିବା ଶ୍ରୀଲଙ୍କା ରବିବାର ଏହାର ଅସମାପ୍ତ ଦ୍ୱିତୀୟ ଇନିଂସ୍ ସ୍କୋର ୮୩/୩ରୁ ବ୍ୟାଟିଂ କରିଥିଲା। ୨୦ ରନ୍ କରି ଅପରାଜିତ ରହିଥିବା ୩୫ ବର୍ଷୀୟ ମାଥ୍ୟୁସ୍ ତାଙ୍କ ୧୦୧ତମ ଟେଷ୍ଟ ମ୍ୟାଚ୍‌ରେ ୧୪ତମ ଶତକ ହାସଲ କରିଥିଲେ। ଏହା ଥିଲା ତାଙ୍କ କ୍ୟାରିୟରର ଅନ୍ୟତମ ଶ୍ରେଷ୍ଠ ପ୍ରଦର୍ଶନ। ସେ ଚା'ପାନ ବିରତି ପରେ ୧୧୫ ରନ୍ ସ୍କୋରରେ ଆଉଟ ହୋଇଯାଇଥିଲେ। ସେତେବେଳେ ଭ୍ରମଣକାରୀ ଦଳ ୬ ଉଇକେଟ ବିନିମୟରେ ୨୬୦ ରନ୍ କରିସାରିଥିଲା। ପରେ ଶ୍ରୀଲଙ୍କା ୩୦୨ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ଫଳରେ ଦଳ ୨୮୪ ରନ୍ ଅଗ୍ରଣୀ ଲାଭ କରିଥିଲା। ଚତୁର୍ଥ ଦିବସ ଖେଳ ଷ୍ଟମ୍ପ ଅପସାରଣ ବେଳକୁ ନ୍ୟୁଜିଲାଣ୍ଡ ୧ ଉଇକେଟ ବିନିମୟରେ ୨୮ ରନ୍ କରିଥିଲା। ଦଳ ଶ୍ରୀଲଙ୍କାଠାରୁ ଆହୁରି ୨୫୬ ରନ୍ ପଛରେ ରହିଥିଲା। ଅନ୍ତିମ ଦିବସ ଖେଳ ରୋମାଞ୍ଚକ ହେବ ବୋଲି ଆଶା କରାଯାଏ। ନ୍ୟୁଜିଲାଣ୍ଡ ଯଦି ବିଜୟଲକ୍ଷ୍ୟ ହାସଲ କରେ ତେବେ ଟେଷ୍ଟ କ୍ରିକେଟରେ ଏହା ତୃତୀୟ ସର୍ବାଧିକ ରନ୍ ଚେଜ୍ ହେବ। ଶ୍ରୀଲଙ୍କା ଯଦି ବିଜୟଲାଭ କରେ ତେବେ ନ୍ୟୁଜିଲାଣ୍ଡରେ ଏହା ତୃତୀୟ ହେବ ଏବଂ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲରେ ପ୍ରବେଶ ପାଇଁ ସୁଯୋଗ ଉଜ୍ଜୀବିତ ରଖିବ।

# ସ୍ୱସ୍ତି, ପିଟର ପାଇବେ ଓସ୍‌ଜା ପୁରସ୍କାର

ଭୁବନେଶ୍ୱର, ୧୨।୩
(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶାର ପ୍ରତିଭାସମ୍ପନ୍ନ ସାଇକ୍ଲିଷ୍ଟ ସ୍ୱସ୍ତି ସିଂ ଏବଂ ପୂର୍ବତନ ହକି ଖେଳାଳି ପିଟର ତିର୍କୀ ଚଳିତ ବର୍ଷର ଓସ୍‌ଜା (ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆସୋସିଏଶନ) ବାର୍ଷିକ କ୍ରୀଡ଼ା ପୁରସ୍କାର ପାଇବେ। ଗତବର୍ଷର ସଫଳତା ପାଇଁ ସ୍ୱସ୍ତିଙ୍କୁ ଶ୍ରେଷ୍ଠ କ୍ରୀଡ଼ାବିତ୍ ଏବଂ ପିଟରଙ୍କୁ ଲାଇଫ୍‌ଟାଇମ୍ ଆଚିଭମେଣ୍ଟ ପୁରସ୍କାର ପ୍ରଦାନ କରାଯିବ। ଆସନ୍ତା ୨୧ରେ କଟକ ବାରବାଟୀ ଷ୍ଟାଡିୟମସ୍ଥିତ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସମ୍ମିଳନୀ ଗୃହରେ ଓସ୍‌ଜାର ଅଷ୍ଟମ ପ୍ରତିଷ୍ଠା ଦିବସ ଅବସରରେ ଏହି ପୁରସ୍କାର ପ୍ରଦାନ କରାଯିବ ବୋଲି ଅନୁଷ୍ଠାନର ସଭାପତି ସନ୍ଦୀପ ମିଶ୍ର ଓ ସମ୍ପାଦକ ଦେବୀ ପ୍ରସନ୍ନ ମହାନ୍ତି ପ୍ରକାଶ କରିଛନ୍ତି। ଦୁଇ କ୍ରୀଡ଼ା ବ୍ୟକ୍ତିତ୍ୱଙ୍କୁ ପ୍ରଶସ୍ତି ପତ୍ର, ଉତ୍ତରୀୟ ଏବଂ ୨୫ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇ ସମ୍ମାନିତ କରାଯିବ। ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଫେଡେରେଶନ ଅଫ୍ ଇଣ୍ଡିଆ (ଏସ୍‌ଜେଏଫ୍‌ଆଇ) ସହ ଅନୁବନ୍ଧିତ ଓସ୍‌ଜା ୨୦୧୮ରୁ ବାର୍ଷିକ ପୁରସ୍କାର ପ୍ରଦାନ କରି ଆସୁଛି। ୨୦୨୨ରେ ଅଲିମ୍ପିଆନ ବୀରେନ୍ଦ୍ର ଲାକ୍ରା ଓ କିମ୍ବଦନ୍ତୀ ବାସ୍କେଟବଲ ଖେଳାଳି ତଥା ପ୍ରଶିକ୍ଷକ ଅରୂପାନନ୍ଦ ରାଉତରାୟଙ୍କୁ ପୁରସ୍କୃତ କରାଯାଇଥିଲା।



ସ୍ୱସ୍ତି ସିଂ



ପିଟର ତିର୍କୀ

DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ସୋମବାର, ମାର୍ଚ୍ଚ ୧୩/୨୦୨୩ Bhubaneswar, Monday, March 13/ 2023

# ଭାରତ ୫-୪ରେ ଅଷ୍ଟ୍ରେଲିଆକୁ ହରାଇଲା

**ରାଉରକେଲା ଅଫିସ, ଭୁବନେଶ୍ୱର (କ୍ରୀଡ଼ା ପ୍ରତିନିଧି), ୧୨।୩**

ରାଉରକେଲାର ବିର୍ସାମୁଣ୍ଡା ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ଏଫ୍ଆଇଏଚ୍ ପ୍ରୋଲିଗ୍ ହକି ମ୍ୟାଚରେ ଭାରତ ୫-୪ ଗୋଲରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ଭାରତ ପକ୍ଷରୁ ହରମନପ୍ରୀତ ସିଂ ୧୩, ୧୪ ଓ ୫୫ତମ ମିନିଟରେ ପେନାଲ୍ଟି କର୍ନରରୁ ୩ଟି ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିଥିବାବେଳେ ଯୁଗରାଜ ସିଂ ୧୭ତମ ମିନିଟରେ ପେନାଲ୍ଟି ଷ୍ଟ୍ରୋକ୍‌ରୁ ଏକ ଗୋଲ ଦେଇଥିଲେ। ୫ମ ଗୋଲଟି ସ୍କୋର କରିଥିଲେ ସେଲଭାମ୍ କାର୍ଥି। ଅଷ୍ଟ୍ରେଲିଆ ପକ୍ଷରୁ ଜୋଶୁଆ ବେଜ୍ ୨ୟ, କି ୱିଲଟ ୪୨, ବେନ୍ ଷ୍ଟେନ୍ସ ୫୨ ଓ ଆରନ ଜେଲସ୍କି ୫୬ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ପ୍ରଥମାର୍ଦ୍ଧ ବେଳକୁ ଭାରତ ୪-୧ ଗୋଲରେ ଅଗ୍ରଣୀ ରହିଥିଲା। ଦ୍ୱିତୀୟ ଭାଗ ଖେଳରେ ଅଷ୍ଟ୍ରେଲିଆ ଆକ୍ରମଣାତ୍ମକ ଖେଳି ପ୍ରତ୍ୟାବର୍ତ୍ତନ ପାଇଁ ପ୍ରୟାସ କରିଥିଲେ ହେଁ ପରାଜୟ ସ୍ୱାଦ ଚାଖିଥିଲା। ଚଳିତ ଲିଗ୍‌ରେ ୨ ମ୍ୟାଚରୁ ଅଷ୍ଟ୍ରେଲିଆର ଏହା ଦ୍ୱିତୀୟ ପରାଜୟ। ନିଜର ପୂର୍ବ ମ୍ୟାଚରେ ଦଳ ବିଶ୍ୱ ଚାମ୍ପିୟନ ଜର୍ମାନୀଠାରୁ ଗୋଟିଏ ଗୋଲରେ ହାରିଥିଲା। ଭାରତ ଏହାର ପରବର୍ତ୍ତୀ ମ୍ୟାଚ ସୋମବାର ଜର୍ମାନୀ ବିପକ୍ଷରେ ଖେଳିବ।

**ଏଫ୍ଆଇଏଚ୍ ପ୍ରୋ ଲିଗ୍**



ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

## ଅଷ୍ଟ୍ରେଲିଆ ସମର୍ଥନରେ ମିକ୍ ପରିବାର



ପ୍ରୋ-ଲିଗ୍ ହକି ମ୍ୟାଚ ଦେଖିବା ପାଇଁ ବିର୍ସାମୁଣ୍ଡା ଷ୍ଟାଡିୟମରେ ଉପସ୍ଥିତ ଅଷ୍ଟ୍ରେଲିଆ ସମର୍ଥକ।

**ରାଉରକେଲା ଅଫିସ, ୧୨।୩:** ରବିବାର ହକି ପ୍ରୋ-ଲିଗର ତୃତୀୟ ଦିନ ଖେଳରେ ଭାରତ ବନାମ ଅଷ୍ଟ୍ରେଲିଆ ମ୍ୟାଚ୍‌କୁ ଦେଖିବା ନିମନ୍ତେ ବିର୍ସା ମୁଣ୍ଡା ଖେଳ ପଡିଆରେ ଭିଡ ଜମିଥିଲା। ଅଷ୍ଟ୍ରେଲିଆ ହକି ଦଳର ସମର୍ଥନରେ ଅଷ୍ଟ୍ରେଲିଆରୁ ମିକ୍ ପରିବାର ବର୍ଗ ମଧ୍ୟ ରାଉରକେଲା ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ପହଞ୍ଚିଥିଲେ। ମିକ୍ ତାଙ୍କ ସ୍ତ୍ରୀ, ବଡଭାଇ ଜଷ୍ଟେନ ସସ୍ତ୍ରୀକ ଉପସ୍ଥିତ ଥିଲେ। ଅଷ୍ଟ୍ରେଲିଆ ଦଳର ଖେଳାଳି ଆନନ୍ଦ ଗୁପ୍ତେଙ୍କ ଜେଜେମା ନିଜ ନାତିର ଖେଳ ଦେଖିବା ପାଇଁ ତାଙ୍କ ପଡୋଶୀ ମିସେସ ହେଡେନଙ୍କ ସହ ମଧ୍ୟ ସାମିଲ ହୋଇଥିଲେ।



ଆନନ୍ଦ ଗୁପ୍ତେଙ୍କ ଜେଜେମା









Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ